# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧/୨୦୨୬ (୧୮ ପୃଷ୍ଠା) | Bhubaneswar, Wednesday, April 1/2026 | Page 18 | ₹ 7.00

୫୨ଶ ଭାଗ ୧୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 126 | ମୂଲ୍ୟ ₹୭/-




## ଭାଜପାରେ ଯୋଗଦେଲେ ଲିଆଣ୍ଡର ପେସ୍

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପାରେ ଯୋଗଦେଇଛନ୍ତି ଭାରତର ଟେନିସ୍ କିମ୍ବଦନ୍ତୀ ଲିଆଣ୍ଡର ପେସ୍।

୧୬

୧୩

## ପୂର୍ବ ପ୍ରେମିକାଙ୍କ ସହ ରୋମାନ୍ସ

ଅଭିନେତା ନାଗାର୍ଜୁନଙ୍କ ୧୦୦ତମ ଚଳଚ୍ଚିତ୍ର 'କିଙ୍ଗ୍ ୧୦୦'ରେ ପୁଣିଥରେ ତବୁଙ୍କ ସହ ତାଙ୍କ ଯୋଡ଼ିକୁ ପରଦାରେ ଏକାଠି ଦେଖିବାକୁ ମିଳିବା





## ପବିତ୍ର ଓଡ଼ିଶା ଦିବସ-୨୦୨୬ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଓଡ଼ିଶା ଦିବସ–୨୦୨୬ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

OIPR-15001/15001/2/25-26/0013

15001/13/2526



## ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଜୟ ଜଗନ୍ନାଥ!

ଆଜି ଓଡ଼ିଶା ଦିବସ । ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଅସ୍ମିତା ଓ ସ୍ୱାଭିମାନର ଦିବସ । ଏହି ଅବସରରେ ଓଡ଼ିଶା ତଥା ଦେଶ ଓ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ତ୍ୟାଗ ଓ ବଳିଦାନ ରଖିଥିବା ସମସ୍ତ ବରପୁତ୍ରମାନଙ୍କ ନୀତି ଓ ଆଦର୍ଶ ଆମକୁ ପିଢ଼ି ପରେ ପିଢ଼ି ଅନୁପ୍ରାଣିତ କରି ଆସୁଛି ଓ ଆସୁଥିବ । ଏହି ଅବସରରେ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଓଡ଼ିଶା ଆଜି ନୂଆ ଆଶା, ନୂଆ ଭରସା ଓ ଗଭୀର ଆତ୍ମବିଶ୍ୱାସର ସହିତ ଆଗକୁ ବଢୁଛି । ୨୦୩୬ ସୁଦ୍ଧା ଆମେ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ରଖିଛୁ । ଆଗାମୀ ଦଶ ବର୍ଷ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ସଂକଳ୍ପର ବର୍ଷ ହେଉ ।

ଆସନ୍ତୁ, ଆମେ ସମସ୍ତେ, ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ପୂରଣ ପାଇଁ ଦୃଢ଼ ସଂକଳ୍ପବଦ୍ଧ ହୋଇ କାମ କରିବା ।

*ବନ୍ଦେ ଉତ୍କଳ ଜନନୀ ।*

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା







## ୨ରେ ଯୁବ କଂଗ୍ରେସର 'ଯୁବକ୍ରାନ୍ତି' ସମାବେଶ

ଭୁବନେଶ୍ୱର,୩୧।୩ (ରବିନାରାୟଣ ଜେନା): କଟକ ବଡ଼ ମେଡିକାଲ ଅଗ୍ନିକାଣ୍ଡକୁ ନେଇ ଏପ୍ରିଲ ୨ରେ ଯୁବ କଂଗ୍ରେସ ପକ୍ଷରୁ 'ଯୁବକ୍ରାନ୍ତି' ସମାବେଶ କରାଯିବ ବୋଲି ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି। ରଞ୍ଜିତ କହିଛନ୍ତି, ବେକାରି ସମସ୍ୟାରେ ରାଜ୍ୟର ଯୁବସମାଜ ଉବୁଟୁବୁ ହେଉଛନ୍ତି। । ଭାଜପା ମନ୍ତ୍ରୀ, ବିଧାୟକ ଓ ନେତାଙ୍କ ଉଦ୍ଧତପଣିଆ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ପୁରୀ ସାଂସଦ ବଜାର ମଧ୍ୟରେ ଖଣ୍ଡା ବୁଲାଉଥିବାବେଳେ ଟିଟିଲାଗଡ଼ ବିଧାୟକ ପିଏସ୍‌ଙ୍କ ପିସ୍ତଲରୁ ଫାଙ୍କା ଗୁଳି ଚଳାଉଛନ୍ତି। ଚାଷୀଙ୍କ ବଳକା ଧାନକୁ ସରକାର କିଣିବାକୁ ନାରାଜ। ଏସବୁକୁ ନେଇ ଏପ୍ରିଲ ୨ରେ ଯୁବକ୍ରାନ୍ତି ସମାବେଶ ହେବ ବୋଲି ରଞ୍ଜିତ କହିଥିଲେ।




# ଆନ୍ଧ୍ର ନାବାଳିକାଙ୍କୁ ନିଶା ଦେଇ ଗଣବଳାତ୍କାର

**୨ ଗିରଫ**

ବ୍ରହ୍ମପୁର,୩୧।୩ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପୋଲିସ ଜିଲାରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ଗୋପାଳପୁର ବେଳାଭୂମି ଗଣବଳାତ୍କାର ଘଟଣାର ବର୍ଷେ ନ ପୂରୁଣୁ ବ୍ରହ୍ମପୁରରେ ଆଉ ଜଣେ ନାବାଳିକା ଗଣବଳାତ୍କାରର ଶିକାର ହୋଇଛନ୍ତି। ଆନ୍ଧ୍ରପ୍ରଦେଶର ଏହି ନାବାଳିକାଙ୍କୁ ନିଶାଦେଇ ଗଣବଳାତ୍କାର କରିଥିବା ୨ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ପୀଡ଼ିତାଙ୍କ ନାବାଳକ ସାଙ୍ଗଙ୍କୁ ମଧ୍ୟ ଧରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଲାଞ୍ଜିପଲ୍ଲୀ ଡିପସାହିର ଅର୍ଜୁନ ନାୟକ (୨୨) ଓ ଆଦିତ୍ୟ ନାୟକ (୧୯)। ପୀଡ଼ିତା ଓ ଅଭିଯୁକ୍ତମାନଙ୍କର ଡାକ୍ତରୀମାଇନା କରାଯାଇଛି। ପୀଡ଼ିତାଙ୍କୁ ସିଡବ୍ଲ୍ୟୁସିରେ ହାଜର କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ଗୋଷାଣି ନୂଆଗାଁ ଥାନା ମାମଲା ନଂ. ୧୧୧/୨୬ରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ନାବାଳକ ସାଙ୍ଗଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି)ରେ ହାଜର କରାଯାଇଛି। ଏପରିକି ଆନ୍ଧ୍ରରେ ଯୌନ ନିର୍ଯାତନା ଦେଇଥିବା ପୀଡ଼ିତାଙ୍କ ସାବତ ବାପାଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜଣେ ଡିଏସ୍‌ପି ଏହି ଘଟଣାର ତଦନ୍ତ କରୁଛନ୍ତି। ଆନ୍ଧ୍ରପ୍ରଦେଶ ପୋଲିସକୁ ଏ ନେଇ ଖବର ଦିଆଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତ ଗିରଫ ହେବେ ବୋଲି ପୋଲିସ କହିଛି। ପ୍ରକାଶ ଯେ, ନାବାଳିକାଙ୍କ ଘର ଆନ୍ଧ୍ରପ୍ରଦେଶରେ। ତାଙ୍କ ବାପାଙ୍କ ମୃତ୍ୟୁ ଘଟିଥିବା ବେଳେ ମା' ଦ୍ୱିତୀୟ ବିବାହ କରିଥିଲେ। ସେମାନଙ୍କ ପାଖରେ ରହିବା ସମୟରେ ସାବତ ବାପା ଯୌନ ନିର୍ଯାତନା ଦେବାରୁ ନାବାଳିକା ଜଣଙ୍କ ଗତ ୨୪ ତାରିଖରେ ପ୍ରଶାନ୍ତି ଏକ୍ସପ୍ରେସ୍ ଯୋଗେ ବ୍ରହ୍ମପୁର ଚାଲି ଆସିଥିଲେ। ସେ ବ୍ରହ୍ମପୁର ରେଳ ଷ୍ଟେଶନରେ ଓହ୍ଲାଇ ୪ ନଂ. ପ୍ଲାଟଫର୍ମରେ ବୁଲାବୁଲି କରୁଥିଲେ। ପରେ ନିକଟସ୍ଥ ଏକ ଚା' ଦୋକାନରେ କାମ କରି ରହୁଥିଲେ। ଏହି ୪ ଦିନ ମଧ୍ୟରେ ସେଠାକାର ଜଣେ ନାବାଳକଙ୍କ ସହ ନାବାଳିକାଙ୍କ ପରିଚିତ ହୋଇଥିଲା। ଗତ ୨୯ ତାରିଖ ରାତିରେ ନାବାଳିକାଙ୍କ ସହ କଥା ହେବାକୁ ସାଙ୍ଗ ଜଣଙ୍କ ନିକଟସ୍ଥ ଏକ ପରିତ୍ୟକ୍ତ ଜାଗାକୁ ଡାକି ନେଇଥିଲେ। ସେଠାରେ ଥିବା ୨ ଅଭିଯୁକ୍ତ ଅର୍ଜୁନ ଓ ଆଦିତ୍ୟ କିଛି ନିଶାଦ୍ରବ୍ୟ ପିଇବାକୁ ଦେବାରୁ ନାବାଳକ ଜଣଙ୍କ ଶୋଇପଡ଼ିଥିଲେ। କିଛି ସମୟ ପରେ ନାବାଳିକା ଜଣଙ୍କ ମଧ୍ୟ ଅଚେତ ହୋଇଯିବାରୁ ଅଭିଯୁକ୍ତଦ୍ୱୟ ତାଙ୍କୁ ସେଠାରେ ବଳାତ୍କାରକରି ପଳାଇଥିଲେ। ନାବାଳିକା ଜଣଙ୍କ ପଡ଼ିରହିଥିବା ସ୍ଥାନୀୟ ଲୋକେ ଦେଖି ଥାନାରେ ଜଣାଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାରକରିବା ସହ ବୟାନ ରେକର୍ଡ କରିଥିଲା। ପୀଡ଼ିତାଙ୍କ ବୟାନ ଆଧାରରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ପରେ ତାଙ୍କ ନାବାଳକ ସାଙ୍ଗ ୨ ଅଭିଯୁକ୍ତଙ୍କୁ କାବୁ କରାଯାଇଥିବା ପୋଲିସ କହିଛି।

# ପାରିବାରିକ କଳହରୁ ସ୍ତ୍ରୀଙ୍କୁ ହତ୍ୟା

## ଅଭିଯୁକ୍ତ ସ୍ୱାମୀ ଥାନାରେ ଅଟକ

ଭୁବନେଶ୍ୱର,୩୧।୩ (ତ୍ରିନାଥ ମହାନ୍ତି)

ପାରିବାରିକ କଳହକୁ କେନ୍ଦ୍ର କରି ବଡ଼ଗଡ଼ ଥାନା ବାଙ୍କୁଆଳରେ ଘଟିଛି ଏକ ହତ୍ୟାକାଣ୍ଡ। କୌଣସି ଏକ କଥାକୁ ନେଇ ଝଗଡ଼ା ପରେ ଉତ୍‌କ୍ଷିପ୍ତ ହୋଇ ସ୍ୱାମୀ ସୁଶାନ୍ତ ସ୍ୱାଇଁ ସ୍ତ୍ରୀ ଅମ୍ବିକାଙ୍କୁ ନିସ୍ଥୁକ ମାଡ଼ ମାରିବା ସହ ତଣ୍ଟି ଚିପି ହତ୍ୟା କରିଛନ୍ତି। ଖବର ପାଇ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଏମ୍‌ସ ହସ୍ପିଟାଲକୁ ପଠାଇଛି। ଏନେଇ ମୃତା ଅମ୍ବିକାଙ୍କ ଭାଇ ଅକ୍ଷୟ ପରିଡ଼ା ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ବଡ଼ଗଡ଼ ଥାନା ପୋଲିସ ଏକ ହତ୍ୟା ମାମଲା(ନଂ.୨୦୯/୨୬) ରୁଜୁ କରି ଅଭିଯୁକ୍ତ ସ୍ୱାମୀ ସୁଶାନ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅଭିଯୋଗ ଅନୁସାରେ, ଅମ୍ବିକାଙ୍କ ବାପଘର ବଡ଼ଗଡ଼ ଗାଁରେ ହୋଇଥିବାବେଳେ ସେ ବାଙ୍କୁଆଳର ସୁଶାନ୍ତଙ୍କୁ ୨୦ ବର୍ଷ ହେବ ବିବାହ କରିଥିଲେ। ତାଙ୍କର ୭ବର୍ଷର ଗୋଟିଏ ପୁଅ ମଧ୍ୟ ରହିଛି। ସୁଶାନ୍ତ ଏକ ଘରୋଇ ସଂସ୍ଥାରେ କାମ କରି ପରିବାର ଚଳାଉଥିଲେ। ଆର୍ଥିକ ସମସ୍ୟା ପାଇଁ ଉଭୟ ଦମ୍ପତିଙ୍କ ମଧ୍ୟରେ ବିଭିନ୍ନ ସମୟରେ ଝଗଡ଼ା ହେଉଥିଲା। ମଙ୍ଗଳବାର ପୂର୍ବାହ୍ନ ସାଢେ ୧୦ଟାରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ସମୟରେ ଉତ୍ତେଜିତ ହୋଇ ସୁଶାନ୍ତ ସ୍ତ୍ରୀଙ୍କୁ ମାଡ଼ ମାରିଥିଲେ। ଅମ୍ବିକା ତଳେ ପଡ଼ିଯିବା ପରେ ସୁଶାନ୍ତ ତାଙ୍କ ତଣ୍ଟିଚିପି ହତ୍ୟା କରିଥିଲେ। ପରେ ତାଙ୍କ ବାପ ଘରକୁ ଫୋନ୍ କରି ଅମ୍ବିକା ଆତ୍ମହତ୍ୟା କରିଥିବା କହିଥିଲେ। ପରିବାର ଲୋକ ଆସି ଅମ୍ବିକାଙ୍କୁ ହସ୍ପିଟାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅମ୍ବିକାଙ୍କ ଶରୀରରେ ମାଡ଼ ଚିହ୍ନ ଥିବା ସହ ତଣ୍ଟିରେ ଚିହ୍ନ ଥିବାରୁ ପରିବାର ଲୋକଙ୍କ ହତ୍ୟା ସନ୍ଦେହ ହୋଇଥିଲା। ସେମାନେ ତୁରନ୍ତ ବଡ଼ଗଡ଼ ଥାନା ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳ ଏବଂ ପୋଷ୍ଟମର୍ଟମ ଡାକ୍ତରଙ୍କ ସହ ଆଲୋଚନା କରିବାପରେ ହତ୍ୟା ନେଇ ସ୍ପଷ୍ଟ ହୋଇଥିଲା। ପୋଲିସ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସୁଶାନ୍ତଙ୍କୁ ଉଠାଇ ଆଣି ପଚରାଉଚରା କରୁଛି। ଏନେଇ ବଡ଼ଗଡ଼ ଥାନା ଅଧିକାରୀ ତୃପ୍ତିରଞ୍ଜନ ନାୟକ କହିଛନ୍ତି, ପୋଲିସ ନିକଟରେ ହତ୍ୟା ନେଇ ଅଭିଯୋଗ ହେବା ପରେ ତଦନ୍ତ କରାଯାଥିଲା। ତଦନ୍ତ ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହେବା ପରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସ୍ୱାମୀ ସୁଶାନ୍ତଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ପାରିବାରିକ କଳହରୁ ଅଭିଯୁକ୍ତ ସ୍ତ୍ରୀଙ୍କୁ ପିଟି ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ବୋଲି ଥାନା ଅଧିକାରୀ କହିଛନ୍ତି।

# ପ୍ରତିଭା ରାୟ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଫେଲୋଶିପ୍

ଭୁବନେଶ୍ୱର,୩୧।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶାର ବିଶିଷ୍ଟ ଲେଖିକା ପଦ୍ମଭୂଷଣ ଡ. ପ୍ରତିଭା ରାୟ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଫେଲୋଶିପ୍ ପାଇବା ପାଇଁ ମନୋନୀତ ହୋଇଛନ୍ତି। ସେହିପରି ସିନ୍ଧି ସାହିତ୍ୟିକ ଲକ୍ଷ୍ମୀଚନ୍ଦ ଭିରୋୟମଲ୍ ଖିଲାନି ଏବଂ ଉର୍ଦ୍ଦୁ ଲେଖକ ଅବସୁଦ୍ ସମାଦଙ୍କୁ ଏହି ଫେଲୋଶିପ୍ ପ୍ରଦାନ ଲାଗି ମନୋନୀତ କରାଯାଇଛି। ଏହା ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟରତ ପ୍ରମୁଖ ସାହିତ୍ୟିକ ଅନୁଷ୍ଠାନ ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରଦାନ କରାଯାଉଥିବା ସର୍ବୋଚ୍ଚ ସାହିତ୍ୟିକ ସମ୍ମାନ।

# ମେଟ୍ରୋ ରେଳ ପ୍ରକଳ୍ପ ସ୍ଥଗିତ

ଭୁବନେଶ୍ୱର,୩୧।୩(ବନ୍ଦନା ସେଠୀ)

ଭୁବନେଶ୍ୱରରେ ପ୍ରସ୍ତାବିତ ମେଟ୍ରୋ ରେଳ ପ୍ରକଳ୍ପ ବର୍ତ୍ତମାନ ସ୍ଥଗିତ ରହିଛି। ଜାତୀୟ ମେଟ୍ରୋ ରେଳ ନୀତି (ନ୍ୟାଶନାଲ୍ ମେଟ୍ରୋ ରେଳ ପଲିସି) ସହ ଅନୁପାଳନ, ଆଶାଠାରୁ କମ୍ ଯାତ୍ରୀ ସଂଖ୍ୟା ଏବଂ ପ୍ରକଳ୍ପର ବୈଷୟିକ ଦିଗଗୁଡ଼ିକର ପୁନଃ ଅନୁଧ୍ୟାନ ପାଇଁ ସରକାର ଏହି ପ୍ରକଳ୍ପକୁ ସ୍ଥଗିତ ରଖିଛନ୍ତି। ମଙ୍ଗଳବାର ବିଧାନସଭାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି। ତେବେ ପ୍ରକଳ୍ପ ଉଦ୍ଦେଶ୍ୟରେ ଏକ ଆନ୍ତଃ-ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଛି। ଏଥିସହ ସରକାରଙ୍କ ଦ୍ୱାରା 'ସଷ୍ଟେନେବଲ ଅର୍ବାନ ମୋବିଲିଟି ଟ୍ରାନ୍‌ଜିଶନ ପ୍ଲାନ ଫର୍ ଓଡ଼ିଶା' ଶୀର୍ଷକ ଏକ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନା ଓଡ଼ିଶାରେ ମେଟ୍ରୋ ରେଳ ସମେତ ସାମଗ୍ରିକ ସହରୀ ପରିବହନ ବ୍ୟବସ୍ଥାକୁ ଚୂଡ଼ାନ୍ତ ରୂପ ଦେବାରେ ସହାୟକ ହେବ। ଏହି କମିଟିର ସୁପାରିସ ଏବଂ ଯୋଜନାର ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ସରକାର ମେଟ୍ରୋ ପ୍ରକଳ୍ପ ସମ୍ପର୍କରେ ଆଗାମୀ ଦିନରେ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ମନ୍ତ୍ରୀ ଗୃହରେ ମତ ରଖିଛନ୍ତି। ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିମାନବନ୍ଦରଠାରୁ କଟକର ତ୍ରିଶୂଳିଆ ପର୍ଯ୍ୟନ୍ତ ମେଟ୍ରୋ ପ୍ରକଳ୍ପ ନିର୍ମାଣ ହେବାର ପ୍ରସ୍ତାବ ରହିଥିଲା। ଏଥିପାଇଁ ୬୨୫୫କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଥିଲା।

# ସରିଲା ଡେଡ୍‌ଲାଇନ୍, ଏବେ ଏନ୍‌କାଉଣ୍ଟର

- ଆତ୍ମସମର୍ପଣ କଲେନି ଡିଭିସି ସଦସ୍ୟା ଶୀଲା ଏବଂ ଟିମ୍
- ମାଓବାଦୀ ଦମନ ଲକ୍ଷ୍ୟ ସଫଳ ହୋଇଛି:ଏଡିଜି
- ୮ ଜିଲା ସମ୍ପୂର୍ଣ୍ଣ ମାଓବାଦୀମୁକ୍ତ

ଭୁବନେଶ୍ୱର,୩୧।୩ (ତ୍ରିନାଥ ମହାନ୍ତି)

ମାଓବାଦୀ ମୁକ୍ତ ଦେଶ ପାଇଁ କେନ୍ଦ୍ରର ଡେଡ୍‌ଲାଇନ୍ ମଙ୍ଗଳବାର ଶେଷ ହୋଇଛି। ଓଡ଼ିଶାର ୮ ଜିଲା ମାଓବାଦୀ ମୁକ୍ତ ହୋଇଥିବାବେଳେ କନ୍ଧମାଳରେ କେବଳ ୯ ମାଓବାଦୀ ଆତ୍ମସମର୍ପଣ କରିନାହାନ୍ତି। ଡେଡ୍‌ଲାଇନ୍ ଶେଷ ହୋଇଯାଇଥିବାରୁ ଆଉ ଆତ୍ମସମର୍ପଣକୁ ଗ୍ରହଣ କରାଯିବ ନାହିଁ। ଏଣିକି ଜଙ୍ଗଲରେ ସେମାନଙ୍କୁ ଖୋଜି ଏନ୍‌କାଉଣ୍ଟର କରାଯିବ ବୋଲି ଆଣ୍ଟି ନକ୍ସଲ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି। ଓଡ଼ିଶାକୁ ଆଉ ମାଓବାଦୀ ବିପଦ ନାହିଁ। ମାଓବାଦୀ ଲଢ଼େଇ ପ୍ରାୟତଃ ଶେଷ ହୋଇଯାଇଛି। ତେବେ ସବୁ ଲୁଟ୍ ଅସ୍ତ୍ରଶସ୍ତ୍ର ଫେରିନାହିଁ। ସେଗୁଡ଼ିକୁ ଫେରାଇ ଆଣିବା ନେଇ ଉଦ୍ୟମ ଜାରି ରହିବ। ଏପର୍ଯ୍ୟନ୍ତ ଯେଉଁମାନେ ଆତ୍ମସମର୍ପଣ କରିଛନ୍ତି ସେମାନଙ୍କ ଉପରେ ମଧ୍ୟ ନଜର ରଖାଯିବ ବୋଲି ଏଡିଜି ପଣ୍ଡା କହିଛନ୍ତି। ଏଡିଜି କହିଛନ୍ତି, ଏବେ କେନ୍ଦ୍ରୀୟ ଫୋର୍ସ ମଧ୍ୟ ମୁତୟନ ରହି ସ୍ଥିତି ଉପରେ ନଜର ରଖିବେ। ଯଦି ପୁଣି ଥରେ କୌଣସି ମାଓବାଦୀ ହିଂସା ଘଟାଇବାକୁ ଉଦ୍ୟମ କରନ୍ତି, ସେମାନଙ୍କୁ ଦମନ କରାଯିବ। ସେ କହିଛନ୍ତି, ରାଜ୍ୟରେ ୧୫୬ ମାଓବାଦୀଙ୍କୁ ନିପାତ ଓ ଆତ୍ମସମର୍ପଣ କରାଇବାରେ ସଫଳ ହୋଇଛୁ। ୨୭ ଜଣ ମାଓବାଦୀଙ୍କୁ ନିପାତ କରିବାରେ ସଫଳ ହୋଇଛୁ ଓ ୯ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଛି। ୭୮ ମାଓବାଦୀ ଓଡ଼ିଶାରେ ଆତ୍ମସମର୍ପଣ କରିଛନ୍ତି। ଆଉ ୪୨ ମାଓବାଦୀ ଛତିଶଗଡ଼ରେ ଆତ୍ମସମର୍ପଣ କରିଥିବା ପଣ୍ଡା କହିଛନ୍ତି। ୨୦୨୫ରେ ଓଡ଼ିଶାର ୯ଟି ଜିଲା ମାଓବାଦୀ ପ୍ରଭାବିତ ଥିଲା। ଏଥିରୁ ୮ଟି ଜିଲା ସମ୍ପୂର୍ଣ୍ଣ ମାଓବାଦୀମୁକ୍ତ ହୋଇ ସାରିଛି। ମାଓବାଦୀ ଅପରେଶନରେ ୨୩୯ ଜଣ ଯବାନ ଶହୀଦ ହୋଇଛନ୍ତି। ଏବେ ହାତଗଣତି ମାଓବାଦୀ ଅଛନ୍ତି। ୨୦୨୫-୨୬ରେ ମାଓବାଦୀ ୩୫୯ ସାଧାରଣ ନାଗରିକଙ୍କୁ ହତ୍ୟା କରିଛନ୍ତି। ଶହୀଦଙ୍କ ପାଇଁ ମଙ୍ଗଳବାର ମାଓବାଦୀ ମୁକ୍ତ ହେଇପାରିଛି। ଏହି ମିଶନରେ ଆମେ ଅନେକ ଯବାନଙ୍କୁ ହରାଇଛୁ। ଆଗାମୀ ଦୁଇ ବର୍ଷ ପାଇଁ ଅପରେଶନ ଚାଲିବ ବୋଲି ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି।

ଅନ୍ୟପଟରେ ଯବାନ ଏବଂ କନ୍ଧମାଳ ପୋଲିସ ପାଇଁ ଚିନ୍ତାର କାରଣ ପାଲଟିଛନ୍ତି ଡିଭିସି ମେମ୍ବର ଶୀଲା ଏବଂ ତାଙ୍କ ଟିମ୍। କନ୍ଧମାଳ ଜଙ୍ଗଲରେ ଲୁଚିଥିବା ଶୀଲା ଆତ୍ମସମର୍ପଣ ମୁଡ୍‌ରେ ନାହାନ୍ତି। ପୋଲିସ ଏବଂ ବିଭିନ୍ନ ଖବରୀ ମାଧ୍ୟମରେ ଶୀଲାଙ୍କ ନିକଟକୁ ଆତ୍ମସମର୍ପଣ କରିବାକୁ ସୂଚନା ଦିଆଯାଇଥିଲା, କିନ୍ତୁ ସେ ଏହାକୁ ଏଡ଼ାଇ ଯାଇଥିଲେ। ଏବେ ପୋଲିସ ପକ୍ଷରୁ ତାଙ୍କୁ ଏନ୍‌କାଉଣ୍ଟର କରିବା ପାଇଁ ଜଙ୍ଗଲରେ ଅପରେଶନ୍‌କୁ ଜୋରଦାର କରାଯାଉଛି। କନ୍ଧମାଳ ଜଙ୍ଗଲରେ ଡିଭିସି ମେମ୍ବର ଶୀଲା ଏବଂ ପାର୍ଟି ମେମ୍ବର ଜୀବିନୀ, ସସ୍ମିତା, ଜାନି, ସୁଷମା, ରଞ୍ଜିତା, ସନ୍ଧ୍ୟା, ସନ୍ତୋଷ ଏବଂ ଏରିଆ ମେମ୍ବର ତଥା ଓଡ଼ିଆ କ୍ୟାଡର୍ ମଙ୍ଗୁ ଲୁଚି ବୁଲୁଛନ୍ତି। ସେମାନେ ଛୋଟ ଛୋଟ ଗ୍ରୁପ୍‌ରେ ଜଙ୍ଗଲରେ ଲୁଚିଥିବାରୁ ପୋଲିସ ସେମାନଙ୍କୁ ଠାବ କରିବା ଏବେ କଷ୍ଟକର ହେଉଛି। ଏନେଇ କନ୍ଧମାଳ ଏସ୍‌ପି ହରିଶ୍ ବିଶି କହିଛନ୍ତି, ଶୀଲାଙ୍କୁ ଆତ୍ମସମର୍ପଣ ପାଇଁ କୁହାଯାଇଥିଲା। ହେଲେ ସମୟ ସୀମା ଶେଷ ହୋଇଯାଇଥିବାରୁ ଏଥର ପୋଲିସ ସହ ମୁହାଁମୁହିଁ ହେବାକୁ ପଡ଼ିବ। ସେମାନଙ୍କୁ ଯେମିତି ହେଲେ ଜଙ୍ଗଲରୁ ଖୋଜି ବାହାର କରିବୁ। ବଡ଼ ଗ୍ରୁପ୍ ଜଙ୍ଗଲରେ ରହିଲେ ଠାବ କରିବାକୁ ସହଜ ହୋଇଥାଏ। କିନ୍ତୁ ଶୀଲା ଏବଂ ଅନ୍ୟ ମେମ୍ବର ଛୋଟ ଛୋଟ ଗ୍ରୁପ୍‌ରେ ରହୁଥିବାରୁ ଠାବ କରିବାରେ ସମସ୍ୟା ହେଉଛି ବୋଲି ସେ କହିଛନ୍ତି।



ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧/୨୦୨୬ | Bhubaneswar, Wednesday, April 1/2026 | ପୃଷ୍ଠା-୧

## ବନ୍ଦେ ଉତ୍କଳ ଜନନୀ






**କଟକ:** ହାଇକୋର୍ଟ ଆଗରେ ଜଣେ ମହିଳା ନିଆଁ ଲଗାଇଦେବାରୁ ଏକ ସ୍କର୍ପିଓ ଓ ୨ଟି ବାଇକ୍ ଜଳିଯାଇଛି। **(ଫଟୋ: ରାଜକିଶୋର ମହାନ୍ତି)** (ରିପୋର୍ଟ: ପୃଷ୍ଠା-୬)

# ଦୁର୍ବଳ କହି ଏସ୍‌ସି, ଏସ୍‌ଟିଙ୍କୁ ଉପହାସ କରୁଛନ୍ତି ବିରୋଧୀ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୧।୩(ସୁନିତ୍ ମିଶ୍ର)



ମୋହନ ଚରଣ ମାଝୀ

- ■ ବିରୋଧୀ ଗୃହରେ ନିଷ୍କ୍ରିୟ, ବାହାରେ ସକ୍ରିୟ
- ■ ବିଶୃଙ୍ଖଳା ସୃଷ୍ଟି କରିବାର ଜିଦ୍ ଯୋଗୁ ଅଧିବେଶନ ଫଳପ୍ରଦ ହେଲାନି
- ■ ୨୦୨୬-୨୭ ଆର୍ଥିକବର୍ଷର ବ୍ୟୟ ମଞ୍ଜୁର ବିଧେୟକକୁ ମିଳିଲା ମଞ୍ଜୁରୀ

ଫେବୃଆରୀ ୧୭ରୁ ବିଧାନସଭାର ବଜେଟ ଅଧିବେଶନ ଚାଲିଥିବାବେଳେ ଗୃହରେ କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ନ ହୋଇ କେବଳ ପାଟିତୁଣ୍ଡ, ହୋହଲ୍ଲା ଭିତରେ ଏହା ସରିଗଲା। ଏହି ସମୟ ଭିତରେ ରାଜ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇପାରି ଥାଆନ୍ତା। କିନ୍ତୁ ବିରୋଧୀ ଦଳ ଗୃହ ଭିତର ଅପେକ୍ଷା ବାହାରେ ଅଧିକ ସକ୍ରିୟ ରହିଲେ। ଗଣତନ୍ତ୍ରର ପ୍ରକ୍ରିୟା ମଧ୍ୟରେ ବିଧାନସଭାରେ ଯେଉଁ ଗରିମାମୟ ତର୍କବତର୍କ, ଆଲୋଚନା ଏବଂ ସମାଲୋଚନା ହୋଇଥାଆନ୍ତା ତାହା ହୋଇପାରିଲା ନାହିଁ। ମାତ୍ର ବିରୋଧୀ ଗୃହରେ ଦୁର୍ବଳ ଓ ସବଳ ମୁଖ୍ୟମନ୍ତ୍ରୀ କଥା କହି ଡ୍ରାମା କରିବା ନିନ୍ଦନୀୟ କଥା। ଗତ ସରକାର ସମୟରେ ଯେତେବେଳେ ପରୀ, ମମିତା, ମାହାଙ୍ଗା ଡବଲ ମର୍ଡର ଘଟଣା ଘଟିଥିଲା, ସେତେବେଳେ କେଉଁ ମନ୍ତ୍ରୀଙ୍କୁ ଏମାନେ ଇସ୍ତଫା ଦେବାକୁ କହିଥିଲେ। କୁଆଡ଼େ ଯାଇଥିଲା ସେତେବେଳେ ତତ୍କାଳୀନ ସରକାରର ନୈତିକତା। ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଯେତେବେଳେ ଜଣେ ସରକାରୀ କର୍ମଚାରୀ ହତ୍ୟାକଲେ ତା'ପରେ ତଦନ୍ତ ନାଁରେ କେବଳ ସମୟ ଗଡ଼ାଇ ଚାଲିଲେ। କୁଆଡ଼େ ଯାଇଥିଲା ସେତେବେଳେ ସେମାନଙ୍କ ନୈତିକତା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ସବଳ ଥିଲେ ନା ତାଙ୍କୁ ଚଳାଉଥିବା ଜଣେ ବିଶିଷ୍ଟ ବ୍ୟକ୍ତି ସବଳ ଥିଲେ। ସେହି ବିଶିଷ୍ଟ ବ୍ୟକ୍ତି ଏବେ କୁଆଡ଼େ ଦିଲ୍ଲୀ, ଲଣ୍ଡନ ଏବଂ ଟୋକିଓରୁ ରହି ତାଙ୍କ ଦଳ କଥା ବୁଝୁଛନ୍ତି ବୋଲି ସେମାନଙ୍କ ନେତାମାନେ କହିବୁଲୁଛନ୍ତି। ବର୍ତ୍ତମାନ ଓଡ଼ିଶାରେ ଏସ୍‌ସି ଏବଂ ଏସ୍‌ଟିଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୪୦% ହେବ। ତାଙ୍କ ଜାତିର ଯଦି କେହି ମୁଖ୍ୟମନ୍ତ୍ରୀ ହେଉଛନ୍ତି ତାଙ୍କୁ ଦୁର୍ବଳ ବୋଲି କହି ଅନୁସୂଚିତ ଜାତି, ଅନୁସୂଚିତ ଜନଜାତିଙ୍କୁ ଉପହାସ କରିବା କେତେ ଯଥାର୍ଥ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଓଡ଼ିଶା ବିନିଯୋଗ ବିଲ୍ ଉପରେ ଆଲୋଚନା ହେବାପରେ ଗୃହରେ ବିବୃତି ରଖି ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ବିଧାନସଭାକୁ ଏତେଦିନ ଧରି ବିରୋଧୀ ଚଳାଇଦେଲେ ନାହିଁ। ସରକାର ସମସ୍ତ ବିଷୟରେ ଆଲୋଚନା କରିବା ପାଇଁ ସବୁ ସମୟରେ ପ୍ରସ୍ତୁତ ରହିଥିଲେ। ବିରୋଧୀ ଦଳର ସଦସ୍ୟମାନଙ୍କୁ ମଧ୍ୟ ଏତେଦିନ ଭିତରେ ଅନେକ ଥର ଅନୁରୋଧ କରାଯାଇଛି। ☞ପୃଷ୍ଠା-୧୩

# ଆଣବିକ ଯୁଦ୍ଧ ସଙ୍କେତ

**ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ୩୨ ଦିନ ପୂରିଲାଣି, କୌଣସି ପକ୍ଷର ସଂଯମ ନାହିଁ। ଇରାନ୍ ଉପରେ ଇସ୍ରାଏଲ୍ ଘନ ଘନ ମିଶାଇଲ ମାଡ଼ କରୁଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘଡ଼ି ଘଡ଼ିକେ ବଦଳୁଥିବା ମନ୍ତବ୍ୟକୁ ଆଦୌ ବିଶ୍ୱାସ କରିପାରୁ ନାହିଁ ତେହରାନ୍। ଏଭଳି ସମୟରେ ଇରାନ୍ ଅଣୁ ଅପ୍ରସାର ଚୁକ୍ତି (ଏନ୍‌ପିଟି)ରୁ ଓହରିବା ପାଇଁ ଉଦ୍ୟମ ଆରମ୍ଭ କରିଛି। ଇରାନୀୟ ପାର୍ଲାମେଣ୍ଟ 'ମଜ୍‌ଲିସ୍'ରେ ସୋମବାର ଏ ସମ୍ପର୍କିତ ବିଲ୍ ଆଗତ କରାଯାଇଛି। ଏହା ପାରିତ ହେବା ମାତ୍ରେ ୨୦୧୫ରେ ସ୍ୱାକ୍ଷରିତ ଏନ୍‌ପିଟିରୁ ଇରାନ୍ ମୁକ୍ତ ହେବ। ଏଥିସହ ଇରାନ୍‌ର ଆଣବିକ କାର୍ଯ୍ୟକ୍ରମର ଅନ୍ତର୍ଜାତୀୟ ସମୀକ୍ଷା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ। ଏହା ବୈଶ୍ୱିକ ଅଣୁ ଅପ୍ରସାର ଉଦ୍ୟମ ପାଇଁ ଏକ ବଡ଼ ଝଟକା ହୋଇପାରେ। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ମଙ୍ଗଳବାର ଇରାନ୍‌ର ଇଶ୍‌ଫାହାନ୍ ଆଣବିକ କେନ୍ଦ୍ରରେ ଆମେରିକା ୯୦୦ କେ.ଜି.ର ବଙ୍କର ବଷ୍ଟର ବୋମା ମାଡ଼ କରିଛି। ଫଳରେ ଯୁଦ୍ଧରେ ଆଣବିକ ଅସ୍ତ୍ର ପ୍ରୟୋଗର ଆଶଙ୍କା ବଢ଼ିଛି।**

- ■ ଅଣୁ ଅପ୍ରସାର ଚୁକ୍ତିରୁ ଓହରିବାକୁ ଇରାନ୍‌ର ଉଦ୍ୟମ
- ■ ଇଶ୍‌ଫାହାନ ଆଣବିକ କେନ୍ଦ୍ରରେ ଆମେରିକାର ଆକ୍ରମଣ

ତେହରାନ୍/ୱାଶିଂଟନ୍,୩୧।୩(ରଏଟର୍ସ/ଏଜେନ୍ସି)

ଇରାନ୍ ଆଣବିକ ଅସ୍ତ୍ର ତିଆରି କରୁଥିବା ନେଇ ଆମେରିକା ଓ ଇସ୍ରାଏଲ୍ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ତେହରାନ୍ ଏହାକୁ ଖଣ୍ଡନ କରୁଥିବାବେଳେ ଜାତିସଂଘର ଆଣବିକ ଜଗୁଆଳି ସଂସ୍ଥା ଇଣ୍ଟରନ୍ୟାଶନାଲ ଆଟମିକ୍ ଏନର୍ଜି ଏଜେନ୍ସି (ଆଇଏଇଏ) ମଧ୍ୟ ଅଭିଯୋଗ ସମ୍ପର୍କରେ ସ୍ପଷ୍ଟ କରିନାହିଁ। ଫେବୃଆରୀ ୨୮ରୁ ଆମେରିକା-ଇସ୍ରାଏଲ୍ ଇରାନ୍ ଉପରେ ଆକ୍ରମଣ ଜାରି ରଖିଥିବାବେଳେ ତେହରାନ୍ ଏହାର ମୁହଁତୋଡ଼ ଜବାବ ଦେଇଚାଲିଛି। ଫଳରେ ଯୁଦ୍ଧର ପରିସର ବୃଦ୍ଧି ସହ ତୈଳ, ବିଶ୍ୱର ବିଭିନ୍ନ ଭାଗରେ ପ୍ରାକୃତିକ ବାଷ୍ପ ସଙ୍କଟ ଘନେଇବାରେ ଲାଗିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ସୋସିଆଲ ମିଡିଆରେ ଏକ ଭିଡିଓ ଫୁଟେଜ୍ ଶେୟାର କରିଛନ୍ତି। ଇରାନ୍‌ର ଇଶ୍‌ଫାହାନ୍ ଆଣବିକ କେନ୍ଦ୍ରରେ ମଙ୍ଗଳବାର ଭୋର ସମୟରେ ଆମେରିକୀୟ ସୈନ୍ୟ ବୋମା ବର୍ଷଣ କରୁଥିବାବେଳର ଏହି ଦୃଶ୍ୟକୁ ନେଇ ସାମାଜିକ ଗଣମାଧ୍ୟମ ଓ ବିଭିନ୍ନ ଟିଭି ଚ୍ୟାନେଲରେ ଏବେ ନାନା ଚର୍ଚ୍ଚା ଚାଲିଛି।

ରାଷ୍ଟ୍ରପତି ଟ୍ରମ୍ପ ଉକ୍ତ ଭିଡିଓରେ ଷ୍ଟ୍ରାଇକ୍ ସମ୍ପର୍କରେ କିଛି ଉଲ୍ଲେଖ କରି ନ ଥିଲେ ମଧ୍ୟ ମିଡିଆ ରିପୋର୍ଟଗୁଡ଼ିକରେ ଦାବି କରାଯାଇଛି ଯେ, ଏହା ଇଶ୍‌ଫାହାନ୍‌ସ୍ଥିତ ଏକ ବୃହତ୍ ଅସ୍ତ୍ରାଗାର ଉପରେ ଆମେରିକା ଓ ଇସ୍ରାଏଲ୍‌ର ମିଳିତ ଆକ୍ରମଣ। ୨.୩ ନିୟୁତ ଜନସଂଖ୍ୟା ବିଶିଷ୍ଟ ଏହି ଇରାନୀୟ ସହରରେ ବଦର ସାମରିକ ଏୟାରବେସ୍ ଅବସ୍ଥିତ। ୱାଲଷ୍ଟ୍ରିଟ୍ ଜର୍ନାଲରେ ପ୍ରକାଶିତ ଏକ ରିପୋର୍ଟକୁ ଅବତାରଣା କରି ଜଣେ ଅଧିକାରୀ କହିଛନ୍ତି, ଆମେରିକୀୟ ସେନା ଇଶ୍‌ଫାହାନ୍ ଅସ୍ତ୍ରଭଣ୍ଡାର ଉପରେ ୨,୦୦୦ ପାଉଣ୍ଡ (ପ୍ରାୟ ୯୦୭ କେ.ଜି.)ର ବଙ୍କର ବଷ୍ଟର ବୋମା ମାଡ଼ କରିଛି। ଭୋର ସମୟରେ ରାତିର ଅନ୍ଧାର ଯାଇ ନ ଥିବାବେଳେ ବୋମାମାଡ଼ରେ ସମ୍ପୃକ୍ତ ଅଞ୍ଚଳର ଆକାଶ ଆଲୋକରେ ଝଟକି ଉଠିଥିଲା। ଯୁଦ୍ଧ ଦ୍ୱିତୀୟ ସପ୍ତାହରେ ପ୍ରବେଶ କରିଥିବାବେଳେ ପାକିସ୍ତାନ ମଧ୍ୟସ୍ଥତାରେ ଇସ୍‌ଲାମାବାଦରେ ଶାନ୍ତି ପାଇଁ କୂଟନୈତିକ ଆଲୋଚନା ଜାରି ରହିଛି। ଇଜିପ୍ଟ, ସାଉଦି ଆରବ ଓ ତୁର୍କୀ ବହିର୍ବ୍ୟାପାର ମନ୍ତ୍ରୀ ଏଥିରେ ଯୋଗଦେଇଛନ୍ତି। ଏଭଳି ସମୟରେ କୂଟନୈତିକ ଉଦ୍ୟମକୁ ଭଣ୍ଡୁର କରିବା ଭଳି ଆକ୍ରମଣ ଅନେକଙ୍କୁ ବିସ୍ମିତ କରିଛି।

କେତେକ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ଇରାନ୍ ଇଶ୍‌ଫାହାନ୍‌ର ଏକ ଭୂତଳ କ୍ଷେତ୍ରରେ ପ୍ରାୟ ୫୪୦ କେ.ଜି. ୟୁରାନିୟମ୍ ସମ୍ବର୍ଦ୍ଧନ କରିସାରିଲାଣି। ଉଲ୍ଲେଖଯୋଗ୍ୟ ୨୦୨୫ ଜୁନ୍‌ରେ ୧୨ ଦିନିଆ ଯୁଦ୍ଧ ବେଳେ ମଧ୍ୟ ଆମେରିକା ଏହି ସହରକୁ ଆକ୍ରମଣ କରିଥିଲା। ସେତେବେଳେ ଆକ୍ରମଣ ପୂର୍ବରୁ ଏନେଇ ସୁରାକ୍ ପାଇ ଇରାନ୍ ୟୁରାନିୟମ୍‌କୁ ଆଗୁଆ ଅନ୍ୟତ୍ର ସ୍ଥାନାନ୍ତର କରିସାରିଥିଲା। ସେହି ୟୁରାନିୟମ୍ ଏବେ ମଧ୍ୟ ସୁରକ୍ଷିତ ଏବଂ ଆଣବିକ ଅସ୍ତ୍ର ନିର୍ମାଣ ପାଇଁ ପ୍ରସ୍ତୁତ ଥିବା କୁହାଯାଉଛି। ତେଣୁ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଇରାନ୍ ଅଣୁ ଅସ୍ତ୍ର ବ୍ୟବହାର କରିବା ପାଇଁ ଅଣୁ ଅପ୍ରସାର ଚୁକ୍ତିରୁ ଓହରିବାକୁ ଉଦ୍ୟମ ଚଳାଇଥିବା ମନେକରାଯାଉଛି।

### ଏନ୍‌ପିଟି କ'ଣ

ନନ୍-ପ୍ରୋଲିଫେରେଶନ୍ ଅଫ୍ ନ୍ୟୁକ୍ଲିୟର ୱେପନ୍ ସମ୍ପର୍କିତ ଚୁକ୍ତି ଏନ୍‌ପିଟି ଏକ ଐତିହାସିକ ଅନ୍ତର୍ଜାତୀୟ ରାଜିନାମା। ଆଣବିକ ଅସ୍ତ୍ର ପ୍ରସାରକୁ ଏଡ଼ାଇବା ଏବଂ ଆଣବିକ ଶକ୍ତିର ଶାନ୍ତିପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହନ ଦେବା ଏହାର ଉଦ୍ଦେଶ୍ୟ। ଆମେରିକା, ସୋଭିଏତ୍ ସଂଘ ଓ ବ୍ରିଟେନ୍ ପକ୍ଷରୁ ଆଗତ ପ୍ରସ୍ତାବ ଉପରେ ୧୯୬୮ ଜୁଲାଇ ୧ରେ ସ୍ୱାକ୍ଷର ଉଦ୍ୟମ ଆରମ୍ଭ ହୋଇଥିଲା। ୧୯୭୦ ମାର୍ଚ୍ଚ ୫ରେ ଏନ୍‌ପିଟି କାର୍ଯ୍ୟକାରୀ ହୋଇଥିଲା। ଉକ୍ତ ଚୁକ୍ତି ଅଧୀନରେ ଆଣବିକ ଅସ୍ତ୍ରସମ୍ପନ୍ନ ରାଷ୍ଟ୍ରଗୁଡ଼ିକ ଅଣୁ ଅସ୍ତ୍ରଗୁଡ଼ିକୁ ସ୍ଥାନାନ୍ତର ନ କରିବା ଏବଂ କୌଣସି ଅଣଅଣୁଅସ୍ତ୍ର ରାଷ୍ଟ୍ରକୁ ସେଗୁଡ଼ିକୁ ବିକଶିତ କରିବାକୁ ସହଯୋଗ କରିବେ ନାହିଁ ବୋଲି ସହମତି ପ୍ରକାଶ କରିଥିଲେ। ଆମେରିକା, ବ୍ରିଟେନ୍, ଫ୍ରାନ୍ସ, ରୁଷିଆ ଓ ଚାଇନା(ନ୍ୟୁକ୍ଲିୟର ୱେପନ୍ ଷ୍ଟେଟ୍ସ) ସମେତ ୧୯୧ ସଦସ୍ୟ ରାଷ୍ଟ୍ର ଏହି ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ସାମ୍ପ୍ରତିକ ସ୍ଥିତିରେ ଇରାନ୍ ଏଥିରୁ ଓହରିଗଲେ ଯୁଦ୍ଧରେ ଆଣବିକ ଅସ୍ତ୍ର ପ୍ରୟୋଗ ହୋଇପାରେ ବୋଲି ଆଶଙ୍କା କରାଯାଉଛି।

**ଆଜିର ସମ୍ପାଦକୀୟ**

**ସଂଜ୍ଞା ବଦଳିପାରେ**

# ଆଜିଠୁ ନୂଆ ସୁଭଦ୍ରା ଆବେଦନ

ଭୁବନେଶ୍ୱର,୩୧।୩(ସୁଚିସ୍ମିତା ସାହୁ)

ସୁଭଦ୍ରା ଯୋଜନାରେ ନୂଆ ଆବେଦନକାରୀମାନେ ଏପ୍ରିଲ ୧ ବୁଧବାରଠାରୁ ପଞ୍ଜୀକରଣ କରିପାରିବେ। ସୁଭଦ୍ରା ପୋର୍ଟାଲ ମାଧ୍ୟମରେ ଏପ୍ରିଲ ୩୦ ପର୍ଯ୍ୟନ୍ତ ନୂତନ ଆବେଦନ କରାଯାଇପାରିବ। ଆବେଦନକାରୀଙ୍କ ବୟସ ୨୦୨୬ ଏପ୍ରିଲ ୧ ସୁଦ୍ଧା ୨୧ ବର୍ଷରୁ ୬୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଯୋଗ୍ୟ ବିବେଚିତ ହିତାଧିକାରୀମାନେ ୨୦୨୬-୨୭ ଆର୍ଥିକ ବର୍ଷରୁ ଯୋଜନାର ଅବଧି ପର୍ଯ୍ୟନ୍ତ ବାର୍ଷିକ ଦୁଇଟି କିସ୍ତିରେ ମୋଟ ୧୦,୦୦୦ ଟଙ୍କାର ସହାୟତା ରାଶି ପାଇବେ ବୋଲି ମହିଳା ଓ ଶିଶୁ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଯେଉଁ ମହିଳାମାନେ ପୂର୍ବରୁ ସୁଭଦ୍ରା ଯୋଜନା ପାଇଁ ଆବେଦନ କରି ନ ଥିବେ, ସେମାନେ ହିଁ କେବଳ ଏହି ସମୟସୀମା ଭିତରେ ନୂତନ ଭାବେ ଆବେଦନ କରିପାରିବେ। ପୂର୍ବରୁ ଆବେଦନ କରିଥିବା ମହିଳାଙ୍କ ଆବେଦନକୁ ଗ୍ରହଣ କରାଯିବନାହିଁ। ଆବେଦନ ପାଇଁ ଫର୍ମଗୁଡ଼ିକ ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ସିଡିପିଓ କାର୍ଯ୍ୟାଳୟରେ ସମ୍ପୂର୍ଣ୍ଣ ନିଃଶୁଳ୍କ ଭାବେ ପାଇପାରିବେ। ନୂତନ ଆବେଦନଗୁଡ଼ିକ ସାଧାରଣ ସେବା କେନ୍ଦ୍ର ଏବଂ ଆମ ସେବା କେନ୍ଦ୍ର ମାଧ୍ୟମରେ ସୁଭଦ୍ରା ପୋର୍ଟାଲ ଜରିଆରେ ପଞ୍ଜୀକୃତ କରିପାରିବେ।

# ୫୫ ବର୍ଷ ପରେ ହେଲା ହିଙ୍ଗୁଳାଙ୍କ ନବକଳେବର

ତାଳଚେର,୩୧।୩(ମନୋଜ ନନ୍ଦ)

**ନୂତନ ରୁପା ମୁକୁଟରେ ପାଟବସ୍ତ୍ର ପିନ୍ଧାଇଲେ ତାଳଚେର ନୂଆ ରାଜା**

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ନବଦିନାତ୍ମକ ପୂଜା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଚଳିତବର୍ଷ ଏହି ବାର୍ଷିକ ପୂଜା ପୂର୍ବରୁ ମା'ଙ୍କ ନବକଳେବର ବା ପାଟବରୀ ଉତ୍ସବ ଅନୁଷ୍ଠିତ ହୋଇଛି। ଜଣେ ରାଜାଙ୍କ ଜୀବନକାଳ ମଧ୍ୟରେ ଏହି ପୂଜା କେବଳ ଥରଟିଏ ହିଁ ହୋଇଥାଏ। ୧୯୭୦ରେ ଶେଷଥର ପାଇଁ ମା' ହିଙ୍ଗୁଳାଙ୍କ ନବକଳେବର କରାଯାଇଥିଲା। ତତ୍କାଳୀନ ରାଜା ରାଜେନ୍ଦ୍ର ଚନ୍ଦ୍ର ଦେବ ବୀରବର ହରିଚନ୍ଦନଙ୍କ କରକମଳରେ ଏହା ଅନୁଷ୍ଠିତ ହୋଇଥିଲା। ୨୦୨୫ ଏପ୍ରିଲ ୨୧ରେ ରାଜା ରାଜେନ୍ଦ୍ର ଚନ୍ଦ୍ର ଦେବ (୭୪)ଙ୍କ ଦେହାନ୍ତ ହୋଇଥିବାରୁ ପରମ୍ପରା ଅନୁଯାୟୀ ମା'ଙ୍କ ରୁପା ମୁକୁଟରେ ଲାଗି ହୋଇଥିବା ୫୫ ବର୍ଷ ତଳର ସେହି ପୁରୁଣା ପାଟକୁ ଚଳିତବର୍ଷ ଖୋଲାଯାଇଥିଲା। ଏହାପରେ ୨୭ତମ ରାଜା ଭାବେ ଅଭିଷିକ୍ତ ହୋଇଥିବା ସ୍ୱର୍ଗତ ରାଜାଙ୍କ ବଡ଼ପୁଅ ବିଜେୟେନ୍ଦ୍ର ଚନ୍ଦ୍ର ଦେବଙ୍କ ଦ୍ୱାରା ମା'ଙ୍କ ରୁପା ମୁକୁଟରେ ନୂଆ ପାଟ ପରିଧାନ କରାଯାଇ ନବକଳେବର ବା ପାଟବରୀ ଉତ୍ସବ ସମ୍ପନ୍ନ କରାଯାଇଥିଲା।

ପୂଜାବିଧି ଅନୁଯାୟୀ, ନବକଳେବର ପରମ୍ପରାରେ ମା' ହିଙ୍ଗୁଳାଙ୍କ ସ୍ୱତନ୍ତ୍ର ମୂର୍ତ୍ତି ନ ଥାଏ। ଏଠାରେ ୨ଟି ଆଳମ ପୂଜା ପାଆନ୍ତି। ଗୋଟିଏ ମା' ହିଙ୍ଗୁଳାଙ୍କ ନିଜସ୍ୱ କଳେବର ଏବଂ ଅନ୍ୟଟି ମା'ଙ୍କ ସହଚରୀ କୁଟେଇଶୁଣି। ଏହି ପୂଜାବେଳେ ରୁପାର ମୁକୁଟ ପାଟ ବସ୍ତ୍ର ଦ୍ୱାରା ଆବୃତ୍ତ କରାଯାଇ ସୁନାର ମଥାମଣି ଲାଗି କରାଯାଏ। ମା'ଙ୍କ ଏହି ସ୍ୱତନ୍ତ୍ର ନୀତି ସମ୍ପନ୍ନ କରିବାକୁ ନିର୍ଦ୍ଧାରିତ ସମୟରେ ତାଳଚେରର ନୂଆ ରାଜା ବିଜେୟେନ୍ଦ୍ର ଚନ୍ଦ୍ର ଦେବ ଓ ପାଟରାଣୀ ତାଳଚେର ରାଜପ୍ରାସାଦରୁ ଏକ ଭବ୍ୟ ଶୋଭାଯାତ୍ରାରେ ହିଙ୍ଗୁଳା ପୀଠକୁ ଆସିଥିଲେ। ସେଠାରେ ପ୍ରଥମେ ଦେହୁରୀଙ୍କ ଘରକୁ ଯାଇ ଦିଅଁଘରେ ମା' ହିଙ୍ଗୁଳାଙ୍କ ପୂଜାର୍ଚ୍ଚନା ପରେ ମନ୍ଦିର ପରିସରରେ ପାଟବରୀ ଉତ୍ସବ ଓ ମା' ହିଙ୍ଗୁଳାଙ୍କ ନବକଳେବର ଉତ୍ସବରେ ସାମିଲ ହୋଇଥିଲେ।



ମା' ହିଙ୍ଗୁଳାଙ୍କ ନବକଳେବର ବା ପାଟବରୀ ଉତ୍ସବ ପାଇଁ ତାଳଚେରର ରାଜା ଓ ରାଣୀ ଶୋଭାଯାତ୍ରାରେ ଯାଉଛନ୍ତି।

# ଆଜିଠୁ ଜନଗଣନା

ନୂଆଦିଲ୍ଲୀ,୩୧।୩

ଜନଗଣନା-୨୦୨୭ ବୁଧବାରଠାରୁ ଆରମ୍ଭ ହେଉଛି। ପ୍ରତି ୧୦ ବର୍ଷରେ ଜନଗଣନା କରାଯାଉଥିବାବେଳେ ଶେଷଥର ପାଇଁ ୨୦୧୧ରେ ହୋଇଥିଲା। କୋଭିଡ୍ ମହାମାରୀକୁ ନେଇ ୨୦୨୧ରେ ଜନଗଣନା ସ୍ଥଗିତ ରହିଥିଲା। ଭାରତର ମହାପଞ୍ଜିକାର ତଥା ଜନଗଣନା ଆୟୁକ୍ତ ମୃତ୍ୟୁଞ୍ଜୟ କୁମାର ନାରାୟଣଙ୍କ ସୂଚନା ଅନୁଯାୟୀ, ଜନଗଣନା ୨ ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଏବଂ ସ୍ୱୟଂଗଣନା କରାଯିବ। ଏପ୍ରିଲ ୧ରୁ ଅଗଷ୍ଟ ୩୧ ମଧ୍ୟରେ ବିଭିନ୍ନ ରାଜ୍ୟରେ ୧୫ ଦିନ ପାଇଁ ଏହି ସୁବିଧା ଉପଲବ୍ଧ ହେବ। ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ସ୍ୱୟଂଗଣନା ସହ ଗୃହ ତାଲିକାକରଣ ପ୍ରକ୍ରିୟା ଜାରି ରହିବ। ଏଥିପାଇଁ ସେଲ୍ଫ-ଏନୁମେରେଶନ ପୋର୍ଟାଲ ୧୬ଟି ଭାଷାରେ ଉପଲବ୍ଧ ହେବ। ଜନଗଣନା କାର୍ଯ୍ୟରେ ୩ ନିୟୁତରୁ ଊର୍ଦ୍ଧ୍ୱ କର୍ମଚାରୀ ନିୟୋଜନ ହେବେ।

# ୫୪% ପିଭିଟିଜି ସରକାରୀ ଯୋଜନାରୁ ବଞ୍ଚିତ: ସିଏଜି

ଭୁବନେଶ୍ୱର,୩୧।୩(ରବିନାରାୟଣ ଜେନା)

**ଅଯୋଗ୍ୟ ଗୋଷ୍ଠୀଙ୍କୁ ଦିଆଯାଇଛି ୬.୩୯ କୋଟିର ଋଣ**

ରାଜ୍ୟରେ ଆଦିମ ଅଧିବାସୀଙ୍କୁ ସଶକ୍ତୀକରଣ କରିବା ପାଇଁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା 'ପିଭିଟିଜି' ସହାୟତା ପାଣ୍ଠିରେ ବ୍ୟାପକ ଅନିୟମିତତା ହୋଇଛି। ଏପରିକି ଶତାଧିକ ଅଯୋଗ୍ୟ ଗୋଷ୍ଠୀଙ୍କୁ କୋଟି କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଛି। ଗୋଟିଏପଟେ ସରକାର ଆଦିମ ଅଧିବାସୀ ବର୍ଗଙ୍କୁ ସଶକ୍ତ କରିବା ନିମନ୍ତେ ବିଭିନ୍ନ ଯୋଜନା କରୁଥିବାବେଳେ ସେହି ଯୋଜନାଗୁଡ଼ିକ ଏହି ବର୍ଗର ଶତପ୍ରତିଶତ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ରାଜ୍ୟରେ ଅର୍ଦ୍ଧାଧିକ ଅର୍ଥାତ୍ ୫୪ପ୍ରତିଶତ ପିଭିଟିଜି ବର୍ଗର ଲୋକ ସରକାରଙ୍କ କଲ୍ୟାଣମୂଳକ ଯୋଜନାରୁ ବଞ୍ଚିତ ଅଛନ୍ତି। ଏଭଳି ସାଂଘାତିକ ତଥ୍ୟ ମଙ୍ଗଳବାର ଗୃହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିବା ଭାରତର ମହାଲେଖା ନିୟନ୍ତ୍ରକ(ସିଏଜି)ଙ୍କ ରିପୋର୍ଟରେ ରହିଛି।

ଏହି ଅବସରରେ ସିଏଜିଙ୍କ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମହାଲେଖାକାର ଅଡିଟ୍-୨ ଅତୁଲ ପ୍ରକାଶ କହିଥିଲେ, ଆଦିବାସୀ ଉନ୍ନୟନ କାର୍ଯ୍ୟକ୍ରମ ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର କାର୍ଯ୍ୟାନ୍ୱୟନରେ ବ୍ୟାପକ ତ୍ରୁଟି ଓ ଅନିୟମିତତା ହୋଇଛି। ☞ପୃଷ୍ଠା-୧୩

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା ଦିବସ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ୟୁନିଟ୍-୩, ସମୟ: ସକାଳ ୮ଟା।
- ବାଗ୍‌ଦେବୀ ବିଦ୍ୟାମନ୍ଦିର ପକ୍ଷରୁ ଓଡ଼ିଶା ଦିବସ ପାଳନ, ସ୍ଥାନ: ବାଲିପାଟଣା, ସମୟ: ସକାଳ ୮ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ରାଜଭବନ ଛକ, ସମୟ: ସକାଳ ୮ଟା ୩୦।
- ଓଡ଼ିଶା ସେବକ ସଂଘର ପ୍ରତିଷ୍ଠା ଦିବସ ପାଳନ ଅବସରରେ ରକ୍ତଦାନ ଶିବିର ଓ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ଆମଣାକୁଦସ୍ଥିତ ମଦର ପବ୍ଲିକ ସ୍କୁଲ ପରିସର, ସମୟ: ସକାଳ ୯ଟା।
- ଓଡ଼ିଶା ଦିବସ ଉପଲକ୍ଷେ ପବ୍ଲିକ୍ ସ୍ପିକିଂ କମ୍ପିଟେଶନ, ସ୍ଥାନ: ହ୍ୟୁମାନ ଲାଇଫ ସେଣ୍ଟର, ସମୟ:ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ, ସ୍ଥାନ: କୃଷି ଶିକ୍ଷା ସଦନ, ଓୟୁଏଟି, ସମୟ: ଅପରାହ୍ନ ୫ଟା ୩୦।
- ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଏକାମ୍ର ହାଟ, ସମୟ: ସନ୍ଧ୍ୟା ୬ଟା।
- ୭୫ତମ ବାର୍ଷିକ ପାଲା ପରିବେଷଣ, ସ୍ଥାନ: ବାଲିଅନ୍ତା ଅଟଳା ଗ୍ରାମ, ସମୟ: ରାତି ୭ଟା ୩୦।
- ଭଗବତ ବାସୁଦେବ ମେଳଣ ଉପଲକ୍ଷେ ଅପେରା ପାର୍ଟିର ନାଟକ ପରିବେଷଣ, ସ୍ଥାନ: ପାଣ୍ଡରା ଗ୍ରାମ ଯାତ୍ରା ପଡ଼ିଆ, ସମୟ: ରାତି ୧୧ଟା।
- ନୀଳକଣ୍ଠେଶ୍ୱର ଦେବ ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ରାମ ନାଟକ 'ରାମ ବନବାସ' ପରିବେଷଣ, ସ୍ଥାନ: ବେଣୁପୁର ସ୍ଥିତ ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା।
- ସୀତା ରାମେଶ୍ୱର ରାମଲୀଳା ଗୀତିନାଟ୍ୟ ସଂଘ ପକ୍ଷରୁ ରାମଲୀଳାର ନାଟକ ପର୍ଶୁରାମ ଭେଟ, ସ୍ଥାନ: ଗୋଡକବିନ୍ଧାସ୍ଥିତ ସୀତାରାମେଶ୍ୱର ମନ୍ଦିର ପରିସର, ସମୟ: ରାତି ୧୧ଟା।
- ରାମଲୀଳାର ନାଟକ 'ସୂପନେଖା ର ନାସା ଛେଦନ' ସ୍ଥାନ: କାକରୁଦ୍ରପୁର ପତିତପାବନ ମନ୍ଦିର ପରିସର, ସମୟ: ରାତି ୧୧ଟା।
- ରାମଲୀଳାର ରାମ ନାଟକ ପରିବେଷଣ, ସ୍ଥାନ: ବଇରୁଆ ଗ୍ରାମ ଗାନ୍ଧୀ ଛକସ୍ଥିତ ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା।

**କଟକ**

- ଜିଲ୍ଲା ପ୍ରଶାସନ ପକ୍ଷରୁ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଜିଲ୍ଲା ସଦର ମହକୁମା, ସମୟ: ସକାଳ ୮ଟା ୩୦।
- ଓଡ଼ିଶା ପୋଲିସ ପକ୍ଷରୁ ୯୧ତମ ପୋଲିସ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବକ୍ସିବଜାର, ସମୟ: ସକାଳ ୮ଟା ୩୦।
- ଓଡ଼ିଶା ଦିବସ ୨୦୨୬ ପାଳନ, ସ୍ଥାନ: ଉପଜିଲାପାଳଙ୍କ ସଭାଗୃହ, ବାଙ୍କୀ, ସମୟ: ସକାଳ ୯ଟା।
- ମହାକାଳ ପରିବାର ପକ୍ଷରୁ ଓଡ଼ିଶା ଦିବସ ଓ ବନ୍ଧୁମିଳନ, ସ୍ଥାନ: ହୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣ, ବଳଭଦ୍ରପୁର, ଛତ୍ରବଜାର କେନାଲ ରୋଡ୍, ସମୟ: ମଧ୍ୟାହ୍ନ ୧୨ଟା।
- ଜେମାଦେଈପୁର ନୂଆପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାମନ୍ଦିର ପରିସର, ଜେମାଦେଈପୁର, ତିଗିରିଆ, ସମୟ: ଅପରାହ୍ନ ୪ଟା।
- ଓଡ଼ିଶା ଜନତା କଂଗ୍ରେସ୍‌ର କର୍ମୀ ସମାବେଶ, ସ୍ଥାନ: ଖ୍ରୀଷ୍ଟିୟାନ ପଡ଼ିଆ, ତୁଳସୀପୁର, ସମୟ: ସନ୍ଧ୍ୟା ୫ଟା ୩୦।
- ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ, ସ୍ଥାନ: ନେତାଜୀ ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା।
- ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ 'ତର୍କର ସଙ୍ଗୀତ' ପୁସ୍ତକର ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- କଟକ ବୈଶାଖୀ ବାଣିଜ୍ୟ ମେଳାର ସପ୍ତମ ଦିବସ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ପବିତ୍ର ରାମନବମୀ ଉପଲକ୍ଷେ ଲଙ୍କାପୋଡି ଉତ୍ସବ ଏବଂ ଗୀତାଭିନୟ, ସ୍ଥାନ: ରଘୁନାଥଦେବ ମନ୍ଦିର, ଦୁଲଣାପୁର, ସମୟ: ସନ୍ଧ୍ୟା ୭ଟା।

**ପୁରୀ**

- ଉତ୍କଳ ଦିବସ ସମାରୋହ ଓ ବିଦ୍ୟାରମ୍ଭ ଉତ୍ସବ, ସ୍ଥାନ: ଘୋଡ଼ାବଜାର ଶିଶୁ ମନ୍ଦିର, ସମୟ: ସକାଳ ୮ଟା।
- ଉତ୍କଳ ଦିବସ ସମାରୋହ ଉତ୍ସବ, ସ୍ଥାନ: ହରଚଣ୍ଡୀ ସାହି ଶିଶୁ ମନ୍ଦିର, ସମୟ: ସକାଳ ୮ଟା ୩୦।
- ଜନଗଣନା ରଥର ଶୁଭ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ପୁରୀ ମ୍ୟୁନିସିପାଲ କାର୍ଯ୍ୟାଳୟ, ସମୟ: ସକାଳ ୯ଟା ୩୦।
- ସମ୍ପର୍କ ପକ୍ଷରୁ ରକ୍ତଦାନ ଶିବିର ଓ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଆୟୁର୍ବେଦ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଏମ୍ ଲ' କଲେଜର ବାର୍ଷିକ ଉତ୍ସବ, ସ୍ଥାନ: ୟୁନିଭର୍ସିଟି ରୋଡ୍, ପେଣ୍ଠକଟା, ସମୟ: ଅପରାହ୍ନ ୪ଟା।
- ଓଡ଼ିଶା ଦିବସ ସମାରୋହ, ସ୍ଥାନ: ସଂସ୍କୃତି ଭବନ, ସମୟ: ଅପରାହ୍ନ ୫ଟା।
- ଶ୍ରୀମନ୍ଦିରରେ ପ୍ରବେଶ ପାଇଁ ବିଶେଷ ସୁବିଧା ଦାବିରେ ପୁରୀବାସୀଙ୍କ ଶୋଭାଯାତ୍ରା, ସ୍ଥାନ: ଗୁଣ୍ଡିଚା ମନ୍ଦିରଠାରୁ ଶ୍ରୀମନ୍ଦିର, ସମୟ: ଅପରାହ୍ନ ୫ଟା।
- ପୋଲିସ ପ୍ରତିଷ୍ଠା ଦିବସ, ସ୍ଥାନ: ପୋଲିସ ଲାଇନ ପଡ଼ିଆ, ସମୟ: ସକାଳ ୬ଟା୩୦।

**ଖୋର୍ଦ୍ଧା**

- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ପାଟଣାହାଟ, ବେଗୁନିଆ, ସମୟ: ସକାଳ ୮ଟା।
- ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ପକ୍ଷରୁ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ, ସ୍ଥାନ: କୋର୍ଟ ସମ୍ମୁଖ, ସମୟ: ସକାଳ ୮ଟା।
- ଓଡ଼ିଶା ଦିବସରେ ପଦଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଶୁଭାରମ୍ଭ, ସମୟ: ସକାଳ ୮ଟା।
- ରୋଗୀଙ୍କୁ ଫଳ ବଣ୍ଟନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ସକାଳ ୮ଟା।
- ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ, ସ୍ଥାନ: ରିଜର୍ଭ ପଡ଼ିଆ, ତରତୁଆ, ସମୟ: ସକାଳ ୮ଟା ୩୦।
- ରକ୍ତଦାନ ଶିବିର, ସ୍ଥାନ: ସାମ୍ବାଦିକ ଭବନ, ଟିଏଲ୍‌ସି ରୋଡ, ସମୟ: ପୂର୍ବାହ୍ନ ୧୦ଟା।
- ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କୁଶପଲ୍ଲା ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।
- ଓଡ଼ିଶା ଦିବସ ପାଳନ, ସ୍ଥାନ: ବେଗୁନିଆ ଆମ୍ର କାନନ ପରିସର, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମଚରିତ ମାନସ ପାରାୟଣ, ସ୍ଥାନ: ଶ୍ରୀରାମ ନଗର, ଶ୍ରୀରାମ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୬ଟା।
- ପ୍ରବଚନ ଓ ଜ୍ଞାନଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ପାଟଣାହାଟ, ବେଗୁନିଆ, ସମୟ: ସନ୍ଧ୍ୟା ୭ଟା।
- ମୁଖାପିନ୍ଧା ରାମଲୀଳା ନାଟକ, ସ୍ଥାନ: ତଳ ସାହି, ବାଘମାରୀ, ସମୟ: ସନ୍ଧ୍ୟା ୮ଟା।
- ମୁଖାପିନ୍ଧା ରାମଲୀଳା ନାଟକ, ସ୍ଥାନ: ବ୍ରାହ୍ମଣ ସାହି, ବାଘମାରୀ, ସମୟ: ସନ୍ଧ୍ୟା ୮ଟା।

**ବାଲେଶ୍ୱର**

- ବାଲିଆପାଳ ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାରମ୍ଭ ଯଜ୍ଞ ଓ ଉତ୍କଳ ଦିବସ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ବାଲିଆପାଳ, ସମୟ: ସକାଳ ୭ଟା।
- ୯୧ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଓଡ଼ିଆ ପକ୍ଷ ପାଳନ ଉତ୍ସବ, ସ୍ଥାନ: ବ୍ଲକ ସମ୍ମିଳନୀ ପ୍ରକୋଷ୍ଠ, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୧୫।
- ପ୍ରସ୍ତୁତି କମିଟି ପକ୍ଷରୁ ଉତ୍କଳ ଦିବସ, ସ୍ଥାନ: ଦେଉଳାହାଟ, ଭୋଗରାଇ, ସମୟ: ଅପରାହ୍ନ ୩ଟା।
- ସାଗରସାଥୀ କ୍ଲବ ପକ୍ଷରୁ ଉତ୍କଳ ଦିବସ ଓ ବାର୍ଷିକ ଉତ୍ସବ, ସ୍ଥାନ: ସାହାବାଜିପୁର, ମଧୁ ମଣ୍ଡପ, ଭୋଗରାଇ, ସମୟ: ଅପରାହ୍ନ ୩ଟା।
- ରସଗୋଲା ଓ ପିଠା ମହୋତ୍ସବ, ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

**ଭଦ୍ରକ**

- ସମୂହ 'ବନ୍ଦେ ଉତ୍କଳ ଜନନୀ' ଗାନ, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ସକାଳ ୭ଟା।
- ଓଡ଼ିଶା ଦିବସ ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଭଦ୍ରକ ସହର, ସମୟ: ସକାଳ ୮ଟା।
- ପିଏମ୍‌ଶ୍ରୀ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଧାମନଗର, ସମୟ: ସକାଳ ୯ଟା।
- ଓଡ଼ିଶା ଦିବସ ପାଳନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଧାମନଗର ପ୍ରେସ୍ କ୍ଲବ୍‌ର ପ୍ରତିଷ୍ଠା ଦିବସ, ସ୍ଥାନ: ପ୍ରେସ୍ କ୍ଲବ୍ ପରିସର, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ତ୍ୟାଗଭୂମି ପକ୍ଷରୁ ଓଡ଼ିଶା ଦିବସ ପାଳନ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**

- ଉତ୍କଳ ଦିବସ ପାଳନ,ସ୍ଥାନ: ଯୋଡା ପୌର ପରିଷଦ, ସମୟ: ସକାଳ ୬ଟା ୩୦।
- ଉତ୍କଳ ଦିବସ ପାଳନ,ସ୍ଥାନ: ଉପାନ୍ତ ଅଞ୍ଚଳ ଭୂୟାଁରୋଇଡ଼ା ଦୁର୍ଗା ପୂଜା ମଣ୍ଡପ,ଯୋଡ଼ା, ସମୟ: ସକାଳ ୭ଟା।
- ଉତ୍କଳ ଦିବସ ପାଳନ,ସ୍ଥାନ: ବିକାଶ ମହଲ, ବଡ଼ବିଲ,ସମୟ : ସକାଳ ୮ଟାରୁ ରାତି ୧୦ଟା।
- ୯୧ତମ ଜିଲାସ୍ତରୀୟ ଉତ୍କଳ ଦିବସ ମହା ସମାରୋହ, ସ୍ଥାନ: କେନ୍ଦୁଝର ଅଡିଟୋରିୟମ, ସମୟ: ସକାଳ ୯ଟା।
- ଜେଏସ୍‌ଡବ୍ଲ୍ୟୁ-ପୋସ୍କୋ ମେଗା ଷ୍ଟିଲ ପ୍ଲାଣ୍ଟ ପାଇଁ ୫ମ ଗ୍ରାମ ସଭା, ସ୍ଥାନ:ପାଟଣା ବ୍ଲକ୍ ଚେମେଣା ପଞ୍ଚାୟତ ଅଙ୍ଗିକଳା ସ୍କୁଲ ପଡ଼ିଆ,ସମୟ: ପୂର୍ବାହ୍ନ ୧୦ଟା।

**ମୟୂରଭଞ୍ଜ**

- ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ବାରିପଦା, ସମୟ: ସକାଳ ୭ଟା।
- ସ୍କୁଲ ପ୍ରବେଶ ଉତ୍ସବ, ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେଲପାଳ, ବଡ଼ସାହି, ସମୟ: ସକାଳ ୭ଟା।
- ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା, ସ୍ଥାନ: ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉପ୍ରା ବିଦ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତୀ ଓ ପ୍ରସାଦ ସେବନ, ସ୍ଥାନ: ବଡ଼ନୂଆଗାଁ, କୁଳିଅଣା, ସମୟ: ଅପରାହ୍ନ ୨ଟା।
- ୪୭ତମ ମାନବ ଧର୍ମ ସମ୍ମିଳନୀ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ଅପରାହ୍ନ ୫ଟା।
- ବଳାଙ୍ଗୀ ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ଅପରାହ୍ନ ୫ଟା।
- ଓଡ଼ିଶା ଦିବସରେ ସାଧାରଣ ସଭା, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**

- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଭାପୁର ବଜାର, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ, ସ୍ଥାନ: ଗିରି ମାର୍କେଟ ଛକ, ସମୟ: ସକାଳ ୭ଟା ୩୦।
- ପୋଲିସ ପ୍ରତିଷ୍ଠା ଦିବସ, ସ୍ଥାନ: ଆମ୍ବପୁଆ ରିଜର୍ଭ ପୋଲିସ ପଡିଆ, ସମୟ: ସକାଳ ୮ଟା।
- ବିଦ୍ୟାରମ୍ଭ ସଂସ୍କାର, ସ୍ଥାନ: ଗୋଷାଣୀ ନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ, ସ୍ଥାନ: ଶିଳ୍ପ ତାଲିମ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା।

**ଗଞ୍ଜାମ**

- ରାମଚରିତମାନସ ନବାହ୍ନ ପାରାୟଣ ଓ ପ୍ରବଚନ, ସ୍ଥାନ: ବୁଗୁଡ଼ା, କଦମ୍ବମଠ, ସମୟ: ସକାଳ ୭ଟା।
- ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ତନରଡା ଆଇଆର୍‌ବି ବାଟାଲିୟନ, ସମୟ: ସକାଳ ୭ଟା।
- ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଉତ୍କଳ ଦିବସ ପାଳନ, ସ୍ଥାନ: ବରିଷ୍ଠ ନାଗରିକ ଚିତ୍ତବିନୋଦନ କେନ୍ଦ୍ର, ବାଣୀବିହାର, ଆସିକା, ସମୟ: ସକାଳ ୮ଟା।
- ଉତ୍କଳ ଦିବସ ପାଳନ, ସ୍ଥାନ: ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଖେମୁଣ୍ଡି ଚିତ୍ରକଳା ବିଦ୍ୟାଳୟ ପକ୍ଷରୁ ବାର୍ଷିକୋତ୍ସବ, ସ୍ଥାନ: ନନ୍ଦିଘୋଷ କଲ୍ୟାଣ ମଣ୍ଡପ, ଦିଗପହଣ୍ଡି ପୁଞ୍ଜିକଂଘା ଛକ, ସମୟ: ଅପରାହ୍ନ ୪ ଟା।

**କନ୍ଧମାଳ**

- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଦାରିଙ୍ଗବାଡି ବ୍ଲକ ଉଲିପଦର (ଏସଏସଡି) ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**

- ମଦର୍ସ ପ୍ଲେ' ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ନୂଆଆଲତୁମା, ଇଲେକ୍ଟ୍ରିଅଫିସ ନିକଟ, ସମୟ: ସନ୍ଧ୍ୟା ୫ଟା।
- ଶ୍ରୀଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିରର ୯ମ ବାର୍ଷିକ ଉତ୍ସବ 'ଗ୍ଲୋରୀ ଫେଷ୍ଟା', ସ୍ଥାନ: ରବିଶଙ୍କର ବିଦ୍ୟାମନ୍ଦିର ପରିସର, ମୁଣ୍ଡିଦେଉଳି, ସମୟ: ସନ୍ଧ୍ୟା ୬ ଟା।
- ଓଡିଶା ଦିବସ ପାଳନ, ସ୍ଥାନ: ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।
- ଆଞ୍ଚଳିକ ବାଦିପାଲା ଶୁଭାରମ୍ଭ, ସ୍ଥାନ: ପୋରୁହଖୋଜ ଥିଙ୍କର୍ସ ଫୋରମ ପ୍ରାଙ୍ଗଣ, ଗଁଦିଆ, ସମୟ: ସନ୍ଧ୍ୟା ୭ଟା।

**ଅନୁଗୋଳ**

- ଓଡ଼ିଶା ଦିବସ ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଆଠମଲ୍ଲିକ ସହର, ସମୟ: ସକାଳ ୭ଟା।
- ଓଡ଼ିଶା ଦିବସ ପାଳନ, ସ୍ଥାନ: ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୭ଟା ୩୦।
- ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳନ ଉପଲକ୍ଷେ ସଭା, ସ୍ଥାନ: ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ସଭାଗୃହ, ସମୟ: ସକାଳ ୯ଟା।
- ଓଡ଼ିଶା ଦିବସ ତଥା ଅନୁଗୋଳ ଜିଲା ପ୍ରତିଷ୍ଠା ଦିବସ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ଅପରାହ୍ନ ୫ଟା।

**ଜଗତ୍‌ସିଂହପୁର**

- ମୈନାକ ସାହିତ୍ୟ ସଂସଦ ପକ୍ଷରୁ ଉତ୍କଳ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସାକ୍ଷରତା ସମିତି ପରିସର, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ପାରାଦୀପ ବନ୍ଦରର ଆର୍ଥିକ ବର୍ଷର ପଣ୍ୟ କାରବାର ସମ୍ପର୍କିତ ଖବରଦାତା ସମ୍ମିଳନୀ, ବିଜୁ କନ୍‌ଭେନ୍‌ଶନ ସେଣ୍ଟର, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ସମ୍ମିଳନୀ ଅନୁଷ୍ଠାନ ପକ୍ଷରୁ ଉତ୍କଳ ଦିବସ ଓ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ପୋର୍ଟ କ୍ଲବ, ନୁଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।

**କେନ୍ଦ୍ରାପଡ଼ା**

- ରାଜ୍ୟ ପୋଲିସ ଗଠନ ଦିବସ ସମାରୋହ, ସ୍ଥାନ: ଏସ୍‌ପି ଅଫିସ, ଜଜାଙ୍ଗ, କେନ୍ଦ୍ରାପଡ଼ା ସମୟ: ସକାଳ ୮ଟା।
- କେନ୍ଦ୍ରାପଡ଼ା ଜିଲା ଉତ୍କଳ ସମ୍ମିଳନୀ ପକ୍ଷରୁ ସ୍ୱତନ୍ତ୍ର ଓଡ଼ିଶା ଦିବସ ପାଳନ ଉପଲକ୍ଷେ ଶାସ୍ତ୍ରୀୟ ଭାଷାର ଭବିଷ୍ୟତ ଶୀର୍ଷକ ଆଲୋଚନା ଚକ୍ର, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ବର୍ଷ ଉପଲକ୍ଷେ ଜିଲା ସଞ୍ଚାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମନକରପୁର, କେନ୍ଦ୍ରାପଡ଼ା ସହର, ସମୟ: ମଧ୍ୟାହ୍ନ ୧୨ଟା।

**ଯାଜପୁର**

- ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ପରିପ୍ରେକ୍ଷୀରେ ଡାକିବାଜି ଯନ୍ତ୍ର ଯୋଗେ ଉତ୍କଳ ବନ୍ଦନା ପରିବେଷଣ, ସ୍ଥାନ: ଯାଜପୁର ସହର, ସମୟ: ଭୋର ୪ଟା୩୦।
- ଜିଲାସ୍ତରୀୟ ଓଡିଶା ଦିବସ ପାଳନ ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତ ଫେରି, ସ୍ଥାନ: ଯାଜପୁର ସହର, ସମୟ: ସକାଳ ୬ଟା୩୦।
- ୯୧ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ, ସ୍ଥାନ : ପାଣିକୋଇଲି ରିଜର୍ଭ ପୋଲିସ ପଡିଆ, ସମୟ: ସକାଳ ୮ଟା।
- ଜନଗଣନା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : ଯାଜପୁର ଅତିରିକ୍ତ ଜିଲାପାଳଙ୍କ ସରକାରୀ ବାସଭବନ, ସମୟ: ସକାଳ ୮ଟା।
- ମା' ମଙ୍ଗଳାଙ୍କ ୨୭ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବରଦାସାହି, ବ୍ରହ୍ମବରଦା, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୨୯ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପ୍ରାତଃ ୫ଟା।
- ନୟାଗଡ଼ ଜିଲାସ୍ତରୀୟ ୯୧ ତମ ଓଡ଼ିଶା ଦିବସ ସମାରୋହରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ନୟାଗଡ଼ ସହର, ସମୟ: ସକାଳ ୬ ଟା୩୦ ରୁ ୮ଟା।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ବିଜେ ଓଡଗାଁଙ୍କର ଶ୍ରୀରାମ ନବମୀ ଯାତ୍ରା ଅବସରରେ ନବଦିନ ସନ୍ଧ୍ୟା ବେଶର ଷଷ୍ଠ ଦିବସରେ ବନବାସ, ସ୍ଥାନ: ଓଡଗାଁ ରଘୁନାଥ ମନ୍ଦିର ଓଡଗାଁ, ସମୟ: ସନ୍ଧ୍ୟା ୬ଟା।
- ଐତିହାସିକ ଲଙ୍କାପୋଡି ଯାତ୍ରାର ଷଷ୍ଠ ଦିବସରେ ବିରାଧ ବଧ, ଶ୍ରୀକ୍ଷେତ୍ରେ ବେଢ଼ା ପରିକ୍ରମା, ପଞ୍ଚବଟି ପ୍ରବେଶ, ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ରାତ୍ର ୧୧ଟା।

**ରାୟଗଡ଼ା**

- ଓକିଲ ସଂଘ ପକ୍ଷରୁ ମଧୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର କୋର୍ଟ ପରିସର, ସମୟ: ସକାଳ ୯ଟା।
- ଓଡ଼ିଶା ଦିବସ ପାଳନ ଅବସରରେ ଝୋଟି ପ୍ରତିଯୋଗିତା, ସ୍ଥାନ: ଟାଉନ ହଲ, ଗୁଣପୁର, ସମୟ: ଅପରାହ୍ନ ୪ଟା।
- ଓଡ଼ିଶା ଦିବସ ପାଳନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ, ଗୁଣପୁର, ସମୟ: ଅପରାହ୍ନ ୫ଟା ୩୦।

**ନବରଙ୍ଗପୁର**

- ୯୧ ତମ ପୋଲିସ ପ୍ରତିଷ୍ଠା ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡିଆ, ନବରଙ୍ଗପୁର, ସମୟ: ସକାଳ ୮ଟା।
- ଓଡିଶା ଦିବସ ପାଳନ, ସ୍ଥାନ: ଶହୀଦ ମିନାର, ପାପଡାହାଣ୍ଡି, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଦିବସ ପାଳନ, ସ୍ଥାନ: ଚଡେଇଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଦିବସ ପାଳନ, ସ୍ଥାନ: ଆଉଁଳି ଓ ପିକଟ ଧନୁଆ ଗ୍ରାମ, କୋଷାଗୁମୁଡ଼ା ବ୍ଲକ୍, ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ ୯୧ ତମ ଓଡ଼ିଶା ଦିବସ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଶାସ୍ତ୍ରୀ ଭବନ, ନବରଙ୍ଗପୁର, ସମୟ: ସନ୍ଧ୍ୟା ୬ଟା

**କୋରାପୁଟ**

- ଉତ୍କଳ ଦିବସ ନେଇ ଶୋଭାଯାତ୍ରା, ସ୍ଥାନ: ପାରଳା ମହାରାଜଙ୍କ ପ୍ରତିମୂର୍ତ୍ତି ନିକଟ, କୋରାପୁଟ, ସମୟ: ସକାଳ ୭ଟା।
- ତ୍ରୟ ବାର୍ଷିକ ଘଟଯାତ୍ରା ସମାପନ, ସ୍ଥାନ: ଦମୟନ୍ତି ସାଗର ଶେଷମୁଣ୍ଡ, କୋଟପାଡ଼, ସମୟ: ସକାଳ ୮ଟା।
- ଜନଗଣନା ପାଇଁ ସ୍ୱଗଣନା କାର୍ଯ୍ୟକ୍ରମ ଆରମ୍ଭ, ସ୍ଥାନ: ନନ୍ଦପୁର ତହସିଲ କ୍ଷେତ୍ର, ସମୟ: ସକାଳ ୯ଟା।
- ଓଡ଼ିଆ ପକ୍ଷ ପାଳନ, ସ୍ଥାନ: ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।

**ମାଲକାନଗିରି**

- ପୋଲିସ ପ୍ରତିଷ୍ଠା ଦିବସ, ସ୍ଥାନ: ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସର, ମାଲକାନଗିରି, ସମୟ: ସକାଳ ୮ଟା।
- ଓଡ଼ିଶା ଦିବସ ପାଳନ, ସ୍ଥାନ: ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ମାଲକାନଗିରି, ସମୟ: ସକାଳ ୮ଟା ୩୦।
- ଜନଗଣନା-୨୦୨୬ ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିବେକାନନ୍ଦ ସ୍ମାର୍ଟ ସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ବାଲିମେଲା ଟାଉନ ହଲ୍, ସମୟ: ଅପରାହ୍ନ ୪ଟା।

**ସମ୍ବଲପୁର**

- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପଦାର୍ଥ, ଜୈବିକ, ଉଦ୍ଭିଦ ବିଜ୍ଞାନ ଓ ଆଇଏସଟି ବିଭାଗର ମିଳିତ ଆୟୋଜନରେ ଛତୁଚାଷ ଶୀର୍ଷକ କର୍ମଶାଳା, ସ୍ଥାନ: ଅମୃତ ବିହାର, ସମୟ : ପୂର୍ବାହ୍ନ ୧୦ଟା।
- ହାଟପଡା ବୀର ବଜରଙ୍ଗ ସଂଘ ଆୟୋଜିତ ରାଜ୍ୟସ୍ତରୀୟ ନୌକା ପ୍ରତିଯୋଗିତାର ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ : ଆଯୋଦ୍ଧା ସରୋବର, ସମୟ : ଅପରାହ୍ନ ୫ଟା।
- ରାମ ନବମୀ କମିଟି ପକ୍ଷରୁ ୭୮ତମ ରାମଲୀଳା କାର୍ଯ୍ୟକ୍ରମ, ସ୍ଥାନ : କବରାପାଲି ଗ୍ରାମ, ସମୟ : ସନ୍ଧ୍ୟା ୭ଟା।
- ଠେମରା ଗ୍ରାମବାସୀ ଆୟୋଜିତ ରାମଲୀଳା ଉତ୍ସବ, ସ୍ଥାନ : ଠେମରା ଗ୍ରାମ, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**

- ୯୧ତମ ପୋଲିସ ପ୍ରତିଷ୍ଠା ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡିଆ, ବଲାଙ୍ଗୀର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଓଡିଶା ଦିବସ ସମାରୋହ, ସ୍ଥାନ: ଜିଲା ସଂସ୍କୃତି ଭବନ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।
- ଜିଲା ପ୍ରଶାସକ ଏକାଦଶ ଏବଂ ସାମ୍ବାଦିକ ଏକାଦଶ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

**ରାଉରକେଲା**

- ଜିଲା ପ୍ରଶାସନ ପକ୍ଷରୁ ଓଡ଼ିଶା ଦିବସ ପାଳନ, ସ୍ଥାନ: ଉଦିତନଗର, ସମୟ: ସକାଳ ୫ଟା।
- ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ଉତ୍କଳ ଦିବସ ପାଳନ, ସ୍ଥାନ: ସେକ୍ଟର-୪, ସମୟ: ସକାଳ ୮ଟା।
- ଓଡ଼ିଶା ପୋଲିସର ପ୍ରତିଷ୍ଠା ଦିବସ, ସ୍ଥାନ: ରିଜର୍ଭ ପଡିଆ, ସମୟ: ସକାଳ ୮ଟା।
- ଆମେ ଓଡ଼ିଆ ପକ୍ଷରୁ ଓଡ଼ିଶା ଦିବସରେ ଶୋଭାଯାତ୍ରା, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।
- ଏନ୍‌ଆଇଟି ରାଉରକେଲା ପକ୍ଷରୁ ଓଡ଼ିଶା ଦିବସ, ସ୍ଥାନ: ଏନ୍‌ଆଇଟି ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଆର୍‌ଏସ୍‌ପି ରିଟାୟାର୍ଡ ଆସୋସିଏସନର ପ୍ରତିଷ୍ଠା ଦିବସ, ସ୍ଥାନ: କୋଏଲନଗର ଅବସର ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ଦିବସ ଓ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଛେଣ୍ଡ,ସମୟ: ପୂର୍ବାହ୍ନ ୧୦ଟା ୩୦।

**ସୁନ୍ଦରଗଡ଼**

- ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ସମାରୋହ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଉତ୍କଳ ଦିବସ, ହସ୍ତତନ୍ତ ଦିବସ, କବିତା ପାଠୋତ୍ସବ, ସ୍ଥାନ: ରେଭେନ୍ୟୁ କଲୋନୀ, ଅବସର ଭବନ, ସମୟ: ପୂର୍ବାହ୍ନ ୧୦ଟା।

**ବରଗଡ଼**

- ମାଁ ସମଲେଶ୍ୱରୀଙ୍କ ମହାସ୍ନାନ, ସ୍ଥାନ:ସମଲେଶ୍ୱରୀ ମନ୍ଦିର, ବରଗଡ଼, ସମୟ:ପ୍ରାତଃ ୪ଟା ୫୧ ମିନିଟ୍।
- ଜିଲା ପ୍ରତିଷ୍ଠା ଦିବସ, ଓଡ଼ିଶା ଦିବସରେ ସ୍ୱଚ୍ଛତା ଅଭିଯାନ,ସ୍ଥାନ:ଗାନ୍ଧିଛକ, ବରଗଡ଼,ସମୟ: ସକାଳ ୬ଟା ୩୦।
- ଜିଲା ପ୍ରତିଷ୍ଠା ଦିବସ, ଓଡ଼ିଶା ଦିବସରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ:ବରଗଡ଼ ସହର, ବରଗଡ଼,ସମୟ:ସକାଳ ୭ଟା ୩୦।
- ଜିଲା ପ୍ରତିଷ୍ଠା ଦିବସରେ ଚାରାରୋପଣ,ସ୍ଥାନ:ଗାନ୍ଧିଛକ, ବରଗଡ଼,ସମୟ:ସକାଳ ୮ଟା ୩୦।
- ଜିଲା ସମାଜସେବୀ ସଂଘ ପକ୍ଷରୁ ଜିଲା ପ୍ରତିଷ୍ଠା ଦିବସ,ସ୍ଥାନ:ନିଶାମଣି ସ୍କୁଲ ପଡ଼ିଆ, ବରଗଡ଼,ସମୟ:ସନ୍ଧ୍ୟା ୫ଟା।

**କଳାହାଣ୍ଡି**

- ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ସିଲେଇ ତାଲିମ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଜୁନାଗଡ଼ ବ୍ଲକ ଛୋରିଆଗଡ଼ ଗ୍ରାମ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**

- ଓଡ଼ିଶା ପୋଲିସର ପ୍ରତିଷ୍ଠା ଦିବସ, ସ୍ଥାନ: ରିଜର୍ଭ ପୋଲିସ ଲାଇନ ପଡିଆ ବଲାସିଙ୍ଗା, ବୌଦ୍ଧ, ସମୟ: ସକାଳ ୭ଟା ୩୦।
- ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ, ସ୍ଥାନ: ଟାଉନହଲ ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା ୩୦।
- ବୌଦ୍ଧ ଗଡ଼ଜାତର ପବିତ୍ର ଗଣପର୍ବ ଶ୍ରୀରାମଲୀଳା ଯାତ୍ରାର ଷଷ୍ଠ ଦିବସ, ସ୍ଥାନ: ଶ୍ରୀ ରଘୁନାଥଜୀଉ ମନ୍ଦିର ମାରୁତି ମଣ୍ଡପ, ବୌଦ୍ଧ, ସମୟ: ରାତି ୯ଟା।

**ଦେବଗଡ଼**

- ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ଦେବଗଡ଼, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ, ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବିତରଣ, ସାଧାରଣ ସଭା, ଫଟୋ ପ୍ରଦର୍ଶନୀ, ସ୍ଥାନ : ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ : ପୂର୍ବାହ୍ନ ୧୦ଟା।
- କବିତା ପାଠୋତ୍ସବ, ସ୍ଥାନ: ଦେବଗଡ ସଂସ୍କୃତି ଭବନ, ସମୟ: ଅପରାହ୍ନ ୩ଟା ୩୦।

**ସୁବର୍ଣ୍ଣପୁର**

- କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ପକ୍ଷରୁ ସୁବର୍ଣ୍ଣପୁରୀ ଦିନ୍ ପାଳନୋତ୍ସବ, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ବିଜୁ ପଟ୍ଟନାୟକ ଛକ, ସମୟ: ସକାଳ ୮ଟା।

**ନୂଆପଡ଼ା**

- ଓଡ଼ିଶା ଦିବସ ଓ ୩୪ତମ ନୂଆପଡା ଜିଲା ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ପରିସର ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

**ଝାରସୁଗୁଡ଼ା**

- ଓଡ଼ିଶା ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଛକ, ବଡ଼ମାଲ, ସମୟ: ସକାଳ ୮ଟା ୩୦।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚିତା କୁଟେଇଲି ବାହାରେ,**
**ଯାହା ଲାଗି ଚିତା କୁଟେଇଥିଲି**
**ସେ ତ ନାହିଁ ଏ ଗାଁରେ ।**

ପ୍ରେମର ସ୍ୱାକ୍ଷର। ପ୍ରେମିକ ପ୍ରବାସରେ ଥିବା ହେତୁ ପ୍ରେମିକାର ପରିପାଟୀ ବୃଥା ହୋଇଯିବା ପରିପ୍ରେକ୍ଷୀରେ ପ୍ରେମିକା ମନରେ ସୃଷ୍ଟି ହୋଇଥିବା ବ୍ୟାକୁଳତା ଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚିହ୍ନି ଶିଖି ନାହିଁ ଯିଏ ପର ମନ**
**ସେ କି କେବେ ପ୍ରଭୁ ପଣକୁ ଭାଜନ?**

ମନୁଷ୍ୟର ମହନତାର ପରିଚୟ ତା'ର ପଦ, ଅଧିକାର, ଐଶ୍ୱର୍ଯ୍ୟ ବା ଧନ ସମ୍ପତ୍ତିରୁ ନୁହେଁ ବରଂ ତା'ର ବିନମ୍ରତା, ଉଦାରତା ଓ କର୍ତ୍ତବ୍ୟ ପରାୟଣତାରୁ ହୋଇଥାଏ। ସେହିପରି ଅନ୍ୟର ମନକୁ ବୁଝିବା ପାଇଁ ସେଭଳି ଉଦାର ମନୋବୃତ୍ତି ହେବା ବାଞ୍ଛନୀୟ। ଏପରିସ୍ଥଳେ ଯିଏ ଲୋକଙ୍କ ମନ ଜାଣିବା ପାଇଁ ସମର୍ଥ ନୁହେଁ, ସେ ସମାଜରେ ପ୍ରଭୁତ୍ୱ ବିସ୍ତାର କରିବାକୁ ଯୋଗ୍ୟ ବା ଉପଯୁକ୍ତ ହୋଇ ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଶୁଭଚନ୍ଦ୍ର ପ୍ରଭାବରେ ଯାତ୍ରାରେ ଲକ୍ଷ୍ୟପୂରଣ ସାଙ୍ଗକୁ ଅର୍ଥପ୍ରାପ୍ତିର ଆଶା ନିରର୍ଥକ ହେବନାହିଁ। ବଳବାନ୍ ମଙ୍ଗଳଙ୍କ ଯୋଗୁ ସାହସର ସହ ପ୍ରତ୍ୟେକ କାମକୁ କରିବା ପାଇଁ ଉତ୍ସାହିତ ହେବେ। ବ୍ୟବହାରରେ ରୁକ୍ଷତା ପରିଲକ୍ଷିତ ହେବାର ଆଶଙ୍କା ରହିଛି ; ଯାହାକି ମତାନ୍ତରଜନିତ କଳହ, ପାରିବାରିକ ଜୀବନକୁ ମଧ୍ୟ ପ୍ରଭାବିତ କରିପାରେ।

**ବୃଷ**
କର୍ମସ୍ଥାନରେ ରାହୁ କଳେ, ବଳେ, କୌଶଳେ କାର୍ଯ୍ୟସାଧନ ପାଇଁ ଚେଷ୍ଟା କରାଇବେ। ମନ ଓ ମସ୍ତିଷ୍କ ସବୁ ସମୟରେ ଉତ୍ତେଜନାପୂର୍ଣ୍ଣ ରହିବା କାରଣରୁ ଦୈହିକ ମାନସିକ ଉଷ୍ମତା ଲାଗି ରହିବ। ଶନି ଦୃଷ୍ଟ ଚନ୍ଦ୍ର ନକାରାତ୍ମକ ଭାବନାଜନିତ ନୈରାଶ୍ୟତା ସୃଷ୍ଟି କରିପାରେ। ରୋହିଣୀ ନକ୍ଷତ୍ର ପରିବାର, କର୍ମକ୍ଷେତ୍ର ପାଇଁ ଦିନଟି ଭଲ।

**ମିଥୁନ**
ଲାଭଭାବସ୍ଥ ଶୁକ୍ର ଅର୍ଥଲାଭ, ଉଚ୍ଚସମ୍ମାନ ଓ ବିଳାସବ୍ୟସନ ମଧ୍ୟରେ ଦିନଟିକୁ ହର୍ଷମୁଖର କରାଇବ। ବନ୍ଧୁଙ୍କୁ ଆପଣେଇ ନେଇ ଲକ୍ଷ୍ୟ ସାଧନ ପଥରେ ଅଗ୍ରସର ହେବେ। ବନ୍ଧୁସମ୍ପର୍କ, ବୃତ୍ତି ବାଣିଜ୍ୟ, ଯାତ୍ରା ଓ ସ୍ଥଗିତ କାମ ପୁନର୍ବସୁ ନକ୍ଷତ୍ର ପାଇଁ ଉଚ୍ଚକୋଟୀର ରହିବ। ବ୍ୟବସାୟିକ କ୍ଷେତ୍ର ସନ୍ତୋଷଜନକ ରହିବ।

**କର୍କଟ**
ତୃତୀୟସ୍ଥ ଚନ୍ଦ୍ର ଆପଣଙ୍କୁ ଭ୍ରାତୃ, ବନ୍ଧୁ ଏବଂ ଆତ୍ମୀୟଙ୍କ ସହାନୁଭୂତିର ଭାବନା ପ୍ରଦାନ କରିବ। ଆଜି କୌଣସି କାମ ଅଟକିବ ନାହିଁ । ଯାତ୍ରା, ବାଣିଜ୍ୟ ସନ୍ତୋଷଜନକ ରହିବ। ଅଇନ ଅଦାଲତରେ ସଫଳତା ସାଙ୍ଗକୁ ସମ୍ପର୍କର ଡୋରିକୁ ମଜଭୁତ କରି କାମ ହାସଲ କରିବେ। ସହକର୍ମୀଙ୍କ ପରୋକ୍ଷ ଶତ୍ରୁତା ସାମୟିକ ମନକୁ ହଲଚଲ କରିପାରେ।

**ସିଂହ**
ଉଚ୍ଚାରୋହୀ ରବି ଦୁଃସ୍ଥାନସ୍ଥ ହେଲେ ମଧ୍ୟ ନୂଆ ନୂଆ ପଦ୍ଧତିର ଅନୁସରଣ କରାଇ କୃତକାର୍ଯ୍ୟ କରାଇପାରନ୍ତି। ଧନସ୍ଥାନକୁ ଶନି ଦୃଷ୍ଟି ନୀଚଜନ ବିବାଦ ହେତୁକ ଧନହାନିର ସୂଚନା ରହିଛି। କିନ୍ତୁ ସଂଗଠନ, ଆଇନ, ସାହିତ୍ୟ, ସାମ୍ବାଦିକତା, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା**
ଏକାଦଶାଧିପତି ଚନ୍ଦ୍ର ରାଶିରେ ଅବସ୍ଥାନ କରି ଆପଣଙ୍କର ଆଶା ଏବଂ ଅଭିଳାଷକୁ ପୂରଣ କରିବ। ଭଲ ସମ୍ପର୍କ ନ ଥିବା ସମ୍ପର୍କୀୟଙ୍କ ମିଥ୍ୟା ଗୁଜବ ମନକୁ ଚହଲାଇ ଦେବ। ହସ୍ତା ନକ୍ଷତ୍ର କର୍ମକ୍ଷେତ୍ରରେ ଲକ୍ଷ୍ୟ ପୂରଣ ସହ ସହଯୋଗ, ସୁଖ ସମ୍ମାନ ପାଇବେ। ମଙ୍ଗଳଜନକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ତୁଳା**
ରାଶ୍ୟାଧିପତି ଶୁକ୍ରଙ୍କ ପ୍ରତ୍ୟକ୍ଷଦୃଷ୍ଟି ଆପଣଙ୍କ କାର୍ଯ୍ୟସାଧନ କରାଇ ମାନସିକ ତୃପ୍ତି ପ୍ରଦାନ କରିବେ। କର୍ମକ୍ଷେତ୍ରରେ ଅଟକି ରହିଥିବା ଦୀର୍ଘଦିନର ଆଶା ବନ୍ଧୁଙ୍କ ମାଧ୍ୟମରେ ଫଳବତୀ ହେବ। ବିଶାଖା ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗି ନ ପାରେ। ବନ୍ଧୁଙ୍କ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ।

**ବିଛା**
ଆଜିର କର୍ମଭାବସ୍ଥ ଚନ୍ଦ୍ର ବନ୍ଧୁମିଳନ, କାର୍ଯ୍ୟାରମ୍ଭ ଏବଂ ପାରିବାରିକ ସଦ୍‌ଭାବ ବୃଦ୍ଧିରେ ସାହାଯ୍ୟ କରିବ। ଧନସ୍ଥାନକୁ ଶନିଙ୍କ ଦୃଷ୍ଟି ଧନହାନି ସାଙ୍ଗକୁ ବ୍ୟବହାରିକ ଜ୍ଞାନକୁ ଦିଗ ଭ୍ରଷ୍ଟ କରାଇପାରେ। ପୂର୍ବ ପରିକଳ୍ପିତ କାମ ସମ୍ପନ୍ନ ହେବାରେ ଅସୁବିଧା ରହିବନାହିଁ। ପ୍ରତ୍ୟୁଷ ଯାତ୍ରା, ଆନୁଷ୍ଠାନିକ କାମ, ଧର୍ମକାର୍ଯ୍ୟ ଓ ବ୍ୟବସାୟିକ ସ୍ଥିତି ମନ୍ଦ ହେବନାହିଁ।

**ଧନୁ**
ରବିଙ୍କ କେନ୍ଦ୍ରାବସ୍ଥାନ ଏବଂ କୋଣଭାବସ୍ଥ ଶୁକ୍ର ହେତୁ ସମ୍ମାନର ସହ ଅର୍ଥଲାଭ, କାର୍ଯ୍ୟସିଦ୍ଧି ଓ ବନ୍ଧୁମିଳନରୁ ଖୁସି କରାଇବ। ସୌଜନ୍ୟତା ରକ୍ଷାପୂର୍ବକ ବନ୍ଧୁଙ୍କୁ ଦରକାରୀ ଜିନିଷଟି ଆବଶ୍ୟକ ସମୟରେ ଦେଇ ନ ପାରି ବ୍ୟଥିତ ହେବେ। ସକାଳୁ ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବେ।

**ମକର**
ଦାମ୍ଭିକ ରାଶିସ୍ଥ ଚନ୍ଦ୍ର ମାନସିକ ଅସ୍ଥିରତା ସୃଷ୍ଟିକରି ଭାବାବେଗକୁ ବୃଦ୍ଧି କରିବ। ଆଜି ବନ୍ଧୁସମ୍ପର୍କରେ ଉନ୍ନତି, ଅର୍ଥଲାଭ ସାଙ୍ଗକୁ ଅଭିଳଷିତ କାର୍ଯ୍ୟ ସାଧନ କରିପାରିବେ। ପାରିବାରିକ ସ୍ଥିରତା, ବ୍ୟବସାୟିକ ଉତ୍କର୍ଷତା, ଧର୍ମ କାର୍ଯ୍ୟରେ ମନୋନିବେଶ କରିପାରନ୍ତି। ସୁନିଦ୍ରାରେ ବାଧା, ଅପବ୍ୟୟ, ପରୋକ୍ଷ ଶତ୍ରୁତା ହେତୁ ବ୍ୟସ୍ତତା ବଢ଼ିବ।

**କୁମ୍ଭ**
ରାଶିରେ ବୁଧ ଆପଣଙ୍କୁ ବୌଦ୍ଧିକତା ମାଧ୍ୟମରେ ବୁଦ୍ଧିଜୀବୀଙ୍କ ପ୍ରିୟଭାଜନ କରାଇବ। ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରହିବା ସହ ଅର୍ଥ ସଂକଟ ଦୂର ହୋଇଯିବ। ବାଣିଜ୍ୟ, ବ୍ୟବସାୟ, ଧର୍ମକାର୍ଯ୍ୟ, ଆତ୍ମୀୟଙ୍କ ସାହାଯ୍ୟ, ସହଯୋଗ ଶତଭିଷା ନକ୍ଷତ୍ର ସକାଶେ ଦୁଶ୍ଚିନ୍ତାର କାରଣ ହୋଇପାରେ।

**ମୀନ**
ବିବାଦୀୟ ପରିସ୍ଥିତିର ମୁକାବିଲା ସାଙ୍ଗକୁ ପାରିବାରିକ ସମସ୍ୟା ପିଛା ଛାଡି ନ ପାରେ। ଶୁକ୍ରଙ୍କ ସ୍ଥିତିଜନିତ ସାହାଯ୍ୟ ପାଇଲେ ମଧ୍ୟ ତାହା ସମୁଦ୍ରକୁ ଶଙ୍ଖେ ପରି ହେବ। କର୍ମକ୍ଷେତ୍ରରୁ ଫେରିବା ବେଳକୁ ଘରର ଅଶାନ୍ତ ପରିବେଶ ଶାନ୍ତ ପଡି ଯାଇଥିବାର ସୂଚନା ରହିଛି। ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରି ପାରନ୍ତି।

ଆଜି ଏପ୍ରିଲ ୧ ତାରିଖ, ଓଡ଼ିଶା ଦିବସ, ନୂତନ ଆର୍ଥିକବର୍ଷ ଆରମ୍ଭ, ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀଯୁକ୍ତ ପୂର୍ଣ୍ଣିମା ବୁଧବାର। ବିଷ୍ଣୁ ଦମନକ ଚତୁର୍ଦ୍ଦଶୀ, ଶ୍ରୀମନ୍ଦିରରେ ଦମନକାର୍ପଣ ଉତ୍ସବ /ଦୟଣାଲାଗି, ପୂର୍ଣ୍ଣିମାବିହିତ ଚନ୍ଦ୍ରୋପବାସ, ରାଶିନକ୍ଷତ୍ର-ଉତ୍ତରାଫାଲ୍‌ଗୁନୀ/କନ୍ୟା, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୪୪ମି. ଗତେ ଘ.୦୭।୨୧ମି. ମଧ୍ୟେ, ଘ.୧୦।୧୯ମି. ଗତେ ଘ.୧୧।୨୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧।୫୦ମି. ଗତେ ଘ.୦୧।୨୨ମି. ମଧ୍ୟେ ରାହୁକାଳ।

# ବିକାଶ ପଥରେ ନୂଆ ଓଡ଼ିଶା



୯୦ବର୍ଷ ଅତିକ୍ରମ କରି ୯୧ବର୍ଷରେ ପଦାର୍ପଣ କରିଛି ଓଡ଼ିଶା। ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ତଥା ଶସ୍ୟଶ୍ୟାମଳ ଭରା ଆମର ଏହି ରାଜ୍ୟର ବିକାଶ ରଥ ଦ୍ରୁତ ଗତିରେ ଆଗେଇ ଚାଲିଛି। ଅର୍ଥନୈତିକ ଅଭିବୃଦ୍ଧି ସହ ଗମନାଗମନ ସାଙ୍ଗକୁ ସାମାଜିକ କ୍ଷେତ୍ରରେ ଓଡ଼ିଶାକୁ ୧ ନମ୍ବର ରାଜ୍ୟରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସରକାର ବିଭିନ୍ନ ପଦକ୍ଷେପ ହାତକୁ ନେଇଛନ୍ତି। ବିଶେଷକରି ରାଜ୍ୟର ସମସ୍ତଙ୍କୁ ପକ୍କାଘର ଓ ପାଇପ୍ ଯୋଗେ ଜଳ ଯୋଗାଣ ସହ ଯୋଗାଯୋଗ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଉଛି।



## ସଭିଁଙ୍କ ପାଇଁ ପକ୍କାଘର

### ଓଡ଼ିଶାର ଏକ ନୂତନ ବିକାଶ ସଙ୍କଳ୍ପ

**ଗ୍ରାମାଞ୍ଚଳ ବିକାଶ ଓ ସାମାଜିକ ନ୍ୟାୟ**

ଗ୍ରାମାଞ୍ଚଳର ବିକାଶକୁ ରାଜ୍ୟ ପ୍ରଗତିର ମୁଖ୍ୟ ସ୍ତମ୍ଭ ଭାବେ ଗ୍ରହଣ କରାଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମାଧ୍ୟମରେ ଅର୍ଥନୈତିକ ବିକାଶ ଏବଂ ସାମାଜିକ ନ୍ୟାୟ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ମୁଖ୍ୟତଃ ତିନୋଟି ଯୋଜନା କାର୍ଯ୍ୟକାରୀ ହେଉଛି।

**୧-ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ଏୱାଇ-ଜି)**
**୨-ଅନ୍ତ୍ୟୋଦୟ ଗୃହ ଯୋଜନା**
**୩-ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ (ପିଏମ୍ ଜନମନ)**

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ):**
ଏହା କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ସହଭାଗିତାରେ ଚାଲୁଥିବା ଏକ ବୃହତ ଯୋଜନା। ଏହି ଯୋଜନାରେ ହିତାଧିକାରୀମାନଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କାର ଗୃହ ନିର୍ମାଣ ସହାୟତା ରାଶି ପ୍ରଦାନ କରାଯାଉଛି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ୯୦ରୁ ୯୫ ଦିନର ଅଣକୁଶଳୀ ଶ୍ରମ ମଜୁରି ମଧ୍ୟ ମିଳିଥାଏ। ସେହିପରି ସ୍ୱଚ୍ଛ ଭାରତ ମିଶନ ଅଧୀନରେ ଶୌଚାଳୟ ନିର୍ମାଣ ପାଇଁ ଅତିରିକ୍ତ ୧୨,୦୦୦ ଟଙ୍କା ଦିଆଯାଏ। ସହାୟତା ରାଶି ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ କିସ୍ତି ଅନୁଯାୟୀ ପଠାଯାଏ। ହିତାଧିକାରୀ ଚୟନରେ ସ୍ୱଚ୍ଛତା ପାଇଁ ଜିଓ-ଟ୍ୟାଗିଂ ବ୍ୟବହାର କରାଯାଉଛି। ଏ ବାବଦରେ ରାଜ୍ୟ ସରକାର ୨୦୨୬-୨୭ ବର୍ଷ ପାଇଁ ୨,୪୪୫ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରିଛନ୍ତି।

**ଅନ୍ତ୍ୟୋଦୟ ଗୃହ ଯୋଜନା:**
ରାଜ୍ୟ ସରକାରଙ୍କ ନିଜସ୍ୱ ଗୃହ ନିର୍ମାଣ ଯୋଜନା 'ଅନ୍ତ୍ୟୋଦୟ ଗୃହ ଯୋଜନା' ଗ୍ରାମାଞ୍ଚଳର ଗରିବ ପରିବାରଗୁଡ଼ିକୁ ପକ୍କାଘର ଯୋଗାଇବା ପାଇଁ ଆରମ୍ଭ ହୋଇଛି। ଏହି ଯୋଜନାରେ ଗ୍ରାମାଞ୍ଚଳର ଅର୍ଥନୈତିକ ଭାବେ ପଛୁଆ ପରିବାରଗୁଡ଼ିକୁ ନୂତନ ପକ୍କାଘର ନିର୍ମାଣ କରି ସୁରକ୍ଷିତ ଆଶ୍ରୟସ୍ଥଳୀ ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଛି। ଯେପରିକି ଏହି ଯୋଜନାରେ ଅନ୍ୟାନ୍ୟ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାର ଲାଭାନ୍ୱିତ ବ୍ୟକ୍ତିମାନଙ୍କୁ ଶୀଘ୍ର ଗୃହ ନିର୍ମାଣ କରିବା ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ରାଜ୍ୟ ସରକାର ୨୦୨୬-୨୭ ବର୍ଷ ପାଇଁ ବଜେଟରେ ୨ ହଜାର କୋଟି ଟଙ୍କାର ବ୍ୟୟ ଅଟକଳ କରିଛନ୍ତି।

### ମୂଳ ଲକ୍ଷ୍ୟ

କୁଡ଼ିଆ ଶୂନ୍ୟ ଓଡ଼ିଶା ଗଠନ
ଓଡ଼ିଶା ସରକାରଙ୍କ 'ସଭିଁଙ୍କ ପାଇଁ ପକ୍କା ଘର' ସଙ୍କଳ୍ପ ଅଧୀନରେ ରାଜ୍ୟର କୌଣସି ବି ଗରିବ ପରିବାର ଯେପରି କୁଡ଼ିଆ କିମ୍ବା କଚ୍ଚା ଘରେ ନ ରୁହନ୍ତି, ତାହା ନିଶ୍ଚିତ କରାଯାଉଛି। ବର୍ତ୍ତମାନର ସରକାର ପୂର୍ବ ଯୋଜନାଗୁଡ଼ିକୁ ସଂସ୍କାର କରି ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ। ବିଶେଷକରି ଅନୁସୂଚିତ ଜନଜାତି (ଏସ୍‌ଟି) ଏବଂ ଅନୁସୂଚିତ ଜାତି (ଏସ୍‌ସି) ବର୍ଗର ଲୋକଙ୍କୁ ଏହି ଅଭିଯାନରେ ପ୍ରାଧାନ୍ୟ ଦିଆଯାଉଛି।

### ସହରାଞ୍ଚଳ ଆବାସ

କେବଳ ଗ୍ରାମାଞ୍ଚଳ ନୁହେଁ, ସହରାଞ୍ଚଳ ପାଇଁ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ଏୱାଇ-ୟୁ) ୨.୦ ଏବଂ ପିଏମ୍ଏୱାଇ ଅର୍ବାନ ବନ୍ଧୁ କାର୍ଯ୍ୟକାରୀ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରାଞ୍ଚଳ ବନ୍ଧୁ (ପିଏମ୍ଏୱାଇ ଅର୍ବାନ ବନ୍ଧୁ) ହେଉଛି ଓଡ଼ିଶା ସରକାରଙ୍କ ଏକ ଅଭିନବ ପଦକ୍ଷେପ, ଯାହା ସହରାଞ୍ଚଳରେ ବାସହୀନ ପରିବାରଗୁଡ଼ିକୁ ନିଜସ୍ୱ ପକ୍କା ଘର ଯୋଗାଇଦେବାରେ ସହାୟକ ହେଉଛି। ଏହା ମୁଖ୍ୟତଃ ସହରରେ ରହୁଥିବା ଅର୍ଥନୈତିକ ଅନଗ୍ରସର ଶ୍ରେଣୀ (ଇଡବ୍ଲ୍ୟୁଏସ୍) ଏବଂ ବସ୍ତି ବାସିନ୍ଦାଙ୍କ ପାଇଁ ଉଦ୍ଦିଷ୍ଟ। ରାଜ୍ୟ ସରକାର ୨୦୨୬-୨୭ ନିମନ୍ତେ ପିଏମ୍ଏୱାଇ-ୟୁ ୨.୦ ବାବଦରେ ୫୬୫ କୋଟି ଏବଂ ପିଏମ୍ଏୱାଇ ଅର୍ବାନ ବନ୍ଧୁ ସକାଶେ ୧୨୦ କୋଟି ଟଙ୍କାର ବଜେଟ ବ୍ୟୟବରାଦ କରିଛନ୍ତି।

### ପିଏମ୍ ଜନମନ

ପିଏମ୍ ଜନମନ ଅଧୀନରେ ରାଜ୍ୟର ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟ (ପିଭିଟିଜିଏସ୍) ପରିବାରଗୁଡ଼ିକ ପାଇଁ ବ୍ୟାପକ ଘର ଯୋଜନା କାର୍ଯ୍ୟକାରୀ ହେଉଛି। ଏ ବାବଦରେ ରାଜ୍ୟ ସରକାର ୨୦୨୬-୨୭ ବର୍ଷ ପାଇଁ ୩୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରିଛନ୍ତି।

## ବିଶୁଦ୍ଧ ପାନୀୟ ଜଳର ବୃହତ୍ ସଙ୍କଳ୍ପ

### ୨୦୨୭ ସୁଦ୍ଧା ପ୍ରତି ଘରେ ପାଇପ୍ ଯୋଗେ ପହଞ୍ଚିବ





ଓଡ଼ିଶା ସରକାରଙ୍କ 'ବସୁଧା' ଯୋଜନା ଏବଂ କେନ୍ଦ୍ର ସରକାରଙ୍କ 'ଜଳ ଜୀବନ ମିଶନ'ର ମିଳିତ ସହଯୋଗରେ ୨୦୨୭ ମସିହା ସୁଦ୍ଧା ରାଜ୍ୟର ପ୍ରତ୍ୟେକ ଗ୍ରାମୀଣ ଓ ସହରୀ ପରିବାରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ଏକ ବୃହତ୍ ଲକ୍ଷ୍ୟ ରଖାଯାଇଛି। ମୁଖ୍ୟ ଲକ୍ଷ୍ୟ ହେଲା ରାଜ୍ୟର ସମସ୍ତ ଗ୍ରାମୀଣ ପରିବାରକୁ 'କାର୍ଯ୍ୟକ୍ଷମ ଘରୋଇ ନଳ ସଂଯୋଗ' ମାଧ୍ୟମରେ ପାନୀୟ ଜଳ ଯୋଗାଇବା। କେବଳ ପାଣି ନୁହେଁ, ବରଂ ଡବ୍ଲ୍ୟୁଏଚ୍‌ଓ ମାନଦଣ୍ଡ ଅନୁଯାୟୀ ବିଶୁଦ୍ଧ ଓ ନିରାପଦ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ଏକ ନୂଆ ଯୋଜନା 'ଷ୍ଟେଟ୍ ସପୋର୍ଟ ଫର୍ ରୁରାଲ ପାଇପ୍‌ଡ ୱାଟର ସପ୍ଲାଇ ପ୍ରୋଜେକ୍ଟ'ର ପ୍ରଚଳନ ପାଇଁ ବଜେଟ ୨୦୨୬-୨୭ରେ ପ୍ରସ୍ତାବ ଦେଇଛନ୍ତି। ବିଶେକରି ଏହି ଆର୍ଥିକ ବର୍ଷରେ ପାନୀୟ ଜଳ କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଜରିଆରେ କାର୍ଯ୍ୟକାରୀ ହୋଇଥିବା ବସୁଧା ଯୋଜନା ପାଇଁ ୧୪୯୫ କୋଟି ଏବଂ ଜଳ ଜୀବନ ମିଶନ ନିମନ୍ତେ ୭୦୦୦ କୋଟି ଟଙ୍କାର ବଜେଟ ବ୍ୟୟବରାଦ କରାଯାଇଛି।

ଲକ୍ଷ୍ୟ ପୂରଣ ପାଇଁ ରାଜ୍ୟ ସରକାର କେତେକ ପ୍ରମୁଖ କାର୍ଯ୍ୟକ୍ରମ ଏବଂ କୌଶଳ ଆପଣାଇଛନ୍ତି। ବିଶେଷକରି ବୃହତ୍ ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ଯେଉଁ ଅଞ୍ଚଳରେ ଭୂତଳ ଜଳର ସମସ୍ୟା ରହିଛି କିମ୍ବା ପାଣିରେ ଫ୍ଲୋରାଇଡ/ଲୌହ ଅଂଶ ଅଧିକ, ସେଠାରେ ନଦୀ ଜଳକୁ ବିଶୁଦ୍ଧ କରି ପାଇପ୍ ଯୋଗେ ଦୂରବର୍ତ୍ତୀ ଗାଁକୁ ପଠାଯାଉଛି। ସେହିପରି ପୁରୀ ଏବଂ ଭୁବନେଶ୍ୱର ପରି ସହର ପରେ ଏବେ 'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍' ସୁବିଧାକୁ ଅନ୍ୟ ପୌରାଞ୍ଚଳକୁ ସମ୍ପ୍ରସାରଣ କରାଯାଉଛି, ଯେଉଁଠି ଲୋକେ ସିଧାସଳଖ ନଳରୁ ପାଣି ପିଇପାରିବେ। ବିଦ୍ୟୁତ୍ ସଂଯୋଗ ନ ଥିବା ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ସୌରଶକ୍ତିଚାଳିତ ପମ୍ପ ସାହାଯ୍ୟରେ ଜଳ ଯୋଗାଣ କରାଯାଉଛି। ପାନୀୟ ଜଳଯୋଗାଣରେ ଗୋଷ୍ଠୀ ସହଭାଗିତା ଗୁରୁତ୍ୱପୂର୍ଣ୍ଣ। ଜଳ ସାଥୀ ଭାବେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକୁ ଜଳର ମାନ ପରୀକ୍ଷା, ବିଲ୍ ଆଦାୟ ଏବଂ ପରିଚାଳନା ଦାୟିତ୍ୱ ଦିଆଯାଇଛି। ସେହିପରି ଗାଁ ସ୍ତରରେ ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ ସ୍ଥାନୀୟ ଲୋକଙ୍କୁ ଗ୍ରାମ ଜଳ ଓ ପରିମଳ କମିଟିରେ ସାମିଲ କରାଯାଇଛି।

## ଭବିଷ୍ୟତ ଓଡ଼ିଶା ପାଇଁ ଅର୍ଥନୈତିକ କରିଡର

# କ୍ୟାପିଟାଲ ରିଜିଅନ ରିଂ ରୋଡ୍





ରାଜ୍ୟ ସରକାର ରାଜଧାନୀ ଭୁବନେଶ୍ୱର ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆଣିବା ପାଇଁ ଯୋଜନା କରିଛନ୍ତି। ଏ କ୍ଷେତ୍ରରେ 'କ୍ୟାପିଟାଲ ରିଜିଅନ ରିଙ୍ଗ୍ ରୋଡ୍' ପ୍ରକଳ୍ପ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବାକୁ ଯାଉଛି। ଏହି ପ୍ରକଳ୍ପ ମାଧ୍ୟମରେ ଭୁବନେଶ୍ୱର, କଟକ ଏବଂ ଖୋର୍ଦ୍ଧା ଭଳି ପ୍ରମୁଖ ସହରଗୁଡ଼ିକ ମଧ୍ୟରେ ଯାତାୟାତ ଅଧିକ ସହଜ ଓ ନିର୍ବିଘ୍ନ ହେବ। ୬-ଲେନ ବିଶିଷ୍ଟ ଗ୍ରୀନଫିଲ୍ଡ ହାଇୱେ: ଏହା ସମ୍ପୂର୍ଣ୍ଣ ରୂପେ ଏକ ନୂତନ ମାର୍ଗ (ଗ୍ରୀଡ୍‌ଫିଲ୍ଡ) ହେବ, ଯେଉଁଠାରେ ଯାନବାହନର ଗତି ସୀମା ଘଣ୍ଟାପ୍ରତି ୧୦୦ କିମି ରଖିବାକୁ ଡିଜାଇନ କରାଯାଇଛି। ରାସ୍ତାରେ ଅଯଥା ବାଧା ଏଡ଼ାଇବା ପାଇଁ ଅନେକ ଫ୍ଲାଏଓଭର, ଅଣ୍ଡରପାସ୍ ଏବଂ ବଡ଼ ସେତୁ ନିର୍ମାଣ କରାଯିବ। ମହାନଦୀ ଉପରେ ଏକ ବିଶାଳ ସେତୁ ନିର୍ମାଣର ଯୋଜନା ମଧ୍ୟ ରହିଛି। ଏହା ଏନ୍‌ଏଚ୍-୧୬ (କୋଲକାତା-ଚେନ୍ନାଇ), ଏନ୍‌ଏଚ୍-୫୫ (ସମ୍ବଲପୁର ରୋଡ୍), ଏବଂ ଏନ୍‌ଏଚ୍-୫୭ ଭଳି ପ୍ରମୁଖ ଜାତୀୟ ରାଜପଥକୁ ସଂଯୋଗ କରିବ। ବନ୍ୟପ୍ରାଣୀ ବୋର୍ଡ ଏବଂ ପରିବେଶ ବିଭାଗ ପକ୍ଷରୁ ଆବଶ୍ୟକ ଅନୁମତି ମିଳିସାରିଛି, ଯାହାଫଳରେ ନିର୍ମାଣ କାର୍ଯ୍ୟରେ କୌଣସି ବାଧା ଉପୁଜିବ ନାହିଁ।

### ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ

**ଟ୍ରାଫିକ ଭିଡ଼ ନିୟନ୍ତ୍ରଣ:** ଭୁବନେଶ୍ୱର ଏବଂ କଟକ ସହର ଭିତରକୁ ପ୍ରବେଶ କରୁଥିବା ଭାରିଯାନଗୁଡ଼ିକୁ ସହର ବାହାରେ ବାହାରେ ଯିବା ପାଇଁ ଏକ ବିକଳ୍ପ ମାର୍ଗ ପ୍ରଦାନ କରିବା।
**ତ୍ୱରିତ ବିକାଶ:** ରାଜଧାନୀ ଉପକଣ୍ଠରେ ଥିବା ଅଞ୍ଚଳଗୁଡ଼ିକରେ ଶିଳ୍ପ, ବାଣିଜ୍ୟ ଏବଂ ଆବାସିକ ପ୍ରକଳ୍ପର ବିକାଶକୁ ତ୍ୱରାନ୍ୱିତ କରିବା।
**ସମୟ ସଞ୍ଚୟ:** ଏହି ୬-ଲେନ୍ ବିଶିଷ୍ଟ ରିଙ୍ଗ୍ ରୋଡ୍ ଦ୍ୱାରା ଖୋର୍ଦ୍ଧାରୁ ଚୌଦ୍ୱାର ପର୍ଯ୍ୟନ୍ତ ଯାତ୍ରା ସମୟ ବହୁତ କମିଯିବ।

### ଯୋଜନାର ରୂପରେଖ

**ଲମ୍ବ ଓ ବିସ୍ତାର:** ଏହି ପ୍ରକଳ୍ପ ପ୍ରାୟ ୧୧୧ କିଲୋମିଟର ଦୀର୍ଘ ହେବାକୁ ଲକ୍ଷ୍ୟ ରଖାଯାଇଛି। ଏହା ଖୋର୍ଦ୍ଧାରୁ ଆରମ୍ଭ ହୋଇ ରାମେଶ୍ୱର, ପିପିଲି, ବାଲିଅନ୍ତା, ନିଆଳି ଏବଂ ଚୌଦ୍ୱାର ଦେଇ ପୁଣି ଟାଙ୍ଗୀ ଅଞ୍ଚଳକୁ ସଂଯୋଗ କରିବ।
**୬-ଲେନ୍ ବିଶିଷ୍ଟ ରାସ୍ତା:** ବଢୁଥିବା ଜନସଂଖ୍ୟା ଏବଂ ଯାନବାହାନକୁ ଦୃଷ୍ଟିରେ ରଖି ଏହାକୁ ଏକ ଗ୍ରୀନଫିଲ୍ଡ ୬-ଲେନ୍ ବିଶିଷ୍ଟ କରିଡର ଭାବେ ନିର୍ମାଣ କରାଯାଉଛି।
**ଭିତ୍ତିଭୂମି:** ଏଥିରେ ବଡ଼ ସେତୁ, ଫ୍ଲାଏଓଭର ଏବଂ ଅଣ୍ଡରପାସ୍ ନିର୍ମାଣ କରାଯିବ ଯେପରି କୌଣସି ସ୍ଥାନରେ ଯାତାୟାତରେ ବାଧା ସୃଷ୍ଟି ନ ହୁଏ।

#### ଅର୍ଥନୈତିକ ପ୍ରଭାବ

ନୂତନ ସହରର ବିକାଶ: ଏହି ରାସ୍ତା କଡ଼ରେ ନୂତନ ଟାଉନଶିପ ଏବଂ ବାଣିଜ୍ୟିକ ପେଣ୍ଠସ୍ଥଳୀ ଗଢ଼ିଉଠିବ, ଯାହା ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇବ।
**ପରିବହନ ସୁବିଧା:** ଓଡ଼ିଶାର ବନ୍ଦରଗୁଡ଼ିକୁ ସଂଯୋଗ କରୁଥିବା ମାଲବାହୀ ଟ୍ରକ୍‌ଗୁଡ଼ିକ ବିନା କୌଣସି ଟ୍ରାଫିକ ସମସ୍ୟାରେ ଗତି କରିପାରିବେ, ଯାହା ରାଜ୍ୟର ଅର୍ଥନୀତି ପାଇଁ ଲାଭଦାୟକ ହେବ।

### ରାଜ୍ୟ ସରକାରଙ୍କ ଆଭିମୁଖ୍ୟ

ସରକାର ଏହି ପ୍ରକଳ୍ପକୁ ଖୁବ୍‌ଶୀଘ୍ର ଶେଷ କରିବା ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ଏହା କେବଳ ଏକ ରାସ୍ତା ନୁହେଁ, ବରଂ 'ଭବିଷ୍ୟତର ଓଡ଼ିଶା' ପାଇଁ ଏକ ଅର୍ଥନୈତିକ କରିଡର ଭାବେ ପରିଗଣିତ ହେଉଛି।

#### ସରକାରଙ୍କ ଭବିଷ୍ୟତ ଯୋଜନା

ଓଡ଼ିଶା ସରକାର ଏହି ରିଙ୍ଗ ରୋଡ୍‌କୁ କେନ୍ଦ୍ର କରି ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କରିଡର (ବିସିପିପିଇଆର୍) ବିକାଶ କରିବାକୁ ଲକ୍ଷ୍ୟ ରଖିଛନ୍ତି। ରାସ୍ତା କଡ଼ରେ ଶିଳ୍ପ ଓ ବାଣିଜ୍ୟିକ ପ୍ରତିଷ୍ଠାନ ପାଇଁ ସରକାର ଜମି ଚିହ୍ନଟ ପ୍ରକ୍ରିୟା ଜାରି ରଖିଛନ୍ତି।

### ୩୦ ମାସରେ ସରିବ କାମ

ଓଡ଼ିଶା ସରକାର ଏବଂ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ ନିର୍ମାଣ ହେବାକୁ ଥିବା କ୍ୟାପିଟାଲ ରିଜିଅନ ରିଙ୍ଗ୍ ରୋଡ୍ ପ୍ରକଳ୍ପ ଏବେ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ପହଞ୍ଚିଛି। ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପକ୍ଷରୁ ଏହି ୧୧୧ କିଲୋମିଟର ଦୀର୍ଘ ରିଙ୍ଗ୍ ରୋଡ୍ ନିର୍ମାଣ ପାଇଁ ତିନୋଟି ପୃଥକ୍ ପ୍ୟାକେଜ୍‌ରେ କାର୍ଯ୍ୟାଦେଶ ଜାରି କରାଯାଇଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ଏହି କାର୍ଯ୍ୟ ବିଭିନ୍ନ ପ୍ରତିଷ୍ଠିତ ନିର୍ମାଣକାରୀ ସଂସ୍ଥାଙ୍କୁ ପ୍ରଦାନ କରାଯାଇଛି। କାମ ଆରମ୍ଭ ହେବାର ପ୍ରାୟ ୩୦ ମାସ (୨.୫ ବର୍ଷ) ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ବିଶାଳ ପ୍ରକଳ୍ପକୁ ସୁଚାରୁରୂପେ ଶେଷ କରିବା ପାଇଁ ତିନୋଟି ଭାଗରେ ବିଭକ୍ତ କରାଯାଇଛି। ପ୍ୟାକେଜ୍-୧ (୪୦ କିମି): ଖୋର୍ଦ୍ଧାର ରାମେଶ୍ୱରରୁ ଆରମ୍ଭ ହୋଇ ବିଲିପଡ଼ା ପର୍ଯ୍ୟନ୍ତ। ପ୍ୟାକେଜ୍-୨ (୩୦ କିମି): ବିଲିପଡ଼ାରୁ କଟକ ଜିଲାର ଗୋବିନ୍ଦପୁର ପର୍ଯ୍ୟନ୍ତ। ପ୍ୟାକେଜ୍-୩ (୪୦ କିମି): ଗୋବିନ୍ଦପୁରରୁ ଟାଙ୍ଗୀ (ବାନ୍ଦଲୋ ଟୋଲ୍ ପ୍ଲାଜା ନିକଟ) ପର୍ଯ୍ୟନ୍ତ।

OIPR-ADV3-0033-2026

# ସଂଜ୍ଞା ବଦଳିପାରେ

ଧାର୍ଯ୍ୟ ସମୟସୀମାର ଦିନକ ପୂର୍ବରୁ ଅର୍ଥାତ୍ ୩୦ ମାର୍ଚ୍ଚରେ ଭାରତ 'ମାଓବାଦୀ ମୁକ୍ତ' ବୋଲି ସଂସଦରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଘୋଷଣା କରିଦେଇଛନ୍ତି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ଦେଶରେ କେହି ମାଓବାଦୀ ରହିବେ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ମୃତ୍ୟୁରେଖା ସ୍ଥିର କରାଯାଇଥିଲା। ତଥ୍ୟ ପ୍ରଦାନ କରିବାକୁ ଯାଇ ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି, ଗତ ୩ ବର୍ଷ ମଧ୍ୟରେ ୪,୮୩୯ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ୭୦୬ ଜଣଙ୍କୁ ହତ୍ୟା କରାଯାଇଛି ଓ ୨,୨୧୮ ଜଣଙ୍କୁ ଗିରଫ କରାଯାଇ ଜେଲ ପଠାଯାଇଛି। ୨୦୨୪ ପ୍ରାରମ୍ଭରେ ମାଓବାଦୀଙ୍କ ସେଣ୍ଟ୍ରାଲ କମିଟି ଓ ପଲିଟ୍‌ବ୍ୟୁରୋରେ ୨୧ ଜଣ ସଦସ୍ୟ ଥିବା ବେଳେ ଏବେ ଆଉ କେହି ନାହାନ୍ତି। ଏହିଭଳି ଅନେକ ତଥ୍ୟ ସ୍ୱରାଷ୍ଟ୍ରମନ୍ତ୍ରୀ ଦେଇଛନ୍ତି। ସାଧାରଣରେ ଗୋଟିଏ କଥା ମନକୁ ଆସୁଛି, ଭାରତ ମାଓବାଦୀମୁକ୍ତ ହୋଇଗଲେ ମଧ୍ୟ ମାଓବାଦ ଚିନ୍ତାଧାରା ମଣିଷ ମନରୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହେବା କଷ୍ଟକର। ଯେପର୍ଯ୍ୟନ୍ତ ଦାରିଦ୍ର୍ୟ, ଅସମାନତା ଏବଂ ଧନୀ-ଗରିବ ତଫାତ୍ ବୃଦ୍ଧି ପାଇଚାଲିଥିବ, ସେ ପର୍ଯ୍ୟନ୍ତ ଗରିବର ସ୍ୱର ସବୁବେଳେ ଅନ୍ୟାୟ ବିରୋଧରେ ଉଠୁଥିବ। ଦେଶର ରାଜନୀତିରେ ଏକ କଂଗ୍ରେସ କିମ୍ବା କମ୍ୟୁନିଷ୍ଟ ମୁକ୍ତ ଧ୍ୱନି ଦେଇ ଭୋଟ ନେବା ସମ୍ଭବପର ହୋଇପାରେ। ଏହିଭଳି ବାତାବରଣ ବର୍ତ୍ତମାନ ଭାରତରେ ଚେର ଧରିଛି। ଏହା ଫଳରେ ଏଭଳି ମୁକ୍ତ ତାଲିକାଭୁକ୍ତ ହେବା ପାଇଁ ଆହୁରି ଅନେକ ରାଜନୈତିକ ଦଳ ଧାଡ଼ିରେ ଛିଡ଼ା ହୋଇଥିବା ଭଳି ସ୍ପଷ୍ଟ ବୁଝାପଡୁଛି। ବିକଳ୍ପହୀନ ରାଜନୀତିର ଶିକାର ଏବେ ଭାରତ ହୋଇଛି। ଯେଉଁଠି ଯାହାର ଯିଏ ବିକଳ୍ପ ସାଜିପାରୁଛି, ସେହି ଦଳର ସଫଳତା ଅନେକାଂଶରେ ବୃଦ୍ଧି ପାଉଛି।

**କମ୍ୟୁନିଷ୍ଟ କିମ୍ବା ମାଓଇଷ୍ଟ ଶବ୍ଦଗୁଡ଼ିକର ପରଲୋକ ଘଟିଯିବାର ସମ୍ଭାବନା ରହିଛି। କିନ୍ତୁ ଦେଶର ସମ୍ପତ୍ତି ଲୁଟି ଧନୀ ହେଉଥିବା ଲୋକଙ୍କ ପ୍ରତି ବିରୋଧ ସବୁବେଳେ ଶକ୍ତିଶାଳୀ ହୋଇଚାଲିଥିବା ଏହାର କାର୍ଯ୍ୟପ୍ରଣାଳୀ ଓ ରୂପ କେଉଁ ଆକାର ଭବିଷ୍ୟତରେ ଧରିବ, ତାହା ୨୦୨୬ ଏପ୍ରିଲ ଆରମ୍ଭରେ କହିବା ହୁଏତ ସମ୍ଭବପର ହୋଇ ନ ପାରେ।**

ବ୍ୟକ୍ତିଙ୍କୁ ମାରି ଦିଆଯାଇପାରେ, କିନ୍ତୁ ଏକ ଦର୍ଶନ ବା ଚିନ୍ତାଧାରା ଥରେ ରୂପରେଖ ନେଇଥିଲେ ତାହାକୁ ଜନମାନସରୁ ହଟେଇଦେବା ସମ୍ଭବପର ନୁହେଁ। ଜଣେ ନାଗରିକ ତାହାକୁ ଗ୍ରହଣ କରିପାରନ୍ତି କିମ୍ବା ଘୃଣା କରିପାରନ୍ତି। ଏଠି ମନେପଡ଼େ ଜର୍ନେଲ ସିଂ ଭିନ୍ଦ୍ରେନ୍‌ୱାଲାଙ୍କୁ ହତ୍ୟା କରାଯାଇଥିଲେ ମଧ୍ୟ ଖଲିସ୍ଥାନର ସ୍ୱପ୍ନ ଲିଭିଯାଇନାହିଁ। ଯଦି ଅନ୍ତର୍ଜାତୀୟ ଦୃଶ୍ୟପଟକୁ ଦେଖିବା ଅଲ୍-କାଏଦା ନେତା ଓସ୍‌ମା ବିନ୍ ଲାଡେନ୍‌ଙ୍କୁ ହତ୍ୟା କରାଯିବା ପରେ ବିଶ୍ୱାସ କରାଯାଉଥିଲା ଯେ, ସେହି ସଙ୍ଗଠନ କବର ପାଇଗଲା। କିନ୍ତୁ ତାହା ଆଇଏସ୍‌ଆଇଏସ୍ ଭିତରେ ପୁନର୍ଜୀବିତ ହୋଇଥିଲା। ନଗଦ ଉଦାହରଣ ଦେଖିବାକୁ ଗଲେ ଇରାନ୍ ପରିସ୍ଥିତି ମନକୁ ଆସେ। ଉଭୟ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଓ ତାଙ୍କ ପ୍ରରୋଚନାରେ ଫସିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାବିଥିଲେ ଇରାନ୍‌ର ସୁପ୍ରିମ୍ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ଏବଂ ହାତଗଣତି ବଡ଼ ନେତାଙ୍କୁ ପ୍ରଥମ ଦିନ ମାରିଦେଲେ ଯୁଦ୍ଧବିରତି ତତ୍‌କ୍ଷଣାତ ଘଟିବ। ଆଜି, ଅନେକ ହଜାର ଲୋକଙ୍କ ମୃତ୍ୟୁ ଏବଂ ଧ୍ୱଂସର ତାଣ୍ଡବଲୀଳା ସମଗ୍ର ମଧ୍ୟପ୍ରାଚ୍ୟରେ ଘଟିଚାଲିଥିବା ବେଳେ ସେହି ମୁଣ୍ଡିମାନଙ୍କ ମୃତ୍ୟୁ କୌଣସି ଗୁରୁତ୍ୱ ରଖିଲା ନାହିଁ। ଏହି ଯୁଦ୍ଧ ପଛରେ ଆମେରିକା ଓ ଇସ୍ରାଏଲ୍‌ର ଚିନ୍ତାଧାରା ସମ୍ପୂର୍ଣ୍ଣ ଭାବେ ପୁରୁଣା ସାମନ୍ତବାଦୀ ଭାବନାରେ ବୁଡ଼ିକି ଥିଲା। ଇରାନ୍ ପ୍ରମାଣ କରିଦେଲା ଯେ, ନେତା ନ ଥିଲେ ମଧ୍ୟ ଚିନ୍ତାଧାରା ମରିଯାଏ ନାହିଁ। ପୁନର୍ବାର ଦୋହରାଇବାକୁ ଗଲେ, ଯେପର୍ଯ୍ୟନ୍ତ ଭାରତୀୟ ସମାଜରେ ଦାରିଦ୍ର୍ୟ, ଅସମାନତା, ଛୁଆଁଅଛୁଆଁ ଭେଦଭାବ ସବଳ ଥିବ ; ସେ ପର୍ଯ୍ୟନ୍ତ ପ୍ରଗତିଶୀଳ ଏବଂ ଗରିବ ସପକ୍ଷବାଦୀ ଚିନ୍ତାଧାରା ମୁଣ୍ଡ ଟେକି ବଞ୍ଚିରହିବ। କମ୍ୟୁନିଷ୍ଟ କିମ୍ବା ମାଓଇଷ୍ଟ ଶବ୍ଦଗୁଡ଼ିକର ପରଲୋକ ଘଟିଯିବାର ସମ୍ଭାବନା ରହିଛି। କିନ୍ତୁ ଦେଶର ସମ୍ପତ୍ତି ଲୁଟି ଧନୀ ହେଉଥିବା ଲୋକଙ୍କ ପ୍ରତି ବିରୋଧ ସବୁବେଳେ ଶକ୍ତିଶାଳୀ ହୋଇଚାଲିଥିବ। ଏହାର କାର୍ଯ୍ୟପ୍ରଣାଳୀ ଓ ରୂପ କେଉଁ ଆକାର ଭବିଷ୍ୟତରେ ଧରିବ, ତାହା ୨୦୨୬ ଏପ୍ରିଲ ଆରମ୍ଭରେ କହିବା ହୁଏତ ସମ୍ଭବପର ହୋଇ ନ ପାରେ।

# ଓଡ଼ିଶା ଦିବସର ଅନୁଚିନ୍ତା: ସମୃଦ୍ଧ, ସଶକ୍ତ ଓଡ଼ିଶା



ମୋହନ ଚରଣ ମାଝୀ

ଆଜିର ଦିନଟି ପ୍ରତ୍ୟେକ ଓଡ଼ିଶାବାସୀଙ୍କ ପାଇଁ ବାର୍ଷିକ କ୍ୟାଲେଣ୍ଡରରେ ଏକ ମହତ୍ତ୍ୱପୂର୍ଣ୍ଣ ଦିନ। ୯୦ବର୍ଷ ତଳେ ଆଜିର ଦିନରେ ସ୍ୱତନ୍ତ୍ର ଓଡ଼ିଶା ଗଠିତ ହୋଇଥିଲା, ଯାହା ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ। ଆଖପାଖ ପଡ଼ୋଶୀ ରାଜ୍ୟରେ ଖଣ୍ଡ ବିଖଣ୍ଡିତ ହୋଇ ମିଶି ରହିଥିବା ବିଭିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ସମ୍ମିଶ୍ରଣ କରି ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଜନ୍ମ ନେଇଥିଲା ଆଜିର ଓଡ଼ିଶା। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି, ସ୍ୱତନ୍ତ୍ର ଓଡ଼ିଶା ଜନ୍ମ ନେଇଥିଲା ବ୍ରିଟିଶ ଶାସନ କାଳରେ ଏବଂ ଏଥିପାଇଁ ଲକ୍ଷ ଲକ୍ଷ ଓଡ଼ିଆ ତ୍ୟାଗ ଓ ବଳିଦାନ ଦେଇ ଆନ୍ଦୋଳନ କରିଥିଲେ। ଏହି ଆନ୍ଦୋଳନର ପୁରୋଧା ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ବ୍ୟାସକବି ଫକୀର ମୋହନ ସେନାପତି, କର୍ମବୀର ଗୌରୀ ଶଙ୍କର ରାୟ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମୟୂରଭଞ୍ଜ ଶାସକ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ, ସ୍ୱଭାବକବି ଗଙ୍ଗାଧର ମେହେର, ମା' ରମାଦେବୀ, ମାଳତୀ ଚୌଧୁରୀଙ୍କ ପରି ବ୍ୟକ୍ତିତ୍ୱ ପ୍ରତ୍ୟେକ ଓଡ଼ିଶାବାସୀଙ୍କ ପାଇଁ ପ୍ରାତଃସ୍ମରଣୀୟ।

ଯଦିଓ ସ୍ୱତନ୍ତ୍ର ଓଡ଼ିଶା ଆନ୍ଦୋଳନ ୧୯୦୩ ମସିହାରେ 'ଉତ୍କଳ ସମ୍ମିଳନୀ'ର ଗଠନ ସହିତ ଆରମ୍ଭ ହୋଇଥିଲା, ବାସ୍ତବରେ ଏହି ଆନ୍ଦୋଳନ ଅର୍ଦ୍ଧ ଶତାବ୍ଦୀର ଇତିହାସ କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଉତ୍କଳ ସମ୍ମିଳନୀ ଗଠନର ବହୁ ପୂର୍ବରୁ ଓଡ଼ିଆ ଭାଷାର ସ୍ୱତନ୍ତ୍ର ପରିଚୟ ରକ୍ଷା କରିବା ପାଇଁ ବିଭିନ୍ନ ଅଞ୍ଚଳରେ ଆନ୍ଦୋଳନ ବିକ୍ଷୋଭ ଦେଖାଦେଇଥିଲା। ୧୮୦୩ ମସିହାରେ ଯେତେବେଳେ ବ୍ରିଟିଶ ସରକାର ଓଡ଼ିଶାକୁ ଶେଷ ଭାରତୀୟ ରାଜ୍ୟ ଭାବେ ଅଧିଗ୍ରହଣ କରିଥିଲେ, ଏହାର ବିଭିନ୍ନ ଅଞ୍ଚଳକୁ ଆଖପାଖ ପଡ଼ୋଶୀ ରାଜ୍ୟରେ ସମ୍ମିଶ୍ରଣ କରିଦେଇଥିଲେ, ଯେପରି କି ଉତ୍ତର ଏବଂ ଉପକୂଳ ଓଡ଼ିଶାକୁ ବେଙ୍ଗଲ ପ୍ରେସିଡେନ୍ସି, ଦକ୍ଷିଣ ଓଡ଼ିଶାକୁ ମାଡ୍ରାସ ପ୍ରେସିଡେନ୍ସି ଏବଂ ପଶ୍ଚିମ ଓଡ଼ିଶାକୁ କେନ୍ଦ୍ରୀୟ ପ୍ରୋଭିନ୍ସ ସହିତ। ଏହାଦ୍ୱାରା ଓଡ଼ିଶା କେବଳ ଭୌଗୋଳିକ ଦୃଷ୍ଟିକୋଣରୁ ଖଣ୍ଡ ବିଖଣ୍ଡିତ ହୋଇ ନ ଥିଲା, ଓଡ଼ିଶାର ଭାଷା ଓ ସଂସ୍କୃତିର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟିହୋଇଥିଲା।

ଏହି ଭାବନା ଅମୂଳକ ନ ଥିଲା। ୧୮୯୫ ମସିହାର ଏକ ଅଧିସୂଚନା ଫଳରେ କେନ୍ଦ୍ରୀୟ ପ୍ରୋଭିନ୍ସରେ ହିନ୍ଦୀକୁ ସରକାରୀ ଅଫିସ, ବିଚାରାଳୟ ଏବଂ ସ୍କୁଲରେ ବ୍ୟବହାର କରିବାକୁ ବାଧ୍ୟତାମୂଳକ କରାଯାଇଥିଲା। ତେଣୁ ଏହି ପ୍ରୋଭିନ୍ସରେ ସମ୍ମିଳିତ ହୋଇଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଓଡ଼ିଆ ଭାଷାର ଅସ୍ତିତ୍ୱକୁ ନେଇ ଲୋକଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ସ୍ୱତଃସ୍ଫୂର୍ତ୍ତ ଭାବେ ଲୋକଙ୍କ ମନରେ ଅସନ୍ତୋଷର ଦାନା ବାନ୍ଧିଥିଲା, ଯାହା ପରବର୍ତ୍ତୀ ସମୟରେ ଆନ୍ଦୋଳନର ରୂପ ନେଇଥିଲା। ଏହି ନିଷ୍ପତ୍ତି ବିରୋଧରେ ଉତ୍କଳ ଗୌରବ ମଧୁସୂଦନ ଦାସ ଏବଂ ଧରଣୀଧର ମିଶ୍ର ଦୃଢ଼ଭାବେ ସ୍ୱର ଉତ୍ତୋଳନ କରିଥିଲେ। ସମ୍ବଲପୁର ଅଞ୍ଚଳରେ ମଧ୍ୟ ବ୍ରଜ ମୋହନ ପଟ୍ଟନାୟକ, ବଳଭଦ୍ର ସୁକର, ମହନ୍ତ ବିହାରୀ ଦାସ, ମଦନ ମୋହନ ଦାଶଙ୍କ ପରି ଅନେକ ଆନ୍ଦୋଳନକାରୀ ଏହାର ନେତୃତ୍ୱ ନେଇଥିଲେ। ଅନେକ ଝଡ଼ଝଞ୍ଜା ଓ ଆନ୍ଦୋଳନ ପରେ ୧୯୦୫ ମସିହାରେ ଆନ୍ଦୋଳନକାରୀଙ୍କ ଉଭୟ ଦାବି ଯଥା ସମ୍ବଲପୁର ଅଞ୍ଚଳକୁ ଓଡ଼ିଶାରେ ସମ୍ମିଶ୍ରଣ କରିବା ଏବଂ ଓଡ଼ିଆକୁ ସରକାରୀ ଭାଷା ଭାବେ ପୁନଃ ସ୍ଥାପନ କରାଯାଇଥିଲା। ଏହି ନିଷ୍ପତ୍ତିକୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରଥମ ସୋପାନ ଭାବେ ବିଚାର କରାଯାଇପାରେ।

ଏହି ଆନ୍ଦୋଳନ ସହିତ ତାଳଦେଇ ଜନ୍ମଲାଭ କରିଥିଲା ଐତିହାସିକ 'ଉତ୍କଳ ସମ୍ମିଳନୀ'। ସେ ସମୟର ନେତୃମଣ୍ଡଳୀଙ୍କ ହୃଦ୍‌ବୋଧ ହୋଇଥିଲା ଯେ ଓଡ଼ିଆ ଭାଷା ଓ ଓଡ଼ିଶାର ଅସ୍ତିତ୍ୱ ବଞ୍ଚାଇବାକୁ କେବଳ ଗୋଟିଏ ମାତ୍ର ବାଟ ଥିଲା। ତାହା ହେଉଛି, ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରି ଭାଷାଭିତ୍ତିକ ରାଜ୍ୟ ଗଠନ କରିବା। ଏହା ଏକ ଅଭୂତପୂର୍ବ ନିଷ୍ପତ୍ତି ଥିଲା, କାରଣ ସେ ସମୟରେ ଭାରତୀୟ ସ୍ୱାଧୀନତା ସଂଗ୍ରାମ ତୀବ୍ରତର ହେଉଥିଲା ଏବଂ ଭାଷା-ଭିତ୍ତିକ ରାଜ୍ୟ ଗଠନ ପାଇଁ କେହି କେବେ ଚିନ୍ତା କରି ନ ଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ରଣନୀତିରେ ବି ପରିବର୍ତ୍ତନ ହୋଇଥିଲା। କେବଳ ଦରଖାସ୍ତ, ପିଟିଶନ ଲେଖା ମାଧ୍ୟମକୁ ଛାଡ଼ି, ସ୍ୱତନ୍ତ୍ର ଓଡ଼ିଶା ଗଠନର ଲକ୍ଷ୍ୟକୁ ତୃଣମୂଳ ସ୍ତରରେ ଘରେ ଘରେ ପହଞ୍ଚାଇବା ପାଇଁ ରଣକୌଶଳ ଆରମ୍ଭ ହୋଇଥିଲା। 'ଉତ୍କଳ ସମ୍ମିଳନୀ'ର ମୂଳ ଲକ୍ଷ୍ୟ ଥିଲା ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତିକୁ ରକ୍ଷା କରି ଏହାର ବିକାଶ କରିବା, ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରୀକରଣ କରି ଗୋଟିଏ ପ୍ରଶାସନିକ ଏକକ ଭାବେ ଗଠନ କରିବା ଏବଂ ନୂତନ ଭାବେ ଗଠିତ ରାଜ୍ୟର ବିକାଶ କରିବା।

ଉତ୍କଳ ସମ୍ମିଳନୀ ଗଠନର ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ଏହି ସଂଗ୍ରାମ ଅନେକ ଉଚ୍ଚା ନୀଚା ପଥ ଦେଇ ଅତିକ୍ରାନ୍ତ କରିଥିଲା। ଅନେକ ଘଟଣା ପ୍ରବାହ ବି ହୋଇଥିଲା, ଯେପରି କି ୧୯୨୦ ମସିହାର ସଚ୍ଚିଦାନନ୍ଦ ସିହ୍ନାଙ୍କ ପ୍ରସ୍ତାବ, ୧୯୩୦ ମସିହାର ଗୋଲ ଟେବୁଲ ବୈଠକରେ ପାରଳାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଭାବବିହ୍ୱଳ ଅଭିଭାଷଣ, ୧୯୩୩ ମସିହାର ସୀମା ନିର୍ଦ୍ଧାରଣ ପାଇଁ ହବାକ୍ କମିଶନ ଏବଂ ଶେଷରେ ଏହି ଆନ୍ଦୋଳନର ସୁଖଦ ପରିଣାମ ଥିଲା ଭାରତ ସରକାର ଅଧିନିୟମ, ୧୯୩୫। ଏହି ଅଧିନିୟମ ଫଳରେ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ପରିଚୟ ନେଇ, ନୂତନ ଆଶା ଆକାଂକ୍ଷାର ସମ୍ଭାର ନେଇ ସୃଷ୍ଟି ହୋଇଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ, ଯାହା ଥିଲା ସ୍ୱାଧୀନ ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ଦେଶରେ ଭାଷା-ଆଧାରିତ ରାଜ୍ୟ ଗଠନ ପାଇଁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଭୂମିକା ଥିଲା ମହତ୍ତ୍ୱପୂର୍ଣ୍ଣ।

ମନେରଖିବାକୁ ହେବ, ଯେ ସ୍ୱତନ୍ତ୍ର ଓଡ଼ିଶା ଗଠନ କେବଳ ଏକ ଭୌଗୋଳିକ ପରିଚୟ ପାଇବା ପାଇଁ ସଂଗ୍ରାମ ନ ଥିଲା ; ଥିଲା ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇବାର ସଂଗ୍ରାମ। ଯେତେବେଳେ ଓଡ଼ିଶାର ଏକ ସିଂହଭାଗ ବେଙ୍ଗଲ ପ୍ରୋଭିନ୍ସର ଅଂଶ ବିଶେଷ ଥିଲା, ସେତେବେଳେ ବଙ୍ଗଳାର କିଛି ବୁଦ୍ଧିଜୀବୀ କହୁଥିଲେ, 'ଓଡ଼ିଆ ଏକ୍‌ଟା ଭାଷା ନଏ' ଅର୍ଥାତ୍ ଓଡ଼ିଆ ଗୋଟିଏ ସ୍ୱତନ୍ତ୍ର ଭାଷା ନୁହେଁ, ଏହା ବଙ୍ଗଳା ଭାଷାର ଅଂଶବିଶେଷ। ତେଣୁ ଏହାର କଡ଼ା ଜବାବ ଦେଇଥିଲେ ସେ ସମୟର ଓଡ଼ିଆ ଭାଷାର ସାରସ୍ୱତ ସାଧକ ସ୍ୱଭାବକବି ଗଙ୍ଗାଧର ମେହେର, କବିବର ରାଧାନାଥ ରାୟ, ବ୍ୟାସକବି ଫକୀର ମୋହନ ସେନାପତି, ଭକ୍ତକବି ମଧୁସୂଦନ ରାଓ, କର୍ମବୀର ଗୌରୀ ଶଙ୍କର ରାୟ। ଏପରି କି ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସ ନିଜର ଲେଖନୀ ଚାଳନା କରି ଲୋକଙ୍କ ମନରେ ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରତି ଭଲପାଇବାକୁ ଉଦ୍‌ବୁଦ୍ଧ କରିଥିଲେ। ଓଡ଼ିଶାର ପ୍ରତ୍ୟେକ ନାଗରିକ ଏହିସବୁ ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନ ପାଇଁ ନତମସ୍ତକ।

ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇବା ପରେ ଏହାର ବିକାଶ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ସଂଯୋଗ ହେଉ ବା ଭାଗ୍ୟ ହେଉ, ଦେଶ ସ୍ୱାଧୀନତା ପ୍ରାପ୍ତିର ପ୍ରାୟ ସତୁରି ଦଶକ ପର୍ଯ୍ୟନ୍ତ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ବିକାଶ କାର୍ଯ୍ୟ ଆଗେଇ ପାରି ନ ଥିଲା। ଏହି ସମୟ ମଧ୍ୟରେ ପ୍ରାୟ ସବୁ ସରକାର ନିଜ ନିଜ ସାଧ ଓ ସାମର୍ଥ୍ୟ ମୁତାବକ ରାଜ୍ୟକୁ ବିକଶିତ କରିବା ପାଇଁ ପ୍ରୟାସ କରିଥିଲେ। କିନ୍ତୁ ଓଡ଼ିଶା ଏକ ବିକଶିତ ଓ ସମୃଦ୍ଧ ରାଜ୍ୟ ହେବା ପାଇଁ ସବୁ ପ୍ରକାର ଉପାଦାନ ତଥା ଖଣି, ପାଣି, ଲୋକବଳ, ସମୁଦ୍ର ତଟ ଥାଇ ସୁଦ୍ଧା ଆଖିଦୃଶିଆ ବିକାଶ ହୋଇପାରି ନ ଥିଲା। ବୋଧହୁଏ ଦୂରଦୃଷ୍ଟି ଓ ସ୍ପଷ୍ଟ ଭିଜନର ଅଭାବ ଥିଲା। ଅନେକ ସାମାଜିକ-ଅର୍ଥନୈତିକ ମାନଦଣ୍ଡ ଯେପରି କି ମାତୃ ଓ ଶିଶୁ ମୃତ୍ୟୁହାର, ଦାରିଦ୍ର୍ୟ ସୀମାରେଖା, ରୋଜଗାର, ସାକ୍ଷରତା ହାର, ଅର୍ଥନୈତିକ ଅଭିବୃଦ୍ଧିରେ ଓଡ଼ିଶା ଜାତୀୟ ସୂଚକାଙ୍କଠାରୁ ଥିଲା ଢେର ପଛରେ।

ଏହି ସ୍ଥିତିରେ ପରିବର୍ତ୍ତନ ଆଣି ଓଡ଼ିଶାକୁ ଦେଶର ଏକ ପ୍ରମୁଖ ବିକଶିତ ରାଜ୍ୟଭାବେ ଗଢ଼ି ତୋଳିବାକୁ ଓଡ଼ିଶାବାସୀ ୨୦୨୪ ସାଧାରଣ ନିର୍ବାଚନରେ ଏକ ଐତିହାସିକ ନିଷ୍ପତ୍ତି ନେଇଥିଲେ। ଚବିଶ ବର୍ଷ ପାଇଁ ନିରନ୍ତର ଶାସନ କ୍ଷମତାରେ ଥିବା ସରକାରକୁ ହଟାଇ ଏକ ନୂତନ ସରକାରକୁ ଶାସନ କ୍ଷମତାକୁ ଆଣିଥିଲେ। ଓଡ଼ିଶା ବିକାଶର ନବଜାଗରଣ ଓ ପୁନର୍ବିନ୍ୟାସର କାର୍ଯ୍ୟ ଜୁନ୍ ୧୨, ୨୦୨୪ ତାରିଖରୁ ଆରମ୍ଭ ହୋଇଥିଲା। ସଂଯୋଗର ବିଷୟ ଯେ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଭାବେ ତୃତୀୟ ଥର ପାଇଁ ଶପଥ ନେଇଥିଲେ ନରେନ୍ଦ୍ର ମୋଦୀ ଏବଂ ବାସ୍ତବରେ ଓଡ଼ିଶାରେ ମଧ୍ୟ 'ଡବଲ ଇଞ୍ଜିନ' ସରକାରଙ୍କ ପାଳି ଆରମ୍ଭ ହୋଇଥିଲା। ଲୋକଙ୍କ ଅସୁମାରି ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ଉତ୍ସର୍ଗୀକୃତ ଭାବେ ପ୍ରଥମ ଦିନରୁ ହିଁ ଲୋକଙ୍କ ସେବା କରିବା ଆରମ୍ଭ ହୋଇଥିଲା।

ପ୍ରଧାନମନ୍ତ୍ରୀଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ' ମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇ ରାଜ୍ୟର ସମସ୍ତ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ, ଯୋଜନା ପ୍ରଣୟନ କରୁଛନ୍ତି। ଅନେକ କାର୍ଯ୍ୟକ୍ରମ ମଧ୍ୟରୁ ୨୦୨୭ ସୁଦ୍ଧା ରାଜ୍ୟର ସବୁ ଗ୍ରାମକୁ ପାନୀୟ ଜଳ, ସଡ଼କ ଓ ବିଜୁଳି ସଂଯୋଗ ଯୋଗାଇ ଦେବା ଅନ୍ୟତମ। ସ୍ୱାଧୀନତାର ୭୮ ବର୍ଷ ପରେ ବି ଏହି ମୌଳିକ ସୁବିଧାରୁ ଲୋକେ ବଞ୍ଚିତ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆମ ଶାସନ ପଦ୍ଧତିରେ ମହିଳା ହେଉଛନ୍ତି ଏକ ଅବିଚ୍ଛେଦ୍ୟ ଅଙ୍ଗ। ଯଦି ରାଜ୍ୟର ଅଧା ଜନସଂଖ୍ୟାର ବିକାଶ ହୋଇପାରିବ ନାହିଁ, ତେବେ ସମୃଦ୍ଧ ଓଡ଼ିଶା ଗଠନ କରିବା ଅସମ୍ଭବ। ତେଣୁ ମହିଳାଙ୍କ ବିକାଶ ସହିତ ତାଙ୍କୁ ସଶକ୍ତ କରିବାକୁ ସରକାର ବଦ୍ଧପରିକର। ସାମାଜିକ ସଶକ୍ତୀକରଣ ସହିତ ଓଡ଼ିଶାକୁ ଦେଶର ଏକ ଶିଳ୍ପ ରାଜଧାନୀ ଭାବେ ଗଢ଼ିତୋଳିବାକୁ ପ୍ରଥମ ଦିନରୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ପ୍ରାୟ ଦୁଇବର୍ଷର ନିରବଚ୍ଛିନ୍ନ ଉଦ୍ୟମ ଫଳରେ ଆଜି ଓଡ଼ିଶାରେ ଦ୍ୱିତୀୟ ଶିଳ୍ପବିପ୍ଳବ ଦେଖାଦେଇଛି ଏବଂ ନିବେଶକଙ୍କ ପ୍ରଥମ ପସନ୍ଦ ଭାବେ ଜାତୀୟ ସ୍ତରରେ ଉଭା ହୋଇଛି।

ରାଜ୍ୟ ସରକାରଙ୍କ ଆଉ ଏକ ସ୍ତମ୍ଭ ହେଉଛି ଓଡ଼ିଆ ଅସ୍ମିତା। ୨୦୨୪ ମସିହାରେ ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ଲୋକେ ଅଭୂତପୂର୍ବ ସମର୍ଥନ ଦେଇଥିଲେ। ତେଣୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସୁରକ୍ଷା ଦେବା ସହ ଏହାର ପ୍ରଚାର ପ୍ରସାର ପାଇଁ ଆମ ସରକାର ଦୃଢ଼ ସଂକଳ୍ପ ନେଇଛନ୍ତି। ଏହାର ଉଦାହରଣ ହେଉଛି ଓଡ଼ିଶା ଦିବସରୁ ବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ 'ଓଡ଼ିଆ ପକ୍ଷ' ପାଳନ। ଗତବର୍ଷଠାରୁ ଆରମ୍ଭ ହୋଇଥିବା ଏହି ଓଡ଼ିଆ ପକ୍ଷରେ ଓଡ଼ିଆ ଭାଷା, ସଂସ୍କୃତି, ଗୀତ, ସଙ୍ଗୀତ, ଖାଦ୍ୟପେୟ, ପୋଷାକର ପ୍ରଚାର ପ୍ରସାର କରାଯାଏ। ଚଳିତବର୍ଷ ମଧ୍ୟ ମହାସମାରୋହରେ ଏହା ପାଳିତ ହେଉଛି। ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦେବା ପାଇଁ ସଚିବାଳୟଠାରୁ ବ୍ଲକ ପର୍ଯ୍ୟନ୍ତ ସରକାରୀ ସ୍ତରରେ କେବଳ ଓଡ଼ିଆ ଭାଷାକୁ ବାଧ୍ୟତାମୂଳକ ଭାବେ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି କ୍ରମରେ ଓଡ଼ିଶା ଗଠନ, ଓଡ଼ିଆ ଭାଷା ସଂସ୍କୃତିର ସୁରକ୍ଷା ତଥା ଦେଶର ସ୍ୱାଧୀନତା ଆନ୍ଦୋଳନ ପାଇଁ ତ୍ୟାଗ ସହିଥିବା ଓଡ଼ିଆ ବରପୁତ୍ର ଓ ବରପୁତ୍ରୀମାନଙ୍କ ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଗଢ଼ି ତୋଳିବା ଲାଗି 'ବରପୁତ୍ର ଐତିହ୍ୟ ଗ୍ରାମ' ଯୋଜନାର ପରିକଳ୍ପନା କରାଯାଇଛି, ଯାହା ତାଙ୍କ ପ୍ରତି ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

୨୦୩୬ ମସିହାରେ ଓଡ଼ିଶା ପାଳନ କରିବ 'ସ୍ୱତନ୍ତ୍ର ପ୍ରଦେଶ ଗଠନ'ର ଶତବାର୍ଷିକୀ। ତେଣୁ ଓଡ଼ିଶାକୁ ଆଗାମୀ ଏକ ଦଶକ ମଧ୍ୟରେ 'ସମୃଦ୍ଧ ଓଡ଼ିଶା' ଗଠନ କରିବାକୁ ପରିକଳ୍ପନା କରାଯାଇଛି। ଏହି ପରିକଳ୍ପନା ଅନୁସାରେ ଆଗାମୀ ଦଶ ବର୍ଷରେ ଓଡ଼ିଶାକୁ ୫୦୦ ବିଲିଅନ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଡବଲ ଇଞ୍ଜିନ ସରକାରଙ୍କ ଉଦ୍ୟମ ଫଳରେ ଓଡ଼ିଶାରେ ହୋଇଛି ପୂର୍ବୋଦୟ। ପୂର୍ବ ଭାରତର ସବୁଠାରୁ ସମୃଦ୍ଧ ଓ ସଶକ୍ତ ରାଜ୍ୟ ଭାବେ ଉଭା ହେବାକୁ ଯାଉଛି ଓଡ଼ିଶା। ଏହି ସମୟ ସୁଦ୍ଧା ଓଡ଼ିଶା ହେବ ଦେଶର ସବୁଠାରୁ ପାଞ୍ଚଗୋଟି ସମୃଦ୍ଧ ରାଜ୍ୟ ମଧ୍ୟରେ ଅନ୍ୟତମ। ସମସ୍ତଙ୍କ ମିଳିତ ସହଯୋଗରେ ଗଠିତ ହେବ ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ରେ ମାନନୀୟ ମୋଦୀ ଜୀଙ୍କର ପରିକଳ୍ପିତ 'ବିକଶିତ ଭାରତ'। ଓଡ଼ିଶାରେ ସମ୍ବଳର ଅଭାବ ନାହିଁ, ଓଡ଼ିଶାବାସୀଙ୍କ ମଧ୍ୟରେ ସାମର୍ଥ୍ୟ ଓ ପ୍ରତିଭା ଭରପୂର ଅଛି। ଏହି ସାମର୍ଥ୍ୟ ଓ ସମ୍ବଳକୁ ଠିକ୍ ଭାବେ ଉପଯୋଗ କରି ରାଜ୍ୟର ବିକାଶ କରିବା ପାଇଁ ବର୍ତ୍ତମାନ ଅଛି 'ଲୋକଙ୍କ ସରକାର'। ସମସ୍ତଙ୍କ ସହଯୋଗରେ ନିଶ୍ଚିତ ଭାବେ ଗଠନ ହେବ 'ସମୃଦ୍ଧ ଓଡ଼ିଶା' ଏବଂ ଯେତେବେଳେ ୨୦୪୭ରେ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ 'ବିକଶିତ ଭାରତ' ଗଠନ ହେବ, ଓଡ଼ିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।

ସମସ୍ତ ଓଡ଼ିଶାବାସୀ ଏବଂ ସମସ୍ତ ପ୍ରବାସୀ ଓଡ଼ିଆଙ୍କୁ 'ଓଡ଼ିଶା ଦିବସ'ର ଅଭିନନ୍ଦନ ଓ ଶୁଭେଚ୍ଛା।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

# ପ୍ରଜାପତି ପ୍ରଭାବ



ଇଂ. ମାୟାଧର ସ୍ୱାଇଁ

ପ୍ରଜାପତି ପ୍ରଭାବ ହେଉଛି ପଦାର୍ଥ ବିଜ୍ଞାନ ଓ ଗଣିତର ଏକ ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ। ଏହା ହେଉଛି ଏକ ଅବଧାରଣା ଯେଉଁଥିରେ ଗୋଟିଏ ଜଟିଳ ପ୍ରଣାଳୀରେ କ୍ଷୁଦ୍ର ତଥା ଗୁରୁତ୍ୱ ଜଣାପଡୁ ନ ଥିବା ଏକ କାର୍ଯ୍ୟର ପରିବର୍ତ୍ତନ ଦ୍ୱାରା ଫଳାଫଳରେ ବଡ଼ ପ୍ରଭାବ ପଡ଼ିଥାଏ। ବାସ୍ତବରେ ଏହି ଶବ୍ଦର ଉତ୍ପତ୍ତି ପାଣିପାଗ ବିଜ୍ଞାନରେ ହୋଇଥିଲା। ଯୁକ୍ତରାଷ୍ଟ୍ର ଆମେରିକାର ପାଣିପାଗ ବିଜ୍ଞାନୀ ଏଡ୍‌ୱାର୍ଡ ଲୋରେଞ୍ଜ ୧୯୬୦ ଦଶକରେ ଭବିଷ୍ୟତର ପାଣିପାଗ ନିର୍ଣ୍ଣୟ ପାଇଁ ଗୋଟିଏ ମଡେଲ ପ୍ରସ୍ତୁତ କରୁଥିଲେ। ସେ ଏଥିପାଇଁ ଅନେକ ତଥ୍ୟ ନିବେଶ ଆକାରରେ ନେଇଥିଲେ। ପାଣିପାଗ ମଡେଲ ହେଉଛି ଗୋଟିଏ ଜଟିଳ ପ୍ରକ୍ରିୟା। ସେ ଦେଖିଲେ ଯେ, ନିବେଶଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏର ମୂଲ୍ୟରେ ସାମାନ୍ୟ ପରିବର୍ତ୍ତନ କଲେ ମଧ୍ୟ ମଡେଲର ଫଳାଫଳରେ ବିରାଟ ପରିବର୍ତ୍ତନ ଦେଖାଦେଉଛି। ଉଦାହଣ ସ୍ୱରୂପ, ସେ ଗୋଟିଏ ସମୀକରଣରେ ୦.୫୦୬୧୨୭ ବଦଳରେ ୦.୫୦୬ ନେବାରୁ ମଡେଲ ଗୋଟିଏ ସମ୍ପୂର୍ଣ୍ଣ ପୃଥକ୍ ପାଣିପାଗ ଅବସ୍ଥାର ପୂର୍ବାନୁମାନ ଦେଲା। ଏଥିରୁ ସେ ଏହାର ସାର୍ବଜନୀନକରି ପ୍ରକାଶକଲେ ଯେ, କୌଣସି ଗତିଶୀଳ ପ୍ରକ୍ରିୟାରେ ପ୍ରାରମ୍ଭିକ ଅବସ୍ଥାରେ ସାମାନ୍ୟ ତ୍ରୁଟି ପରେ ଅନେକ ଗୋଳମାଳ କରିପାରେ।

୧୯୭୨ରେ ୱାଶିଂଟନଠାରେ 'ଆମେରିକାନ୍ ଆସୋସିଏସନ ଫର୍ ଦି ଆଡ୍‌ଭାନ୍ସମେଣ୍ଟ ଅଫ୍ ସାଇନ୍ସ'ର ଏକ ଅଧିବେଶନରେ ଲୋରେଞ୍ଜ ଗୋଟିଏ ପ୍ରଶ୍ନ ପଚାରିଥିଲେ, 'ବ୍ରାଜିଲରେ ଗୋଟିଏ ପ୍ରଜାପତି ନିଜର ଡେଣା ହଲାଇଲେ ଟେକ୍ସାସରେ ଟର୍ନାଡୋ ହେବ କି ?' ଏହି ପ୍ରଶ୍ନ ପଚାରି ସେ ଉତ୍ତର ଦେଇଥିଲେ ଯେ, କେତେକ ଜଟିଳ ଗତିଶୀଳ ବ୍ୟବସ୍ଥାର ପ୍ରାରମ୍ଭିକ ଅବସ୍ଥାରେ ସାମାନ୍ୟ ପରିବର୍ତ୍ତନ ଏହାର ଫଳାଫଳରେ ଅବିଶ୍ୱସନୀୟ ବିରାଟ ପରିବର୍ତ୍ତନ ଆଣିବ। ପରେ ଏହା 'ପ୍ରଜାପତି ପ୍ରଭାବ' ନାମରେ ଜଣାଗଲା।

ପ୍ରଜାପତି ପ୍ରଭାବ କେବଳ ବିଜ୍ଞାନ ଓ ଗଣିତରେ ନୁହେଁ, ଆମର ସାମାଜିକ ଓ ରାଜନୈତିକ ଜୀବନରେ ମଧ୍ୟ ଏହା ଦେଖାଦେଇଥାଏ। ଇତିହାସରେ ଏପରି ଅନେକ ଉଦାହରଣ ଅଛି, ଯେଉଁଠି ଛୋଟ ଜଣାପଡୁଥିବା ଘଟଣାଟିଏ ଜାତୀୟ ଓ ଏପରିକି ଅନ୍ତର୍ଜାତୀୟ ସ୍ତରରେ ଅନେକ ବିପର୍ଯ୍ୟୟ ଆଣିଥାଏ। ଗୋଟିଏ ସାଧାରଣ ନିର୍ବାଚନ ସମୟରେ ଏକ ଛୋଟ ଇ-ମେଲ୍‌ର ପ୍ରଘଟ ନିର୍ବାଚନର ଫଳାଫଳରେ ବିରାଟ ପରିବର୍ତ୍ତନ ଆଣିଥିବାର ଉଦାହରଣ ରହିଛି। ସରକାରଙ୍କ କିଛି ଗୋପନୀୟ ଫାଇଲ ଜଣାପଡ଼ି ଦେଶରେ ଆନ୍ଦୋଳନ ଓ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଛି।

ବର୍ତ୍ତମାନ ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ବିଶ୍ଳେଷଣକଲେ ଏହା ଭଲ ଭାବରେ ଜଣାପଡ଼େ। ଯୁଦ୍ଧର ପ୍ରଥମ ଦିନରେ ଇସ୍ରାଏଲ ଓ ଆମେରିକାର ଆକ୍ରମଣରେ ଇରାନ୍‌ର ସର୍ବୋଚ୍ଚ ନେତା ଆୟାତୋଲା ଅଲ୍ଲୀ ଖାମେନେଇଙ୍କ ମୃତ୍ୟୁ ପରେ ଏହାର ପ୍ରତିଫଳନ ସୁଦୂର ପାକିସ୍ତାନ ଓ କଶ୍ମୀରରେ ପଡ଼ିଥିଲା। ପାକିସ୍ତାନର ଅନେକ ସହରରେ ଆମେରିକା ଦୂତାବାସ ପ୍ରତି ଆକ୍ରମଣ ଏବଂ କଶ୍ମୀରରେ ଅନେକ ବ୍ୟକ୍ତିଙ୍କ ଶୋଭାଯାତ୍ରା ହେଉଛି 'ପ୍ରଜାପତି ପ୍ରଭାବ'ର ଏକ ଉଦାହରଣ। ଯୁଦ୍ଧ ଯୋଗୁ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ସମଗ୍ର ପୃଥିବୀକୁ କରାଯାଉଥିବା ପେଟ୍ରୋଲିୟମ ତୈଳ ଓ ପ୍ରାକୃତିକ ଗ୍ୟାସ ରପ୍ତାନିରେ ପ୍ରତିବନ୍ଧକ ପହଞ୍ଚିଛି ଏବଂ ପ୍ରାୟ ବନ୍ଦ ହୋଇଯାଇଛି କହିଲେ ଚଳେ। ଏହାର ପ୍ରଭାବ ସମଗ୍ର ପୃଥିବୀରେ ପଡ଼ିଛି। ଯୁଦ୍ଧ ପୂର୍ବରୁ ପେଟ୍ରୋଲିୟମ ତୈଳର ମୂଲ୍ୟ ୧ ବ୍ୟାରେଲ ପ୍ରତି ୭୦ ଡଲାର ଥିବାବେଳେ ମାର୍ଚ୍ଚ ୪ର୍ଥ ସପ୍ତାହରେ ଏହା ୧୨୦ ଡଲାରରେ ପହଞ୍ଚିଛି। ପ୍ରାୟ ପ୍ରତ୍ୟେକ ଦେଶର ଅର୍ଥନୀତିରେ ଏହାର ପ୍ରଭାବ ପଡ଼ିଛି। ଆମ ଦେଶରେ କେତେଜଣ ଲୋକ ପୁଣି କାଠଚୁଲା ଆଡ଼କୁ ଗଲେଣି। ପୂର୍ବରୁ ନିଷେଧ କରାଯାଇଥିବା କୋଇଲା ଚୁଲାକୁ ପୁଣି ଅନୁମତି ଦିଆଯାଉଛି। ଦେଶର ବିଭିନ୍ନ ଅଞ୍ଚଳରେ ସାଧାରଣ ଜନତା ଏବଂ ବିରୋଧୀ ରାଜନୀତିକ ଦଳ ଖାଲି ଗ୍ୟାସ୍ ସିଲିଣ୍ଡର ଧରି ରାଜରାସ୍ତାକୁ ଓହ୍ଲାଇଛନ୍ତି। ଆଉ କିଛିଦିନ ଯୁଦ୍ଧ ହେଲେ ଆମ ଦେଶ ସମେତ ଅନେକ ଦେଶରେ ଅଶାନ୍ତି ସୃଷ୍ଟିହେବ। ସତେ ଯେପରି ଇରାନ୍‌ରେ ପ୍ରଜାପତି ତା'ର ଡେଣା ହଲାଇ ସମଗ୍ର ପୃଥିବୀର ଅର୍ଥ ବ୍ୟବସ୍ଥାକୁ ଅସ୍ତବ୍ୟସ୍ତ କରିଦେଇଛି।

ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ପ୍ରଜାପତି ପ୍ରଭାବ ଦେଖିବା। ଛାତ୍ରଙ୍କୁ ଶିକ୍ଷକମାନଙ୍କର ଉତ୍ସାହପୂର୍ଣ୍ଣ କେତୋଟି ଶବ୍ଦ ସେମାନଙ୍କର ଭବିଷ୍ୟତରେ ବଡ଼ ପ୍ରଭାବ ପକାଇଥାଏ। ସେହିପରି +୨ ପରୀକ୍ଷା ପରେ ସେମାନଙ୍କର ପରବର୍ତ୍ତୀ ଅଧ୍ୟୟନ ଚୟନ ସେମାନଙ୍କ ଭବିଷ୍ୟତର କ୍ୟାରିୟରକୁ ନିର୍ଦ୍ଧାରଣ କରିଥାଏ। ଜଣେ ଛାତ୍ର ଯଦି ନିଜ ରୁଚି ଅନୁଯାୟୀ ଇଞ୍ଜିନିୟରିଂ ପଢ଼ିବାକୁ ଚାହୁଁଛି, କିନ୍ତୁ ପିତାମାତାଙ୍କ ବାଧ୍ୟବାଧକତାରେ ଡାକ୍ତରୀ ପଢ଼େ, ତାହା ତା'ର ଭବିଷ୍ୟତକୁ ସମ୍ପୂର୍ଣ୍ଣ ରୂପେ ଅଲଗା ରୂପରେ (ଭଲ କିମ୍ବା ଖରାପ) ଗଢ଼ିବ।

**ମୋ: ୯୪୩୮୬୯୩୭୨୪**

## ଏଇ ଭାରତରେ

ଚଳିତବର୍ଷର ଟାଣ ଖରାକୁ ଲକ୍ଷ୍ୟକରି ଗୁଜରାଟ କଚ୍ଛର ଗ୍ରେଟ ରାଣା (ଯାହା ଥର୍ ମରୁଭୂମି ସନ୍ନିକଟ ଅଞ୍ଚଳ)ରେ ଜଣେ ମହିଳା ପଥଚାରୀଙ୍କୁ ପିଇବା ପାଣି ଦେବା ଆରମ୍ଭ କରିଦେଇଛନ୍ତି। ତାଙ୍କୁ ସେହି ଅଞ୍ଚଳର ଲୋକେ ଶ୍ରଦ୍ଧାରେ ଆମ୍ମା ବୋଲି ଡାକନ୍ତି। ରାସ୍ତାକଡ଼ରେ ବଡ଼ ବଡ଼ ମାଠିଆରେ ପାଣି ଭରି ସେ ତାଙ୍କ ସାନ ପୁଅଙ୍କ ସହ ଠିଆ ହୋଇଥାନ୍ତି। ଆମ୍ମା ଯେଉଁଠି ଠିଆ ହେଉଛନ୍ତି ସେଠାରେ କୌଣସି ସ୍ଥାୟୀ ଘର ନାହିଁ। ବାଉଁଶ ବାନ୍ଧି ପଲିଥିନ ତଳେ ହିଁ ସେ ଲୋକଙ୍କୁ ପାଣି ଦେଉଛନ୍ତି। ତାଙ୍କର ପୁରସ୍କାର ପାଇବା ସକାଶେ ଲୋଭ ନାହିଁ। ଲୋକେ ପାଣି ପିଇସାରିବା ପରେ ସେମାନଙ୍କ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଦେଉଥିବା ଧନ୍ୟବାଦ ତାଙ୍କୁ ଖୁସି ଦେଉଛି ବୋଲି କହନ୍ତି ଆମ୍ମା।

## ୫୦ ବର୍ଷ ତଳର ଧରିତ୍ରୀ

**୧ ଏପ୍ରିଲ ୧୯୭୭**

- ନିଖିଳ ଭାରତ କଂଗ୍ରେସ କମିଟି ସଭ୍ୟପଦରୁ ସଞ୍ଜୟ ଗାନ୍ଧୀଙ୍କ ଇସ୍ତଫା ପ୍ରଦାନ।
- ଭାରତ ଓ ସୋଭିଏତ ରୁଷ ମଧ୍ୟରେ ଜାହାଜ ଚଳାଚଳ ସମ୍ପର୍କରେ ଏକ ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

ବାସି ଫୁଲ ସମ କେତେ
ଝଡ଼ି ପଡ଼େ ବାସନା
ଚାହିଁ ଚାହିଁ ଆଖିପତା ପୀଡ଼ଇ
ସଂଗୀତ ଆସି କେତେ
ରୋଧେ ପୁଣି କଣ୍ଠ
ସଙ୍କୋଚେ ମନପ୍ରାଣ ବ୍ରୀଡ଼ଇ।
–(ଜୀବନ-ଦୋଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku  ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 9 | 4 | |
| 6 | 7 | 8 | 4 | 2 | | | | |
| | | | | 8 | | | | |
| | | 1 | | | | | 6 | |
| 8 | 5 | 4 | | | 1 | | | |
| | | | | | 7 | 8 | | |
| | | | | 3 | | | | 2 |
| 4 | | 2 | | | | | | |
| | | 3 | 5 | 4 | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 1 | 3 | 9 | 2 | 4 | 7 | 8 |
| 4 | 7 | 2 | 8 | 6 | 1 | 9 | 3 | 5 |
| 3 | 9 | 8 | 4 | 5 | 7 | 6 | 1 | 2 |
| 7 | 1 | 9 | 5 | 4 | 6 | 8 | 2 | 3 |
| 2 | 3 | 6 | 7 | 1 | 8 | 5 | 9 | 4 |
| 8 | 4 | 5 | 2 | 3 | 9 | 1 | 6 | 7 |
| 1 | 2 | 7 | 9 | 8 | 5 | 3 | 4 | 6 |
| 9 | 8 | 4 | 6 | 7 | 3 | 2 | 5 | 1 |
| 5 | 6 | 3 | 1 | 2 | 4 | 7 | 8 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରାପ୍ୟ ଶୀଘ୍ର ମିଳୁ

ମହାଶୟ,

ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କର୍ମୀଙ୍କୁ ବକେୟା ପ୍ରାପ୍ୟ ଶୀଘ୍ର ପ୍ରଦାନ କରାଯାଉ। ପାରିବାରିକ ଗୁଜୁରାଣ ମେଣ୍ଟାଇବା ସ୍ୱାଭାବିକ ହେଉନାହିଁ। ଏଥିପ୍ରତି ସରକାର ବିଚାର କରିବା ଆବଶ୍ୟକ। ଭବିଷ୍ୟତରେ ନିୟମିତ ମାସିକ ପ୍ରାପ୍ୟ ମିଳିବାର ବ୍ୟବସ୍ଥା ହେଉ ଯେପରି ଅର୍ଥ ସଙ୍କଟ ଉପୁଜିବ ନାହିଁ। ଅଙ୍ଗନୱାଡି କର୍ମୀମାନେ ଶିଶୁମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ସର୍ବଦା ସଚେତନ ହୋଇ କାର୍ଯ୍ୟ କରନ୍ତି।

–ରମେଶଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବଜେଟରେ ଘୋଡ଼ା ଦାମ୍ କେତେ ରଖାଯାଇଛି: ଅରୁଣ

■ ୧୧ ଘୋଡ଼ାର ନାଁ ଗୃହରେ କହିଲେ ବିଧାୟକ
■ ହଡ଼ା, ବୁଢ଼ା, ପଘାଛିଡ଼ା ଘୋଡ଼ାଙ୍କୁ ଚିହ୍ନିପାରିଲେନି ବିଧାୟକ: ସିଦ୍ଧାନ୍ତ

ଭୁବନେଶ୍ୱର, ୩୧।୩ (ସୁନିତ୍ ମିଶ୍ର)

ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷର ବ୍ୟୟ ମଞ୍ଜୁର ବିଧେୟକ ଉପରେ ଆଲୋଚନା ହେବା ସମୟରେ ବିଜେଡିର ବରିଷ୍ଠ ବିଧାୟକ ଅରୁଣ କୁମାର ସାହୁଙ୍କ ଘୋଡ଼ା ଉପାଖ୍ୟାନକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିବାରେ ଲାଗିଛି। ଅରୁଣ ତାଙ୍କ ଭାଷଣ ସମୟରେ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିବା ସହ ଘୋଡ଼ାମାନଙ୍କ ଲାଗି ବଜେଟରେ କେତେ ଅର୍ଥ ବରାଦ କରାଯାଇଛି ବୋଲି ପ୍ରଶ୍ନ କରିଥିଲେ। ସେ କହିଥିଲେ, ଏହି ବଜେଟରେ ଗୋଟେ କଥା ଲୁକ୍କାୟିତ ରଖାଯାଇଛି ଘୋଡ଼ାର ଦାମ୍ କେତେ। ଏହା ସହ ସେ ୧୧ ପ୍ରକାର ଘୋଡ଼ାର ନାଁ ମଧ କହିଥିଲେ। ତାଙ୍କ ଭାଷାରେ ରାଜ୍ୟରେ ରହିଥିବା ବିଭିନ୍ନ ପ୍ରକାର ଘୋଡ଼ା ଯେପରି ଆରବ ଘୋଡ଼ା, ତଟୁ ଘୋଡ଼ା, ଚଲାକିଆ ଘୋଡ଼ା, ଗେଡ଼ା ଘୋଡ଼ା, ଗେଧ ଘୋଡ଼ା, ପ୍ରଭୁଭକ୍ତ ବେଇମାନ ଘୋଡ଼ା, ନାଲୁଆ ଘୋଡ଼ା, ବେଙ୍ଗେଇ ଘୋଡ଼ା, ସୁକୁମାରିଆ ଘୋଡ଼ା ଏବଂ ଅଲିମ୍ପିକ୍ ଘୋଡ଼ା ଅଛନ୍ତି। ଏମାନଙ୍କ ଦାମ୍ କେତେ ଲେଖା ରହିଛି ସେକଥା ସ୍ପଷ୍ଟହେବା ଦରକାର।


ଅରୁଣ କୁମାର ସାହୁ


ସିଦ୍ଧାନ୍ତ ମହାପାତ୍ର

ଅରୁଣ ଆହୁରି କହିଛନ୍ତି, ଗଣତନ୍ତ୍ର ବର୍ତ୍ତମାନ ଜଣତନ୍ତ୍ରରେ ପରିଣତ ହୋଇଛି। ଏବେ ଡରେଇ ଶାସନ କରିବାର ଚେଷ୍ଟା ଆରମ୍ଭ କରାଯାଉଛି। ଗଣତନ୍ତ୍ରର ବିଲକ୍ଷଣ ହେଉଛି ବର୍ତ୍ତମାନ ସରକାରୀ ଦଳ ବିରୋଧୀ ଦଳକୁ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି। ଆମେ ଏବେ ଆମେରିକା ପାଖରେ ଆଣ୍ଠେଇଛେ ଏହା ହେଉଛି ଆମର ସ୍ୱାଧୀନତା। ଆମେରିକା କହିବ ତେଲ ଏବେ ତୁମେ ରୁଷିଆରୁ କିଣିପାରିବ ନାହିଁ, ତୁମେ କହିବ ହଁ ସାର୍ ସେମିତି ହେବ। ସିଏ କହିବ ମାସେ ପାଇଁ ରୁଷିଆରୁ ତେଲ କିଣ, ତୁମେ କହିବ ହଁ ସାର୍। ସେଇ ଅବସ୍ଥା ଦେଇ ଭାରତ ଯାଉଛି। ଆମେ ଯୁଦ୍ଧରେ ଭାଗନେବା ନାହିଁ ଠିକ୍ ଅଛି, କିନ୍ତୁ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ପଦୁଟିଏ କହିପାରିବା ନାହିଁ। ଶାନ୍ତି ପ୍ରତିଷ୍ଠାର ବାର୍ତ୍ତା ଦେବାକୁ କ'ଣ ବିଶ୍ୱଗୁରୁଙ୍କ ପାଖରେ ଶକ୍ତି ନାହିଁ। ଦେଶର ୧୦ କୋଟି ଲୋକଙ୍କ ନାଁ ଏସ୍ଆଇଆର୍ ଜରିଆରେ କଟାଯିବ। ମାତ୍ରେ ସେମାନେ ଭାରତରେ ଜମି କିଣିବେ, ପାଠ ପଢ଼ିବେ, ସ୍ୱାସ୍ଥ୍ୟକ୍ଷେତ୍ରର ସୁବିଧା ପାଇବେ, ସବୁ ଲାଭ ନେଇ ଭୋଟ ଭାରତରେ ଦେବେ ନାହିଁ। ସେ ଭାରତୀୟ ନା ଭାରତୀୟ ନୁହେଁ ତା'ର ଉତ୍ତର ଦେଲେ ଜଣାପଡ଼ିବ ମୁଖ୍ୟମନ୍ତ୍ରୀ ସବଳ ନା ଦୁର୍ବଳ। ଶାସକ ଦଳ ଆଣ୍ଠେଇ ପଡ଼ିଛନ୍ତି ପ୍ରମାଣ କରିବାକୁ ସେମାନେ ଦୁର୍ବଳ ନୁହନ୍ତି। ବିନା ବିରୋଧୀ ଦଳରେ ଖର୍ଚ୍ଚଦାବି ଆଲୋଚନା କରାଗଲା, ସେତେବେଳେ କେବଳ ବିରୋଧୀଙ୍କୁ ସମାଲୋଚନା କରିବାରେ ସବୁ ସମୟ ଯାଇଛି। ୨ ବର୍ଷରେ ୩ଟି ବଜେଟ ରାଜ୍ୟ ସରକାର ଆଣି ସାରିଲେଣି। ମାତ୍ର କୋଉ ବଜେଟ ୫୦ ପ୍ରତିଶତରୁ ଅଧିକ କରାଯାଇପାରି ନାହିଁ। କେତେ ଟଙ୍କା ଖର୍ଚ୍ଚକରି ୟୁଟିଲାଇଜେଶନ ସାର୍ଟିଫିକେଟ ଆଣିଛ ତା'ର ଉତ୍ତର ରଖ। ଏହି ୩ଟି ବଜେଟ ଭିତରେ ୫୦ ହଜାର କୋଟି ଟଙ୍କାର ଋଣ ସରକାର କରିସାରିଲେଣି। ୨୦୨୯ ସୁଦ୍ଧା ତେବେ ୩ ଲକ୍ଷ କୋଟି ଟଙ୍କାର ଋଣ କରିସାରିଥିବେ। ୨୦୩୬ରେ ଓଡ଼ିଶାର ଅର୍ଥନୀତି ୫୦୦ ବିଲିୟନ ଡଲାରରେ ପହଞ୍ଚାଇବା କଥା କହୁଛନ୍ତି। ହେଲେ ସେତିକି ଦିନରେ ଏହିଭଳି ଯଦି ଯିବେ ତା'ହେଲେ ୫ ଲକ୍ଷ କୋଟି ଟଙ୍କା ଋଣ କରିସାରିଥିବେ। ଓଡ଼ିଶାରୁ ୨୦ ଜଣ ଏମ୍ପି ଭାଜପାରୁ ଜିତିକି ଯାଇଛନ୍ତି ସେଠାରେ ମୁହଁ ତୁଣ୍ଡି ବାନ୍ଧି ବସିଛନ୍ତି ବୋଲି ଅରୁଣ କହିଛନ୍ତି।

ନିଜ ଭାଷଣ ରଖିବା ବେଳେ ଅରୁଣଙ୍କ ମନ୍ତବ୍ୟକୁ ନେଇ ଭାଜପା ସଦସ୍ୟ ସିଦ୍ଧାନ୍ତ ମହାପାତ୍ର କହିଛନ୍ତି, ବିରୋଧୀ ବିଧାୟକ ଆହୁରି ଅନେକ ଘୋଡ଼ାର ନାଁ ଛାଡ଼ିଗଲେ। ହଡ଼ା ଘୋଡ଼ା, ବୁଢ଼ା ଘୋଡ଼ା, ପଘାଛିଡ଼ା ଘୋଡ଼ାଙ୍କ ବିଷୟରେ କୁହାଗଲାନାହିଁ। ସେମାନଙ୍କୁ ବିଧାୟକ ଚିହ୍ନିପାରିଲେ ନାହିଁ। ସେଥିଲାଗି ରାତିରେ ଘୋଡ଼ାଙ୍କୁ ଲୁଙ୍ଗି ପିନ୍ଧାଇ ଜଗିକି ବସିଲେ ହେଲେ ସେମାନେ ପଘା ଛିଡ଼ାଇଦେଇ ଚାଲିଗଲେ ବୋଲି ସିଦ୍ଧାନ୍ତ କହିଛନ୍ତି।

# ଭାସ୍କରଙ୍କ ୨ ଅତିରିକ୍ତ ଦାୟିତ୍ୱ ଗୋପାଳନ୍‌ଙ୍କୁ ନ୍ୟସ୍ତ

## ଆଇଏଏସ୍ ଅଧିକାରୀସ୍ତରରେ ଅଦଳବଦଳ

ଭୁବନେଶ୍ୱର,୩୧।୩ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀସ୍ତରରେ ଛୋଟଧରଣର ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମାଙ୍କଠାରୁ ଉକ୍ତ ବିଭାଗ ଅପସାରଣ କରାଯାଇଛି। ଶର୍ମାଙ୍କ ନିକଟରେ ପୂର୍ବରୁ ଥିବା ଅତିରିକ୍ତ ଦାୟିତ୍ୱ ଜଙ୍ଗଲ ଓ ପରିବେଶ ବିଭାଗ ପ୍ରମୁଖ ସଚିବ ସହିତ ରାଜ୍ୟ ମଦ ନିଗମ ଅଧ୍ୟକ୍ଷ ଏବଂ ଓପିଟିସିଏଲ୍ ସିଏମ୍ଡି ମଧ୍ୟରୁ ଜଙ୍ଗଲ ଓ ପରିବେଶ ବିଭାଗ ପ୍ରମୁଖ ଶାସନ ସଚିବ ଭାବେ ମୂଳ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହାସହିତ ଓପିଟିସିଏଲ୍ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ(ସିଏମ୍ଡି) ଅତିରିକ୍ତ ଦାୟିତ୍ୱ ରହିଛି। ଅନ୍ୟପକ୍ଷରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର୍ ସନ୍ତ ଗୋପାଳନ୍‌ଙ୍କୁ ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ଓ ମଦ ନିଗମ ଅଧ୍ୟକ୍ଷ ଭାବେ ୨ଟି ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ପର୍ଯ୍ୟଟନ ବିଭାଗ ସଚିବ ବଲ୍‌ୱନ୍ତ ସିଂଙ୍କୁ ଓଡ଼ିଶା ଷ୍ଟେଟ୍ ହାଇୱେ ଅଥରିଟି ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।







# ହାଇକୋର୍ଟ ଆଗରେ ଗାଡ଼ି ଜାଳିଦେଲେ

## ମହିଳା ଅଟକ: ସ୍କର୍ପିଓ, ୨ ବାଇକ୍ ପୋଡ଼ିଗଲା

**କଟକ,୩୧।୩(କାର୍ତ୍ତିକ ସାହୁ)**


ହାଇକୋର୍ଟ ଆଗରେ ଥିବା ଗାଡ଼ିରେ ମହିଳା ଜଣକ ନିଆଁ ଲଗାଉଛନ୍ତି।

ହାଇକୋର୍ଟ ଆଗରେ ଜଣେ ମହିଳା ଗାଡ଼ିରେ ନିଆଁ ଲଗାଇ ଦେବା ଫଳରେ ସେଠାରେ ଥିବା ଏକ ସ୍କର୍ପିଓ ଓ ୨ଟି ବାଇକ୍ ଜଳିଯାଇଛି। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ହାଇକୋର୍ଟ ଲାଲବାଗ ପାର୍ଶ୍ୱ ଫାଟକ ନିକଟରେ ଏହି ଅଘଟଣ ଘଟିଛି। ସମୟ ପ୍ରାୟ ପୂର୍ବାହ୍ନ ୧୧ଟା ହେବ। ଜନଗହଳିପୂର୍ଣ୍ଣ ହାଇକୋର୍ଟ ଅଞ୍ଚଳରେ ସର୍ବସମ୍ମୁଖରେ ହୁତୁହୁତୁ ହୋଇ ଜଳିଥିଲା ଗାଡ଼ିଗୁଡ଼ିକ। ଦମକଳ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ମାତ୍ର ସେତେବେଳକୁ ସବୁ ଗାଡ଼ି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ତେବେ ଏହି ଘଟଣାରେ ଲାଲବାଗ ଥାନା ପୋଲିସ ଜଣେ ମହିଳା ଅଗ୍ନିକାଣ୍ଡର ସୂତ୍ରଧର ବୋଲି ଜାଣିବା ପରେ ତାଙ୍କୁ ଥାନାକୁ ନେଇଆସିଛି। ମହିଳା ଜଣକ ଜଗତ୍‌ସିଂହପୁର ଜିଲା ବିରିଡ଼ି ଅଞ୍ଚଳର ମିନତି ସାହୁ। ପ୍ରାଥମିକ ତଦନ୍ତରୁ ସେ ଜଣେ ମାନସିକ ବିକାରଗ୍ରସ୍ତ ମହିଳା ବୋଲି ଜଣାପଡ଼ିଛି। ସେ ଲାଲବାଗ ଥାନା ଅଞ୍ଚଳରେ ରହୁଥିବା ପୋଲିସ ସ୍ପଷ୍ଟ କରିଛି। ତେବେ ମହିଳାଙ୍କ ସହିତ ସମ୍ପୃକ୍ତ ଥିବା ଜଣେ ଶିଶୁକୁ ପୋଲିସ ଶିଶୁ କଲ୍ୟାଣ ବିଭାଗକୁ ହସ୍ତାନ୍ତର କରିବ ବୋଲି ସୂଚନା ରହିଛି।

ସୂଚନାନୁସାରେ, ସବୁଦିନ ପରି ହାଇକୋର୍ଟ କାର୍ଯ୍ୟାରମ୍ଭ କରିବା ମାତ୍ରେ ଚଳଚଞ୍ଚଳ ହୋଇଥିଲା ପାର୍ଶ୍ୱବର୍ତ୍ତୀ ଅଞ୍ଚଳ। ଆସିଥିବା ଲୋକମାନେ ରାସ୍ତା ପାର୍ଶ୍ୱରେ ଗାଡ଼ି ପାର୍କିଂ କରିଥିଲେ। ପୋଲିସ ତଦନ୍ତ ବେଳେ ହାତରେ ପଡ଼ିଥିବା ଭିଡିଓ ଫୁଟେଜରୁ ଜଣାପଡ଼ିଛି ଯେ ମହିଳା ଜଣକ ନିଆଁ ଲଗାଉଛନ୍ତି। ତାଙ୍କ ସହିତ ଏକ ନାବାଳକ ପୁଅ ମଧ୍ୟ ରହିଛି। ପେଟ୍ରୋଲ କିଣି ୫ ବର୍ଷର ନାବାଳକ ପୁଅକୁ ଧରି ସେ ଆସିଥିବା ଜଣାପଡିଛି। ପେଟ୍ରୋଲ କିମ୍ବା ପରେ ସାଥିରେ ଆଣିଥିବା କପଡ଼ାରେ ନିଆଁ ଲଗାଇ ହାଇକୋର୍ଟ ପାଚେରି ଭିତର ପଟକୁ ପକାଇବା ଦୃଶ୍ୟ ଭିଡିଓରେ ରହିଛି। ନିଆଁ ପାଚେରିରେ ବାଜି ଗାଡ଼ି ତଳେ ପଡ଼ି ଯାଇଥିଲା। ପରେ ପାର୍କିଂ କରିଥିବା ଗାଡ଼ିରେ ନିଆଁ ଲାଗିଯାଇଥିଲା। ପୋଲିସ ଏ ସମ୍ପର୍କରେ ମହିଳାଙ୍କୁ ଅଧିକ ପଚରାଉଚରା କରୁଛି। ଅପରପକ୍ଷରେ କାହିଁକି ନିଆଁ ଲଗାଇଲେ ଠିକ ଭାବେ ନ କହିଲେ ମଧ୍ୟ ଭିଡିଓରେ ଅନେକ ସତ ରହିଛି। ହାଇକୋର୍ଟ ଗେଟ ନିକଟରେ ନିଆଁ ଲାଗି ନ ଥିଲା, ବରଂ ଲଗାଯାଇଥିଲା। ମହିଳା ଜଣକ ପ୍ରଧାନମନ୍ତ୍ରୀଙ୍କୁ ଭେଟି ନ ପାରିବା ରାଗରେ ଏହି କାଣ୍ଡ କରିଥିବା ଚର୍ଚ୍ଚା ହେଉଛି।

# ‘ଜଙ୍ଗଲ ନିଆଁ ରୋକିବ ଏଆଇ’

**ଭୁବନେଶ୍ୱର,୩୧।୩(ବନ୍ଦନା ସେଠୀ)**

ପ୍ରତିବର୍ଷ ଖରାଦିନ ହେଲେ ଜଙ୍ଗଲ ନିଆଁ ବନ ବିଭାଗର ମୁଣ୍ଡବିନ୍ଧା ପାଲଟୁଛି। ତେଣୁ ଜଙ୍ଗଲ ନିଆଁକୁ ଲିଭାଇବା ପାଇଁ ସରକାର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇର ବ୍ୟବହାର କରୁଛନ୍ତି। ରାଜ୍ୟର ସମ୍ବେଦନଶୀଳ ଜଙ୍ଗଲ ଅଞ୍ଚଳଗୁଡ଼ିକରେ ନିଆଁର ପୂର୍ବାନୁମାନ, ନିରୀକ୍ଷଣ ଓ ପ୍ରତିରୋଧ ପାଇଁ ସରକାର ଏଆଇ ଆଧାରିତ ପ୍ରଯୁକ୍ତିବିଦ୍ୟା ଆପଣାଇଛନ୍ତି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମଙ୍ଗଳବାର ବିଧାନସଭାରେ ପ୍ରକାଶ କରିଛନ୍ତି। ଏଆଇ ଆଧାରିତ ସଫ୍ଟୱେର ବି-ସ୍ପେକ୍ଟ୍ରାଲ ୩୬୦ ଡିଗ୍ରୀ ପିଟିଜେଡ୍ କ୍ୟାମେରା, ଏଆଇ-ବେସ୍‌ଡ ଡାଟା ପ୍ରୋସେସିଂ ଆଣ୍ଡ ଆନାଲିସିସ୍ ୟୁନିଟ୍, ମେସ୍ ନେଟ୍‌ୱର୍କ, ଏଆଇ-ଆଧାରିତ ବିଶ୍ଳେଷଣ ୟୁନିଟ୍ ଏବଂ ମଲ୍ଟି-ଲେଭଲ ଆଲର୍ଟ ବ୍ୟବସ୍ଥା ମାଧ୍ୟମରେ ମେସେଜ୍, ହ୍ୱାଟ୍‌ସଆପ୍, ଇମେଲ୍ ଏବଂ ଡାସ୍‌ବୋର୍ଡ ମାଧ୍ୟମରେ ସମ୍ପୃକ୍ତ କ୍ଷେତ୍ର ଅଧିକାରୀଙ୍କୁ ସତର୍କ କରାଯାଉଛି। ବର୍ତ୍ତମାନ ମୟୂରଭଞ୍ଜ ଜିଲାର ଶିମିଳିପାଳ ଉତ୍ତର ଓ ଦକ୍ଷିଣ ବନ୍ୟପ୍ରାଣୀ ବନଖଣ୍ଡ, ବରଗଡ଼ ଜିଲାର ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ, ଅନୁଗୋଳ ଜିଲାର ଅନୁଗୋଳ ବନଖଣ୍ଡ, ସୁନ୍ଦରଗଡ଼ ଜିଲାର ରାଉରକେଲା ଏବଂ ବଣାଇ ବନଖଣ୍ଡରେ ଏହି ଏଆଇ ଆଧାରିତ ଅତ୍ୟାଧୁନିକ ମନିଟରିଂ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ମୋଟ୍ ୧୦.୭୫୯୮ କୋଟି ଟଙ୍କା ଅର୍ଥ ବ୍ୟୟ ହୋଇଛି। ଛତିଶଗଡ଼ ଏବଂ ଭୁବନେଶ୍ୱରର ଦୁଇଟି ଏଜେନ୍ସି ଦ୍ୱାରା ଏହା କାର୍ଯ୍ୟାନ୍ୱୟନ କରାଯାଉଛି। ଏହି ପ୍ରଣାଳୀ ଦ୍ୱାରା ଜଙ୍ଗଲ ନିଆଁର ଶୀଘ୍ର ଚିହ୍ନଟ, ଦ୍ରୁତ ପ୍ରତିକ୍ରିୟା ଏବଂ ବନ୍ୟପ୍ରାଣୀ ସୁରକ୍ଷାରେ ଲକ୍ଷଣୀୟ ସୁଧାର ହୋଇଥିବା ମନ୍ତ୍ରୀ ଗୃହରେ ତଥ୍ୟ ରଖିଛନ୍ତି।

# ନନ୍ଦନକାନନରେ ରେକର୍ଡ ସଂଖ୍ୟକ ପର୍ଯ୍ୟଟକ

**ବାରଙ୍ଗ,୩୧।୩(ଲିଙ୍ଗରାଜ ରାଉତ)**

**୨୦୨୫-୨୬ ଆର୍ଥିକ ବର୍ଷ**

ପ୍ରାଣୀଉଦ୍ୟାନ ନନ୍ଦନକାନନକୁ ୨୦୨୫-୨୬ ଆର୍ଥିକ ବର୍ଷରେ ରେକର୍ଡ ସଂଖ୍ୟକ ପର୍ଯ୍ୟଟକ ଆସିଥିବା ସହ ଅଧିକ ପରିମାଣର ରାଜସ୍ୱ ଆଦାୟ ହୋଇପାରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ନନ୍ଦନକାନନକୁ ରେକର୍ଡ ସଂଖ୍ୟକ ୩୯,୭୬,୬୧୫ ଜଣ ପର୍ଯ୍ୟଟକ ଆସିଥିବାବେଳେ ସମୁଦାୟ ୨୬.୩୧ କୋଟି ଟଙ୍କାର ରାଜସ୍ୱ ଆଦାୟ କରାଯାଇପାରିଛି, ଯାହାକି ଏକ ଇତିହାସ ସୃଷ୍ଟି କରିଛି। ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ୩୭,୯୬,୩୪୧ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ୧,୮୦,୨୭୪ ଜଣ ପର୍ଯ୍ୟଟକ ପରିଭ୍ରମଣରେ ଆସିଥିଲେ। ଏହି ଆର୍ଥିକ ବର୍ଷରେ ଆସିଥିବା ପର୍ଯ୍ୟଟକଙ୍କ ମଧ୍ୟରେ ୩୩,୪୮,୯୩୩ ବୟସ୍କ, ୬,୨୬,୬୪୬ ପିଲା ଏବଂ ୧୦୩୬ ବିଦେଶୀ ନାଗରିକ ଥିଲେ। ସମୁଦାୟ ଆୟ ମଧ୍ୟରେ ପରିଦର୍ଶକଙ୍କ ପ୍ରବେଶ ଶୁଳ୍କ, ପାର୍କିଂ, କ୍ୟାମେରା ଶୁଳ୍କ ଇତ୍ୟାଦିରୁ ୧୬.୨୭ କୋଟି ଟଙ୍କା, ଆଉଟସୋର୍ସିଂ ସୁବିଧାରୁ ୯.୮୧ କୋଟି ଟଙ୍କା, ପ୍ରାଣୀ ଗ୍ରହଣ କାର୍ଯ୍ୟକ୍ରମରୁ ୦.୨୩ କୋଟି ଟଙ୍କା ଆୟ କରାଯାଇପାରିଛି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଅଭୟ କୁମାର ଦଳାଇ ସୂଚନା ଦେଇଛନ୍ତି।


୨୦୨୬ ଟ୍ରାନ୍ସଜେଣ୍ଡର ସଂଶୋଧନ ଆଇନକୁ ବିରୋଧ କରି ମଙ୍ଗଳବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକଠାରେ କିନ୍ନରମାନଙ୍କ ସମାବେଶ।

# ଏପ୍ରିଲ ୪କୁ ଘୁଞ୍ଚିଲା ଖଡ଼ିଛୁଆଁ, ପ୍ରବେଶ ଉତ୍ସବ

**ଭୁବନେଶ୍ୱର,୩୧।୩(ସୁଚିସ୍ମିତା ସାହୁ)**

ଶିଶୁବାଟିକା ପିଲାଙ୍କ ପାଇଁ ଏପ୍ରିଲ୨ରେ ହେବାକୁ ଥିବା ଖଡ଼ିଛୁଆଁ ଉତ୍ସବକୁ ୪ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ପ୍ରଶାସନିକ କାର୍ଯ୍ୟକ୍ରମ ରହିଥିବାରୁ ସମସ୍ତ ସ୍କୁଲ, ବ୍ଲକ, ଜିଲା ଏବଂ ରାଜ୍ୟସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ଏବଂ ଶିକ୍ଷା ସଚେତନତା ରଥ କାର୍ଯ୍ୟକ୍ରମକୁ ୪ ତାରିଖକୁ ଘୁଞ୍ଚାଯାଇଛି ବୋଲି ମଙ୍ଗଳବାର ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାଶ ସମସ୍ତ ଡିଇଓ କମ୍ ଡିପିସିଏସ ଏବଂ ସମଗ୍ର ଶିକ୍ଷାକୁ ଚିଠି ମାଧ୍ୟମରେ ଜଣାଇଛନ୍ତି।

ସେହିପରି ଏପ୍ରିଲ ୬, ୭ ଓ ୮ରେ ବିଦ୍ୟାଳୟସ୍ତରରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହେବ। ଶିକ୍ଷା ସଚେତନତା ରଥ ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ବୁଲିବ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଶିଶୁବାଟିକାରେ ନାମ ଲେଖାଇବାକୁ ଥିବା ଶିଶୁଙ୍କ ପରିବାରକୁ ନିମନ୍ତ୍ରଣପତ୍ର ବଣ୍ଟନ କରାଯାଇଛି। ଆସ ସ୍କୁଲଯିବା ୨.୦ ଅଭିଯାନ ଅନୁଯାୟୀ ଡ୍ରପ୍‌ଆଉଟ୍ ବା ସ୍କୁଲ ଯାଉ ନ ଥିବା ଶିଶୁଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାକୁ ପଦକ୍ଷେପ ନିଆଯାଉଛି। ଏହି ଉତ୍ସବରେ ନିର୍ବାଚିତ ପ୍ରତିନିଧିଙ୍କ ସମେତ ଅଭିଭାବକ, ଅଧିକାରୀ ଏବଂ ସାମାଜିକ କର୍ମକର୍ତ୍ତାମାନେ ଯୋଗଦେଇ ପ୍ରୋତ୍ସାହିତ କରିବେ ବୋଲି ଓସେପା ପକ୍ଷରୁ ସୂଚନା ଦିଆଯାଇଛି।

# ଭାର୍ଗବୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

**ବାଲକାଟୀ,୩୧।୩ (ମନୋଜ ମଣ୍ଡଳ)**

ଭାର୍ଗବୀ ନଦୀରେ ମଙ୍ଗଳବାର ଗାଧୋଉଥିବାବେଳେ ବୁଡ଼ିଯାଇ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅଧୀନ ମନ୍ତ୍ରୀପଡ଼ା ଅଞ୍ଚଳର ଶେଖ ଇର୍ସାଦ ଅଲ୍ଲୀ। ସେ ଭୁବନେଶ୍ୱର ବିଜେବି କଲେଜରେ ପଢୁଥିଲେ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି। ପ୍ରତ୍ୟେକ ବର୍ଷ ଏହି ସ୍ଥାନରେ ଗାଧୋଇବାକୁ ଆସି ଅନେକ ଲୋକଙ୍କ ଜୀବନ ଯାଉଥିଲେ ବି ପ୍ରଶାସନ ଅଣଦେଖା କରିବା ଏବଂ ଜନସାଧାରଣ ସଚେତନ ନ ହେବା ଚିନ୍ତାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ ୫ଜଣ ଛାତ୍ର ଓ ଜଣେ ଛାତ୍ରୀ ବାଇକ ଯୋଗେ ବାଲକାଟୀସ୍ଥିତ ସାଇଫନ ମୁହଁ ଭାର୍ଗବୀ ନଦୀକୁ ଗାଧୋଇବାକୁ ଆସିଥିଲେ। ସେମାନେ ଗାଧୋଇବା ସହ ରିଲ୍‌ସ ଓ ଫଟୋ ଉଠାଇ ମଜା କରୁଥିଲେ। ଏହି ସମୟରେ ସେମାନଙ୍କ ମଧ୍ୟରୁ ଜଣେ ଛାତ୍ର ଗଭୀର ଜଳରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ଏ ସମ୍ପର୍କରେ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ କର୍ମଚାରୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ନଦୀରେ ପ୍ରାୟ ଦୁଇ ଘଣ୍ଟା ଖୋଜାଖୋଜି କରିବା ପରେ ଶେଖ ଇର୍ସାଦଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲକାଟୀ ଓ କୌଶଲ୍ୟାଗଙ୍ଗ ଫାଣ୍ଡି ଏରିଆରେ ଘଟଣାଟି ଘଟିଥିବାରୁ ଅପମୃତ୍ୟୁ ମାମଲା ରୁଜୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା। ଫଳରେ ଖବର ଲେଖାହେବା ପର୍ଯ୍ୟନ୍ତ କେସ୍ ରୁଜୁ ହୋଇ ନ ଥିଲା। ବାଲକାଟୀ ରାଜସ୍ୱ କାର୍ଯ୍ୟାଳୟ ଠାରୁ କିଛି ଦୂରରେ ଭାର୍ଗବୀ ନଦୀ ପ୍ରବାହିତ ହେଉଛି। ଦୈନିକ ଏହି ନଦୀରୁ ବାଲି ଚୋରା ଚାଲାଣ କରାଯାଉଛି। ଫଳରେ ନଦୀ ଶଯ୍ୟାରେ ଗର୍ତ୍ତ ସୃଷ୍ଟି ହେଉଛି ଏବଂ ନଦୀରେ ବୁଡ଼ି ଲୋକଙ୍କ ଜୀବନ ଯାଉଛି ବୋଲି ଅଞ୍ଚଳବାସୀ ମତବ୍ୟକ୍ତ କରିଛନ୍ତି।

# ନନ୍ଦନକାନନ ଖୋଲିବା, ବନ୍ଦ ସମୟ ବଦଳିଲା

**ବାରଙ୍ଗ,୩୧।୩(ଲିଙ୍ଗରାଜ ରାଉତ)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନ ଏବଂ ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ପ୍ରବେଶ ସମୟରେ ପରିବର୍ତ୍ତନ କରାଯାଇଛି। ପ୍ରତିବର୍ଷ ଭଳି ଗ୍ରୀଷ୍ମଋତୁ ସହିତ ଦିନ ବଡ଼ ଯୋଗୁ ଏପ୍ରିଲ ୧ରୁ ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ସକାଳ ୭ଟା ୩୦ରେ ଖୋଲାଯାଇ ଅପରାହ୍ନ ୫ଟା ୩୦ଟାରେ ବନ୍ଦ ହେବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ଶୀତକାଳୀନ ଭ୍ରମଣ ପାଇଁ ଦିନ ଛୋଟ ଥିବାରୁ ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ନନ୍ଦନକାନନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ ଖୋଲା ରହୁଥିଲା। ଏବେ ନିର୍ଦ୍ଧାରିତ ସମୟ ଅନୁସାରେ ଟିକେଟ ବୁକିଂ କରିବାର ଶେଷ ସମୟ ଅପରାହ୍ନ ୫ଟା ଯାଏ ଖୋଲା ରହିବ। ପୂର୍ବଭଳି ପ୍ରତି ସୋମବାର ନନ୍ଦନକାନନ ଏବଂ ରାଜ୍ୟ ଉଦ୍ଭିଦ ଉଦ୍ୟାନ ପର୍ଯ୍ୟଟକଙ୍କ ନିମନ୍ତେ ବନ୍ଦ ରହିବ।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ବହିଷ୍କାର ଦାବିରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର

**ଭୁବନେଶ୍ୱର,୩୧।୩(ବନ୍ଦନା ସେଠୀ)**


ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ମିଳିତ ବିରୋଧୀ ଦଳ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ମିଳିତ ବିରୋଧୀ ଦଳର ୪୯ଜଣିଆ ପ୍ରତିନିଧିମଣ୍ଡଳୀ ମଙ୍ଗଳବାର ଲୋକଭବନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। କଟକ ଏସ୍‌ସିବି ମେଡିକାଲରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ଓ ମୃତ୍ୟୁ ଘଟଣା ପାଇଁ ଦାୟୀ ସମସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଅଗ୍ନିକାଣ୍ଡ ଘଟଣାରେ ୧୩ ରୋଗୀଙ୍କ ମୃତ୍ୟୁ ଏକ ବ୍ୟବସ୍ଥାକୃତ ହତ୍ୟା। ଏଥିପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ତୁରନ୍ତ ମନ୍ତ୍ରୀମଣ୍ଡଳରୁ ବରଖାସ୍ତ କରିବା ପାଇଁ ମିଳିତ ବିରୋଧୀ ଦଳ ଦାବି କରିଛନ୍ତି। ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ସମସ୍ତ ଦାୟୀ ଅଧିକାରୀଙ୍କୁ ଗିରଫ କରାଯାଉ, ଉଚ୍ଚ ନ୍ୟାୟାଳୟ ବିଚାରପତିଙ୍କ ନେତୃତ୍ୱରେ ନ୍ୟାୟିକ ତଦନ୍ତ କରି ତୁରନ୍ତ ରିପୋର୍ଟ ଦେବା, ପ୍ରତ୍ୟେକ ମୃତକଙ୍କ ପରିବାରକୁ ୧କୋଟି ଟଙ୍କା ଆର୍ଥିକ ସହାୟତା ଓ ପରିବାରର ଜଣେ ସଦସ୍ୟଙ୍କୁ ଚାକିରି ଦିଆଯିବା, ଆହତମାନଙ୍କୁ ଉନ୍ନତ ଓ ମାଗଣା ଚିକିତ୍ସା ପ୍ରଦାନ କରିବା, ସମସ୍ତ ସରକାରୀ ହସ୍ପିଟାଲରେ ତୁରନ୍ତ ଫାୟାର ସେଫ୍ଟି ଅଡିଟ କରିବାକୁ ଦାବି କରାଯାଇଛି। ପ୍ରତିନିଧି ଦଳରେ ବିଜେଡିର ବରିଷ୍ଠ ରାଜ୍ୟ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ଟୁକୁନି ସାହୁ, ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ, ପ୍ରସାଦ ହରିଚନ୍ଦନ, ଶ୍ରୀକାନ୍ତ ଜେନା, ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ସିପିଆଇ ନେତା ଏନ୍. ନାରାୟଣ ରେଡ୍ଡୀ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ(ଏମ୍ଏଲ୍) ଲିବରେଶନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ସମତା କ୍ରାନ୍ତି ଦଳ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାସ କୁମାର ସାମନ୍ତରା, ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ସମାଜବାଦୀ ପାର୍ଟି ରାଜ୍ୟ ନେତା ପ୍ରଦୀପ କୁମାର ମିଶ୍ର ଏବଂ ଆର୍‌ଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାରଙ୍କ ସମେତ ବିଭିନ୍ନ ଦଳର ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବଳରାମ


@ ଲକ୍ଷ୍ମୀ


@ ପ୍ରଭାସ


@ ରୋହିତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନରସିଂହପୁର ପୂର୍ବ ବନାଞ୍ଚଳରେ ପୁଣି ଦନ୍ତାହାତୀ ମୃତ

**ବଡ଼ମ୍ବା, ୩୧।୩(ମାୟାଧର ମଲ୍ଲିକ)**

**୩ ମାସରେ ମଲେଣି ୫ ହାତୀ**

କଟକ ଜିଲା ଆଠଗଡ଼ ବନଖଣ୍ଡ ଅନ୍ତର୍ଗତ ନରସିଂହପୁର ଅଞ୍ଚଳରେ ହାତୀ ମୃତ୍ୟୁ ଚିନ୍ତାର କାରଣ ପାଲଟିଛି। ଗତ ୩ ମାସ ମଧ୍ୟରେ ନରସିଂହପୁର ବନାଞ୍ଚଳରେ ୪ ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ମଙ୍ଗଳବାର ପୁଣି ଏକ ଛୁଆ ଦନ୍ତାହାତୀର ମୃତ୍ୟୁ ଘଟିଛି। ନରସିଂହପୁର ପୂର୍ବ ବନାଞ୍ଚଳ ଅଧୀନ ସେରମୁଣ୍ଡା ଖାରୁଆଣି ବିଟ୍ ନିକଟରେ ଉକ୍ତ ଛୁଆ ଦନ୍ତା ହାତୀଟି ମରିପଡ଼ିଥିବାବେଳେ ତାର ବୟସ ପ୍ରାୟ ୬ ମାସ ହେବ ବୋଲି ଏସିଏଫ ମନୋଜ କୁମାର ପାତ୍ର ସୂଚନା ଦେଇଛନ୍ତି। ଅସୁସ୍ଥତା କାରଣରୁ ହାତୀଟି ଉଠି ପାରୁନଥିବା ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ଏସିଏଫ୍ ପାତ୍ର, ଆଠଗଡ଼ ଭାରପ୍ରାପ୍ତ ଡିଏଫ୍‌ଓ ଚିଟିଲିଚି ବିଶ୍ୱାଳ, ରେଞ୍ଜର କୁଳେଶ ସାହୁ ଓ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ହାତୀ ମୃତ୍ୟୁର କାରଣ ସ୍ପଷ୍ଟ ଜଣା ପଡ଼ି ନ ଥିଲେ ମଧ୍ୟ ଅତ୍ୟଧିକ ଗ୍ୟାସ ଯୋଗୁ ତାର ମୃତ୍ୟୁ ଘଟିଥିବା ଏସ୍‌ସିଏଫ୍ ପାତ୍ର ଆଶଙ୍କାବ୍ୟକ୍ତ କରିଛନ୍ତି। ହାତୀ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ରିପୋର୍ଟ ଆସିବାପରେ ତାର ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି।

କେତେବେଳେ ହରପିସ, କେତେବେଳେ ଜଣ୍ଡିସ, ପୁଣି କେତେବେଳେ ଗ୍ୟାସ ତ ପୁଣି କେତେବେଳେ ଜ୍ୱର କାରଣ ଦର୍ଶାଇ ହାତୀ ମୃତ୍ୟୁ ଘଟୁଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଉଥିବାବେଳେ ପ୍ରକୃତ କାରଣ ଲୁଚାଯାଉଥିବା ଚର୍ଚ୍ଚା ହେଉଛି। ହାତୀମାନଙ୍କ ସୁରକ୍ଷା ପ୍ରତି ବନ ବିଭାଗ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଗଜବଂଶ ଲୋପପାଇବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ଆଲୋଚନା ହେଉଛି। ସୂଚନାଯୋଗ୍ୟ, ଏହା ପୂର୍ବରୁ ଜାନୁଆରୀ ୧୪, ଫେବୃଆରୀ ୧୩, ମାର୍ଚ୍ଚ ୧୭, ମାର୍ଚ୍ଚ ୨୦ରେ ନରସିଂହପୁର ବନାଞ୍ଚଳରେ ହାତୀ ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ଡିଏଫ୍‌ଓ ବିଶ୍ୱାଳଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ମୋବାଇଲ୍ ଫୋନ ଉଠାଇ ନଥିଲେ।


ନରସିଂହପୁର ପୂର୍ବ ବନାଞ୍ଚଳ ଅଧୀନ ସେରମୁଣ୍ଡା ଖାରୁଆଣି ବିଟ୍ ନିକଟରେ ମୃତ ଦନ୍ତାହାତୀ ଛୁଆ।

# ସରିଲା ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେଶନ

■ ୨୦୨୬-୨୭ ଆର୍ଥିକ ବର୍ଷର ଓଡ଼ିଶା ବିନିଯୋଗ ବିଲ୍ ପାରିତ
■ ଶିକ୍ଷକ କ୍ୟାଡର୍‌ରେ ସଂରକ୍ଷଣ ବିଧେୟକ ୨୦୨୬ ପାରିତ
■ ପ୍ରତ୍ୟାହୃତ ହେଲା ଦରମା ବୃଦ୍ଧି ସମ୍ପର୍କିତ ୪ ବିଲ୍

ଭୁବନେଶ୍ୱର,୩୧।୩(ସୁନିତ୍ ମିଶ୍ର)

ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେଶନକୁ ବାଚସ୍ପତି ସୁରମା ପାଢ଼ୀ ମଙ୍ଗଳବାର ରାତି ୧୨ଟା ୪୨ ମିନିଟ୍‌ରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି। ଅଧିବେଶନର ଶେଷଦିନରେ ଓଡ଼ିଶା ବିନିଯୋଗ ବିଲ୍-୨୦୨୬ ପାରିତ ହୋଇଯାଇଛି। ସେହିପରି ଶିକ୍ଷକ କ୍ୟାଡରରେ ସଂରକ୍ଷଣ ବିଧେୟକ ୨୦୨୬ ପ୍ରବଳ ବାକ୍‌ବିତର୍କ ଭିତରେ ପାରିତ ହୋଇଛି। ସମାନ ଭାବେ କିଛିଦିନ ତଳେ ରାଜ୍ୟ ସରକାରଙ୍କ ତରଫରୁ ବିଧାୟକ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତିଙ୍କ ଦରମା ବୃଦ୍ଧି ସମ୍ପର୍କିତ ବିଲ୍‌କୁ ଗୃହରେ ପ୍ରତ୍ୟାହାର କରିବା ପାଇଁ ଆସିଥିବା ବିଲ୍‌କୁ ପାରିତ କରାଯାଇଛି।

ସପ୍ତଦଶ ବିଧାନସଭାର ୬ଷ୍ଠ ଅଧିବେଶନ ୨ଟି ପର୍ଯ୍ୟାୟରେ ଚାଲିଥିଲା। ଫେବୃଆରୀ ୧୭ରୁ ପ୍ରଥମ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହୋଇଥିବା ବେଳେ ୨ୟ ପର୍ଯ୍ୟାୟ ଏପ୍ରିଲ୍ ୮ରେ ଶେଷ ହେବା କଥା। ମାତ୍ର ଏହା ମାର୍ଚ୍ଚ ୩୧ରେ ଶେଷ ହୋଇଯାଇଛି। ଏହି ଅଧିବେଶନରେ ମୋଟ ୨୨ଟି ବୈଠକ ଦିବସ ଏବଂ ଗୋଟିଏ ସରକାରୀ କାର୍ଯ୍ୟଦିବସ ସହ ୬ ଜଣ ପୂର୍ବତନ ମନ୍ତ୍ରୀ ଓ ବିଧାୟକଙ୍କ ପାଇଁ ଶୋକପ୍ରସ୍ତାବ ଆଗତ କରାଯାଇଛି। ୩୧୪୨ଟି ତାରକା ପ୍ରଶ୍ନ ଗ୍ରହଣ କରାଯାଇଥିବା ବେଳେ ସେଥିରୁ ୩୬ଟିରେ ଉତ୍ତର ଗୃହରେ ରଖାଯାଇଛି। ସେହିପରି ୪୫୭୮ଟି ଅଣତାରକା ଚିହ୍ନିତ ପ୍ରଶ୍ନ ଗ୍ରହଣ କରାଯାଇଥିଲା। ୬୧୦୪ଟି ଅଣତାରକା ଚିହ୍ନିତ ପ୍ରଶ୍ନର ଉତ୍ତର ଉପସ୍ଥାପନା କରାଯାଇଛି। ୧୦ ମୁଲତବୀ ପ୍ରସ୍ତାବ ମଧ୍ୟରୁ ୫ଟିରେ ଆଲୋଚନା କରାଯାଇଛି। ୩୦ଟି କାଗଜ ଉପସ୍ଥାପନ, ୧୧ ବାର୍ଷିକ ରିପୋର୍ଟ ଉପସ୍ଥାପନ, ଅର୍ଥ କମିଶନଙ୍କ ରିପୋର୍ଟ, ୪୩ କମିଟି ରିପୋର୍ଟ, ୫ ବିବୃତି, ଗୋଟିଏ ଅଧ୍ୟାଦେଶ ଉପସ୍ଥାପନ, ୨ ସରକାରୀ ବିଧେୟକ ପ୍ରସ୍ତାପନ, ୨ ସରକାରୀ ବିଧେୟକ ପାରିତ, ୪ ସରକାରୀ ବିଧେୟକ ପ୍ରତ୍ୟାହାର, ୪୪ ବିଭାଗରୁ ୨୧ଟି ବିଭାଗର ଖର୍ଚ୍ଚଦାବି ଆଲୋଚନା ଏବଂ ୫ ସିଏଜି ରିପୋର୍ଟ ଉପସ୍ଥାପନ କରାଯାଇଛି। ଫେବୃଆରୀ ୧୭ରେ ଗୃହକାର୍ଯ୍ୟ ଆରମ୍ଭରୁ ରାଜ୍ୟପାଳଙ୍କ ଅଭିଭାଷଣ ରହିଥିଲା। ଏହାପରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ପାସ୍ ହୋଇଥିଲା।

## ୨୦୨୬-୨୭ ବ୍ୟୟମଞ୍ଜୁରୀ ବିଧେୟକ ପାରିତ

ଭୁବନେଶ୍ୱର,୩୧।୩(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ବ୍ୟୟମଞ୍ଜୁରୀ ବିଧେୟକ ସୋମବାର ଗୃହରେ ପାରିତ ହୋଇଯାଇଛି। ଶୂନ୍ୟକାଳ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ବ୍ୟୟମଞ୍ଜୁରୀ ଆଲୋଚନା ପ୍ରସ୍ତାବ ଆଗତ କରିଥିଲେ। ଏହାକୁ ବିରୋଧୀ ସଦସ୍ୟମାନେ ବିରୋଧ କରିଥିବାବେଳେ ଶାସକ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଶେଷରେ ମୁଖ୍ୟମନ୍ତ୍ରୀ ବିରୋଧୀଙ୍କ ଉତ୍ତର ଦେଇ ନୂତନ ଓଡ଼ିଶା ଗଠନରେ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଏହା ପରେ ବାଚସ୍ପତି ସୁରମା ପାଢ଼ୀ ବାଚନିକ ଭୋଟରେ ବିଧେୟକକୁ ପାରିତ କରିଛନ୍ତି। ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରି କକ୍ଷତ୍ୟାଗ କରିଥିଲେ। ଆଲୋଚନାରେ ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅରୁଣ ସାହୁ, ନିରଞ୍ଜନ ପୂଜାରୀ, ଧ୍ରୁବଚରଣ ସାହୁ, ଗଣେଶ୍ୱର ବେହେରା, ରମେଶ ଚନ୍ଦ୍ର ବେହେରା, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ତାରା ପ୍ରସାଦ ବାହିନୀପତି, ବିଧାୟିକା ସୋଫିଆ ଫିର୍ଦ୍ଦୌସ ଏବଂ ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀ, ସନ୍ତୋଷ ଖଟୁଆ, ଇରାଶିଷ ଆଚାର୍ଯ୍ୟ, ସିଦ୍ଧାନ୍ତ ମହାପାତ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ଗୃହରେ ବିଜୁ କମ୍ପନ

■ ଓଡ଼ିଆଙ୍କ ସ୍ୱାଭିମାନ ଥିଲେ ବିଜୁ: ଶାସକ-ବିରୋଧୀ
■ କାର୍ଯ୍ୟ ପରାମର୍ଶଦାତା କମିଟିକୁ ଗଲା ବିଜୁ ଆଲୋଚନା: ବାଚସ୍ପତି

ଭୁବନେଶ୍ୱର,୩୧।୩(ରବିନାରାୟଣ ଜେନା)



ବିଧାନସଭାରେ ମଙ୍ଗଳବାର ବିରୋଧୀ ବିଜେଡି ଓ କଂଗ୍ରେସର ରଣନୀତି ବଦଳି ଯାଇଥିଲା। ୯ ଦିନ ଧରି ଏସ୍‌ସିବି ଅଗ୍ନିକାଣ୍ଡ ପ୍ରସଙ୍ଗରେ ବିରୋଧୀ ହଟ୍ଟଗୋଳ କରୁଥିବାବେଳେ ସେଥିରୁ ହଟି ବିଜୁବାବୁ ଅମର ରହେ ଭଳି ବିଭିନ୍ନ ନାରା ଦେଇ ଗୃହକୁ କମ୍ପାଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଲୋକ ସଭା ସଦସ୍ୟ ନିଶିକାନ୍ତ ଦୁବେ 'ସିଆଇଏ' ଏଜେଣ୍ଟ ଭଳି ମନ୍ତବ୍ୟ ଦେବା ନେଇ ଗୃହରେ ଆଲୋଚନା କରିବାକୁ ବିଜେଡି ଦାବି କରିଥିଲା। ବିଜେଡି ପକ୍ଷରୁ ଦିଆଯାଇଥିବା ୨ଟି ପ୍ରସ୍ତାବକୁ ଆଲୋଚନା ପାଇଁ ଗ୍ରହଣ କରିବା ଦାବିରେ ବିରୋଧୀମାନେ ବାଚସ୍ପତି ସୁରମା ପାଢ଼ୀଙ୍କ ପୋଡିୟମ ବାଡ଼େଇ ଗୃହରେ ହଟ୍ଟଗୋଳ କରିଥିଲେ। ଏହାରି ଭିତରେ ବାଚସ୍ପତି ପ୍ରଶ୍ନକାଳ ଚଳାଇବାକୁ ଚେଷ୍ଟା କରିଥିଲେ। ମାତ୍ର ବିରୋଧୀଙ୍କ ପାଟିତୁଣ୍ଡ ଭିତରେ କିଛି ଶୁଭୁ ନ ଥିବାରୁ ୧୦ଟା ୫୨ ମିନିଟ୍‌ରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ଶୂନ୍ୟକାଳ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କୁ ପ୍ରତି ସାଂସଦ ଯେଭଳି ଅଶାଳୀନ ଓ ଉଦ୍ଦେଶ୍ୟମୂଳକ ମନ୍ତବ୍ୟ ଦେଇଛନ୍ତି, ତାହା ସମସ୍ତ ଓଡ଼ିଆଙ୍କ ସ୍ୱାଭିମାନକୁ ଦୋହଲାଇ ଦେଇଛି। ସ୍ୱାଧୀନତା ଆନ୍ଦୋଳନ ବେଳେ ବିଜୁବାବୁ ପ୍ରଥମ ବ୍ୟକ୍ତି, ଯିଏ କି ଅସ୍ତ୍ରଶସ୍ତ୍ର ସହ ଖାଦ୍ୟପଦାର୍ଥ ନେଇ ଶ୍ରୀନଗର ବିମାନବନ୍ଦରରେ ଓହ୍ଲାଇଥିବାବେଳେ ନବୀନ ପଟ୍ଟନାୟକ ୩ ମାସର ସନ୍ତାନ ଥିଲେ। ସେହିପରି ଇଣ୍ଡୋନେସିଆ ସ୍ୱାଧୀନତା ସଂଗ୍ରାମବେଳେ ତାଙ୍କ ଅବଦାନ ଥିଲା ଅତୁଳନୀୟ। ସେଭଳି ପ୍ରଚଣ୍ଡ ବ୍ୟକ୍ତିତ୍ୱଙ୍କୁ ଭାରତ ଇତିହାସ ବିଷୟରେ ଅନଭିଜ୍ଞ ଥିବା ସାଂସଦ ସିଆଇଏ ଏଜେଣ୍ଟ କହିବା ଆଦୌ ସ୍ପୃହଣୀୟ ନୁହେଁ।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଥିଲେ, ବିଜୁବାବୁ ଏ ମାଟିର ଗର୍ବ ଆଉ ଗୌରବ। ଦୁବେଙ୍କ ଟିପ୍ପଣୀ ନିନ୍ଦନୀୟ। ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ପ୍ରସଙ୍ଗରେ ବାଚସ୍ପତିଙ୍କୁ ପ୍ରଦାନ କରିଥିବା ପ୍ରସ୍ତାବ ଆଲୋଚନା ପାଇଁ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ସେ କହିଥିଲେ, ବିଜୁବାବୁ ଏଭଳି ଜଣେ ବ୍ୟକ୍ତିତ୍ୱ ଥିଲେ, ଯାହାଙ୍କ ମରଶରୀର ଉପରେ ୩ଟି ଦେଶର ପତାକା ପଡ଼ିଥିଲା। ଏଭଳି ବ୍ୟକ୍ତିଙ୍କ ପ୍ରତି ସାଂସଦଙ୍କ ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ସମୟରେ ରଣେନ୍ଦ୍ର କେତେକ ଅପଶବ୍ଦ ତଥା ଗୃହର ସଦସ୍ୟ ନ ଥିବା ବ୍ୟକ୍ତିଙ୍କ ଉପରେ ଟିପ୍ପଣୀ ଦେଇଥିବାରୁ ତାହାକୁ 'ଏକ୍ସପଞ୍ଜ' କରିବା ପାଇଁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି କହିଥିଲେ ଜାତି, ଧର୍ମ ଓ ଦଳଗତ ନିର୍ବିଶେଷରେ ବିଜୁବାବୁ ହେଉଛନ୍ତି ଓଡ଼ିଆଙ୍କ ସ୍ୱାଭିମାନର ପ୍ରତୀକ। ଗୃହରେ ତାଙ୍କ ଅପମାନ ସମ୍ପର୍କରେ ଆଲୋଚନା ନ ହେବାକୁ ରାଜ୍ୟବାସୀ କ୍ଷମା ଦେବେନାହିଁ। ଦଲାଲଙ୍କର ଦେଶରେ ସ୍ଥାନ ନାହିଁ କହି ସାଂସଦଙ୍କୁ ତୀବ୍ର ଭର୍ତ୍ସନା କରିଥିଲେ। ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ମଧ୍ୟ ସାଂସଦଙ୍କ ମନ୍ତବ୍ୟକୁ ତୀବ୍ର ନିନ୍ଦା କରିବା ସହିତ ବିଜୁବାବୁଙ୍କ ଉପରେ ଦିଆଯାଇଥିବା ନିନ୍ଦା ପ୍ରସ୍ତାବ ଆଲୋଚନା ଲାଗି ଦାବି କରିଥିଲେ।

ଭାଜପା ସଦସ୍ୟ ସରୋଜ ପାଢ଼ୀ କହିଥିଲେ, ବିଜୁ ବାବୁ ଓଡ଼ିଶା ଗର୍ବ, ତାଙ୍କ ନାଁରେ ୨୪ବର୍ଷ ଧରି ବିଜେଡି ରାଜ୍ୟରେ ଶାସନ କରିଥିଲା। ହେଲେ ଗତ ନିର୍ବାଚନରେ ତାଙ୍କର ଫଟୋ କେଉଁଠି ଦେଖିବାକୁ ମିଳିନଥିଲା। ଏହିଅବସରରେ ବାଚସ୍ପତି ବିଜୁ ପଟ୍ଟନାୟକଙ୍କ ଉପରେ ବିଜେଡି ପକ୍ଷରୁ ପୃଥକ ଭାବେ ଆସିଥିବା ପ୍ରସ୍ତାବକୁ ସରକାର ଗ୍ରହଣ କରି କାର୍ଯ୍ୟ ପରାମର୍ଶଦାତା କମିଟିକୁ ଆଲୋଚନା ପାଇଁ ପଠାଗଲା ବୋଲି କହିଥିଲେ। ଏହାପରେ ଗୃହ ସ୍ୱାଭାବିକ ହୋଇଥିଲା।




# ରାମରଜା ଭସାଣିରେ ସାମ୍ପ୍ରଦାୟିକ ଉତ୍ତେଜନା

■ କୁଆଖିଆ ପୋଲିସ ପକ୍ଷରୁ ଜଣେ ଗିରଫ
■ ଅଭିଯୁକ୍ତଙ୍କୁ ଛାଡ଼ିବା ଦାବିରେ ଥାନା ଘେରାଉ

ଯାଜପୁର ସଦର/ରସୁଲପୁର,୩୧।୩ (ସମର ବିଜୟ ଶରଣ/ରଞ୍ଜିତ ରାଉତ)

ରାମରଜା ଭସାଣିରେ ଅବିର ଖେଳକୁ ନେଇ ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁ ପଞ୍ଚାୟତ ସାନକୁଖାଲା ଗ୍ରାମରେ ସୋମବାର ରାତିରେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ହୋଇଛି। ଏହି ଘଟଣାରେ ମଙ୍ଗଳବାର କୁଆଖିଆ ପୋଲିସ ନବଭାରତ ହିନ୍ଦୁ ସଂଗଠନର ଜଣେ ଯୁବକଙ୍କୁ ଗିରଫ କରିଛି। ଉକ୍ତ ଗିରଫଦାରି ପ୍ରତିବାଦରେ ସଂଗଠନର ଶତାଧିକ ସଦସ୍ୟ ଥାନା ଘେରାଉ କରି ଅଭିଯୁକ୍ତଙ୍କୁ ଛାଡ଼ିବାକୁ ଦାବି କରିଛନ୍ତି। ଯାଜପୁରରୋଡ୍ ଏସଡିପିଓ ଶରତ ପାତ୍ର ପହଞ୍ଚି ଧାରଣାରେ ବସିଥିବା ସଂଗଠନ ସଦସ୍ୟଙ୍କ ସହ ଆଲୋଚନା କରିଛନ୍ତି। ମାତ୍ର ଖବର ଲେଖା ହେବାବେଳକୁ ଆନ୍ଦୋଳନକାରୀ ଜିଦ୍‌ରେ ଅଟଳ ରହିଥିଲେ।

ସୂଚନା ଅନୁସାରେ, ରାମରଜା ମୃଣ୍ମୟୀ ମୂର୍ତ୍ତିକୁ ନେଇ ନଦୀରେ ବିସର୍ଜନ କରାଯାଉଥିଲା। ଏଥିରେ ପରସ୍ପରକୁ ରଙ୍ଗ ଅବିର ବୋଳିଥିଲେ। ଏହି ସମୟରେ ରାସ୍ତା କଡ଼ର ଏକ ମସ୍‌ଜିଦ୍‌ରେ କିଛି ଅବିର ପଡ଼ି ଯାଇଥିଲା। ଏହାକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବଚସା ଏବଂ ପରେ ଉଗ୍ରରୂପ ଧାରଣ କରିଥିଲା। ପୋଲିସ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରିବା ପରେ ଉତ୍ତେଜନା ଶାନ୍ତ ପଡ଼ିଥିଲା। ଏହାପରେ ମୁସଲମାନ ସମ୍ପ୍ରଦାୟର ୨ ଯୁବକ ବାଇକ୍ ଯୋଗେ ସେହି ରାସ୍ତାରେ ଯାଉଥିବାବେଳେ ଚାଲିଚାଲି ଯାଉଥିବା ଜଣେ ଯୁବକଙ୍କୁ ଧକ୍କା ଦେଇଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଢେଲାପଥର ମାଡ଼ ହୋଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ନବଭାରତ ହିନ୍ଦୁ ସଂଗଠନରେ ସାମିଲ କୁଆଖିଆ ଥାନା ବାହାଦଲାପୁର ପଞ୍ଚାୟତ ଅଞ୍ଚଳର କେତେଜଣ ଯୁବକ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନଙ୍କ ସହ ପୋଲିସର ବଚସା ସହ ଠେଲାପେଲା ହୋଇଥିଲା। ଏହିଭଳି କେତେକ ଘଟଣାକୁ ନେଇ ସଦର ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିଲା।









**ଜର୍ମାନୀରେ ଓଡ଼ିଶାର କଳା ସଂସ୍କୃତି ପ୍ରଦର୍ଶିତ**

ଭୁବନେଶ୍ୱର, (ସୌମ୍ୟରଞ୍ଜନ ରାଉତ): 'ଓଡ଼ିଆ ସମାଜ ମ୍ୟୁନିକ୍' ପକ୍ଷରୁ ଜର୍ମାନୀସ୍ଥିତ ମ୍ୟୁନିକ୍‌ରେ ଓଡ଼ିଶାର କଳା ସଂସ୍କୃତି ପ୍ରଦର୍ଶିତ ହୋଇଥିଲା । ଏହି ଅବସରରେ ଓଡ଼ିଶାର ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ ଓ ତାଙ୍କ ଗ୍ରୁପ୍ ନୃତ୍ୟ ପରିବେଷଣ କରିଥିଲେ । ଅତିଥି ଭାବେ ଭାରତୀୟ ଦୂତାବାସର ପ୍ରତିନିଧି ଶତ୍ରୁଘ୍ନ ସିହ୍ନା ଯୋଗଦେଇ ବିଦେଶରେ ବସବାସ କରୁଥିବା ଓଡ଼ିଆ ସମୁଦାୟଙ୍କ ସଂସ୍କୃତି ପ୍ରତି ଅତୁଟ ସମର୍ପଣକୁ ପ୍ରଶଂସା କରିଥିଲେ । ଅନ୍ୟତମ ଅତିଥି ଭାବେ ଅନୁଷ୍ଠାନର ସଦସ୍ୟ ସୂର୍ଯ୍ୟକାନ୍ତ ମଙ୍ଗଳଜ୍ୟୋତି ମଲିକ ଏବଂ ଆଦର୍ଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ ।

# କାମ କରୁନି ସିସି କ୍ୟାମେରା, ମେଟାଲ ଡିଟେକ୍ଟର

ଭୁବନେଶ୍ୱର,୩୧।୩ (ତ୍ରିନାଥ ମହାନ୍ତି)

**ସିଏଜି ରିପୋର୍ଟରେ ଜେଲ ବିଭାଗ**
- ୩ ବର୍ଷରେ ୨୯ କଏଦୀ ଫେରାର ହୋଇଛନ୍ତି
- ସ୍ୱାସ୍ଥ୍ୟ ସେବା, ଶିଳ୍ପ ୟୁନିଟ ବୃଦ୍ଧି ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ

ଜେଲ ବିଭାଗରେ ଅବ୍ୟବସ୍ଥାର ମୁଖା ଖୋଲିଛି ସିଏଜି ରିପୋର୍ଟ। ରାଜ୍ୟର ବିଭିନ୍ନ ଜେଲରେ କଏଦୀଙ୍କ ନିମନ୍ତେ ଅନୁକୂଳ ପରିବେଶ ନ ଥିବା ରିପୋର୍ଟରେ ଦର୍ଶାଯାଇଛି। ୨୦୧୮ ରୁ ୨୦୨୩ ମଧ୍ୟରେ ୩୧ଟି ଜେଲରେ ମାତ୍ରାଧିକ କଏଦୀ ଥିଲେ। ଏପରି କି ପର୍ଯ୍ୟାପ୍ତ ସଂଖ୍ୟାରେ ସୁରକ୍ଷା କର୍ମଚାରୀ ନିୟୋଜିତ ହୋଇ ନ ଥିଲେ। ୩୧୮ଜଣ କର୍ମଚାରୀଙ୍କ ଅଭାବ ରହିଥିଲା ବୋଲି ରିପୋର୍ଟରୁ ଜଣାପଡ଼ିଛି। ସେହିପରି ଜେଲରେ ଲାଗିଥିବା ସିସିଟିଭି କ୍ୟାମେରା, ମେଟାଲ ଡିଟେକ୍ଟର, ବ୍ୟାଗେଜ ସ୍କାନର ମଧ୍ୟ ଅଚଳ ଥିଲା। ଏଥିଯୋଗୁ ୨୦୨୦-୨୩ ମଧ୍ୟରେ ବିଭିନ୍ନ ଜେଲରୁ ୭୪ ମୋବାଇଲ ଫୋନ, ୫୬ଟି ସିମ୍ କାର୍ଡ, ଗୋଟିଏ ପେନ୍ ଡ୍ରାଇଭ୍, ୨୬ଟି ଖାଲି ମଦ ବୋତଲ, ୧.୭୬କିଲୋ ଗଞ୍ଜେଇ ଜବତ ହୋଇଥିଲା। ୨୦୨୧ ମାର୍ଚ୍ଚରୁ ଡିସେମ୍ବର ମଧ୍ୟରେ ବାଲେଶ୍ୱର ଜେଲରେ ଚଢ଼ାଉ କରାଯାଇ ୨ଟି ମୋବାଇଲ ଫୋନ୍ ଏବଂ ୧.୧୯ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଆବଶ୍ୟକ ୱାଚ୍ ଟାୱାର ଓ ସୁରକ୍ଷାକର୍ମୀ ନିୟୋଜିତ ନ ଥିବା ହେତୁ ଏହି ୩ ବର୍ଷରେ ଜେଲରୁ ୨୯ କଏଦୀ ଫେରାର ହେବାରେ ସକ୍ଷମ ହୋଇଥିଲେ ବୋଲି ରିପୋର୍ଟରେ କୁହାଯାଇଛି।

ଜେଲରେ ଇ-ପ୍ରିଜନ୍ ସଫ୍ଟୱେର, ଏଫ୍ଆଇଆର ନମ୍ବର, ଏଫ୍ଆଇଆର ତାରିଖ ଏବଂ ଅନ୍ୟାନ୍ୟ ଟେକ୍ନୋଲୋଜି ବ୍ୟବସ୍ଥା କରାଯିବା ପାଇଁ ୯.୨୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ମାତ୍ର ସେଗୁଡ଼ିକ ଠିକ୍‌ଭାବେ କାମ କରୁ ନ ଥିବାରୁ କଏଦୀମାନଙ୍କ ତଥ୍ୟ , କୋର୍ଟ କାର୍ଯ୍ୟାନୁଷ୍ଠାନର ବିବରଣୀ, ଦୋଷୀ ସାବ୍ୟସ୍ତ ସମ୍ପର୍କିତ ତଥ୍ୟର ସମ୍ପୂର୍ଣ୍ଣ ବିବରଣୀ ମିଳିପାରି ନ ଥିବା ଜଣାପଡ଼ିଛି। ସେହିପରି ସମସ୍ତ ଜେଲ ହସ୍ପିଟାଲରେ ଥିବା ବେଡ୍ ତୁଳନାରେ ଆବଶ୍ୟକ କର୍ମଚାରୀ ଅଭାବ ରହିଛି। ବ୍ରହ୍ମପୁରରେ ଛୋଟ ଅପରେଶନ୍ ଥିଏଟର ଏବଂ ଫିଜିଓଥେରାପି କ୍ଲିନିକାଲ ସୁବିଧା ରହିଥିବାବେଳେ ଚୌଦ୍ୱାର ଜେଲରେ ମାନସିକ ଚିକିତ୍ସା ସୁବିଧା ବ୍ୟତୀତ କୌଣସି ଜେଲ୍‌ରେ କଏଦୀଙ୍କ ପାଇଁ କ୍ଲିନିକାଲ ବ୍ୟବସ୍ଥା ନାହିଁ। ବଡ଼ କଥା ହେଲା ମାନସିକ ରୋଗୀଙ୍କୁ ଅଲଗା ସେଲ୍‌ରେ ରଖାଯିବା ବଦଳରେ ସମସ୍ତଙ୍କ ସହ ରଖାଯାଉଛି। ସେହିପରି ୧୯୬୦ରୁ ୨୦୧୫ ମଧ୍ୟରେ ୮୭ ଜେଲ୍ ମଧ୍ୟରୁ କେବଳ ୧୮ ଜେଲରେ ୪୨ଟି ଜେଲ ଶିଳ୍ପ ପ୍ରତିଷ୍ଠା ହୋଇଥିଲା। ଯାହା ୧୫ଟି ବ୍ୟବସାୟକୁ ଚାଲୁ ରଖିଥିଲା। ୨୦୧୨-୧୩ରୁ ୨୦୧୮-୧୯ ମଧ୍ୟରେ ୭ଟି ଜେଲ୍ ଶିଳ୍ପର ପ୍ରକଳ୍ପ ମୂଲ୍ୟ ୩.୧୯ କୋଟି ଟଙ୍କା ଥିଲା। ହେଲେ ୭ଟି ୟୁନିଟ୍ ପାଇଁ ସିଭିଲ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ୬ଟି କାର୍ଯ୍ୟକ୍ଷମ ହୋଇପାରି ନାହିଁ। ତେଣୁ ଜେଲ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସିଏଜି ପକ୍ଷରୁ ପରାମର୍ଶ ଦିଆଯାଇଛି। ଜେଲରେ ମେଡ଼ିକାଲ ସୁବିଧା କରିବା ସହ, ଟେକ୍ନୋଲୋଜିର ବ୍ୟବହାର, କ୍ୟାମେରା ଏବଂ ଅନ୍ୟାନ୍ୟ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବାର ଆବଶ୍ୟକତା ରହିଛି। ଏଥିସହିତ ଜେଲରେ ସୁରକ୍ଷା କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ସହ ଆବଶ୍ୟକ ଡାକ୍ତର ଏବଂ ଚିକିତ୍ସା ସୁବିଧା କରାଯାଉ। ଜେଲରେ ଅଧିକରୁ ଅଧିକ ଶିଳ୍ପ ପ୍ରତିଷ୍ଠା କରିବା ଆବଶ୍ୟକ ବୋଲି ସିଏଜି ପରାମର୍ଶ ଦେଇଛନ୍ତି।

# ଭୁବନେଶ୍ୱର 'ନ୍ୟୁ ସିଟି' ମାଷ୍ଟରପ୍ଲାନ ପାଇଁ ଚୁକ୍ତି



ବିଡିଏ ସଚିବ ମାନସ ରଞ୍ଜନ ପାଢୀ ଏବଂ ସୁର୍ବାନା ଜୁରୋଙ୍ଗର ଡେପୁଟି ଡାଇରେକ୍ଟର ମନଦୀପ ଦତ୍ତଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହେଉଛି।

ଭୁବନେଶ୍ୱର,୩୧।୩(ବନ୍ଦନା ସେଠୀ)

ଭୁବନେଶ୍ୱରର ପ୍ରସ୍ତାବିତ ନ୍ୟୁ ସିଟି ପାଇଁ ବ୍ୟାପକ ମାଷ୍ଟରପ୍ଲାନ ପ୍ରସ୍ତୁତି ନେଇ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ସୁର୍ବାନା ଜୁରୋଙ୍ଗ ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷର କରିଛି। ମଙ୍ଗଳବାର ବିଡିଏ କାର୍ଯ୍ୟାଳୟରେ ବିଡିଏ ସଚିବ ମାନସ ରଞ୍ଜନ ପାଢୀ ଏବଂ ସୁର୍ବାନା ଜୁରୋଙ୍ଗର ଡେପୁଟି ଡାଇରେକ୍ଟର ମନଦୀପ ଦତ୍ତଙ୍କ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ମେଗା ପ୍ରକଳ୍ପ ଗୋଠପାଟଣା, ମଲିପଡ଼ା ଓ ଦାସପୁର ଅଞ୍ଚଳର ପ୍ରାୟ ୮୦୦ ଏକର ଜମିରେ ନିର୍ମାଣ ହେବ। ରାଜ୍ୟର ଦୀର୍ଘମିଆଦୀ ଉନ୍ନୟନ ରୋଡ୍‌ମ୍ୟାପ 'ବିକଶିତ ଓଡ଼ିଶା-୨୦୩୬' ସହ ସମନ୍ୱୟ ରଖି ଏକ ବହୁ-ଅର୍ଥନୈତିକ ବୃଦ୍ଧି କ୍ଷେତ୍ର ଭାବେ ଗଢ଼ାଯିବ।

ପ୍ରସ୍ତାବିତ ନୂଆ ସହରକୁ ଏକ ଟ୍ରାଞ୍ଜିଟ୍-ଓରିଏଣ୍ଟେଡ୍ ସହରୀ ହବ୍ ଭାବେ ଗଢ଼ାଯିବ। ଏଥିରେ ଦକ୍ଷ ପରିବହନ ବ୍ୟବସ୍ଥା, କମ୍ ଯାତାୟାତ ସମୟ ଏବଂ ମିଶ୍ରିତ ଜମି ବ୍ୟବହାରର ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯିବ। 'ସମସ୍ତଙ୍କ ପାଇଁ ଗୃହ' ଲକ୍ଷ୍ୟ ପୂରଣ ସକାଶେ ବିଭିନ୍ନ ସ୍ତରର ଲୋକଙ୍କ ନିମନ୍ତେ ସୁଲଭ ଓ ବିବିଧ ଗୃହ ବ୍ୟବସ୍ଥା ଏକ ପ୍ରମୁଖ ଦିଗ ହେବ ବୋଲି ସୂଚନା ଦିଆଯାଇଛି। ଏନେଇ ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଛନ୍ତି, ଏହି ସହର ଆଧୁନିକ ସୁବିଧା ସହିତ ତିଆରି ହେବ। ବିଶେଷକରି ଲୋକଙ୍କ ସାମାଜିକ ଆବଶ୍ୟକତା ପୂରଣ ଓ ସମ୍ପ୍ରଦାୟରେ ମିଳାମିଶା ବୃଦ୍ଧି ପାଇଁ ସେଣ୍ଟ୍ରାଲ ଫରେଷ୍ଟ ପାର୍କ, ଗେଟ୍‌ୱେ ପ୍ଲାଜା, କ୍ରିଏଟିଭ୍ ପ୍ଲେସମେକିଙ୍ଗ ଏବଂ ଅନେକ ଖୋଲା ସାର୍ବଜନୀନ ସ୍ଥାନ ତିଆରି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହି ପ୍ରକଳ୍ପ ଜଳବାୟୁ ସହନଶୀଳତା, ପରିବେଶ ସୁରକ୍ଷା ଓ ନାଗରିକଙ୍କ ସମଗ୍ର କଲ୍ୟାଣ ପାଇଁ ସ୍ମାର୍ଟ, ସବୁଜ ଭିତ୍ତିଭୂମି ଓ ସାମଗ୍ରିକ ଜୀବନମାନର ଗୁଣବତ୍ତା ବୃଦ୍ଧି ସକାଶେ କାର୍ଯ୍ୟ କରିବ। ବିଡିଏକୁ ଏହି ପ୍ରକଳ୍ପର ନୋଡାଲ ଏଜେନ୍ସି ଭାବେ ନିଯୁକ୍ତ କରାଯାଇଛି ବୋଲି ଉପାଧ୍ୟକ୍ଷ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଡେପୁଟି କମିଶନର ତଥା ନ୍ୟୁ ସିଟିର ନୋଡାଲ ଅଧିକାରୀ ଭବତାରଣ ସାହୁ, ଆସୋସିଏଟ୍ ଟାଉନ ପ୍ଲାନର୍ ଓମ୍‌କାର ମହାନ୍ତି, ଆସିଷ୍ଟାଣ୍ଟ ଟାଉନ ପ୍ଲାନର୍ ମାନସୀ ମହାନ୍ତି ଏବଂ ପିଏମ୍‌ୟୁ ଟିମ୍ ଲିଡର୍ ଅଜୟ ଝା ପ୍ରମୁଖ ଉପସ୍ଥିତ ଥିଲେ।

# 'ଘରୋଇ ସ୍କୁଲର ମନଇଚ୍ଛା ଫି' ବୃଦ୍ଧି ବନ୍ଦ କରାଯାଉ'

ଭୁବନେଶ୍ୱର,୩୧।୩(ସୁଚିସ୍ମିତା ସାହୁ)

ପ୍ରତିବର୍ଷ ଘରୋଇ ବିଦ୍ୟାଳୟଗୁଡ଼ିକ ମନଇଚ୍ଛା ସ୍କୁଲ ଫି' ବୃଦ୍ଧି କରୁଛନ୍ତି। ଏନେଇ ଓଡ଼ିଶା ଅଭିଭାବକ ମହାସଂଘ ମଙ୍ଗଳବାର ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ତୁରନ୍ତ ପଦକ୍ଷେପ ନେବାକୁ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଦାବି କରିଛି। ମହାସଂଘର ସଭାପତି ବାସୁଦେବ ଭଟ୍ଟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ତୁରନ୍ତ ହସ୍ତକ୍ଷେପ ପାଇଁ ଚିଠିରେ ଅନୁରୋଧ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିୟନ୍ତ୍ରଣରେ ଏହି ଘରୋଇ ସ୍କୁଲଗୁଡ଼ିକ ନାହିଁ। ଫଳରେ ସମ୍ପୃକ୍ତ ସ୍କୁଲଗୁଡ଼ିକ ୧୯୯୬ ସେପ୍ଟେମ୍ବର ୨୩ର ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଛି। ରାଜ୍ୟରେ ୪୫୦୦ ସ୍ୱୀକୃତିପ୍ରାପ୍ତ ଏବଂ ୨୫୦୦ ଅଣସ୍ୱୀକୃତିପ୍ରାପ୍ତ ବେସରକାରୀ ସ୍କୁଲ ରହିଛି। ଏହି ସ୍କୁଲଗୁଡ଼ିକ ପ୍ରତିବର୍ଷ ୧୦-୧୫% ଫି ବୃଦ୍ଧି ସହ ରି-ଆଡ୍‌ମିଶନ ନାମରେ ଅଯଥା ଅର୍ଥ ଆଦାୟ କରୁଛନ୍ତି। କିଛି ସ୍କୁଲ ମଧ୍ୟ ୨୫% ପର୍ଯ୍ୟନ୍ତ ଫି' ବୃଦ୍ଧି କରୁଛନ୍ତି। ୨୦୧୫ ମସିହାରୁ କୌଣସି ଅନୁମୋଦନ କିମ୍ବା ସୂଚନା ବିନା ସ୍କୁଲ ଫି' ପ୍ରାୟ ଦ୍ୱିଗୁଣ ହୋଇଗଲାଣି। ବର୍ତ୍ତମାନ ଦରଦାମ୍ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟ ବଢୁଥିବାବେଳେ ସ୍କୁଲ ଫି' ବୃଦ୍ଧି ଦୈନନ୍ଦିନ ଜୀବନରେ ଅତ୍ୟନ୍ତ କଷ୍ଟକର ହେଉଛି। ଏହି ସମସ୍ୟାର ସମାଧାନ ପାଇଁ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀ, ଘରୋଇ ସ୍କୁଲ ସଂଗଠନର ପ୍ରତିନିଧି ଏବଂ ଓଡ଼ିଶା ଅଭିଭାବକ ମହାସଂଘ ପ୍ରତିନିଧିଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଡକାଯାଉ ବୋଲି କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ ଦାବି କରିଛନ୍ତି।

# 'ସ୍ଥାୟୀ ଶକ୍ତି ସମାଧାନ କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ'

ଭୁବନେଶ୍ୱର, ୩୧।୩(ବନ୍ଦନା ସେଠୀ)


ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ବରିଷ୍ଠ ଅଧିକାରୀମାନେ।

ସ୍ଥାୟୀ ଶକ୍ତି ସମାଧାନ କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ସ୍ଥାୟୀ ଶକ୍ତି ସମାଧାନ ପାଇଁ ଭାରତର ଅନ୍ୱେଷଣକୁ ସମର୍ଥନ ଦେଇ ଓଡ଼ିଶା ସବୁଜ ହାଇଡ୍ରୋଜେନ ନୀତି ଘୋଷଣା କରିଥିବା ପ୍ରଥମ ରାଜ୍ୟ ହୋଇପାରିଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଭାରତୀୟ ଶିଳ୍ପ ମହାସଂଘର ସଦସ୍ୟ ଏବଂ ନବୀକରଣୀୟ ଶକ୍ତିର ଅନ୍ୟାନ୍ୟ ସଂସ୍ଥାଗୁଡ଼ିକ ସହିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ନୀତି ନବୀକରଣୀୟ ଶକ୍ତି (ଆର୍‌ଇ)ରେ ଗୁରୁତ୍ୱପୂର୍ଣ୍ଣ ନିବେଶକୁ ପ୍ରୋତ୍ସାହନ ଦେବ। ସବୁଜ ହାଇଡ୍ରୋଜେନ ଉତ୍ପାଦନ ଉପରେ ଗୁରୁତ୍ୱ ଦେବା ସହ ଏହି ନୀତି ଓଡ଼ିଶାକୁ ସ୍ୱଚ୍ଛ ଶକ୍ତି ନବସୃଜନ କେନ୍ଦ୍ରର ମାନ୍ୟତା ପ୍ରଦାନ କରିବ। ଓଡ଼ିଶା ବିପର୍ଯ୍ୟୟ-ପ୍ରତିରୋଧୀ ଭିତ୍ତିଭୂମି, ବଣ୍ଟନ କ୍ଷେତ୍ର ସଂସ୍କାର ସହିତ ବ୍ୟାଟେରି ଶକ୍ତି ସଂରକ୍ଷଣ ପ୍ରଣାଳୀ (ବିଇଏସ୍‌ଏସ୍) ସହିତ ସମନ୍ୱିତ ଭାସମାନ ସୌର ଏବଂ ପମ୍ପଡ ଷ୍ଟୋରେଜ ପ୍ରକଳ୍ପ (ପିଏସ୍‌ପି) ଭଳି ପ୍ରକଳ୍ପରେ ନିବେଶ ଉପରେ ଅଧିକ ଗୁରୁତ୍ୱ ଦେଉଛି ବୋଲି ଉପମୁଖ୍ୟମନ୍ତ୍ରୀ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ଶିଳ୍ପ ମହାସଂଘ ପକ୍ଷରୁ ନବୀକରଣୀୟ ଶକ୍ତି କ୍ଷେତ୍ରରେ ଓଡ଼ିଶାର ପ୍ରୟାସକୁ ପ୍ରଶଂସା କରାଯାଇଥିଲା। ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଓପିଟିସିଏଲ୍ ସିଏମ୍‌ଡି ଭାସ୍କର ଜ୍ୟୋତି ଶର୍ମା, ଭାରତୀୟ ଶିଳ୍ପ ମହାସଂଘର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ବସ୍‌ରେ ଲାଗିଲା ନିଆଁ

ଭୁବନେଶ୍ୱର,୩୧।୩(ତ୍ରିନାଥ ମହାନ୍ତି)

ଖଣ୍ଡଗିରି ଥାନା ବରମୁଣ୍ଡା ବସ୍ ଷ୍ଟାଣ୍ଡରେ ଥିବା ଏକ ବସ୍‌ରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି । ଅଗ୍ନିକାଣ୍ଡରେ ବସ୍ ଭିତର ସିଟସବୁ ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଲିଭାଇଥିଲେ। ଠିକ ସମୟରେ ନିଆଁକୁ ଆୟତ୍ତ କରାଯାଇଥିବାରୁ ବରମୁଣ୍ଡା ବସ୍ ଷ୍ଟାଣ୍ଡରେ ଏକ ବଡ଼ ଅଘଟଣ ଟଳିଯାଇଛି।

ସୂଚନାଯୋଗ୍ୟ, ପୁରୀରୁ ଯାତ୍ରୀ ଆଣି ବସ୍‌ଟି ରାତି ୧୨ ଟାରେ ବରମୁଣ୍ଡା ବସ୍ ଷ୍ଟାଣ୍ଡରେ ପହଞ୍ଚି ଥିଲା । ହେଲେ ହଠାତ୍ ବସ୍ ଭିତରୁ ଧୂଆଁ ବାହାରି ଥିଲା। ଭୟରେ ସମସ୍ତ ଯାତ୍ରୀ ବସ୍ ଭିତରୁ ଓହ୍ଲାଇ ଦୌଡ଼ି ଥିଲେ । ବସ୍ କର୍ମଚାରୀ ଏବଂ ଅନ୍ୟ ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ହେଲେ ନିଆଁ ନ ଲିଭିବାରୁ ଅଗ୍ନିଶମ ବାହିନୀକୁ ଫୋନ କରାଯାଇଥିଲା। ନିଆଁ ଅନ୍ୟ ବସ୍‌କୁ ବ୍ୟାପିବା ଭୟରେ ସେଠାରେ ଉପସ୍ଥିତ ଲୋକମାନେ ଉକ୍ତ ବସ୍‌କୁ ପଛରୁ ଠେଲି ଦୂରକୁ ନେଇଯାଇଥିଲେ। ଏହି ଅଗ୍ନିକାଣ୍ଡ ବ୍ୟାଟେରିରୁ ଲାଗିଥିବା ଅଗ୍ନିଶମ କର୍ମଚାରୀ ସନ୍ଦେହ କରିଛନ୍ତି।

# ମାର୍କେଟ ବିଲ୍ଡିଂରେ ବନ୍ଧୁକ ଦେଖାଇ ଗୁଣ୍ଡାଗିରି

**ଅଭିଯୁକ୍ତ ଗିରଫ, ସ୍କର୍ପିଓ ଜବତ**


ରଶ୍ମୀରଞ୍ଜନ ବାରିକ

ଭୁବନେଶ୍ୱର,୩୧।୩(ତ୍ରିନାଥ ମହାନ୍ତି)

ମାର୍କେଟ ବିଲ୍ଡିଂରେ ବନ୍ଧୁକ ଦେଖାଇ ଗୁଣ୍ଡାଗିରି ଦେଖାଇବା ଘଟଣାରେ କ୍ୟାପିଟାଲ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁନ୍ଦରପଦାର ରଶ୍ମୀରଞ୍ଜନ ବାରିକ। ତାଙ୍କର ସ୍କର୍ପିଓ ଗାଡ଼ିକୁ ଜବତ କରାଯାଇଥିବାବେଳେ ବନ୍ଧୁକକୁ ପୋଲିସ ଜବତ କରିପାରିନାହିଁ।

ସୂଚନାଯୋଗ୍ୟ, ଗତ ୨୯ ତାରିଖ ରାତି ପ୍ରାୟ ୯ଟା ୩୦ମିନିଟରେ ସୁଧାଂଶୁ ଭୂଷଣ କର ତାଙ୍କ ପରିବାର ସହିତ ଭୁବନେଶ୍ୱର ଏୟାରପୋର୍ଟରୁ ଘରକୁ ଫେରୁଥିଲେ। ଏହି ସମୟରେ ୟୁନିଟ-୨ ଅଞ୍ଚଳରେ ତାଙ୍କ ଘରକୁ ଯିବା ଗଳିରେ ଏକ ସ୍କର୍ପିଓ ଗାଡ଼ି ସାମ୍ନାରୁ ତାଙ୍କ ଗାଡ଼ିକୁ ଅଟକାଇଥିଲା। ଉକ୍ତ ଗାଡ଼ିର ଚାଳକ ଓ ସହଯୋଗୀମାନେ ସୁଧାଂଶୁଙ୍କୁ ଗାଡ଼ି ପଛକୁ ଫେରାଇବାକୁ ଜୋର କରବା ସହ ଝଗଡ଼ା କରିଥିଲେ। ଏପରି କି ଅଭିଯୁକ୍ତମାନେ ସୁଧାଂଶୁଙ୍କୁ ତାଙ୍କ ସ୍ତ୍ରୀ ଓ ଝିଅମାନଙ୍କ ସମ୍ମୁଖରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରବର୍ତ୍ତୀ ସମୟରେ ସେମାନେ ଅଭିଯୋଗକାରୀଙ୍କୁ ଗୁରୁତର ପରିଣାମ ଦେବାକୁ ଧମକ ଦେଇଥିଲେ। ଏପରି କି ଜଣେ ସୁଧାଂଶୁଙ୍କ ମୁଣ୍ଡ ଆଡ଼କୁ ପିସ୍ତଲ ଦେଖାଇ ଭୟଭୀତ କରି ଆତଙ୍କ ରଚିଥିଲେ। ଫଳରେ ଜୀବନ ପ୍ରତି ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାର ପର ଦିନ ଅଭିଯୋଗକାରୀ ନିଜ ସୁରକ୍ଷା ପାଇଁ କ୍ୟାପିଟାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସିସିଟିଭି ଫୁଟେଜ ଗାଡ଼ି ନମ୍ବର ଆଧାରରେ ମାଲିକଙ୍କୁ ଚିହ୍ନଟ କରାଯାଇ ଅଭିଯୁକ୍ତ ରଶ୍ମୀରଞ୍ଜନଙ୍କୁ ପୋଲିସ ଗିରଫ କରିଥିବା ବେଳେ ଅପରାଧରେ ବ୍ୟବହୃତ ସ୍କର୍ପିଓ ଗାଡ଼ିକୁ ଜବତ କରିଛି। ଅଭିଯୁକ୍ତ ରଶ୍ମୀରଞ୍ଜନ ଜଣେ ଅଭ୍ୟାସଗତ ଅପରାଧୀ। ତାଙ୍କ ନାମରେ ପୂର୍ବରୁ ଆକ୍ରମଣ, ହତ୍ୟା ଉଦ୍ୟମ ଏବଂ ଅସ୍ତ୍ରଶସ୍ତ୍ର ଆଇନ ସମ୍ବନ୍ଧୀୟ ୮ଟି ମାମଲା ରହିଛି।

# ବେଆଇନ ଭାବେ ରାସ୍ତା ଅବରୋଧ କରୁଛି ବିଲ୍‌ଡର ସଂସ୍ଥା

ତ୍ରିଶୁଳିଆ, ୩୧।୩(ତୁଷାରକାନ୍ତ ବେହେରା)

ବାରଙ୍ଗ-ପୁରୀ ମୁଖ୍ୟ କେନାଲରୁ ବାହାରିଥିବା ପୁରୀ ଦୟା କେନାଲ ବନ୍ଧ ରାସ୍ତା ଏବେ ବିଲ୍ଡରଙ୍କ ଜବରଦଖଲରେ ରହିଛି। ବିଲ୍ଡର ସଂସ୍ଥା ମାଟି ପକାଇ କେନାଲ ବନ୍ଧ ରାସ୍ତାକୁ ସମ୍ପୂର୍ଣ୍ଣ ଅବରୋଧ କରିଥିବାରୁ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭୁବନେଶ୍ୱର ବ୍ଲକ ଓ ମହାନଗର ନିଗମ ଅଧୀନସ୍ଥ କଳାରାହାଙ୍ଗ, କଳାଖାରୀ, ଓସ୍ତପଡ଼ା, ପଟିଆ ଆଦି ଗ୍ରାମର ଚାଷୀମାନେ ଏହି କେନାଲ ବନ୍ଧ ରାସ୍ତା ଉପରେ ନିର୍ଭର କରିଥାନ୍ତି। ତେବେ କଳାରାହାଙ୍ଗ ଗାଁ ନିକଟ କଳାରାହାଙ୍ଗ-କଳାଖାରୀ ଦୟାକେନାଲ ବନ୍ଧ ରାସ୍ତା ଅବରୋଧ ହେବା ଫଳରେ ଚାଷୀମାନେ ନିଜ କ୍ଷେତକୁ ଯାଇପାରୁନାହାନ୍ତି। ଏହାକୁ ବିରୋଧ କରି କଳାରାହାଙ୍ଗ ଗ୍ରାମର ଆଲୋକ ଚେମୀଙ୍କ ସମେତ ବହୁ ଚାଷୀ ମୁଣ୍ଡଳୀ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ବିଭାଗୀୟ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ବେଆଇନ ମାଟି ପକା କାର୍ଯ୍ୟକୁ ବନ୍ଦ କରିବା ସହ ମାଟି ଉଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସମ୍ପୃକ୍ତ ବିଲଡର ସଂସ୍ଥା ମାଟି ଉଠାଇବାକୁ ମନା କରିଥିଲା। ପରେ ବିଭାଗୀୟ ଯନ୍ତ୍ରୀ ଏ ନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ଯଦି ସମ୍ପୃକ୍ତ ବିଲ୍‌ଡର ପୁଣି ବେଆଇନ କାର୍ଯ୍ୟ କରନ୍ତି, ତେବେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ଯନ୍ତ୍ରୀ କହିଛନ୍ତି। ସୂଚନା ଥାଉକି, ଏହି ବିଲଡର ସଂସ୍ଥା ଗତ ଜାନୁଆରୀରେ ଇଞ୍ଜଣା ଗାଁ ମୁଣ୍ଡ ଇଞ୍ଜଣା ମାଇନର କେନାଲ ଶଯ୍ୟା ଭିତରେ ଗାର୍ଡୱାଲ ନିର୍ମାଣ କରିଥିଲା। ସ୍ଥାନୀୟ ଚାଷୀଙ୍କ ଅଭିଯୋଗ ପରେ ପ୍ରଶାସନ ବେଆଇନ ଗାର୍ଡୱାଲ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ସହ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରି ବେଆଇନ କାର୍ଯ୍ୟକୁ ଭାଙ୍ଗିଥିଲା।

**ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ମହୋତ୍ସବ**

# ଓୟୁଏଟି ଛାତ୍ରୀଛାତ୍ରଙ୍କ ସଫଳତା

ଭୁବନେଶ୍ୱର,୩୧।୩(ସୁଚିସ୍ମିତା ସାହୁ)



ସରକାରଙ୍କ ସହଯୋଗରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ୪ଦିନ ବ୍ୟାପୀ ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ମହୋତ୍ସବ -୨୦୨୬ ଆୟୋଜିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରାୟ ୮୦୦ ଛାତ୍ରୀଛାତ୍ର ଭାଗନେଇଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ୪୨ଜଣ ଛାତ୍ରୀଛାତ୍ର ସମସ୍ତ ପ୍ରତିଯୋଗିତାରେ ଭାଗନେଇ ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ଶାସ୍ତ୍ରୀୟ ନୃତ୍ୟରେ ରୋହିଣୀ, ଓଡ଼ିଆ ବକ୍ତୃତାରେ ଅଭିଲାଷ ଓ ରତୁପର୍ଣ୍ଣା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମିଶ୍ରିତ ମାଧ୍ୟମ କଳାରେ ଅଜିତ, ସୁଗମ ସଙ୍ଗୀତରେ ପ୍ରିୟଙ୍କା, କ୍ଷୁଦ୍ର ନାଟକ ପ୍ରତିଯୋଗିତାରେ ଅବିନାଶ, ମାନସ, ଆଶିଷ, ସୌରଭ, ଐଶ୍ୱର୍ଯ୍ୟା, ଯସ୍ମିନ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ କୁଇଜ ପ୍ରତିଯୋଗିତାରେ ରୋହିତ ଓ ଦେବାଶିଷ, ତଡ଼ିତ ବକ୍ତୃତାରେ ଅଭିଲାଷ, ଇଂଲିଶ କ୍ଷୁଦ୍ର ଗଳ୍ପ ଲିଖନରେ କୌସ୍ତୁଭ, ଆଧୁନିକ ନୃତ୍ୟରେ ସମୀକ୍ଷା, ଏକକ ଅଭିନୟରେ ଅବିନାଶ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଛାତ୍ରୀଛାତ୍ରଙ୍କୁ କୁଳପତି ପ୍ରଫେସର୍ ପ୍ରଭାତ କୁମାର ରାଉଳ ଶୁଭେଚ୍ଛା ଜଣାଇଛନ୍ତି। ଛାତ୍ର କଲ୍ୟାଣ ଅଧ୍ୟକ୍ଷ ପ୍ରଫେସର ସୁସେନ କୁମାର ପଣ୍ଡା, ଓୟୁଏଟି ସାଂସ୍କୃତିକ ସଂସଦ ସମ୍ପାଦକ ପ୍ରଫେସର ବିଜୟ କୁମାର ପାତ୍ର, ସଞ୍ଜିବନୀ ସୁଧା ପଟ୍ଟନାୟକ, ଆଶାବରୀ ସାମଲ, ଅନିଲ କୁମାର ନାୟକ, ସୁଷମା ମାର୍ଥା, ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ସଫଳତା ପାଇପାରିଛନ୍ତି।

# ୫ଦଫା ଦାବିରେ ଏସ୍‌ଏସ୍‌ଡି ଅତିଥି ଶିକ୍ଷକ ସଂଘର ଧାରଣା

ଭୁବନେଶ୍ୱର,୩୧।୩(ସୁଚିସ୍ମିତା ସାହୁ)



ଏସ୍‌ଏସ୍‌ଡି ଗେଷ୍ଟ ଟିଚର୍ସ ଆସୋସିଏଶନ୍ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା।

ଅତିଥି ଶିକ୍ଷକମାନଙ୍କୁ ନିୟମିତ ମାନ୍ୟତା ଓ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ସରକାରୀ ନିୟମ ପ୍ରସ୍ତୁତ କରାଯାଉ। ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ଦେବା ସହ ଛଟେଇ କରା ନ ଯାଉ। ଏଚ୍ଆର୍‌ଏମ୍‌ଏସ୍ ଆଇଡିରେ ଅନ୍ତର୍ଭୁକ୍ତ କରିବା ସହ ଅତିଥି ଶିକ୍ଷକ ପ୍ରଥା ବନ୍ଦ କରିବା ଭଳି ୫ ଦଫା ଦାବିରେ ଏସ୍‌ଏସ୍‌ଡି ଅତିଥି ଶିକ୍ଷକ ସଂଘ ପକ୍ଷରୁ ମଙ୍ଗଳବାର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଥିଲା। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିକାଶ, ଓଡ଼ିଶାର ଅତିଥି ଶିକ୍ଷକମାନେ ଦୀର୍ଘଦିନ ଧରି ବିଭିନ୍ନ ଜିଲାରେ ଶିକ୍ଷାଦାନ କରି ଆସୁଛନ୍ତି। ସେମାନଙ୍କୁ ଜିଲାପାଳମାନଙ୍କ ଦ୍ୱାରା ଚୟନ କରାଯାଇ ନିଯୁକ୍ତି ଦିଆଯାଇଥିଲା। ଶିକ୍ଷକମାନେ ଚୟନ ପ୍ରକ୍ରିୟାରେ ସମସ୍ତ ମାନଦଣ୍ଡ ଆଧାରରେ ଚୟନ ହୋଇଥିଲେ। ଯଦିଓ କିଛି ସର୍ତ୍ତାବଳୀ ରଖାଯାଇଥିଲା, ତାହା ସମ୍ପୂର୍ଣ୍ଣ ଭାବେ ଅତିଥି ଶିକ୍ଷକମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରୁନାହିଁ। ଏଣୁ ସରକାର ସଂଘର ଦାବି ଶୁଣି ପଦକ୍ଷେପ ନେବେ ବୋଲି ସଭାପତି ଯଦୁମଣି ଦିଗାଲ କହିଛନ୍ତି। ସମୀର ସେନ ନାୟକ, ମହେନ୍ଦ୍ର ସାହୁ, ରୀତାଞ୍ଜଳି ସାହୁ, ରୁବି ପତି ଏବଂ ସୁହାନି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କ୍ରୀଡ଼ା ଶିକ୍ଷକ ନିଯୁକ୍ତି ଏବଂ ଅନ୍ୟାନ୍ୟ ଦାବିରେ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଆଶୟୀ ସଂଘ ପକ୍ଷରୁ ପିଏମ୍‌ଜିରେ ଧାରଣା।


ଚୈତ୍ର ମାସ ଶେଷ ମଙ୍ଗଳବାର ରସୁଲଗଡ଼ ଜଗନ୍ନାଥ ନଗରରେ ମହିଳାମାନେ ମା' ମଙ୍ଗଳାଙ୍କୁ ପୂଜାର୍ଚ୍ଚନା କରୁଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)

# ବିଜୟା ରଥ ଅଖ ଭାଙ୍ଗିଲା, ବିମାନରେ ବାହୁଡ଼ିଲେ ଠାକୁର

- ଭେଟବାଲିରେ ଘଣ୍ଟାଏ ବିଳମ୍ବରେ ପହଞ୍ଚିଲେ
- ମନ୍ଦିରକୁ ପ୍ରବେଶ କଲେ କପିଳେଶ୍ୱର ଦେବ
- ସ୍ୱ ମନ୍ଦିର ଫେରିଲେ ଗ୍ରାମେଶ୍ୱର ଦେବ

ନିରାକାରପୁର,୩୧।୩
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ବିଜେ ଡିଆସ୍ଥିତ କପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା ଗତ ୨୬ତାରିଖରୁ ଚାଲୁ ରହିଥିବା ବେଳେ ତ୍ରୟୋଦଶୀରେ ଶେଷ ହୋଇଛି। ସୋମବାର ଦ୍ୱାଦଶୀରେ ବାହୁଡା ଯାତ୍ରା ହୋଇଥିବା ବେଳେ ବିଜୟା ରଥର ଅଖ ଭାଙ୍ଗିଯିବାରୁ ଶ୍ରୀଜୀଉମାନେ ବିମାନରେ ବାହୁଡ଼ିଥିଲେ।

ଗୁଣ୍ଡିଚା ମନ୍ଦିରରେ ନବମୀଠାରୁ ପୂଜା ପାଉଥିବା ଶ୍ରୀଜୀଉଙ୍କୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ବାହୁଡ଼ା ଯାତ୍ରା ସନ୍ଧ୍ୟାରେ ଡିଆ, ଭୋଇସାହି, କୋଲସାହି, ଭଟ୍ଟସାହି ଗ୍ରାମବାସୀଙ୍କ ପକ୍ଷରୁ ପେଡ଼ିଭୋଗ ଲାଗି ସନ୍ଧ୍ୟା ସାଢ଼େ ୭ଟାରେ ଆଳତି ଓ ସୁଖିଲି ଭୋଗ, ରାତି ୯ଟାରେ ଖେଚୁଡି ଭୋଗ, ସାଢ଼େ ୯ଟାରେ ଗଜପତିଙ୍କ ଉତ୍ତରାଧିକାରୀମାନଙ୍କୁ ଶିରିପା ପ୍ରଦାନ କରାଯାଇଥିଲା। ସେହିପରି ରାତି ସାଢ଼େ ୧୦ଟାରେ ଶ୍ରୀଜୀଉମାନଙ୍କ ବିମାନ ପହଣ୍ଡି ଓ ପଟୁଆରରେ ଗାଁରେ ଶୋଭାଯାତ୍ରା ସାଢ଼େ ୧୨ଟାରେ ଶ୍ରୀଜୀଉମାନଙ୍କ ବାଟପହଣ୍ଡି ଆରମ୍ଭ, ୧ଟା ୨୦ରେ ଟ୍ରଷ୍ଟ ବୋର୍ଡ ପକ୍ଷରୁ ରଥ ଉପରେ ଠାକୁରଙ୍କୁ ପଣା ଭୋଗ ଲାଗି କରାଯାଇଥିଲା। ରାତି ସାଢ଼େ ୧ଟାରେ ରଥ ଟଣା ଆରମ୍ଭ ହୋଇଥିଲା। ତେବେ ରଥ ୨/୪ ହାତ ଆଗକୁ ଗଡ଼ିଥବା ବେଳେ ରଥର ଆଗ ଡାହାଣପଟ ଅଖଟି ଭାଙ୍ଗିଯାଇଥିଲା। ଫଳରେ ରଥ ଉପରେ ଥିବା ସେବାୟତମାନେ ତଳକୁ ଓହ୍ଲାଇ ଆସିଥିଲେ। ତେବେ ରଥ ମରାମତି ହୋଇ ନ ପାରିବାରୁ କପିଳେଶ୍ୱର ଦେବଙ୍କ ପରିଚାଳନା କମିଟି ପକ୍ଷରୁ ଶ୍ରୀଜଉଙ୍କୁ ଏକ ବିମାନରେ ଅଣାଯାଇଥିଲା। ନିର୍ଦ୍ଧାରିତ ସମୟର ଏକ ଘଣ୍ଟା ବିଳମ୍ବରେ ଶ୍ରୀଜୀଉମାନେ ଭେଟବାଲି ଠାରେ ପହଞ୍ଚିଥିଲେ। ସେଠାରେ ଗୋପାଳଙ୍କ ଦ୍ୱାରା ପ୍ରସ୍ତୁତି ପଣା ଲାଗି କରାଯାଇଥିଲା। ଶ୍ରୀଜୀଉମାନେ କିଛିବାଟ ଯିବା ପରେ ମା’ ନାରାୟଣୀ ପହଞ୍ଚି ପୂଜାର୍ଚ୍ଚନା କରି ମନ୍ଦିରକୁ ଯିବା ପାଇଁ ସ୍ୱାଗତ କରି ଫେରିଥିଲେ। ପରେ ବିମାନ ମନ୍ଦିରଠାରେ ପହଞ୍ଚିଥିଲା। ଶ୍ରୀଜୀଉଙ୍କୁ ସ୍ନାନମାର୍ଜନା ଓ ପ୍ରପାନକ ଲାଗି ହୋଇଥିଲା। ଏହା ପରେ ଶ୍ରୀଜୀଉଙ୍କୁ ସ୍ୱ ମନ୍ଦିରକୁ ନିଆଯାଇଥିଲା। ଆରେଡ଼ି ଗ୍ରାମରୁ ରଥଯାତ୍ରାରେ ସାମିଲ ହେବା ପାଇଁ ନିମନ୍ତ୍ରଣ ହୋଇ ଆସିଥିବା ଗ୍ରାମେଶ୍ୱରଦେବ ଓ ମା’ ଗ୍ରାମେଶ୍ୱର ଦେବୀଙ୍କୁ ରୀତିନୀତି ଅନୁସାରେ ମଙ୍ଗଳବାର ସନ୍ଧ୍ୟାରେ ମେଲାଣି ଦିଆଯାଇଥିଲା। ଏହି ବିଜୟା ରଥଯାତ୍ରାରେ ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପ୍ରସାଶନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା।


ରଥର ଅଖ ଭାଙ୍ଗିଯାଇଛି।


ବିମାନରେ ଠାକୁରଙ୍କୁ ନିଆଯାଉଛି।

# ଓଡ଼ିଆ ପକ୍ଷ ପାଳନ ପାଇଁ ପ୍ରସ୍ତୁତି



କୃଷ୍ଣପ୍ରସାଦ,୩୧।୩
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଆ ପକ୍ଷ ପାଳନ ନିମନ୍ତେ ମଙ୍ଗଳବାର କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟରେ ବିଡିଓ ଅମୀୟ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏପ୍ରିଲ ୧ରୁ ୧୪ ତାରିଖ ଯାଏ ବିଭିନ୍ନ କାର୍ଯ୍ୟକ୍ରମ ପାଳନ କରାଯିବା ପାଇଁ ସ୍ଥିର ହୋଇଛି। ବ୍ଲକ ମୁଖ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା.ନବ କିଶୋର କର, ସିଡିପିଓ ମନୋରମା ମହାପାତ୍ର, ରୁକ୍ମଣୀ ଦେବୀ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଧର୍ମାନନ୍ଦ ପଲେଇ, ବିଆର୍‌ସିସି ସିଦ୍ଧେଶ୍ୱର କରଣ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ, ସିପି ପ୍ରଭାତ କୁମାର ଜେନା, ସାମାଜିକ ସୁରକ୍ଷା ଅଧିକାରିଣୀ ଶୁଭଲକ୍ଷ୍ମୀ ପାତ୍ର, ମିଶନ ଶକ୍ତି ବିପିସି ସସ୍ମିତା ନନ୍ଦ, ବିପିଏମ୍ ଉମାକାନ୍ତ ମିଶ୍ର, ଅଧାପିକା ମଧୁସ୍ମିତା ରାୟ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ।

# ଦ୍ୱିତୀୟ ପିଏମ୍‌ଶ୍ରୀ ବାର୍ଷିକ ଉତ୍ସବ

ବେଗୁନିଆ,୩୧।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ପିଏମ୍‌ଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ଦ୍ୱିତୀୟ ପିଏମ୍‌ଶ୍ରୀ ବାର୍ଷିକ ଉତ୍ସବ ଏବଂ ୮୨ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବେଗୁନିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଜେନା ମୁଖ୍ୟ ଅତିଥି, ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ ବିଶିଷ୍ଟ ଅତିଥି, ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ଡ.ନିରଞ୍ଜନ ମହାନ୍ତି ମୁଖ୍ୟ ବକ୍ତା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅର୍ଣ୍ଣବ କୁମାର ବେଉରା, ବିଦ୍ୟାଳୟ ପରିଚାଳନା ପରିଷଦର ଅଧ୍ୟକ୍ଷା ପୁଷ୍ପଲତା ଜୟସିଂହ ଓ ଉପାଧ୍ୟକ୍ଷ ସର୍ବେଶ୍ୱର ସାହୁ, ପଞ୍ଚଶଖା ଶିକ୍ଷାସେତୁ ସଙ୍ଗଠନର ସଭାପତି ମାୟାଧର ମାର୍ଥା, ଉପସଭାପତି ଭବାନୀ ଶଙ୍କର ଜୟସିଂହ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ସୂର୍ଯ୍ୟକାନ୍ତ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପତ୍ରିକା ‘ଦୀପଶିଖା’ ଉନ୍ମୋଚନ ହୋଇଥିଲା। ପ୍ରଧାନ ଶିକ୍ଷକ ସ୍ୱାଇଁଙ୍କ ରଚନା ଏବଂ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ସାହୁଙ୍କ ନିର୍ଦ୍ଦେଶନାରେ ପାରିବାରିକ ନାଟକ ‘ସାବତ କନ୍ୟାକୁ ଦଇବ ସାହା’ ମଞ୍ଚସ୍ଥ ହୋଇଥିଲା। ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସୌମ୍ୟରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୋକାନ ତାଲା ଭାଙ୍ଗି ସାମଗ୍ରୀ, ଟଙ୍କା ନେଇଗଲେ

**ଥାନା ଠାରୁ ୫୦ମିଟର ଦୂରରେ ଚୋରି**

ଖୋର୍ଦ୍ଧା,୩୧।୩(ପ୍ରଭାତ ପାଣିଗ୍ରାହୀ)

ଆଦର୍ଶ ଥାନାଠାରୁ ୫୦ମିଟର ଦୂର ତଥା ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ ଶହୀଦ ମାର୍କେଟସ୍ଥିତ ଏକ ତେଜରାତି ଦୋକାନରୁ ସୋମବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନ ତାଲା ଭାଙ୍ଗି ତେଜରାତି ସାମଗ୍ରୀ ସହ ୫ହଜାର ଟଙ୍କା ନେଇଯାଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ବାଘମାରୀ ଥାନା ଅନ୍ତର୍ଗତ କୁରାଢିଲୋ ଗ୍ରାମର ସୌମ୍ୟରଞ୍ଜନ ସାହୁ ଏଠାରେ ଭଡ଼ାରେ ଏକ ତେଜରାତି ଦୋକାନ ଦେଇଛନ୍ତି। ସବୁଦିନ ପରି ସୋମବାର ରାତି ସାଢ଼େ ୧୦ଟାରେ ଦୋକାନ ବନ୍ଦ କରି ଯାଇଥିଲେ। ମଙ୍ଗଳବାର ସକାଳ ୬ଟାରେ ଦୋକାନ ଖୋଲିବାକୁ ପହଞ୍ଚିଥିବା ବେଳେ ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଦୋକାନ ଭିତରେ ବହୁ ସାମଗ୍ରୀ ଏଣେତେଣେ ପଡିଥିବା ବେଳେ ୩୦ ପ୍ୟାକେଟ ଅମୂଲ ଯାହାର ମୂଲ୍ୟ ପ୍ରାୟ ୫ହଜାର ଟଙ୍କା, ବିସ୍କୁଟ ଏକ ବଡ ପ୍ୟକେଟ ମୂଲ୍ୟ ୪ହଜାର, କାଜୁ-କିସମିସ୍- ଆଲମଣ୍ଡ ୧୦ ପ୍ୟାକେଟ ଯାହାର ମୂଲ୍ୟ ପ୍ରାୟ ୫ହଜାର ଟଙ୍କା ହେବ ଚୋରି ହୋଇଯାଇଛି। ବେପାରୀଙ୍କୁ ଦେବା ଲାଗି ରଖିଥିବା ୫ହଜାର ଟଙ୍କା ମଧ୍ୟ ନେଇଯାଇଛନ୍ତି।

ଏନେଇ ନଗର କଂଗ୍ରେସ ସଭାପତି ରଣଜିତ ମହାପାତ୍ର କୁହନ୍ତି, ଥାନା ନିକଟ ଦୋକାନରୁ ଚୋରି ହେବା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯେଉଁଠି ଥାନା ନିକଟରେ ଥିବା ଦୋକାନ ବଜାର ସୁରକ୍ଷିତ ନୁହଁ, ଅନ୍ୟ ସ୍ଥାନରେ ଚୋରି ହେଲେ ପୋଲିସ କ’ଣ ସୁରକ୍ଷା ଦେବ ବୋଲି କହିଛନ୍ତି। ପ୍ରକାଶ ଯେ, ନିକଟରେ ରଣଜିତଙ୍କ ଗ୍ରାହକ ସେବାକେନ୍ଦ୍ରରୁ ଏକ ଫ୍ୟାନ ଚୋରି ହୋଇଥିବା ବେଳେ ଭାରତୀ ଇଲୋକ୍ଟ୍ରୋନିକ୍ସ ଦୋକାନରୁ ଦିନ ଦ୍ୱିପହରରେ ଏକ ଷ୍ଟାଣ୍ଡିଙ୍ଗ ଫ୍ୟାନ ଦୋକାନ ଆଗରୁ ଚୋରି ହୋଇଯାଇଥିଲା। ଏନେଇ ଥାନାଧିକାରୀ ସଞ୍ଜୟ ନାୟକ କୁହନ୍ତି, ଘଟଣାର ତଦନ୍ତ ଜାରି ରହିଛି, ଅସାମାଜିକଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଛି। ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ। ରାତିରେ ନିୟମିତ ପାଟ୍ରୋଲିଂ ଏବଂ ୧୧୨ ଗାଡି ପରିକ୍ରମା କରୁଛି। ଲୋକଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି ବୋଲି ଥାନାଧିକାରୀ ନାୟକ କହିଛନ୍ତି।

# ଚିଲିକା ପ୍ରାଚୀନ ସଂସ୍କୃତି, ଐତିହ୍ୟର ମୂକସାକ୍ଷୀ

**ବାଲୁଗାଁ ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ପ୍ରକୃତି ଶିବିର**

ବାଲୁଗାଁ,୩୧।୩
(ସଂଗ୍ରାମ ପାଇକରାୟ)

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପାଞ୍ଚଦିନ ଧରି ଆୟୋଜିତ ରାଜ୍ୟସ୍ତରୀୟ ପ୍ରକୃତି ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା ବିଭାଗର ଉପସଚିବ ପ୍ରଫେସର ରମେଶ ଚନ୍ଦ୍ର ବେହେରା ଦିଗ୍‌ଦର୍ଶନ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଏହି ଶିବିରକୁ ଉତ୍କଳ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ବ୍ରଜ ନାରାୟଣ ପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ଜାତୀୟ ଯୁବ ପ୍ରକଳ୍ପ ସଂଯୋଜକ ଶ୍ରୀ ସୋମ, ରାଜ୍ୟ ଏନ୍‌ଏସ୍‌ଏସ୍ ତାଲିମ କେନ୍ଦ୍ର ସହ-ସଂଯୋଜକ ନିରଦ ବରଣ ଖୁଣ୍ଟିଆ, ବାଲୁଗାଁ ବନ୍ୟପ୍ରାଣୀ ଡିଏଫ୍‌ଓ ଅମ୍ଲାନ ନାୟକ, ପରିବେଶବିତ୍ ଡ.ପ୍ରକାଶ ଜେନା, ପୂର୍ବତନ ମୁଖ୍ୟ ବନ ସଂରକ୍ଷକ ଅଶୋକ କୁମାର ବିଶ୍ୱାଳ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷର ବୈଜ୍ଞାନିକ ପ୍ରଦୀପ୍ତ ରଞ୍ଜନ ମୁଦୁଲି, ଡ. ସନ୍ତୋଷ କୁମାର ତ୍ରିପାଠୀ ବିଭିନ୍ନ ଦିବସରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କୁ ଚିଲିକାର ପ୍ରକୃତି, ପରିବେଶ, ବିଦେଶାଗତ ପକ୍ଷୀ, ଜୈବ ବିବିଧତା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ବିଶିଷ୍ଟ ଅତିଥି ତଥା ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ, ମୁଖ୍ୟବକ୍ତା ଡିଏଫ୍‌ଓ ଅମ୍ଳାନ ନାୟକ, ଯୁକ୍ତ୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ପରିବେଶ ପ୍ରତି ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଚିଲିକା ପ୍ରାଚୀନ ସଂସ୍କୃତି, ଐତିହ୍ୟର ମୂକସାକ୍ଷୀ ବୋଲି ମତପ୍ରକାଶ ପାଇଥିଲା। ଉକ୍ତ ପ୍ରକୃତି ଶିବିରକୁ କାର୍ଯ୍ୟକ୍ରମ ସଂଯୋଜକ ଡ. କୈଳାସ ଚନ୍ଦ୍ର ମହାରଣା ଓ ଅଧାପିକା ରୀନା ରାଉତ ପରିଚାଳନା କରିଥିଲେ। ଶିବିରରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଦୁଇଶହ ସ୍ୱେଚ୍ଛାସେବୀଙ୍କ ସମେତ ସେମାନଙ୍କ ଦାୟିତ୍ୱରେ ୨୫ଜଣ କାର୍ଯ୍ୟକ୍ରମ ଅଧିକାରୀ ଯୋଗଦେଇଥିଲେ।


ଜଣେ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଉଛି।

# ପରମାଣୁ ଶକ୍ତି ସଂକ୍ରାନ୍ତୀୟ ସଚେତନତା କାର୍ଯ୍ୟକ୍ରମ

ଖୋର୍ଦ୍ଧା,୩୧।୩(ପ୍ରଭାତ ପାଣିଗ୍ରାହୀ)

ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଖୋର୍ଦ୍ଧାଠାରେ ସୋମବାର ରାଷ୍ଟ୍ରୀୟ ବିଜ୍ଞାନ ଶିକ୍ଷା ଓ ଅନୁସନ୍ଧାନ ସଂସ୍ଥାନ ଭୁବନେଶ୍ୱର ଏବଂ ଏଟୋମିକ ଏନର୍ଜି ବିଭାଗ ମୁମ୍ବାଇ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ନବମ ଓ ଏକାଦଶ ଶ୍ରେଣୀର ୧୩୨ ଜଣ ବିଦ୍ୟାର୍ଥୀ ଯୋଗଦେଇଥିଲେ। ବିଦ୍ୟାଳୟର ବିଜ୍ଞାନ ଅଧାପକ ସରୋଜ କୁମାର ସାହୁ , ଅଧାପିକା ପ୍ରିୟତମା ସାମନ୍ତ ଏବଂ ପ୍ରଗତି ସାହୁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧ୍ୟକ୍ଷ ନୃସିଂହ ଚରଣ ଚକ୍ର ସାଗତ ଭାଷଣ ଦେଇଥିଲେ। ଏଟୋମିକ ଏନର୍ଜି(ପରମାଣୁ ଶକ୍ତି)ର ନିର୍ଦ୍ଦେଶକ ଅଚଳେଶ୍ୱର ସିଂହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ପ୍ରଫେସର କରୁଣାକର ନନ୍ଦ ବିଜ୍ଞାନ, ପ୍ରଯୁକ୍ତି ତଥା ପରମାଣୁ ଶକ୍ତି ଓ ତାହାର ବ୍ୟବହାର ବିଷୟରେ ବିସ୍ତୃତ ଉପସ୍ଥାପନ କରିଥିଲେ। ଏଟୋମିକ ଏନର୍ଜି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ପ୍ରସ୍ତୁତ ହୋଇଥିବା ଭିଡିଓ ଦେଖାଇଥିଲେ। ପରମାଣୁ ଶକ୍ତି ଓ ତାହାର ବ୍ୟବହାରକୁ ନେଇ ଏକ ପ୍ରଶ୍ନୋତ୍ତରୀ ପ୍ରତିଯୋଗିତା ହୋଇଥିଲା। ପରମାଣୁ ଶକ୍ତି ବିଭାଗ ଦ୍ୱାରା ବିଜ୍ଞାନ ବିଭାଗର ସମସ୍ତ ସଦସ୍ୟ ଓ ବିଜେତା ବିଦ୍ୟାର୍ଥୀଙ୍କୁ ସ୍ମୃତିଚିହ୍ନ ପ୍ରଦାନ କରାଯାଇଥିଲା। ଶେଷରେ ନାଇଜରର ଡି.ବି. ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ମଞ୍ଚାସୀନ ଅତିଥି।

# ମା’ ମଙ୍ଗଳାଙ୍କ ପୀଠରେ ଯଜ୍ଞୋତ୍ସବ

ବୋଲଗଡ଼,୩୧।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ସଁପୁର ଗ୍ରାମର ଗୋବିନ୍ଦପୁର ଓ ଗୋପାଳପୁର ମୌଜା ବାସିନ୍ଦାଙ୍କ ପକ୍ଷରୁ ତଳସାହିସ୍ଥିତ ମା’ ମଙ୍ଗଳାଙ୍କ ବିଜେସ୍ଥଳୀରେ ମଙ୍ଗଳବାର ବାର୍ଷିକ ଯଜ୍ଞୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ମାନସିକଧାରୀ ଶ୍ରଦ୍ଧାଳୁମାନେ ନେଳିଆ ପୋଖରୀଠାରେ ପୂଜାର୍ଚ୍ଚନା ପରେ ପବିତ୍ର ଜଳଭରା କଳସ ଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞବେଦୀରେ କଳସ ସ୍ଥାପନ କରିଥିଲେ। ପରେ ବିଭିନ୍ନ ଯଜ୍ଞନୀତି ସହ ଅଗ୍ନିସ୍ଥାପନ କରାଯାଇ ଲୁଲୁ ମିଶ୍ରଙ୍କ ମନ୍ତ୍ରୋଚ୍ଚାରଣରେ ହୋମକାର୍ଯ୍ୟ ଆରମ୍ଭ ହୋଇଥିଲା। କର୍ତ୍ତାଭାବେ ଭ୍ରମରବର ଦେଓ ଦାୟିତ୍ୱ ତୁଲାଇଥିଲେ। ପରବର୍ତ୍ତୀ ସମୟରେ ପୂର୍ଣ୍ଣାହୁତି ସହ ଯଜ୍ଞକାର୍ଯ୍ୟ ସମାପନ ହେବା ପରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ନାମଯଜ୍ଞ ସହ ହରିବୋଲ ହୁଳହୁଳି ଶବ୍ଦରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ରାତିରେ ଗ୍ରାମ କଳାକାରମାନଙ୍କ ଦ୍ୱାରା ସାମାଜିକ ନାଟକ ‘ଅଦିନ ଝଡ଼ର ଦୁଃଖ କାହାଣୀ’ ମଞ୍ଚସ୍ଥ ହୋଇଥିଲା।

# ବିପୁଳ ପରିମାଣରେ ଗଞ୍ଜେଇ ଜବତ, ଏକାଧିକ ଯୁବକଙ୍କୁ ପଚରାଉଚରା

ବେଗୁନିଆ,୩୧।୩(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ପୋଲିସ ମଙ୍ଗଳବାର ରାତିରେ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଏକାଧିକ ଯୁବକଙ୍କୁ ସନ୍ଦେହରେ ପୋଲିସ ଅଟକ ରଖି ପଚରାଉଚରା କରୁଛି। କେତେ ପରିମାଣର ଜବତ ହୋଇଛି, ଗଞ୍ଜେଇ କେଉଁଠୁ ଆସୁଥିଲା, କେତେଜଣ ଏହି କାରବାରରେ ସମ୍ପୃକ୍ତ ଅଛନ୍ତି ତାହ ସ୍ପଷ୍ଟ ହୋଇ ନାହିଁ। ଏ ସମ୍ପର୍କରେ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ କହିଛନ୍ତି ଯେ, ତଦନ୍ତ ଜାରି ରହିଛି। ସମ୍ପୂର୍ଣ୍ଣ ଭାବେ ସ୍ପଷ୍ଟ ହେବା ପରେ ସୂଚନା ଦିଆଯିବ। ମିଳିଥିବା ସୂଚନା ମୁତାବକ, ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ପାଇଁ ଏକାଧିକ ଯୁବକ ବେଗୁନିଆ ରେଳ ଷ୍ଟେଶନ ଠାରେ ପ୍ରସ୍ତୁତ କରୁଥିଲେ। ଖବରପାଇ ବେଗୁନିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ଏକାଧିକ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି।

# ବଜରଙ୍ଗବାଲି ସ୍ପୋର୍ଟିଂ କ୍ଲବ ସେମିରେ

**କୁଶପଲ୍ଲା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ବେଗୁନିଆ,୩୧।୩
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ୍ କୁଶପଲ୍ଲା ଗ୍ରାମସ୍ଥିତ ଖେଳପଡ଼ିଆରେ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଭୁବନେଶ୍ୱରର ସେଞ୍ଚୁରିଆନ୍ ୟୁନିଭର୍ସିଟି ଫୁଟ୍‌ବଲ କ୍ଲବ ଏବଂ ଘାଟିକିଆର ବଜରଙ୍ଗବାଲି ସ୍ପୋର୍ଟିଂ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ବଜରଙ୍ଗବାଲି ସ୍ପୋର୍ଟିଂ କ୍ଲବ ଗୋଟିଏ ଗୋଲ ଦେଇଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ସେଞ୍ଚୁରିଆନ୍ ୟୁନିଭର୍ସିଟି ଫୁଟ୍‌ବଲ କ୍ଲବ ଗୋଲ ଦେଇପାରି ନ ଥିଲା। ଫଳରେ୧-୦ ଗୋଲରେ ବଜରଙ୍ଗବାଲି ସ୍ପୋର୍ଟିଂ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ପରିଚାଳକ ଦୟାନ ଖାଁଙ୍କ ଅଧ୍ୟକ୍ଷତାରେ ସକାବତ ଅଲ୍ଲି ଖାନ, ପ୍ରଫୁଲ୍ଲ କୁମାର ବେହେରା, ପ୍ରିୟବ୍ରତ ବାହିନୀପତି ଏବଂ ସଗିର ଅହମ୍ମଦ ମ୍ୟାଚ୍ ପରିଚାଳନା କରିଥିଲେ। ଫୈଜଲ ହୁସେନ ଖାନ୍ ଓ ଅମଜାଦ୍ ଖାନ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ବିଜୟୀ ଟିମ୍‌ର ୮ନଂ. ଖେଳାଳି ସ୍ୱରୂପ ଚୌଧୁରୀ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସାମାଜିକ କର୍ମୀ ମନୋଜ ପ୍ରଧାନ, ଅନସୁର ଖାନ୍, ଅଞ୍ଜର ଖାନ୍ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବଜରଙ୍ଗବାଲି ସ୍ପୋର୍ଟିଂ କ୍ଲବ ଏବଂ ଖୋର୍ଦ୍ଧାର ଜୟ ଦୁର୍ଗା ଫୁଟ୍‌ବଲ କ୍ଲବ ମଧ୍ୟରେ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ କୁହାଯାଇଛି।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ମାନ୍ୟତା ସତ୍ତ୍ୱେ ହୋଇପାରିନି ବିକାଶ

**ଖୋର୍ଦ୍ଧା ଜିଲା ଗଠନକୁ ୩୩ ବର୍ଷ ପୂରିଲା**

**ପ୍ରତିଷ୍ଠା ଦିବସ ପାଳନ ହେଉ ନ ଥିବାରୁ ଅସନ୍ତୋଷ**

ଖୋର୍ଦ୍ଧା,୩୧।୩(ପ୍ରଭାତ ପାଣିଗ୍ରାହୀ)

ଏପ୍ରିଲ ପହିଲା ଓଡ଼ିଶା ଦିବସରେ ଖୋର୍ଦ୍ଧା ଜିଲା ୩୪ ବର୍ଷରେ ପାଦଦେବ। ଏହାର ଭୌଗୋଳିକ, ଐତିହାସିକ, ରାଜନୈତିକ ଏବଂ ସାଂସ୍କୃତିକ ପୃଷ୍ଠଭୂମିରୁ ଏହି ମାଟି ଗୌରବମୟ ଗାଥାର ପରିଚୟ ବହନକରେ। ମୁକ୍ତି ସଂଗ୍ରାମରେ ଖୋର୍ଦ୍ଧା ମାଟିର ଅବଦାନ ଅତୁଳନୀୟ। ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ସଂଗ୍ରାମର ବୀଜ ଏଠାରୁ ହିଁ ରୋପଣ ହୋଇଥିଲା। ତେବେ ଦୀପ ତଳ ଅନ୍ଧାର ଭଳି ରାଜଧାନୀ ଭୁବନେଶ୍ୱରକୁ ବାଦ୍‌ଦେଲେ ଜିଲାରେ ସେପରି ଆଖିଦୃଶିଆ ବିକାଶ ହୋଇପାରିନାହିଁ। ଜିଲା ଗଠନର ପ୍ରତିଷ୍ଠା ଦିବସ ଏବଂ ଓଡ଼ିଶା ଦିବସରେ ଆତ୍ମଚିନ୍ତନ ଅପରିହାର୍ଯ୍ୟ। ଅନ୍ୟପଟେ ଖୋର୍ଦ୍ଧା ଜିଲା ପ୍ରତିଷ୍ଠା ଦିବସ ପାଳନ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ୧୯୯୩ ମସିହାରେ ଖୋର୍ଦ୍ଧା ଜିଲା ଗଠନ ହୋଇଥିଲା। ୧୯୯୫ରେ ଜିଲାର ମୁଖ୍ୟ କାର୍ଯ୍ୟାଳୟ ଖୋର୍ଦ୍ଧାରେ ସ୍ଥାପିତ ହେଲା। ରାଜଧାନୀ ଭୁବନେଶ୍ୱର ବ୍ୟତୀତ ସମଗ୍ର ଖୋର୍ଦ୍ଧ ଜିଲାରେ ସେଭଳି କୌଣସି ବିକାଶ ପରିଲକ୍ଷିତ ହେଉନାହିଁ। ଜିଲାରେ ଐତିହ୍ୟ କୀର୍ତ୍ତିରାଜି ଭରପୂର ରହିଥିବା ବେଳେ ଏହାର ପୁନରୁଦ୍ଧାର ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ବରୁଣେଇ ପାହାଡ଼ ପାଦଦେଶରେ ପ୍ରସ୍ତାବିତ ସ୍ମାରକୀ ନିର୍ମାଣ ମନ୍ଥରଗତିରେ ଚାଲିଛି। ପ୍ରସ୍ତାବିତ ପାଇକ ଏକାଡେମୀ ପ୍ରସ୍ତାବରେ ରହିଗଲା। ଗଡ଼ଖୋର୍ଦ୍ଧା ନିକଟରେ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ପଡିଛି। ଜିଲାରେ କ୍ରୀଡ଼ାର ଭିତ୍ତିଭୂମି ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଏକ ଉନ୍ନତମାନର ଷ୍ଟାଡିୟମ ଅଭାବରୁ ଖେଳାଳିମାନେ କ୍ରୀଡ଼ାରୁ ବଞ୍ଚିତ ହେଉଛନ୍ତି। ଖୋର୍ଦ୍ଧାର ଅନ୍ୟତମ ପରିଚୟ ନାଲିଗାମୁଛା। ପ୍ରୋତ୍ସାହନ ଅଭାବରୁ କାରିଗରମାନେ ଏଥିରୁ ମୁହଁ ଫେରାଉଛନ୍ତି। ମହାପ୍ରଭୁଙ୍କ ଲୀଳାକ୍ଷେତ୍ରର ବିକାଶ, ପୁନରୁଦ୍ଧାର ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏବେ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏହି ମହାବିଦ୍ୟାଳୟର ଗୌରବମୟ ଇତିହାସ ରହିଛି। ବିଶ୍ୱବିଦ୍ୟାଳୟ ଗଠନ ଲାଗି ସମସ୍ତ ଭିତ୍ତିଭୂମି ଥିବା ସତ୍ତ୍ୱେ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ଖୋର୍ଦ୍ଧା ସହରର ଡ୍ରେନେଜ୍, ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସହରର ଗଳିକନ୍ଦିରୁ ଠିକ୍ ସମୟରେ ଅଳିଆ ହଟୁ ନ ଥିବା ବେଳେ ଡ୍ରେନ୍ କେଉଁଠି ଭାଙ୍ଗିଗଲାଣି ତ ଆଉ କେଉଁଠି ପୋତି ହୋଇଗଲାଣି। ଜିଲାରେ ବୃହତ୍ ଶିଳ୍ପସଂସ୍ଥା ରହିଥିଲେ ମଧ୍ୟ ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି ମିଳୁନି। ଫଳରେ ସେମାନେ ରୋଜଗାର ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଉଛନ୍ତି। ଜିଲାକୁ ପ୍ରବେଶ ଲାଗି ୩ଟି ପ୍ରବେଶପଥ ରହିଛି, ହେଲେ କେଉଁଠି ମଧ୍ୟ ପ୍ରଶାସନ ପକ୍ଷରୁ ସ୍ୱାଗତ ପ୍ରାଚୀର ନିର୍ମାଣ କରାଯାଇନାହିଁ। ରାଜନୈତିକ ଇଚ୍ଛାଶକ୍ତି, ସମନ୍ୱୟ ଅଭାବରୁ ବିକାଶ ପଛେଇଯାଇଛି। ତେଣୁ ସମସ୍ତ ଜନପ୍ରତିନିଧି ଏବଂ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଶ୍ରୀମନ୍ଦିରରେ ଦୟଣାଚୋରି ନୀତି ସମ୍ପନ୍ନ

**ପୁରୀ,୩୧।୩(ଅଜିତ୍ କୁମାର ମହାନ୍ତି)**

ଚୈତ୍ରମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥି ମଙ୍ଗଳବାର ଅବସରରେ ଶ୍ରୀମନ୍ଦିରରେ ଦମନକ ଚୋରି ବା ଦୟଣାଚୋରି ନୀତି ସମ୍ପନ୍ନ ହୋଇଛି। ଏହି ନୀତି ପାଇଁ ଶ୍ରୀମନ୍ଦିର ତଥା ଶ୍ରୀକ୍ଷେତ୍ରରେ ଚାଲିଥିବା ରାମଲୀଳା ବା ସାହିଯାତ ବନ୍ଦ ରହିଥିଲା। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ପରେ ରାମ ଓ କୃଷ୍ଣ ରତ୍ନସିଂହାସନକୁ ବିଜେ କରିଥିଲେ। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ୨ ଠାକୁରଙ୍କୁ ପ୍ରଦାନ କରିଥିଲେ। ସେହିପରି ପୂର୍ବରାତ୍ରରୁ ଅଧିବାସ ହୋଇ ରହିଥିବା ଅଧିବାସ କନ୍ଦର୍ପ ପଟି ମହାଜନମାନେ ଆଣି ବଟମୂଳେ ରହିଥିବା ପାଲିଙ୍କି ନିକଟକୁ ବିଜେ କରାଇଥିଲେ। ଏହାପରେ ରାମ ଓ କୃଷ୍ଣ ପାଲିଙ୍କିକୁ ବିଜେ ହୋଇଥିଲେ। କନ୍ଦର୍ପ ପଟି ଧରି ମହାଜନସେବକ ଆଗେ ଆଗେ ଚାଲିଥିଲେ। ବିମାନବଡୁ ସେବକମାନେ ଘଣ୍ଟ, ଛତା ସହ ଠାକୁରଙ୍କୁ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରାଇଥିଲେ। ଜଗନ୍ନାଥବଲ୍ଲଭ ଝୁଲଣ ଘର ଶେଜ ଖଟ ଉପରେ ରାମକୃଷ୍ଣ ବିଜେ କରିବା ପରେ କନ୍ଦର୍ପ ପଟି ବିଜେ କରାଯାଇଥିଲା। ସେଠାରେ ପୂଜାପଣ୍ଡା ସାମନ୍ତ ବରୁଣ ପୂଜା ଏବଂ ଯଜ୍ଞ କରିଥିଲେ। ଯଜ୍ଞର ପୂର୍ଣ୍ଣାହୁତି ପରେ କନ୍ଦର୍ପଙ୍କ ଠାରେ ପଞ୍ଚୋପଚାରରେ ଖିରି ଭୋଗ ହେବା ସହ ମୁଦିରସ୍ତ ବନ୍ଦାପନା କରିଥିଲେ। ଏହାପରେ ପୂଜାପଣ୍ଡା ସାମନ୍ତ ରାମକୃଷ୍ଣଙ୍କ ନିକଟରେ ପୂଜା କରି ଶୀତଳଭୋଗ ମଣୋହି କରିବା ପରେ ବନ୍ଦାପନା ଅନୁଷ୍ଠିତ ହୋଇଥିଲା।

ମହାଜନସେବକରାମକୃଷ୍ଣଙ୍କୁହାତରେ ଧରି ମଠର ସୁଗ୍ରୀବ ମହାରାଜଙ୍କ ସମ୍ମୁଖ ପ୍ରମୋଦଉଦ୍ୟାନକୁ ବିଜେ କରାଇଥିଲେ।



ଦୟଣାଚୋରି ନୀତି ସାରି ମହାପ୍ରଭୁ ଶ୍ରୀମନ୍ଦିରକୁ ଫେରୁଛନ୍ତି।

ସେଠାରେ ଏକ ଆସ୍ଥାନରେ ୬ଟି ଦୟଣା ବୃକ୍ଷ ରୋପଣ କରାଯାଇଥିଲା। ଭିତରଚ୍ଛ ୨ଟି ବୃକ୍ଷ ଆଣି ରାମକୃଷ୍ଣଙ୍କ ଶ୍ରୀହସ୍ତରେ ଲାଗି କରାଇଥିଲେ। ଅବଶିଷ୍ଟ ୪ଟି ବୃକ୍ଷକୁ ଏକ ତାଡ଼ରେ ଶ୍ରୀମନ୍ଦିରକୁ ଅଣାଯାଇଥିଲା। ଏହାପରେ ରାମ ଓ କୃଷ୍ଣ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଠାକୁର ଶ୍ରୀମନ୍ଦିରରେ ପହଞ୍ଚିବା ପରେ ଭୋଗମଣ୍ଡପରେ ଚୁନପାଣି ପକାଯାଇ ଧୋପଖାଳ କରାଯାଇ ଚାନ୍ଦୁଆ ଟଣା ଯାଇଥିଲା। ଚାନ୍ଦୁଆ ତଳେ ବାଲିବନ୍ତ ଉପରେ ଦୟଣା ମରୁଆ ସୁବାସ ଗଛମାନ ରୋପଣ କରାଯାଇଥିଲା। ପରେ ପାଲିଙ୍କିରୁ ମହାଜନ ସେବକମାନେ ୨ ଠାକୁରଙ୍କୁ ଗରୁଡ଼ ଦ୍ୱାରକୁ ଆଣିଥିଲେ। ଗରୁଡ଼ ଦ୍ୱାରଠାରେ ମହାଜନେ ରାମ ଓ କୃଷ୍ଣଙ୍କ ଶ୍ରୀହସ୍ତରେ ଲାଗି ହୋଇ ରହିଥିବା ଦୟଣାଗଛ ମଇଲମ କରିଥିଲେ। ଦୟଣାପତ୍ରି ଉକ୍ତ ଗଛମାନଙ୍କୁ ତାଡ଼ରେ ରଖିଥିଲେ। ବଡ଼ସିଂହାର ଭୋଗ ପରେ ମଦନମୋହନ ଠାକୁର ଭିତରକୁ ବିଜେ କରିଥିଲେ। ଶ୍ରୀଦେବୀ, ଭୂଦେବୀ ଓ ମଦନମୋହନ ଆଜ୍ଞାମାଳ ପାଇଲା ପରେ ଭୋଗମଣ୍ଡପ ଘରେ ପଡ଼ିଥିବା ଶେଜ ଉପରେ ବିଜେ କରିଥିଲେ। ବିଜେ ପରେ ମହାଜନେ ଶ୍ରୀଦେବୀ, ଭୂଦେବୀ ଓ ମଦନମୋହନଙ୍କ ହାତରେ ୩ଟି ଦୟଣା ଗଛ ବାନ୍ଧି ଦିଅନ୍ତି। ସେମାନଙ୍କ ଆଗରେ ଆଉ ୩ଟି ଗଛକୁ ୩ ଚାଙ୍ଗୁଡ଼ିରେ ରଖାଯାଏ। ପୂଜାପଣ୍ଡା ପତନି ଫୁଲଚନ୍ଦନ ଦେଇ ମଣ୍ଡଳ ଉପରେ ୩ଟି ଚାଙ୍ଗୁଡ଼ି ରଖିଥଲେ। ଏହାପରେ ପାଣିପଡ଼ି ଶୀତଳଭୋଗ ବଢ଼ାଯାଇ ପଞ୍ଚ ଉପଚାରରେ ମଣୋହି ହୋଇଥିଲା। ଭୋଗମଣ୍ଡପ ଘର ଦ୍ୱାରକୁ ତଡ଼ଉକରଣ ମୁଦ ଦେଇଥିଲେ। ଏହାପରେ ଅନ୍ୟାନ୍ୟ ନୀତି ହୋଇଥିଲା। ବୁଧବାର ଚତୁର୍ଦ୍ଦଶୀ ତିଥି ଅବସରରେ ଶ୍ରୀମନ୍ଦିରରେ ରୀତିନୀତି ଅନୁଯାୟୀ ସକାଳଧୂପ ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ନିକଟରେ ଦୟଣା ବା ଦମନକ ବୃକ୍ଷ ଲାଗିହେବାର ପରମ୍ପରା ରହିଛି।





୩୧।୩।୨୦୨୬

| ୪,୧୨,୮୮୪ ଟଙ୍କା | |
|---|---|
| ସୁନା | ୧୩୦ ମିଲିଗ୍ରାମ୍ |
| ରୁପା | ୧୨.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ପୁରୀବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ପୁରୀ,୩୧।୩(ଅଜିତ୍ କୁମାର ମହାନ୍ତି)**

ଶ୍ରୀକ୍ଷେତ୍ର ସୁରକ୍ଷା ଅଭିଯାନ ପକ୍ଷରୁ ଶ୍ରୀଜଗନ୍ନାଥ ମନ୍ଦିରରେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସ୍ୱତନ୍ତ୍ର ପ୍ରବେଶ ବ୍ୟବସ୍ଥା ସମ୍ବନ୍ଧରେ ଅନୁରୋଧ କରି ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥ କେବଳ ଜଣେ ଦେବତା ନୁହନ୍ତି, ବରଂ ପୁରୀର ଆତ୍ମା ଓ ସାଂସ୍କୃତିକ ପରିଚୟର ମୂଳ ଆଧାର। ସ୍କନ୍ଦ ପୁରାଣ ଅନୁଯାୟୀ, ମହାପ୍ରଭୁ ପୁରୀବାସୀଙ୍କ ସହ ଅବିଚ୍ଛିନ୍ନ ଭାବେ ଜଡ଼ିତ ଓ ପୁରାତନ କାଳରୁ ସେମାନେ ତାଙ୍କୁ ନିଜ ଗ୍ରାମ ଦେବତା ଭାବେ ପୂଜା କରୁଛନ୍ତି। ପୁରୀର ଲୋକଙ୍କ ପାଇଁ ଦିନଟି ସାଧାରଣତଃ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନରେ ଆରମ୍ଭ ହୋଇଥାଏ ଏବଂ ତାଙ୍କର ଆଶୀର୍ବାଦରେ ସମାପ୍ତ ହୋଇଥାଏ। ଅନେକ ଭକ୍ତ ପ୍ରଥମେ ମନ୍ଦିରକୁ ଯାଇ ପ୍ରାର୍ଥନା କରିବା ପରେ ଭୋଜନ କରନ୍ତି। ଗତ କିଛିବର୍ଷ ହେବ ସ୍ଥାନୀୟ ବାସିନ୍ଦା ନିୟମିତ ଦର୍ଶନ କରିବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିସ୍ଥିତିରେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସୁବିଧାଜନକ ଦର୍ଶନ ବ୍ୟବସ୍ଥା କରିବା ତାଙ୍କର ଧାର୍ମିକ ପରମ୍ପରା ଓ ଆଧ୍ୟାତ୍ମିକ ଜୀବନକୁ ଅବିଚ୍ଛିନ୍ନ ରଖିବା ଆବଶ୍ୟକ। ପୁରୀବାସୀ ଓ ଶ୍ରୀକ୍ଷେତ୍ର ସୁରକ୍ଷା ଅଭିଯାନ ପକ୍ଷରୁ ଅନୁରୋଧ କରୁଛୁ ଯେ, ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ପୁନର୍ବାର ବିଶେଷ ଓ ସୁବିଧାଜନକ ପ୍ରବେଶ ବ୍ୟବସ୍ଥା କରାଯାଉ, ବିଶେଷକରି ଦକ୍ଷିଣ ଦ୍ୱାର ଓ ଉତ୍ତର ଦ୍ୱାର ମାଧ୍ୟମରେ ଦର୍ଶନ ସୁନିଶ୍ଚିତ କରାଯାଉ ବୋଲି ଅଭିଯାନ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ନଗରପାଳ ଗୌରହରୀ ପ୍ରଧାନଙ୍କ ସହ ପୁଷ୍କର ମହାପାତ୍ର, ବିଶ୍ୱଭୂଷଣ ହୋତା, ଶରତ କୁମାର ରାୟଗୁରୁ, ସରସ୍ୱତୀ ପାତ୍ର, ଲକ୍ଷ୍ମୀ ପ୍ରିୟା ସାହୁ ଏବଂ ଲକ୍ଷ୍ମୀଧର ବେହେରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ଗୋପୀନାଥ କଲେଜରେ ସଚେତନତା କାର୍ଯ୍ୟକ୍ରମ

**ପୁରୀ,୩୧।୩(ଅଜିତ୍ କୁମାର ମହାନ୍ତି)**

ଭାରତୀୟ ସେନାରେ ନିଯୁକ୍ତି ପାଇଁ ଅଗ୍ନିପଥ ଏକମହତ୍ୱପୂର୍ଣ୍ଣପରିବର୍ତ୍ତନକାରୀ ଯୋଜନାର ଏକ ସଚେତନତା କାର୍ଯ୍ୟକ୍ରମ ଗୋପୀନାଥ ଦେବ ଡିଗ୍ରୀ କଲେଜ ପରିସରରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସୁଦର୍ଶନ ମହାରଥୀ ଅଧ୍ୟକ୍ଷତା କରିଥିଲେ। ଅଗ୍ନିପଥ ଯୋଜନା ଏକ ମହତ୍ୱପୂର୍ଣ୍ଣ ପରିବର୍ତ୍ତନକାରୀ ଯୋଜନା ଯାହା ଅଧୀନରେ ଚୟନ ହୋଇଥିବା ଯୁବକମାନଙ୍କୁ ଅଗ୍ନିବୀର ବୋଲି କୁହାଯାଏ। ଏହା ଏକ ସ୍ୱଳ୍ପକାଳୀନ ନିଯୁକ୍ତି ଯୋଜନା ହେଲେ ମଧ୍ୟ ଯୁବକଙ୍କ ଜୀବନକୁ ଶୃଙ୍ଖଳିତ ତଥା କୁଶଳୀ କାର୍ଯ୍ୟଶକ୍ତି ଭାବେ ଗଢ଼ି ତୋଳିବାରେ ଏହାର ଭୂମିକାକୁ ନୋଡାଲ୍ ଅଫିସର ହେମନ୍ତ କୁମାର ପ୍ରଧାନ ବର୍ଣ୍ଣନା କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଡ୍ରପ୍ ରୋବଲ୍ ଖେଳାଳିଙ୍କ ଦିଲ୍ଲୀ ଗସ୍ତ

**ପୁରୀ,୩୧।୩(ଅଜିତ୍ କୁମାର ମହାନ୍ତି)**

ଏପ୍ରିଲ୍ ୨ରୁ ୫ ତାରିଖ ପର୍ଯ୍ୟନ୍ତ ଅନ୍ତଃରାଜ୍ୟ ଡ୍ରପ ରୋବଲ ଚାମ୍ପିୟନସିପ ଏଚ୍‌ଆର ୟୁନିଭର୍ସିଟି, ଉତ୍ତରପ୍ରଦେଶ ଡ୍ରପ ରୋବଲ ସଂଘ ଓ ଡ୍ରପ ରୋବଲ ସଂଘ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୧୫ଜଣ ପ୍ରତିଯୋଗୀ ଭାଗନେବେ। ପ୍ରତିଯୋଗୀମାନେ ହେଲେ ଶୁଭମ ସ୍ୱାଇଁ, ଅନନ୍ୟା ସ୍ୱାଇଁ, ଆଦ୍ୟାଶା ମହାନ୍ତି, ପାୟଲ ପ୍ରିୟଦର୍ଶିନୀ, ସୌମ୍ୟରଞ୍ଜନ ନାୟକ, ପାୟଲ ମହାନ୍ତି, ସୁମିତ୍ରା ରାଉତ, ସୌମ୍ୟରଞ୍ଜନ ନାୟକ, ସୁମିତ୍ରା ରାଉତ, ସୌମ୍ୟରଞ୍ଜନ ସ୍ୱାଇଁ, ବିନୋଦିନୀ ଦୀକ୍ଷିତ, ରଶ୍ମିରଞ୍ଜନ ପରିଡ଼ା, ଶିବାନୀ ସାହୁ, ସସ୍ମିତା ସାହୁ। ଅଲ୍ ଇଣ୍ଡିଆ ରେଫ୍ରୀ ଭାବେ ରାକ୍ଷୀ ରଣା ଓ ଚିନ୍ମୟ ପାତ୍ର ରହିଛନ୍ତି। ଏହି ଟିମ୍ ପୁରୁଷୋତ୍ତମ ଏକ୍ସପ୍ରେସ ଯୋଗେ ଦିଲ୍ଲୀ ଗସ୍ତ କରିଛନ୍ତି। ତାଙ୍କୁ ଉତ୍ସାହିତ କରିବା ପାଇଁ ରେଲ୍‌ୱେ ଷ୍ଟେଶନ ଠାରେ ସାଇକେଲ ପୋଲ୍ ଓ ଇଣ୍ଡୋ ଆମେଚରର ଜାତୀୟ ଉପସଭାପତି ଓ ରାଜ୍ୟ ସଭାପତି ବିନୟ ନୃସିଂହ ମହାପାତ୍ର, ରାଜ୍ୟ ସମ୍ପାଦକ ରାଜକିଶୋର ମହାନ୍ତି, ଓଡ଼ିଶା ଡ୍ରପ ରୋବଲ୍ ଆସୋସିଏଶନର ରାଜ୍ୟ ଉପସଭାପତି ପ୍ରଦୀପ୍ତ କୁମାର ମିଶ୍ର, ସମ୍ପାଦକ ପ୍ରଦୀପ କୁମାର ସାହୁ ଅମର ଆନନ ପଟ୍ଟନାୟକ ଓ ସଦସ୍ୟା ସବିତା ସାହୁ, ବିଜୟ ଲକ୍ଷ୍ମୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।





ଅନ୍ତର୍ଜାତୀୟ ଡ୍ରପ୍ ରୋବଲ୍ ଚାମ୍ପିୟନଶିପରେ ଭାଗ ନେବାକୁ ଯାଉଥିବା ଖେଳାଳିମାନେ।

## ଯୁବତୀଙ୍କ ଆପତ୍ତିଜନକ ଫଟୋ ଭାଇରାଲ, ଯୁବକ ଗିରଫ

**ପୁରୀ, ୩୧।୩(ଅଜିତ୍ କୁମାର ମହାନ୍ତି)**

ଯୁବତୀଙ୍କ ଆପତ୍ତିଜନକ ଫଟୋ ଏବଂ ଭିଡିଓ ଭାଇରାଲ ଅଭିଯୋଗରେ ସାଇବର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଟାଉନ୍ ଥାନା ଅଞ୍ଚଳର ଶ୍ରଦ୍ଧାନନ୍ଦ ଦାସ ମହାପାତ୍ର। ଅଭିଯୋଗ ଅନୁଯାୟୀ, ଜଣେ ଯୁବତୀଙ୍କ ଆପତ୍ତିଜନକ ଫଟୋ, ଭିଡିଓ ଭାଇରାଲ ନେଇ ସାଇବର ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ ଯୁବକ ଜଣଙ୍କ ସେବାୟତ ପରିବାରର ହୋଇଥିବାରୁ ଏହାକୁ ଚାପିଦେବା ଲାଗି ଉଦ୍ୟମ ହୋଇଥିଲା। ମାତ୍ର ଅଭିଯୋଗକାରୀ ଯୁବତୀ ଆତ୍ମହତ୍ୟା ଧମକ ଦେବା ପରେ ସୋମବାର ଅଭିଯୁକ୍ତ ଶ୍ରଦ୍ଧାନନ୍ଦଙ୍କୁ ପୋଲିସ ଗିରଫ କରିଥିବାବେଳେ ମଙ୍ଗଳବାର କୋର୍ଟଚାଲାଣ କରିଛି। ପୋଲିସ ଅଭିଯୁକ୍ତଙ୍କଠାରୁ ୨ଟି ମୋବାଇଲ ଫୋନ୍ ଜବତ କରି ଅଧିକ ତଦନ୍ତ ଜାରି ରଖିଛି। ଏନେଇ ସାଇବର କେସ୍ ନଂ.୩/୨୬ରେ ଏକ ମାମଲା ରୁଜୁ ହୋଇଛି।

# ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

**ପୁରୀ,୩୧।୩(ଅଜିତ୍ କୁମାର ମହାନ୍ତି)**

ପୁରୀ ସଦର ବ୍ଲକ୍ ଅନ୍ତର୍ଗତ ବାଲିପୁଟସ୍ଥିତ ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ତରଫରୁ ଅନୁଷ୍ଠିତ ୭ ଦିନିଆ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମାର୍ଚ୍ଚ ୨୫ରୁ ଆରମ୍ଭ ହୋଇଥିବା ଶିବିର ପକ୍ଷରୁ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ପ୍ରମୋଦ କୁମାର ପ୍ରଧାନ ସ୍ୱେଚ୍ଛାସେବୀଙ୍କୁ ସେବାର ମହତ୍ୱ ବୁଝାଇଥିଲେ। ଅଧ୍ୟକ୍ଷା ରୀତା ମହାନ୍ତି ସ୍ୱେଚ୍ଛାସେବୀଙ୍କ କାର୍ଯ୍ୟର ପ୍ରଶଂସା କରିବା ସହିତ ସେମାନଙ୍କୁ ସଚେତନ ନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ଶିବିରରେ ବିକଳ୍ପ ଚିକିତ୍ସା ଓ ପରିବେଶ ସୁରକ୍ଷା ଇତ୍ୟାଦି ପ୍ରସଙ୍ଗ ଉପରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ସ୍ୱେଚ୍ଛାସେବୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ପବିତ୍ର ମୋହନ ଦାଶଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଉତ୍ସବରେ ସୁନୀତା ମହାନ୍ତି, ସୁଶାନ୍ତ କୁମାର ଭୂୟାଁ, ସୁଜାତା ସ୍ୱାଇଁ, ପ୍ରଜ୍ଞାପ୍ରକାଶ ପରିଡ଼ା ଓ କମଳ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହାୟତା କରିଥିଲେ।

# ଖଡ଼ିଛୁଆଁ ନିମନ୍ତ୍ରଣପତ୍ର ବାଣ୍ଟିଲେ ଜିଲାପାଳ

**ପୁରୀ,୩୧।୩ (ଅଜିତ୍ କୁମାର ମହାନ୍ତି)**



ରାଜ୍ୟରେ ଏପ୍ରିଲ ୪ରୁ ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହେବ। ଏହି କ୍ରମରେ ୫ ବର୍ଷର ସମସ୍ତ ଶିଶୁଙ୍କୁ ଶିଶୁ ବାଟିକା ଓ ୬ ବର୍ଷର ଶିଶୁଙ୍କୁ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସ୍ଥାନୀୟ ଦରଜି ପୋଖରୀ ଛକ ଠାରେ ଅଭିଭାବକଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି। ପୁରୀ ଜିଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅରଗୁଲା ସ୍ନେହା, ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରତ୍ନାକର ବେହେରା, ପୋଲିସ ହାଇସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଓ ଡିପିସି କାର୍ଯ୍ୟାଳୟର ବରଦା ପ୍ରସନ୍ନ ରାଉତ ଓ ମମତା ବେହେରା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାର ପ୍ରଚାର ଓ ସମସ୍ତ ଶିଶୁଙ୍କୁ ପ୍ରାଥମିକ ଶିକ୍ଷାରେ ଅନ୍ତର୍ଭୁକ୍ତ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଉପସ୍ଥିତ ଅତିଥିମାନେ ଶିଶୁଙ୍କୁ ବିଦ୍ୟାଳୟକୁ ପଠାଇବା ପାଇଁ ଅଭିଭାବକଙ୍କୁ ଆହ୍ୱାନ କରିଥିଲେ। ଆଗାମୀ ପ୍ରବେଶ ଉତ୍ସବକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା।

# ବିଶ୍ୱ ନାଟ୍ୟ ଦିବସ ଉଦ୍‌ଯାପିତ

**ପୁରୀ,୩୧।୩(ଅଜିତ୍ କୁମାର ମହାନ୍ତି)**

ଭକ୍ତି ସଙ୍ଗୀତର ତାଳେ ତାଳେ ଉଦ୍‌ଯାପିତ ହୋଇଯାଇଛି ବିଶ୍ୱ ନାଟ୍ୟ ଦିବସ। ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଚଳିତ ମାସ ୨୭ରୁ ଆରମ୍ଭ ହୋଇଥିବା ବିଶ୍ୱ ନାଟ୍ୟ ଦିବସର ଅନ୍ତିମ ସନ୍ଧ୍ୟାରେ ପାଳିତ ହୋଇଯାଇଛି କବି ତିଳକ ଆର୍ତ୍ତତ୍ରାଣ ଶତପଥୀଙ୍କ ୮୫ତମ ଜନ୍ମ ଜୟନ୍ତୀ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ପ୍ରସନ୍ନ ମିଶ୍ର, ଗୁରୁ ସଚ୍ଚିଦାନନ୍ଦ ଦାସ, ଗୁରୁ ନିମାକାନ୍ତ ରାଉତରାୟ, ଗୁରୁ ରବି ନାରାୟଣ ପଣ୍ଡା, ଗୁରୁ ବିଶ୍ୱନାଥ ରଥ, ସନାତନ ଦାସ, ଗୁରୁ ଗୌରାଙ୍ଗ ଖୁଣ୍ଟିଆ, ଅନୁଷ୍ଠାନର ସଭାପତି ଭରତ ନାୟକ, ସମ୍ପାଦକ ରାମକୃଷ୍ଣ ମହାପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଏହାପରେ ଗୁରୁ ଆର୍ତ୍ତତ୍ରାଣ ଶତପଥୀଙ୍କ ଶିଷ୍ୟମାନଙ୍କ ଦ୍ୱାରା ବିଭିନ୍ନ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଛାତ୍ରୀଛାତ୍ର ଏବଂ ଶୁଭେଚ୍ଛୁମାନଙ୍କ ଦ୍ୱାରା ମଞ୍ଚ ଉପରେ ଶତପଥୀଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଡ. ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ପ୍ରତାପ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟ ଗଣେଶ ମହାପାତ୍ର, ମଧୁସୂଦନ ପୂଜାପଣ୍ଡା, ପ୍ରଦୀପ ପ୍ରଧାନ, ବିକାଶ ଦତ୍ତ, ସମୀର ଆଚାର୍ଯ୍ୟ, ବିଭୂତି ଭୂଷଣ ମିଶ୍ର, କୃଷ୍ଣଚନ୍ଦ୍ର ମହାନ୍ତି, ନରସିଂହ ମହାପାତ୍ର, ଅଭ୍ୟୁଦୟ ଦାସ, ସବିତା ହରିଚନ୍ଦନ, ଭାରତୀ ମହାପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗାଁ ଗାଁରେ ନୃତ୍ୟ ମାଧ୍ୟମରେ ସେବାର ବାର୍ତ୍ତା

**ଗୋପ,୩୧।୩**
**(ଭାରତୀ ଭୂଷଣ ଉପାଧ୍ୟାୟ)**

**ରାଧାବଲ୍ଲଭ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ**

ଛାତ୍ରୀଛାତ୍ର ଶିକ୍ଷା ଆରମ୍ଭରୁ ସେବାକୁ ବ୍ରତ ବୋଲି ଧରି ନେବା ଉଚିତ। ଏହାଦ୍ୱାରା ଭବିଷ୍ୟତରେ କିପରି ଆଧ୍ୟାତ୍ମିକତା ଚେତନା ସୃଷ୍ଟି ହୋଇଥାଏ ବୋଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିରାଟ କିଶୋର ନାୟକ ଛାତ୍ରୀଛାତ୍ରଙ୍କୁ କହିଥିଲେ। ମଙ୍ଗଳବାର ବଇରିପୁରସ୍ଥିତ ରାଧାବଲ୍ଲଭ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ସଂସ୍ଥାନର ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଗଣେଶ କୁମାର ଜେନା ଜାତୀୟ ସେବା ଶିବିରର ଆଭିମୁଖ୍ୟ ଓ ସାମ୍ପ୍ରତିକ ସମୟରେ ଯୁବବର୍ଗଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଇତିହାସ ବିଭାଗର ଅଧ୍ୟାପକ ସମୟ କୁମାର ନାୟକ ପ୍ରୋଗ୍ରାମ ଅଫିସର ଭାବେ ଛାତ୍ରୀଛାତ୍ରଙ୍କୁ ସେବାର ମହତ୍ୱ ସମ୍ପର୍କରେ ସାରଗର୍ଭକ ଉପଦେଶ ଦେଇଥିଲେ। ୭ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ବିଭିନ୍ନ ଗାଁରେ ନୃତ୍ୟ, ଗୀତ ମାଧ୍ୟମରେ ସେବା ସମ୍ପର୍କରେ ସାଧାରଣ ଲୋକମାନଙ୍କୁ ସଚେତନତା କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ଅର୍ଜୁନ ସାହୁ, ବାସନ୍ତୀ ଦାସ, ଶିବାନୀ ବାରିକ, ବିଷ୍ଣୁପ୍ରିୟା ବେହେରା, କୃଷ୍ଣଚନ୍ଦ୍ର ପ୍ରଧାନ, ପାର୍ଥସାରଥୀ ପ୍ରମୁଖ ପ୍ରତିଯୋଗୀଙ୍କୁ ଉପଦେଶ ପ୍ରଦାନ କରିବା ସହିତ ପୁରସ୍କୃତ କରିଥିଲେ।

# ଶ୍ରୀମନ୍ଦିରର ସମସ୍ତ ନୀତିକାନ୍ତି ଜ୍ୟୋତିଷ, ବାସ୍ତୁଶାସ୍ତ୍ରସମ୍ମତ

**ପୁରୀ,୩୧।୧(ଅଜିତ୍ କୁମାର ମହାନ୍ତି)**

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସରରେ ଶ୍ରୀକ୍ଷେତ୍ରାଧିପତି ଆଧ୍ୟାତ୍ମିକ ଜ୍ୟୋତିବାସ୍ତୁ ଗବେଷଣା ପ୍ରତିଷ୍ଠାନରେ 'ଶ୍ରୀମନ୍ଦିରରେ ଜ୍ୟୋତିଷ ଶାସ୍ତ୍ର ଓ ବାସ୍ତୁଶାସ୍ତ୍ର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଦାଶିବ ପରିସରର ନିର୍ଦ୍ଦେଶକ ଜ୍ୟୋତିଷାଚାର୍ଯ୍ୟ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଜ୍ୟୋତିର୍ବିଦ୍ୟା ଓ ବାସ୍ତୁଶାସ୍ତ୍ରର ଉତ୍ପତ୍ତି ସମ୍ପର୍କରେ ସେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ପ୍ରତିଷ୍ଠାନର ସଭାପତି ପ୍ରାଧ୍ୟାପକ ବଳରାମ ଦାଶ ମହାପ୍ରଭୁଙ୍କୁ ପୁଷ୍ପାଞ୍ଜଳି ଅର୍ପଣକରି ଜଗନ୍ନାଥାଷ୍ଟକମ୍ ଗାନ କରିଥିଲେ। ଖବରଦାତା ମଧୁସୂଦନ ମିଶ୍ର ସଭା ସଞ୍ଚାଳନ କରିଥିଲେ। ସମ୍ପାଦକ ତଥା ଜ୍ୟୋତିର୍ବିଦ୍ ଦୟାନିଧି ପଣ୍ଡା ସ୍ୱାଗତ ଭାଷଣ ସହ ଶ୍ରୀମନ୍ଦିରରେ ଜ୍ୟୋତିଷ ଓ ବାସ୍ତୁଶାସ୍ତ୍ରର ଉପାଦେୟତା ତଥା ଜଗନ୍ନାଥ ସ୍ୱୟଂ ଗ୍ରହରୂପୀ ଜନାର୍ଦ୍ଦନ ବୋଲି ପ୍ରତିପାଦନ କରିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଶ୍ରୀମନ୍ଦିରର ନୀତିକାନ୍ତି ତଥା ଯାନିଯାତ୍ରା, ପର୍ବପର୍ବାଣି ଜ୍ୟୋତିଷ ଓ ବାସ୍ତୁଶାସ୍ତ୍ର ସମ୍ମତ ବୋଲି ଅଭିହିତ କରିଥିଲେ। ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଧର୍ମଶାସ୍ତ୍ର ବିଭାଗର ପ୍ରାକ୍ତନ ପ୍ରଫେସର ମାଧବ ଚନ୍ଦ୍ର ପଣ୍ଡା କହିଛନ୍ତି, ଶ୍ରୀମନ୍ଦିର ପାଞ୍ଜି ଜ୍ୟୋତିର୍ବିଦ୍‌ମାନଙ୍କ ପରାମର୍ଶ ଅନୁସାରେ ହେବାସହ ବାସ୍ତୁଶାସ୍ତ୍ର ଅନୁଯାୟୀ ଶ୍ରୀମନ୍ଦିର ନିର୍ମିତ। ମହାପ୍ରଭୁଙ୍କ ପ୍ରତ୍ୟେକ କାର୍ଯ୍ୟକ୍ରମ ଜ୍ୟୋତିଷଶାସ୍ତ୍ର ଓ ଶ୍ରୀମନ୍ଦିର ଜ୍ୟୋତିଷ ଖୁରିନାହାକଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ ବୋଲି ମତ ପ୍ରଦାନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ମହନ୍ତ ଶୁଭାନନ୍ଦ ପୁରୀ, ଜ୍ୟୋତିର୍ବିଦ୍ ବିଚିତ୍ରାନନ୍ଦ ମିଶ୍ର, ବରିଷ୍ଠ ସେବକ ରାମଚନ୍ଦ୍ର ଦାସ ମହାପାତ୍ର, ସମାଜସେବୀ ସତ୍ୟବାଦୀ ଦାଶ, ସେବକ ବିଶ୍ୱନାଥ ସାମନ୍ତରାୟ, ଶ୍ୟାମାପ୍ରସାଦ ମିଶ୍ର ଯୋଗଦେଇ ବାସ୍ତୁଶାସ୍ତ୍ର ଅନୁଯାୟୀ, ଶ୍ରୀମନ୍ଦିରର ଈଶାନ୍ୟକୋଣରେ ସ୍ନାନମଣ୍ଡପ, ଅଗ୍ନିକୋଣରେ ରୋଷଶାଳା ଇତ୍ୟାଦି ରହିଛି। ଶଙ୍ଖକ୍ଷେତ୍ର ଶ୍ରୀମନ୍ଦିର ଜ୍ୟୋତିଷଶାସ୍ତ୍ର ଅନୁଯାୟୀ ପରିଚାଳିତ ବୋଲି ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ଅଧିବେଶନ ଶ୍ରୀଜଗନ୍ନାଥ ଭାବ ମନ୍ଥନ କାର୍ଯ୍ୟକ୍ରମରେ ପର୍ଶୁରାମ ଦାଶ, ପ୍ରଫେସର ବିଶ୍ୱରଞ୍ଜନ ପତି, ସେବକ ନୀଳମଣି ଗୁରୁ, ସେବକ ଗଣେଶ୍ୱର ମହାସୁଆର ପ୍ରମୁଖ ଯୋଗଦେଇ ଜଗନ୍ନାଥ ତତ୍ତ୍ୱ ଓ ଭକ୍ତିଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ଦୀପ୍ତି ମିଶ୍ର ଧନ୍ୟବାଦ ଦେଇଥିଲେ। ଶ୍ୟାମସୁନ୍ଦର ହାଲ୍‌ଦାର, ରବିନାରାୟଣ ଖଡ଼ିରତ୍ନ ମିଶ୍ର, ଅରବିନ୍ଦ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ପଣ୍ଡିତ ଦୟାନିଧି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫଟୋରେ ଖବର





ମହାବୀର ଜୟନ୍ତୀ ଅବସରରେ ବାଲୁକା ଶିଳ୍ପୀ ମାନସ ସାହୁଙ୍କ ଦ୍ୱାରା ଆନିମେଶନ।





ଓଡ଼ିଶା ଦିବସ ଅବସରରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ବାଲୁକା କଳା ମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି।

**ଶତ୍ରୁଘ୍ନ ପଟ୍ଟନାୟକଙ୍କ ଶୋକସଭା**

କଟକ,(କାର୍ତ୍ତିକ ସାହୁ): ବିଶ୍ୱନାଥ ପଣ୍ଡିତ ପାର୍କ ପଥଚାରୀ ସଂଘର ପ୍ରତିଷ୍ଠାତା ତଥା ଆଶୁକବି ଶତ୍ରୁଘ୍ନ ପଟ୍ଟନାୟକଙ୍କ ବିୟୋଗରେ ଏକ ଶୋକସଭା ଖାନନଗରସ୍ଥିତ ଉତ୍ତରେଶ୍ୱର ଶିବମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରତାପ ଚନ୍ଦ୍ର ରାଜଙ୍କ ଅଧ୍ୟକ୍ଷତାରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଓ ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫଣୀନ୍ଦ୍ର କୁମାର ମଲ୍ଲିକ, ମହେଶ୍ୱର ମହାନ୍ତି, ଭବାନୀ ପ୍ରସାଦ ମହାନ୍ତି, ସରୋଜ କୁମାର ରଣା, କ୍ଷୀରୋଦ ଚନ୍ଦ୍ର ରଣା, ଡ. ପ୍ରୟାସ ରାୟ ଓ ଡ. ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ସ୍ୱର୍ଗତ ଆତ୍ମାଙ୍କ ସଦ୍‌ଗତି କାମନା କରିଥିଲେ।

## ସଂକ୍ଷେପରେ

### ପେନ୍‌ସନଲେନ୍ ନଉଯବାନ କମିଟିର ଇଦ୍-ମିଳନ

**କଟକ,୩୧।୩(ଶିଳ୍ପା ପ୍ରିୟଦର୍ଶିନୀ)**

ବକ୍ସିବଜାର ମାର୍କେଟସ୍ଥିତ ପେନସନଲେନ ଗଳି ଛକରେ ପେନସନଲେନ୍ ନଉଯବାନ କମିଟି ପକ୍ଷରୁ ଇଦ୍-ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମ, ସମ୍ମାନିତ ଅତିଥି ଭାବେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ଅନ୍ୟତମ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ଏ.ଶ୍ରୀଦେବୀ, ବରିଷ୍ଠ ଫୁଟବଲ ଖେଳାଳି ଯବିଉଲ୍ଲା ଯୋଗଦେଇଥିଲେ। କମିଟିର ୨୫ ବର୍ଷ ପୂର୍ତ୍ତି ଅବସରରେ ଅଞ୍ଚଳର ସାହି ମୁରବି, ମାନ୍ୟଗଣ୍ୟ ବ୍ୟକ୍ତି ଓ କମିଟି ଉପଦେଷ୍ଟା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସମ୍ପାଦକ ସେକ୍ ଗୁଲାମ ମୋହିଉଦ୍ଦୀନ ଧନ୍ୟବାଦ ଅର୍ପଣ କରିଥିଲେ।

### ଶାନ୍ତାୟନ ନଗର କଂଗ୍ରେସ ସଭାପତି

**କଟକ,୩୧।୩(କୁମାରଶ୍ରୀ)**

କଂଗ୍ରେସ ନଗର ସଭାପତି ପଦ କିଛି ଦିନ ଫାଙ୍କା ରହିବା ପରେ ଶାନ୍ତାୟନ ମିଶ୍ରଙ୍କ ଉପରେ ଦଳର ହାଇକମାଣ୍ଡ ଭରସା କରିଛନ୍ତି। ଅଲ ଇଣ୍ଡିଆ କଂଗ୍ରେସ କମିଟି ପକ୍ଷରୁ ଶାନ୍ତାୟନଙ୍କ ନାମ ବିଧିବଦ୍ଧ ଭାବେ ମଙ୍ଗଳବାର ଘୋଷଣା କରାଯାଇଛି। ବିଶିଷ୍ଟ କଂଗ୍ରେସ ନେତା ସ୍ୱର୍ଗତ ରମାକାନ୍ତ ମିଶ୍ରଙ୍କ ପୁଅ ହେଉଛନ୍ତି ଶାନ୍ତାୟନ। ୧୯୯୨ରେ ଛାତ୍ର କଂଗ୍ରେସର ସାଧାରଣ ସମ୍ପାଦକ ଥିବା ଶାନ୍ତାୟନଙ୍କ ନାମ ସଭାପତି ଦୌଡ଼ରେ ଆଗରେ ରହିଥିଲା। ସେ ନଗର ଯୁବ କଂଗ୍ରେସର ସାଧାରଣ ସମ୍ପାଦକ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ସମେତ ପିସିସି ସମ୍ପାଦକ ମଣ୍ଡଳୀରେ ଦୁଇଥର ଦାୟିତ୍ୱ ସମ୍ଭାଳିଛନ୍ତି। ତାଙ୍କ ନେତୃତ୍ୱରେ କଟକ ସହରରେ କଂଗ୍ରେସ ପୁନର୍ବାର ସଙ୍ଗଠିତ ହେବ ବୋଲି ଆଶା ରହିଛି।

### ୨ ଅଧିକାରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



**କଟକ ସଦର,୩୧।୩(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକରେ କାର୍ଯ୍ୟରତ ୨ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ବିକାଶ ଚନ୍ଦ୍ର ପ୍ରଧାନ, ସଞ୍ଜୁକ୍ତା ବେଉରା ମଙ୍ଗଳବାର ଅବସର ଗ୍ରହଣ କରିଥିଲେ। ଏହି ଅବସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ସଭାରେ ବିଡିଓ ପ୍ରତୀକ ସାହୁ, ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ, ବିତ୍ତୀୟ ଅଧିକାରୀ ସରିତିକା ବିଶ୍ୱାଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭସ୍ମିତା ନାଥଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀମାନେ ୨ ସହକର୍ମୀଙ୍କ ଉତ୍ତମ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଦିଲୀପ ମହନ୍ତ, ଦୁର୍ଗା ପ୍ରସାଦ ମହାପାତ୍ର, ହେମନ୍ତ କୁମାର ଦାଶ, ସାଗର ସାହାଣୀ, ନିବେଦିତା ପଣ୍ଡା, ସରସ୍ୱତୀ ମାହାଳି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସାଇ ତ୍ରିନାଥ ନୀଳଚକ୍ର ଯୋଗ ସମିତିର ବାର୍ଷିକ ଉତ୍ସବ

**କଟକ,୩୧।୩(କାର୍ତ୍ତିକ ସାହୁ)**

ସାଇ ତ୍ରିନାଥ ନୀଳଚକ୍ର ଯୋଗ ସମିତିର ୧୨ତମ ବାର୍ଷିକ ଉତ୍ସବ ଡଗରପଡ଼ାସ୍ଥିତ ବୈଶ୍ୟତେଲି ଜାତୀୟ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଯୋଗ ଗୁରୁ ସାଗରିକା ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ବ୍ରହ୍ମଚାରିଣୀ ମନୀଷା ଚୈତନ୍ୟ ଓ ଉଦାସ ଆଶ୍ରମର ଦିବ୍ୟଲୋଚନା ଦାସ ବାବା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ କଣ୍ଠଶିଳ୍ପୀ ସୁବାସ ଦାସ, ମୁଖ୍ୟବକ୍ତା ଡ. ସଂଗ୍ରାମ କେଶରୀ ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ଯୋଗାଚାର୍ଯ୍ୟ ମନମୋହନ ବେହେରା, ପ୍ରଫେସର ଯୁଧିଷ୍ଠିର ଖଟୁଆ, ଆଦିତ୍ୟ ଜେନା, କେଦାରନାଥ ଜଲ୍ଲୀ, ଯୋଗେନ୍ଦ୍ର ବସ୍ତିଆ ଓ ଆଇନଜୀବୀ ଶୈଳେନ୍ଦ୍ର ଧଳ ଯୋଗଦେଇଥିଲେ। ସୌଦାମିନୀ ମିଶ୍ର, ସନ୍ଧ୍ୟାରାଣୀ ପରିଡ଼ା, ଦୀପ୍ତିମୟୀ ବେହେରା ଓ ସସ୍ମିତା ନାୟକ ମଞ୍ଚ ସଞ୍ଚାଳନ କରିଥିଲେ। ବନ୍ଦିତା ମହାପାତ୍ର ଶାନ୍ତିପାଠ କରିଥିଲେ। ରବୀନ୍ଦ୍ର ପରିଡ଼ା, ସୁଚରିତା ପରିଡ଼ା, ସୁଜାତା ବେହେରା ଓ ମିନତି ବେହେରା ସହଯୋଗ କରିଥିଲେ।

# ପ୍ରାଥମିକ ଭାବେ ହେବ ୪ ଆଇସିୟୁର କାମ

**କଟକ,୩୧।୩(ଶିଳ୍ପା ପ୍ରିୟଦର୍ଶିନୀ)**

- ମେଡିକାଲ କର୍ତ୍ତୃପକ୍ଷ ଓ ବିଭାଗୀୟ ଅଧିକାରୀଙ୍କ ସହ ଜିଲାପାଳଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ
- ସ୍ୱତନ୍ତ୍ର ଟିମ୍‌ର ରିପୋର୍ଟ ପରେ ତତ୍ପରତା

ଏସ୍‌ସିବିରେ ୫ ସ୍ୱତନ୍ତ୍ର ଟିମ୍‌ର ଯାଞ୍ଚ ପରେ ଆରମ୍ଭ ହେବ ମରାମତି କାର୍ଯ୍ୟ। ପ୍ରଥମ ପର୍ଯ୍ୟାୟରେ ଟ୍ରମା ଆଇସିୟୁ, ମେଡିସିନ ଆଇସିୟୁ, ଅର୍ଥୋପେଡିକ ଆଇସିୟୁ ସମେତ ଅନ୍ୟ ଏକ ଆଇସିୟୁ କାର୍ଯ୍ୟ କରାଯିବ। ଟିମ୍‌ର ଯାଞ୍ଚ ରିପୋର୍ଟ ଜିଲାପାଳଙ୍କ ପାଖରେ ପହଞ୍ଚିବା ପରେ ବିଭାଗୀୟ ଅଧିକାରୀ ଓ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବୈଠକରେ ସମସ୍ତ କାର୍ଯ୍ୟ ନେଇ ଆଲୋଚନା କରିଛନ୍ତି। ପ୍ରଥମେ ଜରୁରୀ ପରିସ୍ଥିତିରେ ପ୍ରାଥମିକ ଭାବେ ଆଇସିୟୁ କାର୍ଯ୍ୟ ନେଇ ବ୍ୟୟ ଅଟକଳ କରାଯାଇଛି। ଏହାର କାମ ଆସନ୍ତା ସପ୍ତାହରେ ଆରମ୍ଭ କରାଯିବ। ପରେ ରିପୋର୍ଟ ମୁତାବକ ଅନ୍ୟାନ୍ୟ କାର୍ଯ୍ୟ କରାଯିବା ନେଇ ଜିଲାପାଳ ଶିନ୍ଦେ କହିଛନ୍ତି।

ସୂଚନାଥାଉକି, ଗତ ୧୫ ତାରିଖ ବିଳମ୍ବିତ ରାତିରେ ଏସ୍‌ସିବି ଟ୍ରମା କୋଠାର ପ୍ରଥମ ମହଲାରେ ଥିବା ଆଇସିୟୁରେ ଅଗ୍ନିକାଣ୍ଡରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିଲା। ୨ଜଣ ଗୁରୁତରଙ୍କ ଚିକିତ୍ସା ଜାରି ରହିଥିବାବେଳେ ଜଣଙ୍କୁ ଡିସ୍‌ଚାର୍ଜ କରାଯାଇଛି ଓ ଅନ୍ୟ ଜଣଙ୍କୁ ଏବେ ନ୍ୟୁରୋସର୍ଜରି ୱାର୍ଡକୁ ସ୍ଥାନାନ୍ତର କରାଯାଇଛି। ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ଏବଂ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଏନେଇ ଚିଠି କରାଯାଇଥିଲା। ତେବେ ଏଭଳି ଘଟଣା ପରେ ମେଡିକାଲର କୋଠାଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନେଇ ନାନା ପ୍ରଶ୍ନ ଉଠିଥିଲା। କୋଠାର ଯାଞ୍ଚ କରିବା ନେଇ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏପରି କି କୋଠାଗୁଡ଼ିକରେ କୌଣସି ବି ସମସ୍ୟା ଥିଲେ ତୁରନ୍ତ ଏହାର ରିର୍ପୋଟ ପ୍ରଦାନ କରିବା ସହ ସମ୍ପୃକ୍ତ ବିଭାଗ ଅଧିକାରୀ ଏହାର ମରାମତି ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଥିଲା। ଏଥିପାଇଁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ତହସିଲଦାରଙ୍କ ତତ୍ତ୍ୱାବଧାନରେ ୫ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ୪ ଦିନ ମଧ୍ୟରେ ଏସ୍‌ସିବି ମେଡିକାଲ, କଲେଜ ଓ ହଷ୍ଟେଲରେ ଥିବା ୮୫ଟି କୋଠାର ଯାଞ୍ଚ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲା। ଏହି ରିପୋର୍ଟ ରାଜ୍ୟ ସରକାରଙ୍କୁ ଦିଆଯିବା ସହ ଏନେଇ ମେଡିକାଲ କର୍ତ୍ତୃପକ୍ଷ ଓ ବିଭାଗୀୟ ଅଧିକାରୀଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ। ଏହି ଟିମ୍ ଉକ୍ତ କୋଠାଗୁଡ଼ିକରେ ବିଦ୍ୟୁତ ମିଳି ପାରୁଛି ନା ନାହିଁ, ଯନ୍ତ୍ରାଂଶଗୁଡ଼ିକ ଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ ତାହା ଯାଞ୍ଚ କରିଥିଲା।

# ଗାଡ଼ି ସହିତ ୫୦ ଗୋରୁ ଉଦ୍ଧାର



ଉଦ୍ଧାର ଗୋରୁ ଓ ଜବତ ଗାଡ଼ି।

**ଖୁଣ୍ଟୁଣୀ,୩୧।୩(ସଚ୍ଚିଦାନନ୍ଦ ପଣ୍ଡା)**

**ଗୋରୁଙ୍କୁ ଚୌଦ୍ୱାରସ୍ଥିତ ଗୋଶାଳାରେ ଛଡ଼ାଗଲା**

ଖୁଣ୍ଟୁଣୀ ପୋଲିସ ୫୦ ଗୋରୁ ନେଇ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍‌କୁ ମଙ୍ଗଳବାର ଖମାରନୂଆଗାଁଠାରେ ଜବତ କରିଛି। ଏ ସଂକ୍ରାନ୍ତରେ ଖୁଣ୍ଟୁଣୀ ଥାନାରେ ଏକ ମାମଲା (ନଂ.୯୨/୨୬) ରୁଜୁ ହୋଇଛି। ସୂଚନା ଯେ ଢେଙ୍କାନାଳ ପଟୁ ଟ୍ରକ୍ (ନଂ. ଓଡି୦୨-ସି ଜେଡ-୭୯୩୫)ରେ କଟକକୁ ଗୋରୁ ଆସୁଥିବା ସ୍ଥାନୀୟ କେତେଜଣ ଯୁବକ ଖୁଣ୍ଟୁଣୀ ଆଇଆଇସି ଜହର ଆବେଦିନଙ୍କୁ ଖବର ଦେଇଥିଲେ। ଆବେଦିନ ଏହି ଗାଡିକୁ ଧରିବାକୁ ପୋଲିସ ସହିତ ଖୁଣ୍ଟୁଣୀ ଜାତୀୟ ରାଜପଥ ଉପରେ ଜଗି ରହିଥିଲା। ଦ୍ରୁତ ଗତିରେ ଢେଙ୍କାନାଳ ପଟୁ ଆସୁଥିବା ଟ୍ରକ୍ ପୋଲିସକୁ ଦେଖି ଖୁବ ଜୋରରେ ଗାଡି କଟକ ଆଡକୁ ନ ଯାଇ ଏନ୍ଏଚ୍‌ରୁ ରାଧାକିଶୋରପୁର ପଟକୁ ଖସି ପଳାଇବାକୁ ଚେଷ୍ଟା କରିଥିଲା। ହେଲେ ଆଇଆଇସି ପିଛା କରୁଥିବା ଦେଖି ଟ୍ରକ୍ ଚାଳକ ଖମାରନୂଆଗାଁଠାରେ ଗାଡି ରଖି ଜଙ୍ଗଲ ଆଡେ ପଳାଇ ଯାଇଥିଲେ। ଆଇଆଇସି ଟ୍ରକ୍ ସହିତ ଗୋରୁ ଖୁଣ୍ଟୁଣୀ ଥାନାକୁ ଆଣି ଗଣିବାରେ ୫୦ ଥିବା ଓ ସେଥିରୁ ଗୋଟିଏ ଗୁରୁତର ଅସୁସ୍ଥ ଥିବା ଜାଣି ତୁରନ୍ତ ସମସ୍ତ ଗୋରୁଙ୍କୁ ଚୌଦ୍ୱାର ଗୋଶାଳକୁ ପଠାଇ ଦେଇଥିଲେ ବୋଲି ଆଇଆଇସି ଆବେଦିନ ସୂଚନା ଦେଇଛନ୍ତି।

# ପଦ୍ମଶ୍ରୀ ଶୈଳବାଳା ଦାସଙ୍କ ତିରୋଧାନ ଦିବସ ପାଳିତ



ଶୈଳବାଳାଙ୍କ ତିରୋଧାନ ଦିବସରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**କଟକ,୩୧।୩(ଶିଳ୍ପା ପ୍ରିୟଦର୍ଶିନୀ)**

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ମଧୁସୂଦନ ପ୍ରେକ୍ଷାଳୟରେ ଶୈଳବାଳାଙ୍କ ୫୮ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଜୀବନ ବଲ୍ଲଭ ଜେନାଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ପ୍ରତିନିଧିମାନେ ଗୋରାକବରଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ପ୍ରେକ୍ଷାଳୟରେ ଅନୁଷ୍ଠିତ ସଭାରେ ଡ. ଅନିରୁଦ୍ଧ ଖିଲାର୍ ଯୋଗଦେଇ ଓଡ଼ିଶାର ଶିକ୍ଷା, ସାମାଜିକ ସଂସ୍କାର, ରାଜନୀତି ପ୍ରତି ଶୈଳବାଳାଙ୍କର ଅବଦାନ ଏକ ଅନାଲୋଚିତ ଅଧ୍ୟାୟ ବୋଲି କହିଥିଲେ। ଡ. ଗାୟତ୍ରୀ କର ଶୈଳବାଳାଙ୍କ ଜୀବନୀ ଓ ବ୍ୟକ୍ତିତ୍ୱର ଉଜ୍ଜ୍ୱଳ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସୁରେଶ କୁମାର ନାୟକ, ରଶ୍ମିରେଖା ଜେନା କବିତା ପାଠ କରିଥିବାବେଳେ ଶିବାନୀ ଦାସ ସଙ୍ଗୀତ ଗାନ କରିଥିଲେ। ଡ. ବିଦ୍ୟୁଲତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଷ୍ଟାଫ୍ କ୍ଲବ ପକ୍ଷରୁ ବରିଷ୍ଠ ଇତିହାସ ପ୍ରାଧ୍ୟାପକ ପିଟ୍ରୋସ ବୋଦ୍ରାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା-ଅଧ୍ୟାପକ ମଣ୍ଡଳୀ, କର୍ମଚାରୀବର୍ଗ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ଶେଷରେ ଡ. ସଞ୍ଜିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ତ୍ରିନେତ୍ର କଳାକୁଞ୍ଜର ସାଂସ୍କୃତିକ ଉତ୍ସବ

**ଚୌଦ୍ୱାର,୩୧।୩(ଆଶୁତୋଷ ଦାସ)**

ଚୌଦ୍ୱାରସ୍ଥିତ ସାଂସ୍କୃତିକ ତଥା ନୃତ୍ୟ ଶିକ୍ଷାନୁଷ୍ଠାନ ତ୍ରିନାଥ କଳାକୁଞ୍ଜ ପକ୍ଷରୁ ସାଂସ୍କୃତିକ ଉତ୍ସବ ଓ ଦୋଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଳାକୁଞ୍ଜର ପ୍ରତିଷ୍ଠାତା ନିର୍ଦ୍ଦେଶକ ଗୁରୁ ରମାକାନ୍ତ ସାହୁଙ୍କ ପରିଚାଳନାରେ ସ୍ଥାନୀୟ ପୌର ଟାଉନ୍ ହଲରେ ଦୁଇଦିନ ଧରି ଆୟୋଜିତ ଏହି ସାଂସ୍କୃତିକ ଉତ୍ସବକୁ ସଦ୍‌ଗୁରୁ ହସ୍ପିଟାଲର ମୁଖ୍ୟ ଡା. ସମିତା ମହାନ୍ତି ଓ ଡ. ପ୍ରଦୀପ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ବିଶ୍ୱ ରଞ୍ଜନ ଦେହୁରୀ, ମିହିର ସାମଲ, ପୋଲିସ ଅଧିକାରୀ ନୀଳାମ୍ବର ସାହୁ, ବିଜୟଲକ୍ଷ୍ମୀ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ରାଜ୍ୟ ସରକାରଙ୍କ ଡାଇରେକ୍ଟର ଅଫ ଫେଷ୍ଟିଭାଲ ଡ. ଗଜେନ୍ଦ୍ର କୁମାର ପଣ୍ଡା, ସୁରେନ୍ଦ୍ର ଦାସ, ବାବାଜି ବିଶ୍ୱନାଥ ଦାସ, ରେଣୁକା ସେଠୀ, ଶପଥ ମହାପାତ୍ର, ଶିକ୍ଷାବିତ୍ ଗଣେଶ ପ୍ରସାଦ ବେହେରା, କାଉନସିଲର ସୁବ୍ରତ ସାମଲ, ମମତା ବେହେରା, ସମୀର କୁମାର ପଣ୍ଡା, ବିଷ୍ଣୁ ଚରଣ ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗଦେଇ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସମାଜରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବହୁ ବ୍ୟକ୍ତି ବିଶେଷ ଓ ଯୁବବର୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ପୂର୍ଣ୍ଣ ଦର୍ଶନ ସାହୁ ମଞ୍ଚ ପରିଚାଳନା ଏବଂ କଳାକୁଞ୍ଜର କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଚୈତ୍ର ମାସ ଶେଷ ମଙ୍ଗଳବାରରେ ଖଟବିନ ସାହି ଅଞ୍ଚଳର ମହିଳାମାନେ ମା' ମଙ୍ଗଳାଙ୍କୁ ପୂଜାର୍ଚ୍ଚନା ସହ ପଣାଲାଗି କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

### ଆଜି କଟକରେ ଓଡ଼ିଶା ଜନତା କଂଗ୍ରେସର ପ୍ରଥମ ବୈଠକ

**କଟକ,୩୧।୩(ଶିଳ୍ପା ପ୍ରିୟଦର୍ଶିନୀ)**

ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ କଟକରେ ବୁଧବାର ପ୍ରଥମକରି ବୈଠକ ଅନୁଷ୍ଠିତ ହେବ। ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମ୍‌ଙ୍କ ନେତୃତ୍ୱରେ ୫ ହଜାରରୁ ଅଧିକ କର୍ମୀ ଯୋଗଦେବେ। ବୈଠକ ବିଜୁ ପଟ୍ଟନାୟକ ଛକସ୍ଥିତ ଖ୍ରୀଷ୍ଟିଆନ ପଡ଼ିଆରେ ହେବ। କେବଳ ଏତିକି ନୁହେଁ କଟକରେ ବୈଠକ ପରେ ପର୍ଯ୍ୟାୟକ୍ରମେ କଟକର ପ୍ରତ୍ୟେକ ବ୍ଲକରେ ଏପରି ବୈଠକ କରାଯିବ ଏବଂ ଦଳକୁ ତୃଣମୂଳସ୍ତରରେ ମଜଭୁତ କରିବା ନେଇ କାର୍ଯ୍ୟ କରାଯିବ। ମୁଖ୍ୟତଃ ଦଳରେ ଯୁବକଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଥିବା ନେଇ ପୂର୍ବରୁ ମୋକିମ କହିଥିବାବେଳେ ଏଭଳି ବୈଠକ ଏବେ କଟକ ରାଜନୀତିକୁ ବେଶ୍ ସରଗରମ କରିଛି। ତେବେ ବାରବାଟୀ-କଟକରେ କଂଗ୍ରେସରୁ ବହୁ କର୍ମୀ ନିକଟରେ ସମୂହ ଇସ୍ତଫା ଦେଇଥିବାବେଳେ ଏହି କର୍ମୀମାନେ ମୋକିମଙ୍କ ଦଳରେ ଯୋଗଦେବେ ବୋଲି ମଧ୍ୟ ଜଣାପଡ଼ିଛି। ଅନ୍ୟପଟେ ବୈଠକରେ କଂଗ୍ରେସରୁ ନିଲମ୍ବିତ ହୋଇଥିବା ବିଧାୟିକା ସୋଫିଆ ଯୋଗଦେଇ ପାରନ୍ତି ବୋଲି ଏବେ ଚର୍ଚ୍ଚା ଜୋର ଧରିଛି।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ

**ଫୁଲନଖରା,୩୧।୩(ସତ୍ୟରଞ୍ଜନ ଦାସମହାପାତ୍ର)**



ମହାଅଭିଯାନରେ ଯୋଗଦେଇଥିବା ଅତିଥି ବୃନ୍ଦ।

ନଖରାସ୍ଥିତ ଲକ୍ଷେଶ୍ୱର ଗ୍ରାଣ୍ଡ କନଭେନଶନ ପରିସରରେ ଭୁବନେଶ୍ୱର ଜିଲା ଗୋପୀନାଥ ମଣ୍ଡଳପକ୍ଷରୁ ୨୪ଘଣ୍ଟିଆ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ ଉଦ୍‌ଯାପିତ ହୋଇଯାଇଛି। ଏହି ମହାଅଭିଯାନରେ ଭାଜପା ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭୁବନେଶ୍ୱର ଜିଲା ଉପସଭାପତି ସୁଶାନ୍ତ ଜେନା, ଗୋପୀନାଥ ମଣ୍ଡଳ ପ୍ରଭାରୀ ସଂଗ୍ରାମ କେଶରୀ ନାୟକ, ଗୋପୀନାଥ ମଣ୍ଡଳ ସଭାପତି ଜଳନ୍ଧର ସୁବୁଦ୍ଧି, ଅଟଳ ସମ୍ମାନିତ ଡକ୍ଟର ବିଶ୍ୱନାଥ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷଣ ଅଭିଯାନରେ ୧୦୦ରୁ ଊର୍ଦ୍ଧ୍ୱ ଗୋପୀନାଥ ମଣ୍ଡଳ କର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ଅଭିଯାନର ଉଦ୍‌ଯାପନୀରେ ଭାଜପା ରାଜ୍ୟ ସମ୍ପାଦକ ସରୋଜ କର, ଭୁବନେଶ୍ୱର ଜିଲା ସଭାପତି ନିରଞ୍ଜନ ମିଶ୍ର, ଜିଲା ସାଧାରଣ ସମ୍ପାଦିକା ମାନସୀ ମଞ୍ଜରୀ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଗୋପୀନାଥ ମଣ୍ଡଳ ସାଧାରଣ ସମ୍ପାଦକ ପ୍ରଦୀପ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ମଣ୍ଡଳର ପଦାଧିକାରୀମାନେ ସହଯୋଗ କରିଥିଲେ।

# ଶୃଙ୍ଖଳାର ସହ ସମ୍ପନ୍ନ ହେଲା ଦୋଳଯାତ୍ରା

**ଖୁଣ୍ଟୁଣୀ,୩୧।୩(ସଚ୍ଚିଦାନନ୍ଦ ପଣ୍ଡା)**

ଖୁଣ୍ଟୁଣୀ, ଗୁରୁଡ଼ିଝାଟିଆ ଓ ରାଧାଦାମୋଦରପୁରଠାରେ ଚାଲିଥିବା ଚଳିତବର୍ଷର ଶେଷ ଦୋଳଯାତ୍ରା ସୋମବାର ଶାନ୍ତିଶୃଙ୍ଖଳାର ସହିତ ସମାପ୍ତ ହୋଇଛି। ଖୁଣ୍ଟୁଣୀଠାରେ ଖୁଣ୍ଟୁଣୀ-ରମ୍ପେଇ ଗ୍ରାମ୍ୟ କମିଟି ପକ୍ଷରୁ ସଭାପତି ମନୋଜ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଗ୍ରାମ କମିଟିର ସମସ୍ତ ସଦସ୍ୟ ବିରାଟ ଶୋଭାଯାତ୍ରାରେ ତିନି ମହାପ୍ରଭୁଙ୍କ ସୁସଜ୍ଜିତ ବିମାନକୁ ନେଇ ଯାତ୍ରା ପଡ଼ିଆରେ ରଖିବା ପରେ ୪ ଦିନ ଧରି ଯାତ୍ରା ଅନୁଷ୍ଠିତ ହୋଇଥିଲା। ଖୁଣ୍ଟୁଣୀ ଥାନା ଆଇଆଇସି ଜହର ଆବେଦିନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଫୋର୍ସ ସହିତ ୪ ଦିନ ଯାତ୍ରାକୁ ଶୃଙ୍ଖଳିତ କରିଥିଲେ। ସେହିପରି ଗୁରୁଡ଼ିଝାଟିଆଠାରେ ମା' ବାସନ୍ତୀ ଦୁର୍ଗାପୂଜା କମିଟି ସଭାପତି କୁମରମଣି ଷଣ୍ଢ ଓ ସମସ୍ତ ସଦସ୍ୟ ୯ ଦିନ ଧରି ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ଅଶୋକାଷ୍ଟମୀଠାରୁ ଅପେରା ଯାତ୍ରା ୪ ଦିନ ଧରି ଅନୁଷ୍ଠିତ ହୋଇଥିଲା। ରବିବାର ଅପରାହ୍ଣଠାରୁ ମା' ବାସନ୍ତୀ ଦୁର୍ଗାଙ୍କ ଭସାଣି ଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ ଜିଲା ତଥା ଜିଲା ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଆଗରେ ମାନସିକ ପାଇଁ ନୂତନ ବସ୍ତ୍ର ପାହାଡ଼ା ପକାଇଥିଲେ। ବାସନ୍ତୀ ଦୁର୍ଗା ମଣ୍ଡପଠାରୁ ମେଢ ଭସାଣି ବାହାରି ୩ କି.ମି. ଦୂର ଛୋଟି ଆମ୍ବ ପୋଖରୀଠାରେ ବିସର୍ଜନ ହୋଇଥିଲା। ଖୁଣ୍ଟୁଣୀ ଥାନା ରାଧାଦାମୋଦରପୁରଠାରେ ବାବା ଜମ୍ଭେଶ୍ୱରଙ୍କ ରୁକୁଣା ରଥକୁ ରାଧାଦାମୋଦରପୁର ଗ୍ରାମର ମୁରବି ଜମ୍ଭେଶ୍ୱରଙ୍କ ସେବକ ତଥା ଗ୍ରାମ ସଭାପତି ଭାଗୀରଥି କର ଛେରାପହଁରା କରିଥିଲେ। ସେଠାରେ ମଧ୍ୟ ୪ଦିନ ଧରି ଯାତ୍ରା ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହୋଇଥିଲା।

### ମା' ବାଘ ମଙ୍ଗଳାଙ୍କ ବାର୍ଷିକ ଉତ୍ସବ



ମା' ବାଘ ମଙ୍ଗଳାଙ୍କ ବାର୍ଷିକ ଉତ୍ସବରେ ଦିବ୍ୟାଙ୍ଗ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ପରିବେଷଣ।

**କଟକ,୩୧।୩(କାର୍ତ୍ତିକ ସାହୁ)**

ମାନସିଂହପାଟଣା ଗ୍ରାମଦେବୀ ମା' ବାଘ ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ଚୈତ୍ର ମାସ ଶେଷ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭୋରରୁ ମା'ଙ୍କ ମାଜଣାନୀତି ଓ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସାହିର ମହିଳାମାନେ ପଣା ସମର୍ପଣ କରିଥିଲେ। ଅକ୍ଷୟ ଦାସ ସସ୍ତ୍ରୀକ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ସନ୍ଧ୍ୟାରେ ଆଳତି ଓ ଦିବ୍ୟାଙ୍ଗ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ଆକର୍ଷଣୀୟ ହୋଇଥିଲା। ସାହିର ମୁରବି ଓ ଯୁବକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବିତରଣ କରାଯାଇଥିଲା।

### 'ଦୃଢ଼ ଇଚ୍ଛାଶକ୍ତି, ଉଦ୍ୟମ ହିଁ ସଫଳତାର ଚାବିକାଠି'



**କଟକ, ୩୧।୩(କାର୍ତ୍ତିକ ସାହୁ)**

ଭାରତୀୟ ଏକାଡେମୀ ଟ୍ରଷ୍ଟ ଆନୁକୂଲ୍ୟରେ ତଥା ଶରୀର ଅଙ୍ଗଦାନ ସମିତି ସହଯୋଗରେ ଆତ୍ମନିର୍ଭର ପ୍ରଶିକ୍ଷଣ ଶିବିର ସାରଳା ଭବନରେ ଅନୁଷ୍ଠିତ ହୋଇଯାଇଛି। ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ ପଣ୍ଡା ଶିବିରକୁ ଉଦ୍‌ଘାଟନ କରି ଦୃଢ଼ ଇଚ୍ଛାଶକ୍ତି ଓ ନିଷ୍ଠାପର ଉଦ୍ୟମ ହିଁ ସଫଳତାର ଚାବିକାଠି ବୋଲି ଯୁବଗୋଷ୍ଠୀଙ୍କୁ କହିଥିଲେ। ମୁଖ୍ୟ ଅତିଥି ଭାରତ ସରକାରଙ୍କ ଅବସରପ୍ରାପ୍ତ ଅଧିକାରୀ ପଞ୍ଚାନନ ଦାଶ ଯୋଗଦେଇ କହିଲେ, ଯୁବବର୍ଗ ଆତ୍ମନିର୍ଭରଶୀଳ ହୋଇପାରିଲେ ସମାଜରେ ସୁଦୂର ପ୍ରସାରି ପ୍ରଭାବ ପଡ଼ିଥାଏ। ବରେଣ୍ୟ ଅତିଥି ସିନର୍ଜୀ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ବିନୋଦ ଦାଶ, ସମ୍ମାନିତ ଅତିଥି କଟକ ଅର୍ବାନ୍ ବ୍ୟାଙ୍କ ମୁଖ୍ୟ ପ୍ରିୟବ୍ରତ ପଣ୍ଡା, କ୍ଷୁଦ୍ର ଶିଳ୍ପୋଦ୍ୟୋଗୀ ପ୍ରବୋଧ ବଡ଼ପଣ୍ଡା ଏବଂ ଏକାଡେମୀର ଅଧ୍ୟକ୍ଷ ଡ. ପ୍ରଭାସ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଡା. ମାର୍କଣ୍ଡେୟ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହେମନ୍ତ ରାଉତ ଅତିଥି ପରିଚୟ ଓ ମହେଶ କୁମାର ମଲ୍ଲ ଧନ୍ୟବାଦ ଦେଇଥିଲେ।

### ପ୍ରାଧ୍ୟାପକ ଡ. ଦୈତାରି ଶୁକ୍ଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କଟକ,୩୧।୩(ଶିଳ୍ପା ପ୍ରିୟଦର୍ଶିନୀ)**

ଖ୍ରୀଷ୍ଟ କଲେଜ ଶିକ୍ଷକ ସଂଘ ପକ୍ଷରୁ ଓଡ଼ିଆ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡ. ଦୈତାରି ଶୁକ୍ଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କଲେଜ ଅଧ୍ୟକ୍ଷା ମଧୁମିତା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ଡ. ଶୁକ୍ଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ସଂଘ ସମ୍ପାଦକ ଡ. ଅଶୋକ କୁମାର ସାହୁ ସ୍ୱାଗତ ଭାଷଣ ଏବଂ ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ ମାନପତ୍ର ପାଠ କରିଥିଲେ। ଏଥିରେ ଡ. କ୍ଷଣପ୍ରଭା ନନ୍ଦ, ଡ. ଦେବଯାନୀ ଦାଶ, ଅଧ୍ୟାପକ ସୁମନ ରଏ, ଡ. ବିନୀତା ନନ୍ଦ, ଡ. କୃତ୍ତିବାସ ଷଡ଼ଙ୍ଗୀ, ପ୍ରାଧ୍ୟାପକ ଶୋଭନ ପଣ୍ଡା, ଡ. ଆଲୋକ ମିଶ୍ର, ଡ. ଜେହାରା ଜବୀନ, ଅଧ୍ୟାପିକା ସ୍ୱାତୀ ଦାଶ, ଡ. କବିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସହସମ୍ପାଦକ ଡ. ଦୀପକ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଣିଜ୍ୟିକ ପ୍ରତିଷ୍ଠାନକୁ ପ୍ରାକୃତିକ ଗ୍ୟାସ୍ ପାଇପ ଲାଇନ ସଂଯୋଗ ବାଧ୍ୟତାମୂଳକ: ଜିଲାପାଳ

**କଟକ,୩୧।୩(କାର୍ତ୍ତିକ ସାହୁ)**

**୧୦୨ ଏଲପିଜି ସିଲିଣ୍ଡର ଜବତ**

ବାଣିଜ୍ୟିକ ପ୍ରତିଷ୍ଠାନ, ହୋଟେଲ, ରେଷ୍ଟୁରାଣ୍ଟଗୁଡ଼ିକୁ ବାଧ୍ୟତାମୂଳକ ଭାବେ ପାଇପ ଲାଇନ ଯୋଗେ ପ୍ରାକୃତିକ ଗ୍ୟାସ ସଂଯୋଗ ନେବାକୁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି। ପାଇପ ଯୋଗେ ପ୍ରାକୃତିକ ଗ୍ୟାସ ସଂଯୋଗୀକରଣ ନେଇ ଉପଭୋକ୍ତାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ଗ୍ୟାସ ଅଥରିଟି ଅଫ ଇଣ୍ଡିଆ ଲିମିଟେଡକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରନ୍ଧନ ଗ୍ୟାସ୍ କଳାବଜାର କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଏହିପରି କାର୍ଯ୍ୟକଳାପ ଉପରେ ତୀକ୍ଷଣ ନଜର ରଖିବାକୁ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ ଏକ ସ୍କ୍ୱାଡ ସିଡିଏ ସମେତ ସହରର ବିଭିନ୍ନ ଅଞ୍ଚଳରୁ ୧୦୨ଟି ଏଲପିଜି ସିଲିଣ୍ଡର ଜବତ କରିଥିବା ଜଣାଯାଇଛି।

ଏଲପିଜି ସିଲିଣ୍ଡର କଳାବଜାରକୁ ରୋକିବା ଓ ସାଧାରଣ ଲୋକଙ୍କୁ ରନ୍ଧନ ଗ୍ୟାସ ଉପଲବ୍ଧ କରାଇବା ନିମନ୍ତେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଭିଡିଓ କନ୍‌ଫରେନ୍ସ ଜରିଆରେ ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ, ହସ୍ପିଟାଲ ଓ ଅଙ୍ଗନୱାଡି କେନ୍ଦ୍ରରେ ଗ୍ୟାସ ଅଭାବ ଯୋଗୁ କୌଣସି ପ୍ରକାର ଅସୁବିଧା ସୃଷ୍ଟି ହୋଇନାହିଁ ବୋଲି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଜିଲା ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଭାବେ ନଜର ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପରିସ୍ଥିତିରେ ଜନସାଧାରଣ ଯେପରି ଏଲପିଜି ପାଇବାରୁ ବଞ୍ଚିତ ନ ହୋଇ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତୁ ସେ ଦିଗରେ ସତର୍କତା ଅବଲମ୍ବନ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଝାଡ଼ଖଣ୍ଡରେ ଓଡ଼ିଆ ଭାଷାକୁ ସୁରକ୍ଷା ଦେଉଥିବା ଯୋଦ୍ଧା



ଝାଡ଼ଖଣ୍ଡର ବିଭିନ୍ନ ସ୍କୁଲ୍‌ରେ ଓଡ଼ିଆ ଭାଷାକୁ ସୁରକ୍ଷା ଦେଉଥିବା ଶିକ୍ଷୟିତ୍ରୀଶିକ୍ଷକ।

ଓଡ଼ିଆ ଭାଷାର ସୁରକ୍ଷା ପାଇଁ କେନ୍ଦୁଝର ଜିଲା ସୀମାନ୍ତ ଝାଡ଼ଖଣ୍ଡର ଦୁର୍ଗମ ଅଞ୍ଚଳରେ ଉଦ୍ୟମ ଚଳାଇଛନ୍ତି ଶତାଧିକ ଓଡ଼ିଆ ଯୋଦ୍ଧା। ଝାଡ଼ଖଣ୍ଡ ସରକାର ଓଡ଼ିଆ ଶିକ୍ଷକ ନିଯୁକ୍ତ କରୁ ନ ଥିବାରୁ ଓଡ଼ିଆ ଯୋଦ୍ଧା କୁହାଯାଉଥିବା ଏହି ଶିକ୍ଷକମାନେ ଗତ ୨୨ ବର୍ଷ ଧରି ଓଡ଼ିଶା ସରକାରଙ୍କ ଉତ୍କଳ ସମ୍ମିଳନୀ ମାଧ୍ୟମରେ ଆର୍ଥିକ ସହାୟତା ମାସିକ ୩ ହଜାର ଟଙ୍କା ଦରମାରେ ଓଡ଼ିଆ ମାତୃଭାଷା ଶିକ୍ଷାଦାନ କରିଆସୁଛନ୍ତି। ଓଡ଼ିଆ ଭାଷା ଏବଂ ସଂସ୍କୃତିକୁ ସୁରକ୍ଷା ଦେବା ପାଇଁ ଏହି ଯୋଦ୍ଧାମାନେ ସେମାନଙ୍କ ପ୍ରୟାସ ଜାରି ରଖିଛନ୍ତି, ଯାହା ଓଡ଼ିଶା ଲାଗି ଗର୍ବର ବିଷୟ ହୋଇଛି।

ପ୍ରକାଶ ଯେ, ଝାଡ଼ଖଣ୍ଡର ପୂର୍ବ ସିଂହଭୂମ, ଷଡ଼େଇକଳା-ଖରସୁଆଁ, ପଶ୍ଚିମ ସିଂହଭୂମ ଭଳି ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲାଗୁଡ଼ିକ ପ୍ରାୟତଃ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଭାବେ ଜଣାଶୁଣା। ଏହି ଅଞ୍ଚଳରେ ହଜାର ହଜାର ଓଡ଼ିଆ ଭାଷାଭାଷୀ ପରିବାର ବସବାସ କରିଆସୁଛନ୍ତି। ଓଡ଼ିଶାରୁ ବିଚ୍ଛିନ୍ନ ହେବାପରେ ସେଠାକାର ଝାଡ଼ଖଣ୍ଡ(ପୂର୍ବରୁ ବିହାର) ସରକାର ହିନ୍ଦୀ ଭାଷାକୁ ପ୍ରାଧାନ୍ୟ ଦେଇଆସୁଥିବା ସତ୍ତ୍ୱେ ଏହି ଓଡ଼ିଆ ଯୋଦ୍ଧା(ଶିକ୍ଷୟିତ୍ରୀ ଶିକ୍ଷକ) ଓଡ଼ିଆ ଭାଷା ଏବଂ ସଂସ୍କୃତିକୁ ବଞ୍ଚାଇ ରଖିବାକୁ ସଂଘର୍ଷ କରୁଛନ୍ତି। ସେମାନେ ବର୍ଷ ବର୍ଷ ଧରି ଓଡ଼ିଶାରେ ପୁନଃ ମିଶ୍ରଣ ପାଇଁ ସଂଘର୍ଷ କରିଆସୁଥିଲେ। କିନ୍ତୁ ବିଫଳ ହେବାପରେ ନିଜର ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ନିମନ୍ତେ ପ୍ରୟାସ ଜାରି ରଖିଛନ୍ତି। ସେହିପରି ସ୍ଥାନୀୟ ଓଡ଼ିଆ ଭାଷାଭାଷୀ ସମସ୍ତ ବାଧା ସତ୍ତ୍ୱେ ସେମାନେ ଉତ୍କଳମଣି ଗୋପବନ୍ଧୁ ଦାସ ଜୟନ୍ତୀ, ମଧୁବାବୁ ଜୟନ୍ତୀ, ଓଡ଼ିଶା ଦିବସ, ବୀରପୁରୁଷଙ୍କ ଜୟନ୍ତୀ, ତିରୋଧାନ ଦିବସ ସହ ବିଭିନ୍ନ ଓଡ଼ିଆ ପର୍ବପର୍ବାଣି ପାଳନ କରିଆସୁଛନ୍ତି। ଏହାବ୍ୟତୀତ ସେମାନେ ଓଡ଼ିଆ ଭାଷାଭାଷୀ ବିଦ୍ୟାଳୟଗୁଡ଼ିକୁ ଜୀବନ୍ତ ରଖିବା ଏବଂ ସେମାନଙ୍କ ପାଠ୍ୟକ୍ରମରେ ମାତୃଭାଷା ଓଡ଼ିଆକୁ ଜାରି ରଖିବା ପାଇଁ ପ୍ରୟାସ କରିଆସୁଛନ୍ତି। ଝାଡ଼ଖଣ୍ଡ ସରକାର(ପୂର୍ବର ବିହାର ରାଜ୍ୟ) ଓଡ଼ିଆ ଭାଷାଭାଷୀ ଛାତ୍ରୀଛାତ୍ରଙ୍କ ପାଇଁ ଜଣେ ମଧ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତ କରି ନ ଥିବାରୁ, ଉତ୍କଳ ସମ୍ମିଳନୀ ହିନ୍ଦୀ ଭାଷୀ ଝାଡ଼ଖଣ୍ଡ ରାଜ୍ୟରେ ଜଣେ ଲେଖାଏ ଓଡ଼ିଆ ଶିକ୍ଷକଙ୍କୁ ଓଡ଼ିଆ ମାତୃଭାଷା ପଢ଼ାଇବାକୁ ନିଯୁକ୍ତ କରିଥିବା ବେଳେ ଶିକ୍ଷା ନିରୀକ୍ଷକମାନଙ୍କୁ ନିୟୋଜିତ କରାଯାଇଛି।

ପୂର୍ବ ସିଂହଭୂମ ଜିଲାର ୨୯ଟି ସ୍କୁଲ୍‌ରେ ୫୪ ଶିକ୍ଷକ, ଷଡ଼େଇକଳା- ଖରସୁଆଁ ଜିଲାର ୫୨ ସ୍କୁଲ୍‌ରେ ୫୮ ଶିକ୍ଷକ ଏବଂ ପଶ୍ଚିମ ସିଂହଭୂମ ଜିଲାର ୩୯ଟି ସ୍କୁଲ୍‌ରେ ୪୨ ଶିକ୍ଷକ ନିୟୋଜିତ ଅଛନ୍ତି। ସେମାନେ ଦୀର୍ଘ ୨୨ ବର୍ଷ ଧରି ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ଅଧୀନରେ ରହି ଶିକ୍ଷାଦାନ କରିଆସୁଛନ୍ତି ବୋଲି ଉତ୍କଳ ସମ୍ମିଳନୀର ବରିଷ୍ଠ ସଦସ୍ୟ ସରୋଜ ପ୍ରଧାନ କହିଛନ୍ତି। ଆମେ ଓଡ଼ିଆ ଭାଷା ଏବଂ ସଂସ୍କୃତିକୁ ବଞ୍ଚାଇବା ପାଇଁ ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ସ୍ୱଳ୍ପ ଦରମାରେ ଶିକ୍ଷା ଦେଉଛୁ। ଓଡ଼ିଶା ସରକାରଙ୍କ ସମର୍ଥନରେ ଆମେ ନିରନ୍ତର ଶିକ୍ଷାଦାନ କରୁଛୁ। ଓଡ଼ିଶା ସରକାର ଆମକୁ ପୂର୍ଣ୍ଣ ସହାୟତା ଦେଲେ ଏଠାରେ ଓଡ଼ିଆ ଭାଷା ବଞ୍ଚିରହିବ ବୋଲି ଓଡ଼ିଆ ଶିକ୍ଷୟିତ୍ରୀ ରୀତାରାଣୀ ଦୁବେ ଆଶାବ୍ୟକ୍ତ କରିଛନ୍ତି।

ରିପୋର୍ଟ- **ନରେଶ ଚନ୍ଦ୍ର ପଟ୍ଟନାୟକ**

# ୧୯୭୨ରୁ ଆରମ୍ଭ

ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଲକ୍ଷ୍ୟନେଇ ୧୯୩୬ ଏପ୍ରିଲ ପହିଲାରେ ଭାଷାଭିତ୍ତିକ ପ୍ରଦେଶ ଭାବରେ ଓଡ଼ିଶା ଜନ୍ମ ନେଇଥିଲା। ଏକ ସ୍ୱତନ୍ତ୍ର ପ୍ରଦେଶ ସୃଷ୍ଟି ଓଡ଼ିଆଙ୍କ ଭିତରେ ସୃଷ୍ଟି କରିଥିଲା ଅଭୂତପୂର୍ବ ସ୍ୱାଭିମାନ। ମାତ୍ର ସ୍ୱାଧୀନତା ପ୍ରାପ୍ତିର ୨୫ ବର୍ଷ ବିତିଯାଇଥିଲେ ମଧ ଓଡ଼ିଶା(ଉତ୍କଳ) ଦିବସ କେବେ ଆନୁଷ୍ଠାନିକ ଭାବରେ ପାଳିତ ହୋଇ ନ ଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଏହି ଐତିହାସିକ ଦିନର ଗୁରୁତ୍ୱକୁ ଉପଲବ୍ଧିକରି ତାକୁ ଶାସକୀୟ ମର୍ଯ୍ୟାଦା ଦେବା ଫଳରେ ଏହା ୧୯୭୨ ମସିହାଠାରୁ ଆନୁଷ୍ଠାନିକ ଭାବରେ ପାଳନ ହେଉଛି। ଓଡ଼ିଆ ଅସ୍ମିତାର ପୁନର୍ଜାଗରଣ ପାଇଁ ନନ୍ଦିନୀଦେବୀଙ୍କର ଏଇ ନିଷ୍ପତ୍ତିକୁ ଓଡ଼ିଆ ଇତିହାସ ସଗୌରବେ ସ୍ମରଣ କରିବ ନିଶ୍ଚୟ।

୧୯୪୮ ମସିହା ମଧଭାଗରେ ଓଡ଼ିଶାରୁ ଷଡ଼େଇକଳା ଓ ଖରସୁଆଁ ଯାଇ ବିହାରରେ ମିଶିଲା। ୧୯୪୭ରେ ସ୍ୱାଧୀନତାପ୍ରାପ୍ତି ପରେ ଏଇ ୨ ରାଜ୍ୟର ତତ୍କାଳୀନ ଦେଶୀୟ ରାଜାମାନେ ଓଡ଼ିଶାରେ ମିଶିବା ପାଇଁ ସେମାନଙ୍କର ସ୍ୱୀକୃତିପତ୍ର କେନ୍ଦ୍ର ସରକାରଙ୍କୁ ଦେଇଥିଲେ। ସେତେବେଳେ ଶତକଡ଼ା ୬୦ ଭାଗ ଲୋକ ଥିଲେ ଓଡ଼ିଆ ଭାଷାଭାଷୀ ଏବଂ ସେମାନେ ପ୍ରାୟ ବର୍ଷେ ପାଖାପାଖି ଓଡ଼ିଶା ରାଜ୍ୟର ଅଂଶୀଦାର ଥାଇ ମାତୃଭାଷାର ଆନନ୍ଦ ସ୍ୱାଭାବିକ ଭାବରେ ଉପଭୋଗ କରିବାର ଗୌରବ ପାଇଥିଲେ। ମାତ୍ର ସେଇ ଅଞ୍ଚଳର ବନବାସୀମାନେ ଓଡ଼ିଶା ସହ ମିଶ୍ରଣକୁ ବିରୋଧକରି ଆନ୍ଦୋଳନ କଲେ। ସେମାନଙ୍କର ବିରୋଧର ମୁଖ୍ୟ କାରଣ ଥିଲା ଓଡ଼ିଶା ସହ ଏଇ ୨ଦେଶୀୟ ରାଜ୍ୟ ସିଧାସଳଖ ସଂଯୁକ୍ତ ନ ଥିଲେ। ମୟୂରଭଞ୍ଜ ୧୯୪୯ରେ ଓଡ଼ିଶାରେ ମିଶିବା ପର୍ଯ୍ୟନ୍ତ ତାହା ଥିଲା ସ୍ଥିତି। ପୁନର୍ବାର ସେତେବେଳେ ବିହାରରୁ ବହୁ ସର୍ବଭାରତୀୟ ନେତୃବୃନ୍ଦ ଥାଇ ବିହାର ସପକ୍ଷରେ ଲବି କଲେ। କେନ୍ଦ୍ର ସରକାର ଏ ବାବଦରେ କମିଶନ ବସାଇଲେ ଏବଂ ଏହି ବୌଦକର କମିଶନର ରିପୋର୍ଟ ମୁତାବକ ୧୯୪୮ ମେ ୧୮ରେ ଏଇ ଦେଶୀୟ ରାଜ୍ୟ ବିହାରର ଅଂଶ ବିଶେଷ ପାଲଟିଲା।

ଏକ ଐତିହାସିକ ସତ୍ୟକୁ ଅସ୍ୱୀକାର କରିବା ଅନ୍ୟାୟ। ମାତ୍ର ସେଇ ଓଡ଼ିଆଭାଷୀଙ୍କ ଦୁଃଖ ଅପନୋଦନ ପାଇଁ ଇତିହାସରେ ପ୍ରତିବାଦର ସ୍ୱର ଥିଲା କ୍ଷୀଣ ଓ ଗୌଣ। ୧୯୫୬ରେ ରାଜ୍ୟ ପୁନର୍ଗଠନ କମିଶନ ବସିବା ବେଳେ ତତ୍କାଳୀନ ଓଡ଼ିଶା ସରକାର ଏଇ ଦାବିକୁ ପୁନରୁତ୍ଥାପନ କରିଥିଲେ, ମାତ୍ର ପରେ କେନ୍ଦ୍ର ସରକାରଙ୍କ ଚାପରେ ଚୁପ୍ ରହିଲେ। ଆଉ ବିଡ଼ମ୍ବିତ ହୋଇଗଲା ଓଡ଼ିଆଙ୍କ ଭାଗ୍ୟ। ଖାଲି କ'ଣ ଝାଡ଼ଖଣ୍ଡରେ ଥିବା ଷଡ଼େଇକଳା ଆଉ ଖରସୁଆଁ? ପାରଳାଖେମୁଣ୍ଡି ଦେଶୀୟ ରାଜ୍ୟ ସିନା ଓଡ଼ିଶାରେ ମିଶିଲା ଗଜପତି କୃଷ୍ଣଚନ୍ଦ୍ରଙ୍କ ନିର୍ଣ୍ଣାୟକ ନେତୃତ୍ୱ ଯୋଗୁ, ମାତ୍ର ପାରଳା ରାଜ୍ୟ ଅଧୀନରେ ଥିବା ଶ୍ରୀକାକୁଲମ୍ ଜିଲାର ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକ କାଳକ୍ରମେ ଆନ୍ଧ୍ରପ୍ରଦେଶର ଅଂଶ ବିଶେଷ ପାଲଟିଲା। ବେଙ୍ଗଲ ପ୍ରେସିଡେନ୍ସିରେ ଥିବା ମେଦିନୀପୁର ଜିଲାର ବହୁ ଓଡ଼ିଆ ଭାଷା ଅଞ୍ଚଳ ପଶ୍ଚିମବଙ୍ଗରେ ରହିଲା ଏବଂ ସେଦିନର ବେହେରା, ମହାନ୍ତି, ଜେନାମାନେ କାଳକ୍ରମେ ବେରା, ମାଇତି, ଜାନା ପାଲଟିଗଲେ। ଛତିଶଗଡ଼ର ଓଡ଼ିଆ ସୀମାନ୍ତବର୍ତ୍ତୀ ଅଞ୍ଚଳର ବହୁ ଲୋକ ମଧ ଓଡ଼ିଆ ଭାଷାଭାଷୀ ହେବା ସହ ଓଡ଼ିଆ ସଂସ୍କୃତିକୁ ପୁରୁଷାନୁକ୍ରମେ ଗ୍ରହଣ କରିଛନ୍ତି। କଥା ହେଉଛି ବିଚ୍ଛିନ୍ନାଞ୍ଚଳରେ ଥିବା ଓଡ଼ିଆ ଭାଷାଭାଷୀଙ୍କ ଭବିଷ୍ୟତ କ'ଣ? ଏସବୁସ୍ଥାନରେ ଓଡ଼ିଆ ଭାଷାର ସୁରକ୍ଷା ତଥା ପ୍ରସାର ଲାଗି ରାଜନୈତିକ ଇଚ୍ଛାଶକ୍ତି, ସରକାରୀ ତଥା ସାମୂହିକ ଆନ୍ତରିକତାର ଆବଶ୍ୟକତା ରହିଛି।

– **ନିରଞ୍ଜନ ସାହୁ**
ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ
ମୋ: ୯୪୩୮୪୮୨୯୧୧

# ଏମାନଙ୍କ ମତରେ

## ଆତ୍ମନିର୍ଭରଶୀଳ ରାଜ୍ୟ ଗଠନ କରିପାରିନୁ



ପ୍ରାଚୁର୍ଯ୍ୟ ଭରା ଓଡ଼ିଶାର ଯୁବକମାନେ ଏବେ ରୋଜଗାର ପାଇଁ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ଗାଁ ପରିବେଶ ଆଉ ଆଗ ଭଳି ନାହିଁ। ରାଜ୍ୟରେ ଓୟୁଏଟି ଭଳି ଅନୁଷ୍ଠାନ ସ୍ଥାପନ ହେଲା। ଖଣି ଖାଦାନରେ ଭରା ଓଡ଼ିଶା। ମାତ୍ର ଆମେ ନାସିକ ଆଳୁ, ଆନ୍ଧ୍ର ମାଛ ଓ ଅଣ୍ଡା ଉପରେ ନିର୍ଭରଶୀଳ। ୯୦ ବର୍ଷ ପରେ ମଧ ଦାଦନମୁକ୍ତ, ନିଶାମୁକ୍ତ ତଥା ଆତ୍ମନିର୍ଭରଶୀଳ ରାଜ୍ୟ ଗଠନ କରିପାରିନାହୁଁ।

**- ଦିଲ୍ଲୀପ ଦାଶଶର୍ମା, ସାଧାରଣ ସମ୍ପାଦକ, ଉତ୍କଳ ସମ୍ମିଳନୀ**

## ନିଜ ଭାଷାକୁ ଭଲ ପାଇ ପାରୁନେ



୧୯୮୦ରୁ ଓଡ଼ିଆକୁ ସରକାରୀ ଭାଷା କରିବା ପାଇଁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଆଉ ୨୦୧୭ ଅଗଷ୍ଟ ୧୭ରେ ଓଡ଼ିଆ ଭାଷାକୁ ସରକାରୀ ଭାଷା ଭାବେ ପାଳନ କରିବା ପାଇଁ ରୁଲ୍ ପ୍ରକାଶ ପାଇଥିଲା। ଏଥିସହ ଏହାକୁ ପାଳନ ନ କରୁଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ ୧୯୬୨ (ସିସିଏ) ରୁଲ୍ ଅନୁଯାୟୀ ଦଣ୍ଡିତ ହେବେ ବୋଲି ନିୟମ ଜାରି ହୋଇଥିଲା। ମାତ୍ର ଏହି ନିୟମକୁ କିଏ ମାନୁଛି! ସରକାର ନୂତନ ଆଇନ ଆଣୁଥିବାବେଳେ ଏହାର କାର୍ଯ୍ୟକାରିତା ପାଇଁ କେହି ବ୍ୟଗ୍ର ନୁହନ୍ତି। ପ୍ରକୃତପକ୍ଷେ ଆମେ ନିଜ ଭାଷାକୁ ଭଲ ପାଇପାରୁନେ।

**- ପବିତ୍ର ମହାରଥା, ଆବାହକ, ଭାଷା ଆନ୍ଦୋଳନ**

## ସମୟୋପଯୋଗୀ ବିନିଯୋଗ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହେବ

ପ୍ରାକୃତିକ ସମ୍ବଳ ଆଉ ଅନନ୍ୟ ସାଂସ୍କୃତିକ ସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶା। କିନ୍ତୁ ରାଜ୍ୟର ଅଧିବାସୀଙ୍କର ଜୀବନ ଧାରଣର ମାନ ଏବଂ ପ୍ରଗତି ସେତେ ଉଲ୍ଲେଖନୀୟ ହୋଇପାରିନି। ଏଭଳି ସ୍ଥିତିରେ ଶିଳ୍ପ କ୍ଷେତ୍ରରେ ରାଜ୍ୟର ମାନବ ସମ୍ବଳକୁ ଗୁରୁତ୍ୱ, ପ୍ରଯୁକ୍ତିବିଦ୍ୟାର ବାସ୍ତବ ଆବଣ୍ଟନ, ଗୁଣାତ୍ମକ ଓ ଧନ୍ଦାମୂଳକ ଶିକ୍ଷାର ପ୍ରଚଳନ, ରାଜ୍ୟର ପ୍ରାକୃତିକ ସମ୍ବଳର ସମୟୋପଯୋଗୀ ବିନିଯୋଗ ହିଁ ଏକ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହେବ।



**- ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ, କବି**

## ଓଡ଼ିଆ ଭାଷାର ସଫଳ ପ୍ରଦର୍ଶନ ଆବଶ୍ୟକ



ଅତୀତ ତୁଳନାରେ ବର୍ତ୍ତମାନ ଓଡ଼ିଆ ଅସ୍ମିତାକୁ ସୁରକ୍ଷିତ ରଖିବା ଦିଗରେ ଯେଉଁଭଳି ଉଦ୍ୟମ ଚାଲିଛି। ଏହାକୁ ଯଥେଷ୍ଟ କି ପର୍ଯ୍ୟାପ୍ତ ବୋଲି କୁହାଯାଇପାରିବ ନାହିଁ। ଆମେ ଓଡ଼ିଆ ଅସ୍ମିତା ବିଷୟରେ କହିବା ଆରମ୍ଭ କରିଛେ। କହିବା ଏବଂ ଶୁଣି ଶୁଣି ଏ ଦିଗରେ ଭାବିବା ଆରମ୍ଭ କରିଛେ। କିନ୍ତୁ ଓଡ଼ିଆ ଭାଷାର ସଫଳ ପ୍ରଦର୍ଶନ ଲାଗି ଆହୁରି ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

**- ଇଂ. ଶ୍ରୀନିବାସ ଘଟୁଆରୀ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଓ ନୃତ୍ୟଶିଳ୍ପୀ**

## ୨୫ଶହ ବର୍ଷ ପୁରୁଣା ଶାସ୍ତ୍ରୀୟ ଭାଷାକୁ ଲୁଚାଇବାର ଉଦ୍ୟମ ଚାଲିଛି



ଓଡ଼ିଆ ପ୍ରୀତି ଜାଗ୍ରତ ପାଇଁ ସରକାରଙ୍କର ଓଡ଼ିଆ ପକ୍ଷ ପାଳନ ଉଦ୍ୟମ ସ୍ୱାଗତଯୋଗ୍ୟ। ମାତ୍ର ଜନସାଧାରଣଙ୍କ ଭିତରେ ମାତୃଭାଷା ଓ ନିଜ ରାଜ୍ୟକୁ ନେଇ ସ୍ୱତଃ ଭାବାବେଗ ସୃଷ୍ଟି ନ ହେଲେ ଏଭଳି ଉଦ୍ୟମ ପାଣିର ଗାର ପାଲଟିଯିବ। ୨୫ଶହ ବର୍ଷ ପୁରୁଣା ଶାସ୍ତ୍ରୀୟ ଭାଷାକୁ ହିନ୍ଦୀର ଆବରଣ ତଳେ ଲୁଚାଇବାର ଉଦ୍ୟମ ଚାଲିଛି। ତେବେ ରାଜ୍ୟ ସରକାର ଯେଉଁଦିନ ଓଡ଼ିଆ ଭାଷାକୁ ଶାସନ, ସଂସ୍କୃତି, ରୋଜଗାର ଓ ଭାବପ୍ରବଣତାର ଭାଷା କରିବେ ସେଦିନ ହିଁ ଏ ପକ୍ଷ ପାଳନ ସାର୍ଥକ ହେବ।

**- ଶୁଭ୍ରାଂଶୁ ପଣ୍ଡା, କଥାଶିଳ୍ପୀ**





















ସାଧୁତା ଅତ୍ୟନ୍ତ ବ୍ୟୟବହୁଳ ଉପହାର। ଶସ୍ତା ଲୋକଙ୍କଠାରୁ ଏହା ଆଶା କରାଯାଏ ନାହିଁ।
– ୱାରେନ୍ ବଫେଟ୍ (ଆମେରିକୀୟ ଶିଳ୍ପପତି ତଥା ଜନହିତକାରୀ ବ୍ୟକ୍ତି)



# ଆଜିଠୁ ନୂଆ ଆୟକର ନିୟମ

ନୂଆଦିଲ୍ଲୀ, ୩୧।୩




ଏପ୍ରିଲ ୧, ୨୦୨୬ରୁ ନୂଆ ଆୟକର ନିୟମ ଲାଗୁ ହେବ। ୨୦୨୬-୨୭ ଆର୍ଥିକ ବର୍ଷ ଏହି ଦିନରୁ ଆରମ୍ଭ ହେଉଥିବାବେଳେ ନୂଆ ଆୟକର ନିୟମ, ୨୦୨୫ ଲାଗୁ ହେବ। ଗତ ୬ ଦଶନ୍ଧି ଧରି ଆୟକର ଦାଖଲ ନିମନ୍ତେ ଯେଉଁଭଳି ବ୍ୟବସ୍ଥା ରହିଥିଲା ତାହାକୁ ବାଦ୍ ଦେଇ ଏବେ ଆୟକର ଦାଖଲ କରୁଥିବା ବ୍ୟକ୍ତି ବିଶେଷ ଅପେକ୍ଷାକୃତ ସରଳ ନିୟମ ଅନୁଯାୟୀ ଏହାକୁ କରିପାରିବେ। ବିଶେଷକରି ଫାଇନାନ୍ସିଆଲ ଇୟର( ଏଫ୍ ୱାଇ) ଏବଂ ଆସେସ୍‌ମେଣ୍ଟ ଇୟର(ଏୱାଇ)କୁ ନେଇ ଯେଉଁ ଦ୍ୱନ୍ଦ୍ୱ ରହୁଥିଲା ତାହା ଏବେ ଦୂର ହେବ। ଏବେ ଏହି ଦୁଇଟି ବ୍ୟବସ୍ଥା ବଦଳରେ କେବଳ ଟ୍ୟାକ୍ସ ଇୟର (ଟିୱାଇ) କାର୍ଯ୍ୟକାରୀ ହେବ। ପୂର୍ବ ବ୍ୟବସ୍ଥା ଅନୁସାରେ ଜଣେ ବ୍ୟକ୍ତି ଗୋଟିଏ ଆର୍ଥିକ ବର୍ଷର (ଏଫ୍ ୱାଇ) ଆୟକୁ ନେଇ ପରବର୍ତ୍ତୀ ବର୍ଷ(ଏୱାଇ)ରେ ଆୟକର ଦାଖଲ କରୁଥିଲେ। କିନ୍ତୁ ଏବେ ଏହା କେବଳ ଗୋଟିଏ ବର୍ଷ(ଟିୱାଇ)ରେ ସମ୍ପୂର୍ଣ୍ଣ ହେବ। ଅର୍ଥାତ୍ ଜଣେ ଏପ୍ରିଲ ୧,୨୦୨୬ରୁ ମାର୍ଚ୍ଚ ୩୧,୨୦୨୭ ମଧ୍ୟରେ କରିଥିବା ଆୟକୁ ୨୦୨୬-୨୭ ଟ୍ୟାକ୍ସ ଇୟରରେ ଦାଖଲ କରିବେ।

### ଟୋଲ୍ ପ୍ଲାଜାରେ କେବଳ ଡିଜିଟାଲ ପେମେଣ୍ଟ, ପାନ୍ ନିୟମ କଠୋର

ଏପ୍ରିଲ ୧, ୨୦୨୬ରୁ ଦେଶର ସବୁ ଟୋଲ୍ ପ୍ଲାଜାରେ ଆଉ ନଗଦ ଅର୍ଥ ଗ୍ରହଣୀୟ ହେବନାହିଁ। କେବଳ ଫାସ୍‌ଟ୍ୟାଗ୍ କିମ୍ବା ୟୁପିଆଇ ଭଳି ଡିଜିଟାଲ ମାଧ୍ୟମରେ ଫି ଦେବାକୁ ପଡ଼ିବ। ସେହିପରି ପାନ୍ କାର୍ଡ ସଂଶୋଧନ କିମ୍ବା କୌଣସି ପରିବର୍ତ୍ତନ ପାଇଁ କେବଳ ଆଧାର କାର୍ଡ ପର୍ଯ୍ୟାପ୍ତ ହେବନାହିଁ। ଏଥିପାଇଁ ଜଣଙ୍କ ପରିଚୟ ପାଇଁ ଅନ୍ୟ ପ୍ରମାଣପତ୍ର ଦେବାକୁ ପଡ଼ିବ। ଅନ୍ୟାନ୍ୟ ପରିବର୍ତ୍ତିତ ନିୟମ ମଧ୍ୟରେ ବୁଧବାରଠାରୁ ୟୁପିଆଇରେ ହେଉଥିବା ଟଙ୍କା ଉଠାଣ ଏଟିଏମ୍ ଫ୍ରି ଟ୍ରାଞ୍ଜାକ୍ସନ୍ ମଧ୍ୟରେ ଗଣତି ହେବ। ଫ୍ରି ଲିମିଟ୍ ପରେ ଗୋଟିଏ ୱିଥ୍‌ଡ୍ରୟଲ ପାଇଁ ୨୩ ଟଙ୍କା ଫି ଲାଗୁ ହେବ।

# ଏମ୍‌ଇ ଆଣ୍ଡ ଏମ୍‌ସି ସପ୍ତାହରେ ଏମ୍‌ଜିଏମ୍ ମିନେରାଲ୍ସ ପୁରସ୍କୃତ

ଭୁବନେଶ୍ୱର,୩୧।୩(ଅନୁରାଧା ମହାରଣା)




ଭାରତୀୟ ଖଣି ବ୍ୟୁରୋ (ଆଇବିଏମ୍) ତତ୍ତ୍ୱାବଧାନରେ ୨୭ତମ ଖଣି ପରିବେଶ ଏବଂ ଖଣିଜ ସମ୍ପଦ ସଂରକ୍ଷଣ (ଏମ୍‌ଇ ଆଣ୍ଡ ଏମ୍‌ସି) ସପ୍ତାହ ୨୦୨୫-୨୬ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାରତୀୟ ଖଣି ବ୍ୟୁରୋର ଖଣି ମହାନିୟନ୍ତ୍ରକ ପଙ୍କଜ କୁଳଶ୍ରେଷ୍ଠ ଉପସ୍ଥିତ ଥିଲେ। ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍‌ର ପଟାବେଡ଼ା ଲୌହ ଖଣିକୁ ବନୀକରଣ ନିମନ୍ତେ ପ୍ରଥମ ପୁରସ୍କାର, ସ୍ଥାୟୀ ବିକାଶ ନିମନ୍ତେ ଦ୍ୱିତୀୟ ପୁରସ୍କାର ଏବଂ ସାମଗ୍ରିକ କାର୍ଯ୍ୟଦକ୍ଷତା ନିମନ୍ତେ ଦ୍ୱିତୀୟ ପୁରସ୍କାରରେ ସମ୍ମାନିତ କରାଯାଇଛି। କମ୍ପାନୀ ପକ୍ଷରୁ ଚେୟାରମ୍ୟାନ ପଙ୍କଜ ଲୋଚନ ମହାନ୍ତି ତଥା ଅନ୍ୟ ବରିଷ୍ଠ ଖଣି ଅଧିକାରୀମାନେ ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଭାରତୀୟ ଖଣି ବ୍ୟୁରୋ (ଭୁବନେଶ୍ୱର ଅଚଳ)ର ଅରୁଣ କୁମାର, ଆଞ୍ଚଳିକ ଖଣି ନିୟନ୍ତ୍ରକ, ସଞ୍ଜୀବ କୁମାର ମହାପାତ୍ର, ଆଞ୍ଚଳିକ ଖଣି ଭୂତତ୍ତ୍ୱବିତ୍ ଓ ଅନ୍ୟ ଅଧିକାରୀମାନଙ୍କ ଦ୍ୱାରା ସୁଚାରୁ ରୂପେ ପରିଚାଳନା କରାଯାଇଥିଲା।

# ବିମାନ ରକ୍ଷଣାବେକ୍ଷଣ କ୍ଷେତ୍ରରେ ବଢ଼ିବ ନିଯୁକ୍ତି

ଭୁବନେଶ୍ୱର,୩୧।୩ (ଅନୁରାଧା ମହାରଣା)

### ଗତି ଶକ୍ତି ବିଶ୍ୱବିଦ୍ୟାଳୟ, ଡିଜିସିଏ ମଧ୍ୟରେ ଚୁକ୍ତି

ପରିବହନ ଏବଂ ଲଜିଷ୍ଟିକ୍ସ କ୍ଷେତ୍ର ପାଇଁ ଭାରତର ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଗତି ଶକ୍ତି ବିଶ୍ୱବିଦ୍ୟାଳୟ (ଜିଏସ୍‌ଭି) ଏବଂ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ମଧ୍ୟରେ ନୂଆଦିଲ୍ଲୀସ୍ଥିତ ରେଳ ଭବନରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରେଳ, ସୂଚନା ଏବଂ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମ ମୋହନ ନାଇଡୁଙ୍କ ଉପସ୍ଥିତିରେ ଡିଜିସିଏ ମହାନିର୍ଦ୍ଦେଶକ ଫୈଜ ଅହମ୍ମଦ କିଦ୍‌ୱାଇ ଏବଂ ଜିଏସ୍‌ଭି ଭିସି ପ୍ରଫେସର ମନୋଜ ଚୌଧୁରୀଙ୍କ ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତି ବିମାନ ରକ୍ଷଣାବେକ୍ଷଣ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ବୃଦ୍ଧିକରିବ ବୋଲି ଆଶା କରାଯାଉଛି। ବିମାନ ରକ୍ଷଣାବେକ୍ଷଣ ଇଞ୍ଜିନିୟରିଂ ପ୍ରଶିକ୍ଷଣକୁ ନବୀକରଣ କରି ଭାରତରେ ଦ୍ରୁତଗତିରେ ବୃଦ୍ଧି ପାଉଥିବା ରକ୍ଷଣାବେକ୍ଷଣ, ମରାମତି ଏବଂ ଓଭରହଲିଂ (ଏମ୍‌ଆର୍‌ଓ) କ୍ଷେତ୍ରକୁ ସହାୟତା ଏବଂ ସକ୍ଷମ କରିବ। ବିମାନ ଚଳାଚଳ ରକ୍ଷଣାବେକ୍ଷଣ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ପ୍ରବର୍ତ୍ତନ ମାଧ୍ୟମରେ ଏଏମ୍‌ଇ ଶିକ୍ଷାର ମାନକୀକରଣ, ଗୁଣାତ୍ମକ ମାନଦଣ୍ଡ ବୃଦ୍ଧି ଏବଂ ଯୁବକଙ୍କ ପାଇଁ ଏମ୍‌ଆର୍‌ଓ କ୍ୟାରିୟରକୁ ଅଧିକ ଆକାଂକ୍ଷୀ କରିବା ଉପରେ ଗୁରୁତ୍ୱ ଦେବ। କେନ୍ଦ୍ରମନ୍ତ୍ରୀ ବୈଷ୍ଣବ ଗତିଶକ୍ତି ବିଶ୍ୱବିଦ୍ୟାଳୟରେ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବାକୁ ପରାମର୍ଶ ଦେଇଥିଲେ। ଏଭଳି ପଦକ୍ଷେପ ଦ୍ୱାରା ବାର୍ଷିକ ଅତି କମ୍‌ରେ ୧୦୦୦ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ଏବଂ ଏହି ଲକ୍ଷ୍ୟକୁ ସାକାରକରିବା ପାଇଁ ପର୍ଯ୍ୟାପ୍ତ ପାଣ୍ଠି ସହାୟତା ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ। ରାମମୋହନ ନାଇଡୁ କହିଥିଲେ, ଭାରତର ବିମାନ ଚଳାଚଳ କ୍ଷେତ୍ର ସବୁଠାରୁ ପ୍ରଗତିଶୀଳ କ୍ଷେତ୍ର, ଯାହା ବାର୍ଷିକ ୧୦ ରୁ ୧୨% ହାରରେ ବୃଦ୍ଧି ପାଉଛି। ଆଗାମୀ ୧୫ ବର୍ଷ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆଶା କରାଯାଉଛି। ଏହି ଅବସରରେ ରେଳପଥ ବୋର୍ଡର ଅଧ୍ୟକ୍ଷ ସତୀଶ କୁମାର ଏବଂ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ସଚିବ ସମୀର କୁମାର ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ।

# ସବୁଜ ହାଇଡ୍ରୋଜେନ୍ ନୀତି ଘୋଷଣାରେ ଓଡ଼ିଶା ପ୍ରଥମ



ଭୁବନେଶ୍ୱର,୩୧।୩ (ଅନୁରାଧା ମହାରଣା)

ସ୍ଥାୟୀ ଶକ୍ତି ସମାଧାନ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭାହୋଇଛି। ସ୍ଥାୟୀ ଶକ୍ତି ସମାଧାନ ପାଇଁ ଭାରତର ଅନ୍ୱେଷଣକୁ ସମର୍ଥନ ଦେଇ ଓଡ଼ିଶା ସବୁଜ ହାଇଡ୍ରୋଜେନ୍ ନୀତି ଘୋଷଣା କରିଥିବା ପ୍ରଥମ ରାଜ୍ୟ ହୋଇପାରିଛି। ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ସହ ସମନ୍ୱୟ ରଖି ଶିଳ୍ପକ୍ଷେତ୍ରରେ ଡିକାର୍ବନାଇଜେଶନ ଭଳି ପଦକ୍ଷେପ ରାଜ୍ୟର ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଭାରତୀୟ ଶିଳ୍ପ ମହାସଂଘର ସଦସ୍ୟ ଏବଂ ନବୀକରଣୀୟ ଶକ୍ତିର ଅନ୍ୟାନ୍ୟ ସଂସ୍ଥା ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି, ଏହି ନୀତି ନବୀକରଣୀୟ ଶକ୍ତି (ଆର୍‌ଇ)ରେ ଗୁରୁତ୍ୱପୂର୍ଣ୍ଣ ନିବେଶକୁ ପ୍ରୋତ୍ସାହନ ଦେବ। ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ ଉପରେ ଗୁରୁତ୍ୱଦେବା ସହ ଏହି ନୀତି ଓଡ଼ିଶାକୁ ସ୍ୱଚ୍ଛ ଶକ୍ତି ନବସୃଜନର କେନ୍ଦ୍ରର ମାନ୍ୟତା ଦେବ। ଓଡ଼ିଶା ବିପର୍ଯ୍ୟୟ-ପ୍ରତିରୋଧୀ ଭିତ୍ତିଭୂମି, ବଣ୍ଟନ କ୍ଷେତ୍ର ସଂସ୍କାର ସହ ବ୍ୟାଟେରି ଶକ୍ତି ସଂରକ୍ଷଣ ପ୍ରଣାଳୀ ସହିତ ସମନ୍ୱିତ ଭାସମାନ ସୌର ଏବଂ ପମ୍ପଡ ଷ୍ଟୋରେଜ ପ୍ରକଳ୍ପ (ପିଏସ୍‌ପି) ଭଳି ପ୍ରକଳ୍ପରେ ନିବେଶ ଉପରେ ଅଧିକ ଗୁରୁତ୍ୱ ଦେଉଛି। ରାଜ୍ୟର ନବୀକରଣୀୟ ଶକ୍ତିନୀତି ୨୦୨୨ କାରଖାନାରୁ ନିର୍ଗତ ଗ୍ୟାସ୍ ହ୍ରାସ କରିବ ବୋଲି ମହାସଂଘ ଆଶା ପ୍ରକାଶ କରିଛି। ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଓପିଟିସିଏଲ୍‌ର ସିଏମ୍‌ଡି ଭାସ୍କର ଜ୍ୟୋତି ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।



ବିଏସ୍‌ଇ ସେନ୍‌ସେକ୍ସ
୭୧,୯୪୭(-୧୬୩୫)



୧ ଡଲାର = ୯୩.୫୬ ଟଙ୍କା



କ୍ରୁଡ୍ ଅଏଲ୍
(ପ୍ରତି ବ୍ୟାରେଲ୍)
୧୧୦.୬୯ ଡଲାର

(ଶେଷ ପର୍ଯ୍ୟାୟ କାରବାର ଅନୁସାରେ)

# ବ୍ରିଟିଶ ଏୟାରୱେଜ୍‌ର ପୂର୍ବତନ ମୁଖ୍ୟ ଇଣ୍ଡିଗୋ ନୂଆ ସିଇଓ



ୱିଲିୟମ ୱାଲସ୍

ନୂଆଦିଲ୍ଲୀ, ୩୧।୩

ଭାରତର ପ୍ରମୁଖ ଏୟାରୱେଜ୍ କମ୍ପାନୀ ଇଣ୍ଡିଗୋଏୟାରଲାଇନ୍ସ ବ୍ରିଟିଶ ଏୟାରୱେଜ୍‌ର ପୂର୍ବତନ ମୁଖ୍ୟ ୱିଲିୟମ ୱାଲସ୍‌ଙ୍କୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଭାବେ ନିଯୁକ୍ତ କରିଛି। ମଙ୍ଗଳବାର ୱାଲସ୍‌ଙ୍କ ନିଯୁକ୍ତି ସମ୍ପର୍କରେ କମ୍ପାନୀ ପକ୍ଷରୁ ବିଧିବଦ୍ଧ ଘୋଷଣା କରାଯାଇଛି। ପୂର୍ବରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ପିଟର୍ ଏଲବରସ୍ କିଛି ସପ୍ତାହ ତଳେ ଇସ୍ତଫା ଦେଇଥିଲାବେଳେ ବର୍ତ୍ତମାନ ୱାଲସ୍‌ଙ୍କୁ ତାଙ୍କ ସ୍ଥାନରେ ନିଯୁକ୍ତ କରାଯାଇଛି ବୋଲି ଇଣ୍ଡିଗୋ ଏୟାରଲାଇନ୍ସ ଅଧ୍ୟକ୍ଷ ବିକ୍ରମ ସିଂ ମେହଟ୍ଟା କହିଛନ୍ତି। ବର୍ତ୍ତମାନ ଇଣ୍ଟରନ୍ୟାଶନାଲ ଏୟାର ଟ୍ରାନ୍ସପୋର୍ଟ ଆସୋସିଏସନ(ଆଇଏଟିଏ)ର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ୱାଲସ୍ ଆସନ୍ତା ଅଗଷ୍ଟ ୩ରୁ କାର୍ଯ୍ୟରେ ଯୋଗ ଦେବେ ବୋଲି କୁହାଯାଇଛି।

# ଓ.ପି. ଜିନ୍ଦଲଙ୍କ ପୁଣ୍ୟତିଥିରେ କଲ୍ୟାଣକାରୀ କାର୍ଯ୍ୟକ୍ରମ

ଅନୁଗୋଳ,୩୧।୩ (ଜ୍ୟୋତିରଞ୍ଜନ ସାହୁ)

ଓ. ପି. ଜିନ୍ଦଲ ଗ୍ରୁପ୍‌ର ପ୍ରତିଷ୍ଠାତା ଓ. ପି. ଜିନ୍ଦଲଙ୍କ ୨୧ତମ ପୁଣ୍ୟତିଥି ଅନୁଗୋଳ ଜିନ୍ଦଲନଗରଠାରେ ପାଳିତ ହୋଇଯାଇଛି। ଜିନ୍ଦଲ ଷ୍ଟିଲ୍‌ର ଅନୁଗୋଳ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି.କେ. ବିଜୁ ନାୟାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଆଇରନ ଜୋନ୍) ଦାମୋଦର ମିତ୍ତଲ, ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ସମେତ କର୍ମଚାରୀ, କର୍ମବୀର ଏବଂ ସମ୍ପ୍ରଦାୟ ସଦସ୍ୟମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି ଅବସରରେ ଜିନ୍ଦଲ ଷ୍ଟିଲ୍‌ର ସାମାଜିକ ଦାୟିତ୍ୱ ଶାଖା ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରି ବ୍ଲଡ୍ ବ୍ୟାଙ୍କ ଏବଂ ଜିଲା ମୁଖ୍ୟ ଡାକ୍ତରଖାନା ସହାୟତାରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୩୮୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହାସହ ଜିନ୍ଦଲ ଫାଉଣ୍ଡେଶନ ଅନୁଗୋଳର ଅବହେଳିତ ଏବଂ ଦିବ୍ୟାଙ୍ଗ ପିଲାମାନଙ୍କ ସେବା କରୁଥିବା ଆଶ୍ରୟସ୍ଥଳୀ, ଅନୁଷ୍ଠାନ ଏବଂ ଗୋଶାଳା ସମେତ ବିଭିନ୍ନ ସାମାଜିକ ସଙ୍ଗଠନକ ସହାୟତା ପ୍ରଦାନ କରାଯାଇଥିଲା।



ରକ୍ତଦାନ ଶିବିରକୁ ଅଧିକାରୀମାନେ ଉଦ୍‌ଘାଟନ କରୁଛନ୍ତି।

# ଡିଜିପିନ୍ ବ୍ୟବସ୍ଥା ଆପଣାଇଲା ଟିପିସିଓଡିଏଲ୍

ଭୁବନେଶ୍ୱର,୩୧।୩ (ଅନୁରାଧା ମହାରଣା)

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍(ଟିପିସିଓଡିଏଲ୍), ଭାରତର ପ୍ରଥମ ପାୱାର ୟୁଟିଲିଟି ଭାବେ ଡିଜିପିନ୍ ବ୍ୟବସ୍ଥାକୁ ଆପଣାଇଛି। ଦେଶର ଏହି ଅତ୍ୟାଧୁନିକ ଡିଜିଟାଲ୍ ଆଡ୍ରେସିଂ ସିଷ୍ଟମକୁ ଗ୍ରହଣକରି ଟିପିସିଓଡିଏଲ୍ ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ଡିଜିଟାଲ୍ ପବ୍ଲିକ ଇନ୍‌ଫ୍ରାଷ୍ଟ୍ରକ୍ଚର (ଡିପିଆଇ)ର ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛି। ଭାରତୀୟ ଡାକ ବିଭାଗ, ଭାରତୀୟ ମହାକାଶ ଗବେଷଣା ସଂଗଠନ(ଇସ୍ରୋ) ଏବଂ ଆଇଆଇଟି ହାଇଦ୍ରାବାଦର ମିଳିତ ସହଯୋଗରେ ବିକଶିତ ଏହି ଡିଜିପିନ୍, ଜଟିଳ ଲାଟିଚ୍ୟୁଡ୍-ଲଙ୍ଗିଚ୍ୟୁଡ୍ ସ୍ଥାନାଙ୍କ ବଦଳରେ ଏକ ସରଳ ୧୦ ଅଙ୍କ ବିଶିଷ୍ଟ ଆଲଫାନିୟୁମେରିକ କୋଡ୍ ବ୍ୟବହାର କରେ। ଏହି ବ୍ୟବସ୍ଥା ଦ୍ୱାରା ସଠିକ ଏବଂ ସହଜ ଭାବେ ସ୍ଥାନ ଚିହ୍ନଟ କରାଯାଇପାରିବ, ଯାହାକି ସ୍ୱଳ୍ପ କନେକ୍ଟିଭିଟି ଥିବା ଅଞ୍ଚଳରେ ମଧ୍ୟ କାର୍ଯ୍ୟକ୍ଷମ ହେବ ଏବଂ ଶାସନ ବ୍ୟବସ୍ଥା ଓ ସେବା ପ୍ରଦାନ କ୍ଷେତ୍ରରେ ଏକ ପରିବର୍ତ୍ତନ ଆଣିବ। ଆଧାରଭିତ୍ତିକ ଯାଞ୍ଚ ଏବଂ ସହଜ ୟୁପିଆଇ ପେମେଣ୍ଟ ବ୍ୟବସ୍ଥା ଭଳି ନିଜର ଶକ୍ତିଶାଳୀ ଡିଜିଟାଲ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରି, ଟିପିସିଓଡିଏଲ୍ ଏବେ ନିଜର ଏଣ୍ଟରପ୍ରାଇଜ ଜିଓଗ୍ରାଫିକ୍ ଇନ୍‌ଫର୍ମେସନ୍ ସିଷ୍ଟମ୍ (ଜିଆଇଏସ୍) ବ୍ୟବସ୍ଥାରେ ଡିଜିପିନ୍‌କୁ ସାମିଲ କରିଛି। ଏହା ମାଧ୍ୟମରେ କମ୍ପାନୀର ପ୍ରତ୍ୟେକ ବୈଦ୍ୟୁତିକ ସମ୍ପତ୍ତିକୁ ଏକ ସ୍ୱତନ୍ତ୍ର ଡିଜିଟାଲ ଠିକଣା ପ୍ରଦାନ କରାଯାଉଛି। ଏହି ନୂତନ ସଂଯୋଗୀକରଣ ଦ୍ୱାରା ନେଟ୍‌ୱର୍କର ସ୍ଥିତି ସ୍ପଷ୍ଟ ଭାବେ ଜଣାପଡ଼ିବ, ଫିଲ୍ଡ କାର୍ଯ୍ୟଗୁଡ଼ିକ ସରଳ ହେବ ଏବଂ ରକ୍ଷଣାବେକ୍ଷଣ ତଥା ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହେଲେ ଅତି କମ୍ ସମୟ ମଧ୍ୟରେ ସେବା ଯୋଗାଇ ଦିଆଯାଇପାରିବ। ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂହ କହିଛନ୍ତି, ଡିଜିପିନ୍ କୁ ଆପଣାଇବା ଆମ ପାଇଁ ଏକ ରଣନୈତିକ ପଦକ୍ଷେପ। ଏହାଦ୍ୱାରା ଆମେ ନ୍ୟାଶନାଲ ଆଡ୍ରେସିଂ ଗ୍ରୀଡ୍ ସହ ସାମିଲ ହୋଇପାରିବୁ ଏବଂ ତଥ୍ୟଭିତ୍ତିକ ନିଷ୍ପତ୍ତି ଗ୍ରହଣ କରି ଉପଭୋକ୍ତାମାନଙ୍କୁ ବିଶ୍ୱସନୀୟ ଓ ଉନ୍ନତ ସେବା ପ୍ରଦାନ କରିବୁ।

# ଗିଫ୍ଟରେ 'କର୍ମକ୍ଷେତ୍ରରେ ଭବିଷ୍ୟତ: ଚ୍ୟାଲେଞ୍ଜ' ସମ୍ମିଳନୀ

ଭୁବନେଶ୍ୱର,୩୧।୩ (ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ଗିଫ୍ଟ କଲେଜର ଏମ୍‌ବିଏ ବିଭାଗ ପକ୍ଷରୁ 'କର୍ମକ୍ଷେତ୍ରରେ ଭବିଷ୍ୟତ: ଚ୍ୟାଲେଞ୍ଜ' ବିଷୟବସ୍ତୁ ଉପରେ ଏକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନରେ ସମ୍ମାନିତ ଅତିଥି ଭାବେ ସୁନୀଲ କୁମାର ମହାପାତ୍ର ଯୋଗଦେଇ କହିଥିଲେ, ଦ୍ରୁତ ପ୍ରଯୁକ୍ତିବିଦ୍ୟା ପ୍ରଗତି ଯୋଗୁ କ୍ଷେତ୍ର-ନିର୍ଦ୍ଦିଷ୍ଟ ଚାକିରି ଭୂମିକା ନିରନ୍ତର ବିକଶିତ ହେଉଛି। ସଂଗଠନଗୁଡ଼ିକୁ ଦକ୍ଷତାକୁ ଉନ୍ନତ ଓ କାର୍ଯ୍ୟ ଢାଞ୍ଚାକୁ ପୁନଃ ପରିଭାଷିତ କରି ଏହି ପରିବର୍ତ୍ତନଗୁଡ଼ିକ ସହ ଖାପ ଖୁଆଇବାକୁ ପଡ଼ିବ। ମୁଖ୍ୟବକ୍ତା ଭାବେ ପ୍ରଫେସର ଏଲ୍.କେ. ଜେନା କାର୍ଯ୍ୟ ସଂସ୍କୃତି ସଂଗଠନାତ୍ମକ ପରିବେଶକୁ ଆକାର ଦିଏ ଏବଂ କର୍ମଚାରୀଙ୍କ ଉତ୍ପାଦକତା, ସନ୍ତୋଷ ଏବଂ ଦୀର୍ଘକାଳୀନ ସଫଳତାକୁ ସିଧାସଳଖ ପ୍ରଭାବିତ କରେ। ମୁଖ୍ୟ ଅତିଥି ଭାବେ ଡ. ଦେବବ୍ରତ ଦାଶ ଯୋଗଦେଇ କହିଥିଲେ, ଏଆଇ ଦକ୍ଷତା ବୃଦ୍ଧି ସହ କାର୍ଯ୍ୟକୁ ରୂପାନ୍ତରିତ କରେ। ଏହା ମାନବ ସମ୍ପୃକ୍ତି, ସୃଜନଶୀଳତା ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣକୁ ଅତିକ୍ରମ କରିପାରିବ ନାହିଁ, ଯାହା ଅପରିହାର୍ଯ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। ଡ. ବି.କେ. ସୁନ୍ଦରାୟଙ୍କ ଅଧ୍ୟକ୍ଷତାରେ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଶେଷ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଓଏଚ୍‌ପିସି (ଏଚ୍‌ଆର୍)ର ନିର୍ଦ୍ଦେଶକ ସନ୍ଦୀପ ପଟ୍ଟନାୟକ ଯୋଗଦେଇ ଅଂଶଗ୍ରହଣକାରୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ।




# ଓଡିଏମ୍‌ରେ 'ଉତ୍କଳ ପ୍ରତିଭା ସମ୍ମାନ' ଉତ୍ସବ



ଭୁବନେଶ୍ୱର,୩୧।୩(ଅନୁରାଧା ମହାରଣା)

ଓଡ଼ିଶା ଦିବସ ଅବସରରେ ଭୁବନେଶ୍ୱର ପଟିଆସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲ ପରିସରରେ 'ଉତ୍କଳ ପ୍ରତିଭା ସମ୍ମାନ-୨୦୨୬' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଉତ୍କଳ ପ୍ରତିଭା ଫାଉଣ୍ଡେଶନର ଆବାହକ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ପ୍ରକାଶ ମିଶ୍ର ଯୋଗଦେଇଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ଭାବେ ବିଶିଷ୍ଟ ଭେଷଜ ବିଶେଷଜ୍ଞ ତଥା କିମ୍ସ ହସ୍ପିଟାଲ୍‌ର ଡା. ସି. ବି. କେ. ମହାନ୍ତି, ଉତ୍କଳ ହସ୍ପିଟାଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫେସର ଡ. ବି. କେ. ସୁବୋଧ ସିଂହ, ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟର ପ୍ରତିଷ୍ଠାତା ପ୍ରଫେସର ମୁକ୍ତିକାନ୍ତ ମିଶ୍ର, ଶିକ୍ଷାବିତ୍ ତଥା ସାହିତ୍ୟିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଶିଷ୍ଟ ଅଲିମ୍ପିଆନ୍ ଓ ଭାରୋତ୍ତୋଳନକାରୀ କେ.ରବି କୁମାର, ବରିଷ୍ଠ ପ୍ରଶାସନିକ ଅଧିକାରୀ ହିମାଂଶୁ କୁମାର ଲାଲ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍କଳ ପ୍ରତିଭା ଫାଉଣ୍ଡେଶନର ସମ୍ପାଦିକା ଇନ୍ଦୁମତୀ ରାୟ ଏବଂ ବିଦ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆବାହକ ଡ. ମୀନକେତନ କହିଲେ, ଉତ୍କଳର ବିଶିଷ୍ଟ ପ୍ରତିଭାଙ୍କୁ ଚିହ୍ନଟ କରିବା ଓ 'ଉତ୍କଳ ପ୍ରତିଭା ୟୁଟ୍ୟୁବ୍ ଚ୍ୟାନେଲ' ମାଧ୍ୟମରେ ସେମାନଙ୍କ ପ୍ରତିଭାକୁ ଲୋକଲୋଚନରେ ପହଞ୍ଚାଇବା ହେଉଛି ଉତ୍କଳ ପ୍ରତିଭା ପ୍ରତିଷ୍ଠାନର ପ୍ରୟାସ। କାର୍ଯ୍ୟକ୍ରମରେ 'ଉତ୍କଳ ପ୍ରତିଭା-୨୦୨୬' ପତ୍ରିକା ଉନ୍ମୋଚନ କରାଯାଇଥିଲା।

# ନୂଆ ରୟାଲ ଏନ୍‌ଫିଲ୍ଡ ଗରିଲା ୪୫୦ର ବଜାର ପ୍ରବେଶ

ଭୁବନେଶ୍ୱର,୩୧।୩ (ଅନୁରାଧା ମହାରଣା)



ଭୁବନେଶ୍ୱର ଲୁଇସ୍‌ରୋଡ୍‌ସ୍ଥିତ ଜୟବାବା ଅଟୋମୋବାଇଲ୍ସରେ ରୟାଲ ଏନ୍‌ଫିଲ୍ଡର ଗରିଲା ୪୫୦ ୨୦୨୬ର ବଜାର ପ୍ରବେଶ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ ରାଇଡର ଡ. କୀର୍ତ୍ତିକେତନ ପ୍ରଧାନ ଏବଂ ସାତ୍ୱିକ ସାମଲ ଉପସ୍ଥିତ ଥିଲେ। ଡିଲର ପ୍ରିନ୍ସିପାଲ ହର୍ଷିତ ଲୋଧା ଏବଂ ସତ୍ୟ ଧଳଙ୍କ ସହ ଜୟବାବା ଟିମ୍‌ର ସମସ୍ତ ସଦସ୍ୟ ଏଥିରେ ଯୋଗଦେଇଥିଲେ। ହର୍ଷିତ ଲୋଧା ତାଙ୍କ ଭାଷଣରେ କହିଥିଲେ, ନୂଆ ଗରିଲା ୪୫୦ରେ ଏକ ନୂଆ ଭାରିଆଣ୍ଟ 'ଆପେକ୍ସ' ଯୋଡ଼ାହୋଇଛି ଯାହାରେ ଅନେକ ଅପ୍‌ଡେଟେଡ ଫିଚର ରହିଛି। ଆପେକ୍ସ ରେଡ୍, ଆପେକ୍ସ ବ୍ଲାକ୍ ଏବଂ ଆପେକ୍ସ ଗ୍ରୀନ୍ ଆଦି ୩ ରଙ୍ଗରେ ଏହା ଆସିଛି। ଏହା ସହ ଆଉ ଏକ ନୂଆ ରଙ୍ଗ ଟ୍ୱାଇଲାଇଟ ବ୍ଲୁ ମଧ୍ୟ ଲଞ୍ଚ ହୋଇଛି। ଆପେକ୍ସ ରେଡ୍ ଭାରିଆଣ୍ଟର ଏକ୍ସ-ଶୋ'ରୁମ୍ ମୂଲ୍ୟ ୨.୪୯ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଛି ଏବଂ ସବୁଠୁ ଦାମୀ ଟ୍ୱାଭା ବ୍ଲୁ ଭାରିଆଣ୍ଟର ମୂଲ୍ୟ ୨.୭୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। ଜୟବାବା ଅଟୋମୋବାଇଲ୍ସ ଟେଷ୍ଟ ରାଇଡ୍ କିମ୍ବା ବୁକିଂ ଆରମ୍ଭ ହୋଇସାରିଛି।

# ୨୦୨୬ର ଟପ୍ ୫ ସୁରକ୍ଷିତ କାର୍

ନୂଆଦିଲ୍ଲୀ, ୩୧।୩

ଭାରତୀୟ କାର୍ ବଜାରରେ ଏବେ ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବାରେ ଲାଗିଛି। ଗ୍ରାହକଙ୍କୁ ଏକ ନିର୍ଦ୍ଦିଷ୍ଟ ମୂଲ୍ୟ ସୀମା ମଧ୍ୟରେ କେତେ ଅଧିକ ସୁବିଧା ଦିଆଯାଇପାରିବ ତାହାକୁ ନେଇ ପ୍ରମୁଖ କାର୍ କମ୍ପାନୀ ଅଗ୍ରାଧିକାର ଦେଇ କାର୍ଯ୍ୟ କରୁଛନ୍ତି। ତେବେ ସବୁଠୁ ବଡ଼ କଥା ହେଉଛି ଗାଡ଼ିର ସୁରକ୍ଷା ବ୍ୟବସ୍ଥା। ଏବେ କାର୍ ସେଫ୍ଟି ଷ୍ଟାଣ୍ଡାର୍ଡକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିଲାବେଳେ ୨୦୨୬ରେ ଏହି ସୁରକ୍ଷା ବ୍ୟବସ୍ଥାକୁ ନେଇ ଭାରତ ଏନ୍‌ସିଏପି( ନ୍ୟୁ କାର୍ ଆସେସ୍‌ମେଣ୍ଟ ପ୍ରୋଗ୍ରାମ୍)ରେ ୫ଟି କାର୍ ସର୍ବାଗ୍ରେ ରହିଛନ୍ତି।

ଭାରତ ଏନ୍‌ସିଏପି ସୂଚୀରେ ନୂଆ ହୁଣ୍ଡାଇ ଭେନ୍ୟୁ ଏବଂ ଭେନ୍ୟୁ ଏନ୍ ଲାଇନକୁ ୫ ଷ୍ଟାର ରେଟିଂ ଦିଆଯାଇଛି। ବୟସ୍କ ଏବଂ ଛୋଟ ପିଲାଙ୍କ ପାଇଁ ଏହି ଭର୍ସନରେ ସୁରକ୍ଷାଜନିତ ସୁବିଧା ଉତ୍ତମ ରହିଥିବା କୁହାଯାଇଛି। ସେହିପରି କିଆ ମୋଟର୍ସର ସମସ୍ତ ନୂଆ ଭର୍ସନ ସେଲଟସ୍‌ରେ ରହିଥିବା ସୁରକ୍ଷା ବ୍ୟବସ୍ଥା ଅନୁଯାୟୀ ସେଗୁଡ଼ିକୁ ୫ ଷ୍ଟାର ରେଟିଂ ମିଳିଛି। ଗାଡ଼ିର ସୁରକ୍ଷା ବ୍ୟବସ୍ଥାକୁ ନେଇ ମାନଦଣ୍ଡ ସ୍ୱରୂପ ବୟସ୍କଙ୍କ ପାଇଁ 'ଅଡଲ୍ଟ ଅକୁପେସନ ପ୍ରୋଟେକ୍ସନ(ଏଓପି) ରହିଥିଲାବେଳେ ଛୋଟ ପିଲାଙ୍କ ପାଇଁ 'ଚାଇଲ୍ଡ ଅକୁପେସନ ପ୍ରୋଟେକ୍ସନ(ସିଓପି) ରହିଛି। ଏଥିରେ ସେଲଟସ୍ ଯଥାକ୍ରମେ ୩୧.୭୦/୩୨.୦୦ ଏବଂ ୪୫.୦୦/୪୯.୦୦ ହାସଲ କରିଥିବା କୁହାଯାଇଛି। ସେହିପରି ଟାଟା ସିଏରା ମଧ୍ୟ ଉପରୋକ୍ତ ଦୁଇଟି କାରଣକୁ ନେଇ ୫ ଷ୍ଟାର୍ ହାସଲ କରିବା ସହ ଏହାର ଏଓପି ଏବଂ ସିଓପି ଯଥାକ୍ରମେ ୩୧.୧୪/୩୨.୦୦ ଓ ୪୪.୭୩/୪୯.୦୦ ରହିଛି। ଅନ୍ୟ କାର୍ ମଧ୍ୟରେ ଭିନ୍‌ଫାଷ୍ଟ ଇଣ୍ଡିଆର ଭିଏଫ୍୬ ଇଭି ଏବଂ ମାରୁତି ସୁଜୁକି ଇ-ଭିଟାରା ମଧ୍ୟ ୫ ଷ୍ଟାର୍ ରେଟିଂ ହାସଲ କରିଛନ୍ତି।




### ଭାରତ ଏନ୍‌ସିଏପି ରେଟିଂ

# କାଉନ୍‌ସେଲିଂ ପାଇଁ ଡାକି ମନା କରିଦେଲେ

**୪୭ଜଣ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ପଦୋନ୍ନତି ପ୍ରସଙ୍ଗ**

## ପ୍ରତିବାଦରେ ସାଢ଼େ ୪ ଘଣ୍ଟା ଧାରଣା

**ଖୋର୍ଦ୍ଧା,୩୧।୩(ପ୍ରଭାତ ପାଣିଗ୍ରାହୀ)**


ସ୍ୱାସ୍ଥ୍ୟକର୍ମୀମାନେ ଧାରଣାରେ ବସିଛନ୍ତି।

ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ବିଭାଗ ଅନ୍ତର୍ଗତ ୧୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ କାର୍ଯ୍ୟରତ ୪୭ଜଣ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ପଦୋନ୍ନତି ସକାଶେ କାଉନ୍‌ସେଲିଂ ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଓ ଆଣ୍ଡ ପିଏଚ୍‌ଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି କରି ଡକାଯିବା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କ୍ଲିଏରାନ୍ସ ଆସି ନ ଥିବା ଦର୍ଶାଇ ମଙ୍ଗଳବାର ହଠାତ୍ କାଉନସେଲିଂ ବନ୍ଦ କରାଯିବାକୁ ନେଇ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାର ପ୍ରତିବାଦରେ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଅପରାହ୍ନ ୫ଟାରୁ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ଖବରପାଇ ଉକ୍ତ ସଂଘର ସାଧାରଣ ସମ୍ପାଦିକା ମମତା ନାୟକ ପହଞ୍ଚି ଧାରଣାରତ ସ୍ୱାସ୍ଥ୍ୟକର୍ମୀଙ୍କ ସହ ଆଲୋଚନା କରିବା ସହ ଘଟଣା ସମ୍ପର୍କରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଜଣାଇଥିଲେ। ପରେ ସିଡିଓ ଆଣ୍ଡ ପିଏଚ୍‌ଓ ଡା. ସଞ୍ଜୟ ରାୟ ଫୋନ ଯୋଗେ ସଂଘ ସଦସ୍ୟାଙ୍କୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ଘଟଣା ସମ୍ପର୍କରେ ରାଜ୍ୟ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ଗତ ଫେବୃଆରୀ ୨୭ରେ ଜିଲା ପଦୋନ୍ନତି କମିଟିର ସୁପାରିସକ୍ରମେ ଜିଲାର ସମସ୍ତ ସିଏଚ୍‌ସିରେ କାର୍ଯ୍ୟରତ ୪୭ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ସିଡିଓ ଆଣ୍ଡ ପିଏଚ୍‌ଓଙ୍କ କାର୍ଯ୍ୟାଳୟ ଚିଠି ନମ୍ବର ୪୩୩୭, ତାରିଖ ୩୦.୩.୨୬ ପ୍ରକାରେ ୧୯ ତାରିଖରେ ଜିଲାପାଳଙ୍କ ଅନୁମୋଦନ ଅନୁଯାୟୀ କାଉନସେଲିଂ ପାଇଁ ମଙ୍ଗଳବାର ଅପରାହ୍ନ ୨ଟା ସମୟରେ ଜିଲା କାର୍ଯ୍ୟାଳୟକୁ ଡକାଯାଇଥିଲା। ତଦନୁସାରେ ସମସ୍ତ ସ୍ୱାସ୍ଥ୍ୟକର୍ମୀ ସ୍ଥାନୀୟ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେଇ ଉପଯୁକ୍ତ ସମୟରେ ପହଞ୍ଚିଥିଲେ। ସିଡିଓ ଆଣ୍ଡ ପିଏଚ୍‌ଓ ଅପରାହ୍ନ ସାଢ଼େ ୨ଟାରେ କାଉନସେଲିଂ ସମୟ ଧାର୍ଯ୍ୟ କରିଥିଲେ। ତେବେ କାଉନସେଲିଂ ପାଇଁ ସ୍ୱାସ୍ଥ୍ୟ କର୍ମୀମାନେ ଅପକ୍ଷା କରିଥିବା ବେଳେ ହଠାତ୍ ଅପରାହ୍ନ ସାଢ଼େ ୪ଟାରେ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ୍ରମେ କାଉନସେଲିଂକୁ ବନ୍ଦ କରାଗଲା ବୋଲି କହି ସିଡିଓ ଆଣ୍ଡ ପିଏଚଓ କାର୍ଯ୍ୟାଳୟରୁ ପଳାଇଥିଲେ। ଫଳରେ କାଉନସେଲିଂ ପାଇଁ ଆସିଥିବା ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଡିଷ୍ଟ୍ରିକ୍ଟ ପ୍ରମୋସନ କମିଟି(ଡିପିସି) ବୈଠକରେ ପଦୋନ୍ନତି ସଂକ୍ରାନ୍ତରେ ଏକ ମାସ ତଳେ ଆଲୋଚନା ସରିଥିବା ଏବଂ ଜିଲାପାଳ ଏହାକୁ ଅନୁମୋଦନ ଦେଇ ସାରିବା ପରେ ସିଡିଓ ଆଣ୍ଡ ପିଏଚ୍‌ଓ ରାୟ କେଉଁ କାରଣରୁ କାଉନ୍‌ସେଲିଂକୁ ବନ୍ଦ କଲେ ବୋଲି ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ କେଉଁ କାରଣ ପାଇଁ ସିଡିଓ ଆଣ୍ଡ ପିଏଚ୍‌ଓ ଡା. ରାୟ କାଉନ୍‌ସେଲିଂ ବନ୍ଦ କଲେ ଏହାର ଲିଖିତ ଭାବେ ଜଣାଇବାକୁ ରାଜ୍ୟ ସଂଘ ଦାବି କରିଛି। ଅନ୍ୟପକ୍ଷରେ ଏନେଇ ଡା. ରାୟଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନାହିଁ। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା କହିଛନ୍ତି , ଗଣମାଧ୍ୟମଠାରୁ ଖବରପାଇ ଧାରଣାରତ ସ୍ୱାସ୍ଥ୍ୟକର୍ମୀ ଏବଂ ଡା. ରାୟଙ୍କ ସହ କଥା ହୋଇଛି। କାଉନସେଲିଂ ବନ୍ଦ ନେଇ ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ଲିଖିତଭାବେ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଏ ସମ୍ପର୍କରେ ଜିଲାପାଳ ଅମ୍ରିତ୍ ଋତୁରାଜ କହିଛନ୍ତି, କାହିଁକି କାଉନ୍‌ସେଲିଂ ବନ୍ଦ କରାଗଲା, ସ୍ୱାସ୍ଥ୍ୟ ବିଭାଗର କ'ଣ ନିର୍ଦ୍ଦେଶ ରହିଛି, ସେ ସମ୍ପର୍କରେ ଆଲୋଚନା କରାଯାଇ ଏହାର ସମାଧାନ କରାଯିବ।

# ଚିଲିକା ବୁଲିଲେ ରାଜ୍ୟପାଳ


ଜିଲା ପୋଲିସ ପକ୍ଷରୁ ରାଜ୍ୟପାଳ ଡ.ହରିବାବୁ କମ୍ଭମପାଟିଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି।

**କୃଷ୍ଣପ୍ରସାଦ,୩୧।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ରାଜ୍ୟପାଳ ଡ.ହରିବାବୁ କମ୍ଭମପାଟି ମଙ୍ଗଳବାର ଚିଲିକା ଗସ୍ତ କରିଥିଲେ। ସାତପଡ଼ାଠାରେ ସକାଳେ ପହଞ୍ଚିବା ପରେ ପୁରୀ ଜିଲା ପୋଲିସ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏହାପରେ ରାଜ୍ୟପାଳ ପ୍ରଥମେ ସାତପଡ଼ା ମ୍ୟୁଜିୟମ ଓ ଇକୋ ପାର୍କ ବୁଲିଥିଲେ। ପରେ ଡଙ୍ଗାରେ ସେ ସହଧର୍ମିଣୀ ଡ. ଜୟଶ୍ରୀ କମ୍ଭମପାଟିଙ୍କ ସହିତ ଚିଲିକା ବୁଲିବା ପାଇଁ ଯାଇଥିଲେ। ସେଠାରୁ ପୂର୍ବାହ୍ନ ୧୦ଟା ୧୫ରେ ସାତପଡ଼ାକୁ ଫେରିଥିଲେ। ରାଜ୍ୟପାଳଙ୍କ ଏହି ଗସ୍ତ ସମୟରେ ଜିଲାପାଳ, ଏସ୍‌ପି, ବାଲୁଗାଁ ଡିଏଫ୍‌ଓଙ୍କ ସମେତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# 'ଘରୋଇ ସ୍କୁଲର ମନଇଚ୍ଛା ଫି' ବୃଦ୍ଧି ବନ୍ଦ କରାଯାଉ'

**ଭୁବନେଶ୍ୱର,୩୧।୩(ସୁଚିସ୍ମିତା ସାହୁ)**

ପ୍ରତିବର୍ଷ ଘରୋଇ ବିଦ୍ୟାଳୟଗୁଡ଼ିକ ମନଇଚ୍ଛା ସ୍କୁଲ ଫି' ବୃଦ୍ଧି କରୁଛନ୍ତି। ଏନେଇ ଓଡ଼ିଶା ଅଭିଭାବକ ମହାସଂଘ ମଙ୍ଗଳବାର ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ତୁରନ୍ତ ପଦକ୍ଷେପ ନେବାକୁ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଦାବି କରିଛି। ମହାସଂଘର ସଭାପତି ବାସୁଦେବ ଭଟ୍ଟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ତୁରନ୍ତ ହସ୍ତକ୍ଷେପ ପାଇଁ ଚିଠିରେ ଅନୁରୋଧ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିୟନ୍ତ୍ରଣରେ ଏହି ଘରୋଇ ସ୍କୁଲଗୁଡ଼ିକ ନାହିଁ। ଫଳରେ ସମ୍ପୃକ୍ତ ସ୍କୁଲଗୁଡ଼ିକ ୧୯୯୬ ସେପ୍ଟେମ୍ବର ୨୩ର ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଛି। ରାଜ୍ୟରେ ୪୫୦୦ ସ୍ୱୀକୃତିପ୍ରାପ୍ତ ଏବଂ ୨୫୦୦ ଅଣସ୍ୱୀକୃତିପ୍ରାପ୍ତ ବେସରକାରୀ ସ୍କୁଲ ରହିଛି। ଏହି ସ୍କୁଲଗୁଡ଼ିକ ପ୍ରତିବର୍ଷ ୧୦-୧୫% ଫି ବୃଦ୍ଧି ସହ ରି ଆଡ୍‌ମିଶନ ନାମରେ ଅଯଥା ଅର୍ଥ ଆଦାୟ କରୁଛନ୍ତି। କିଛି ସ୍କୁଲ ମଧ୍ୟ ୨୫% ପର୍ଯ୍ୟନ୍ତ ଫି' ବୃଦ୍ଧି କରୁଛନ୍ତି। ୨୦୧୫ ମସିହାରୁ କୌଣସି ଅନୁମୋଦନ କିମ୍ବା ସୂଚନା ବିନା ସ୍କୁଲ ଫି' ପ୍ରାୟ ଦ୍ୱିଗୁଣ ହୋଇଗଲାଣି।

# ବାଙ୍କୀ ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥପାଠ

**କଳାପଥର,୩୧।୩(ଗଙ୍ଗାଧର ସାହୁ)**

କଟକ ଜିଲା ବାଙ୍କୀ ଓକିଲ ସଂଘର କାର୍ଯ୍ୟକର୍ତ୍ତା ମନୋନୀତ ହୋଇଛନ୍ତି। ବାଙ୍କୀ ଓକିଲ ସଂଘ ପାଇଁ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ନିଯୁକ୍ତ ନିର୍ବାଚନ ଅଧିକାରୀ ଧର୍ମ ପ୍ରସାଦ ମଙ୍ଗରାଜ ବାଙ୍କୀ ଓକିଲ ସଂଘ କାର୍ଯ୍ୟାଳୟରେ ସମସ୍ତ ଓକିଲଙ୍କ ଉପସ୍ଥିତିରେ ସଭାପତି ଭାବେ ସୁବାସ ଚନ୍ଦ୍ର ମିଶ୍ର, ଉପସଭାପତି ପ୍ରଦୀପ୍ତ କୁମାର ପଟ୍ଟନାୟକ, ସମ୍ପାଦକ ଅଜୟ କୁମାର ପଟ୍ଟନାୟକ, ସହ ସମ୍ପାଦକ ଜୟକୃଷ୍ଣ ମିଶ୍ର, କୋଷାଧ୍ୟକ୍ଷ ଅମୂଲ୍ୟ କୁମାର ପ୍ରଧାନ ଏବଂ ଗ୍ରନ୍ଥାଗାର ଭାବେ ଅଲୋକ ରଶ୍ମି ସାମନ୍ତରାୟଙ୍କୁ ଶପଥ ପାଠ କରାଇଛନ୍ତି। ଏଥିସହିତ ଏହାର ବିବରଣୀ ରାଜ୍ୟ ଆଇନ ପରିଷଦ କଟକକୁ ପଠାଇଛନ୍ତି।



## ସଂକ୍ଷେପରେ

### ପ୍ରଧାନ ଶିକ୍ଷୟିତ୍ରୀ ଉଲ୍ଲାସିନୀଙ୍କୁ ପେନ୍‌ସନପତ୍ର ପ୍ରଦାନ

**ଟାଙ୍ଗୀ,୩୧।୩(ରଘୁନାଥ ସାହୁ):** ଟାଙ୍ଗୀ ଏନ୍‌ଏସି ଅନ୍ତର୍ଗତ ପଣସପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉଲ୍ଲାସିନୀ ସାହୁଙ୍କୁ କାର୍ଯ୍ୟକାଳର ଶେଷ ଦିବସରେ ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସାହୁ ଫାଇନାଲ ପେନସନପତ୍ର ପ୍ରଦାନ କରିଛନ୍ତି। ବିଇଓ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାସୁଦେବ ସିଂଙ୍କ ସଭାପତିତ୍ୱରେ ହୋଇଥିଲା। ମୁଖ୍ୟ ଅତିଥିଭାବେ ବିଇଓ ସାହୁ, ସମ୍ମାନିତ ଅତିଥିଭାବେ ମା'ଉଗ୍ରତାରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉମା ଶଙ୍କର ସାହୁ, ରାଜକିଶୋର ମହାରଣା, ସିଆର୍‌ସିସି ଦେବାନନ୍ଦ ବେହେରା ପ୍ରମୁଖ ଯୋଗଦେଇ ପ୍ରଧାନ ଶିକ୍ଷୟିତ୍ରୀ ଉଲ୍ଲାସିନୀଙ୍କ ଶିକ୍ଷାଦାନ, କର୍ତ୍ତବ୍ୟପରାୟଣତା, ସମୟାନୁବର୍ତ୍ତିତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ଶ୍ୟାମ ସୁନ୍ଦର ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ମାମୁଘର ସ୍ମୃତି ଜୀବନର ସଂସ୍କୃତି, କଳ୍ପନାର ସୁନ୍ଦର ଜଗତ

**ଭୁବନେଶ୍ୱର,୩୧।୩ (ସୌମ୍ୟରଞ୍ଜନ ରାଉତ):** ପ୍ରତ୍ୟେକ ମଣିଷ ମନରେ ଜୀବନସାରା ଯେଉଁ ସ୍ମୃତି ସବୁବେଳେ ଉଜ୍ଜୀବିତ ହୋଇ ରହିଥାଏ, ତାହା ହେଉଛି ମାମୁଁଘରର। ପିଲାମାନେ ତ ମାମୁଁଘର ଯିବାକଥା ଶୁଣିଲେ ଆନନ୍ଦରେ କୁରୁଳି ଉଠନ୍ତି। ମାମୁଘର ସ୍ମୃତି ହେଉଛି ମଣିଷ ଜୀବନର ସଂସ୍କୃତି ଓ କଳ୍ପନାର ଏକ ସୁନ୍ଦର ଜଗତ ବୋଲି ରବିବାର ଇନ୍‌ଫୋସିଟିସ୍ଥିତ ଇଟିକିଲି ମିଟିକିଲି କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ମତପୋଷଣ କରିଛନ୍ତି। ଅତିଥି ଭାବେ କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ଦିଗରାଜ ବ୍ରହ୍ମା, ଗାଳ୍ପିକ ଅରବିନ୍ଦ ରାୟ, ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ପ୍ରମୁଖ ଯୋଗଦେଇ ନିଜ ପିଲାଦିନର ଅଭୁଲା ସ୍ମୃତିସବୁକୁ ସାବଲୀଳ ଢଙ୍ଗରେ ବଖାଣିଥିଲେ। ଅନୁଷ୍ଠାନର ସଚିବ ଶରତ କୁମାର ନାୟକ ସ୍ୱାଗତ ଭାଷଣ ଓ ସାଂସ୍କୃତିକ ସମ୍ପାଦିକା ଅନିତା ରଥ ଅତିଥି ପରିଚୟ ଦେଇଥିଲେ। ଅନିତା ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।


ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଅବସରରେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଚାଲିଥିବା ଲିଙ୍ଗରାଜ ମହୋତ୍ସବରେ ମଙ୍ଗଳବାର ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# 'ସ୍ଥାୟୀ ଶକ୍ତି ସମାଧାନ କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ରାଜ୍ୟ'

**ଭୁବନେଶ୍ୱର, ୩୧।୩(ବନ୍ଦନା ସେଠୀ)**

ସ୍ଥାୟୀ ଶକ୍ତି ସମାଧାନ କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ସ୍ଥାୟୀ ଶକ୍ତି ସମାଧାନ ପାଇଁ ଭାରତର ଅନ୍ୱେଷଣକୁ ସମର୍ଥନ ଦେଇ ଓଡ଼ିଶା ସବୁଜ ହାଇଡ୍ରୋଜେନ ନୀତି ଘୋଷଣା କରିଥିବା ପ୍ରଥମ ରାଜ୍ୟ ହୋଇପାରିଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଭାରତୀୟ ଶିଳ୍ପ ମହାସଂଘର ସଦସ୍ୟ ଏବଂ ନବୀକରଣୀୟ ଶକ୍ତିର ଅନ୍ୟାନ୍ୟ ସଂସ୍ଥାଗୁଡ଼ିକ ସହିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ନୀତି ନବୀକରଣୀୟ ଶକ୍ତି (ଆର୍‌ଇ)ରେ ଗୁରୁତ୍ୱପୂର୍ଣ୍ଣ ନିବେଶକୁ ପ୍ରୋତ୍ସାହନ ଦେବ। ସବୁଜ ହାଇଡ୍ରୋଜେନ ଉତ୍ପାଦନ ଉପରେ ଗୁରୁତ୍ୱ ଦେବା ସହ ଏହି ନୀତି ଓଡ଼ିଶାକୁ ସ୍ୱଚ୍ଛ ଶକ୍ତି ନବସୃଜନର କେନ୍ଦ୍ରର ମାନ୍ୟତା ପ୍ରଦାନ କରିବ। ଓଡ଼ିଶା ବିପର୍ଯ୍ୟୟ-ପ୍ରତିରୋଧୀ ଭିତ୍ତିଭୂମି, ବଣ୍ଟନ କ୍ଷେତ୍ର ସଂସ୍କାର ସହିତ ବ୍ୟାଟେରୀ ଶକ୍ତି ସଂରକ୍ଷଣ ପ୍ରଣାଳୀ (ବିଇଏସ୍‌ଏସ୍) ସହିତ ସମନ୍ୱିତ ଭାସମାନ ସୌର ଏବଂ ପମ୍ପଡ ଷ୍ଟୋରେଜ ପ୍ରକଳ୍ପ (ପିଏସ୍‌ପି) ଭଳି ପ୍ରକଳ୍ପରେ ନିବେଶ ଉପରେ ଅଧିକ ଗୁରୁତ୍ୱ ଦେଉଛି ବୋଲି ଉପମୁଖ୍ୟମନ୍ତ୍ରୀ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ଶିଳ୍ପ ମହାସଂଘ ପକ୍ଷରୁ ନବୀକରଣୀୟ ଶକ୍ତି କ୍ଷେତ୍ରରେ ଓଡ଼ିଶାର ପ୍ରୟାସକୁ ପ୍ରଶଂସା କରାଯାଇଥିଲା। ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଓପିଟିସିଏଲ୍ ସିଏମ୍‌ଡି ଭାସ୍କର ଜ୍ୟୋତି ଶର୍ମା, ଭାରତୀୟ ଶିଳ୍ପ ମହାସଂଘର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପ୍ରବନ୍ଧ ସାହିତ୍ୟକୁ ଋଦ୍ଧିମନ୍ତ କରିଛି 'ସଂସ୍କୃତ ଓ ସଂସ୍କୃତି' ପୁସ୍ତକ

**ଭୁବନେଶ୍ୱର,୩୧।୩(ସୌମ୍ୟରଞ୍ଜନ ରାଉତ):** ଓଡ଼ିଆ ଭାଷା ପ୍ରତିଷ୍ଠାନ ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭାଷା ଓ ସାହିତ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ 'ସଂସ୍କୃତ ଓ ସଂସ୍କୃତି' ପୁସ୍ତକ ସଂକ୍ରାନ୍ତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ପ୍ରଫେସର ବସନ୍ତ କୁମାର ପଣ୍ଡା ଯୋଗଦେଇ ପଣ୍ଡିତ ନୀଳକଣ୍ଠଙ୍କ 'ସଂସ୍କୃତ ଓ ସଂସ୍କୃତି' ପୁସ୍ତକରେ ଭାରତୀୟ ସଂସ୍କୃତି, ସଂସ୍କୃତ ଭାଷା ଓ ଲିପି ତଥା ସାଂସ୍କୃତିକ ତତ୍ତ୍ୱ ସହିତ ସତ୍ୟବାଦୀ ସାହିତ୍ୟର ପ୍ରଭାବ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ପୁସ୍ତକ ଆମ ପ୍ରବନ୍ଧ ସାହିତ୍ୟକୁ ଋଦ୍ଧିମନ୍ତ କରିଛି ବୋଲି ସେ କହିଥିଲେ। ସମ୍ମାନିତ ବକ୍ତା ଭାବେ ସାହିତ୍ୟିକ ପ୍ରଫେସର ଲମ୍ୱୋଦର ପାଣିଗ୍ରାହୀ ଯୋଗଦେଇଥିଲେ।

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Odisha Coal and Power Limited — OCPL
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

**NOTICE INVITING TENDER**

NIT No : OCPL/MCMP/SER-208/2026 Date : 01/04/2026

Bids in prescribed format are invited in www.tendersodisha.gov.in from the Agency for the following work:

| Sl. No. | Name of the work | Cost of Tender Paper | Issue of Tender Document | Last Date of Bid Submission | Bid Opening date |
|---|---|---|---|---|---|
| 1 | Construction of Toilet Block in High School at Kanaktora, Laikera and at GP Hemgir, Sundargarh, Odisha | Nil | 01/04/2026 3.00 P.M. | 27/04/2026 5.00 P.M. | 29/04/2026 At 03:30 P.M. |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., www.tendersodisha.gov.in or may refer our website i.e. www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.

Sd./- Sr. Manager (Contract and Commercial)

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Odisha Coal and Power Limited — OCPL
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

**SHORT TENDER NOTICE**

NIT No : OCPL/SER-216_1/2026 Date : 01/04/2026

Sealed bids in prescribed format are invited from Companies / firms / agencies for the following work:

| Sl. No. | Name of the work | Cost of Tender Paper | Issue of Tender Document | Last date & Time of Submission of bid | Date & Time of Opening of Techno-Commercial of bid |
|---|---|---|---|---|---|
| 1 | Transportation of Coal from Manoharpur Coal Mines to NTPC, Darlipali, Sundargarh by Road | Rs.11,800/- (Rupees Eleven Thousand and Eight Hundred only) including GST. | 01/04/2026 | 05:00 PM on 08/04/2026 | 03:30 PM on 09/04/2026 |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., www.tendersodisha.gov.in or may refer our website i.e. www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.

Sd./- Chief Operating Officer

Leadership and beyond
दि न्यू इन्डिया एश्योरन्स कंपनी लिमिटेड
The New India Assurance Co. Ltd
India's Premier Multinational General Insurance Company
ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ (୫୫୦୦୦୦)
ପ୍ରଥମ ମହଲା, ଆଲୋକ ଭାରତୀ ଟାୱାର, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍:୦୬୭୪-୨୫୪୫୪୬୭

**ସଂଶୋଧନ ପତ୍ର:**
**ଇ-ଟେଣ୍ଡର ନିମନ୍ତେ ବିଡ୍ ଦାଖଲର ଅନ୍ତିମ ତାରିଖ ବୃଦ୍ଧି**

ଇ-ଟେଣ୍ଡର (ବିଜ୍ଞାପନ ନଂ. ଭୁବନେଶ୍ୱର ଆରଓ/ଇଏସ୍‌ଟିବି/ ଭଦ୍ରକ ବିଓ/ ଇଣ୍ଟେରିୟର ସିଭିଲ ଆଣ୍ଡ ଇଲେକ୍ଟ୍ରିକାଲ ୱାର୍କ/୫୫୦୮୦୧) ଯାହାକି ଏହି ବିଭାଗ ଦ୍ୱାରା ତା୧୬.୦୨.୨୦୨୬ରିଖରେ ଜାରି କରାଯାଇଥିଲା। ତଦନୁଯାୟୀ ସମସ୍ତ ସମ୍ଭାବ୍ୟ ବିଡରମାନଙ୍କୁ ଜଣାଇ ଦିଆଯାଉଛି କି, ବିଭାଗ ତରଫରୁ ନିମ୍ନମତେ ଇ-ଟେଣ୍ଡର ନିମନ୍ତେ ବିଡ୍ ଦାଖଲର ଅନ୍ତିମ ତାରିଖ ବୃଦ୍ଧି କରାଗଲା।

| ବିବରଣୀ | ମୂଳ ତାରିଖ | ସଂଶୋଧିତ ତାରିଖ |
|---|---|---|
| ବିଡ୍ ଦାଖଲର ସମାପ୍ତି ତାରିଖ | ୩୦.୦୩.୨୦୨୬ ଅପରାହ୍ନ ୫ ଘଟିକା | ୦୬.୦୪.୨୦୨୬ ଅପରାହ୍ନ ୫ ଘଟିକା |
| ବିଡ୍ ଖୋଲାଯିବା ତାରିଖ | ୩୧.୦୩.୨୦୨୬ ପୂର୍ବାହ୍ନ ୧୧ ଘଟିକା | ୦୭.୦୪.୨୦୨୬ ପୂର୍ବାହ୍ନ ୧୧ ଘଟିକା |

ବିଡ୍‌ରମାନେ ଟେଣ୍ଡର କାଗଜାତ୍ ଆମ୍ଭର ୱେବ୍‌ସାଇଟ୍: www.tenderwizard.com/NIAEPROCରୁ ଡାଉନଲୋଡ୍ କରିପାରିବେ।

ସ୍ୱା/- ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର

**OFFICE OF THE DEAN & PRINCIPAL,**
**MAHARAJA KRISHNA CHANDRA GAJAPATI MEDICAL COLLEGE**
**BRAHMAPUR-760 004, GANJAM, ORISSA.**
No.3845/MCB-26/Welfare/ Berhampur dated the 26th March, 2026

**TENDER CALL NOTICE**

No. 10001/155/2526:- Sealed Tenders are invited from the Registered, Rate Contract holding firms having valid GST Registration/Number for supply of **"Fire Extinguisher" & filling up of existing Extinguisher for MKCG Medical College & Hospital, Berhampur"** so as to reach in the office of the undersigned within FIFTEEN days from the date of publication of the advertisement following the terms & conditions. The detailed Tender Paper, Terms & Conditions along with list of articles to be supplied can be obtained from the details available in the website, www.mkcgmch.org

E.O.M
Sd./- Dean & Principal
OIPR-10001/10013/1/25-26/0019 MKCG Medical College, Berhampur

**OFFICE OF THE SUPERINTENDING ENGINEER**
**ANGUL IRRIGATION DIVISION, ANGUL**
Email: eeangulirrigation@gmail.com
**Quotation Call Notice No. 15 /25-26 Dated.26.03.2026**
**for hiring of private vehicle**

No. 32001/277/2526:- Sealed quotations are invited from interested reputed Travel Agencies/ Tour Operators/ private individuals for providing four no. of AC Diesel driven vehicles of TUV 300/Bolero Neo / Sumo Gold / Ertiga / Innova / Scorpio having sitting capacity not more than ten including driver, which shall conform to the terms and conditions (Appendix -A enclosed in the booklet) for official use in the O/o the **1)** Additional Chief Engineer, Angul Irrigation Circle, Angul, **2)** Superintending Engineer, Angul Irrigation Division, Angul, **3)** Assistant Executive Engineer, Derjang- Aunli Sub Division, Angul & Assistant Executive Engineer, Flood Sub Division, Angul under Angul Irrigation Division, Angul, and 4) Assistant Executive Engineer, Manjore Irrigation Sub Division, Athamallik & Assistant-Executive Engineer, Sapua Badjore Irrigation Sub Division, Satmile under Angul Irrigation Division, Angul on monthly rent basis respectively.
**1)** The application form of quotation containing General Bid Information & Terms and Conditions for hiring of Vehicle etc. will be available with the Cashier of this office & can be obtained from Dtd.31.03.2026 at 10.00 AM to Dtd.06.04.2026 by 3.00PM on the working days during working hours on payment of Rs. 1000/- (Rupees one thousand) only per set. **2)** The completed quotation in all respect should reach the undersigned on or before Dtd.06.04.2026 by 3.00PM and shall be opened on the same day at 4.00 PM in presence of the bidders or their authorized representatives who wish to be present. **3)** The Authority reserves the right to cancel or reject quotation call notice without assigning any reason thereof.

Sd./- Superintending Engineer
OIPR-32001/32049/1/25-26/0003 Angul Irrigation Division, Angul

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**VACANCY**
Required Mech./Elec. Degree Engg, pass out before year 2015. Send Biodata - inforaipur2022@gmail.com
**Contact : 6261272838**

**VACANCY**
Required ITI/12th pass for a Engineering Servicing Company at Mumbai/ Odisha, email - career.solasmar@gmail.com
**Mob. - 9267968727**

See Career Appointment on every **Wednesday & Saturday**

**WANTED**
**Krishna Teja Construction**
Wanted **Civil Engineer** with 3 to 5 years Experience.
Languages Must : Telugu, Hindi, English
**Call : 9000219239**

**UTKAL UNIVERSITY**
**VANI VIHAR, BHUBANESWAR-751004**
**Walk-In-Interview for Empanelment of Human Resources under RUSA 2.0 Project**

**No.:DRS/RUSA-1041-2016(HR)/3642/2026 Date: 31.03.2026**

Utkal University Invites applications for the following contractual position **(One-year Contract)** in Vani Vihar and Rural Campus under RUSA 2.0 Project.
The engagement under the advertised positions will be on purely temporary basis for a period of 1 (one) year from the date of engagement, which may be extended, at the sole discretion of the University, depending on Project requirement.

**PR and Media Cell**

| Sl. No. | Position | Remuneration (in/month) | No. of Position | Date of Interview and Time |
|---|---|---|---|---|
| 1 | Public Relation Officer/ Documentation Officer | Rs. 50,000/- only (Consolidated) | 1 | Shall be Communicated Later |

Please visit **www.utkaluniversity.ac.in** for detailed Notification, eligibility criteria and terms of reference, job descriptions and conditions along with the application form and other details.
Candidates fulfilling the requirements in the Notification and desirous of appearing for the Walk-in Interview may apply by sending in the completed application form to **rusa.utkal@gmail.com** on or before **09.04.2026.**
Candidates may walk in for the Interview with hard copy of the application, self-attested photocopies of mark-sheets, certificates, and other relevant documents in support of applications on the date of interview, which shall be communicated later.
University reserves the right to cancel/amend the advertisement without assigning any reason. No. TA/DA will be paid for attending the interview.

**Sd/- REGISTRAR**

**ସେବା ସମବାୟ ସମିତିର ସାଧାରଣ ସଭା**

ବାଙ୍କୀ, (ଶୁଭେନ୍ଦୁ ମହାପାତ୍ର ):ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ କୁରୁମପଡା -ପୋଡାପାଟଣା ସେବା ସମବାୟ ସମିତି ପକ୍ଷରୁ ମଙ୍ଗଳବାର ୫୮ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ପ୍ରଶାନ୍ତ କୁମାର ମଲ୍ଲିକ ଏହାକୁ ସଂଯୋଜନା କରିଥିବାବେଳେ ସଭାପତି ବିଜୟ କୁମାର ପଙ୍ଗାରୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସହକାରୀ ନିବନ୍ଧକ ସୁରେନ୍ଦ୍ର କୁମାର ଜେନା, ମୁଖ୍ୟ ବକ୍ତାଭାବେ ଏସ୍ଆରସିଏସ୍ ସରୋଜ କୁମାର ଜେନା ଉପସ୍ଥିତ ଥିଲେ। ସମ୍ପାଦକ ପ୍ରଶାନ୍ତ ମଲ୍ଲିକ ବାର୍ଷିକ ବିବରଣୀରେ ଇଫ୍କୋ ବଜାର, ଜନ ଔଷଧିକରଣ ଏବଂ ସୋସାଇଟିର ଆୟ ବ୍ୟୟ ସହ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ୩୭ ଗ୍ୟାସ୍ ସିଲିଣ୍ଡର ଜବତ

**ବଡ଼ମ୍ବା, ୩୧।୩(ମାୟାଧର ମଲ୍ଲିକ)**

ଗ୍ୟାସ୍ କଳାବଜାର ହେଉଥିବା ଖବର ପାଇ ଆଠଗଡ଼ ଯୋଗାଣ ବିଭାଗ ଓ ବଡ଼ମ୍ବା ତହସିଲ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଛି। ଏନେଇ ବଡ଼ମ୍ବା ଥାନା ଅନ୍ତର୍ଗତ ଝାଜିଆ ଗ୍ରାମର ଏକ ଦୋକାନରେ ଚଢ଼ାଉ କରାଯାଇ ୧୩ଟି ଗ୍ୟାସ୍‌ଭର୍ତ୍ତି ଏବଂ ୨୪ଟି ଖାଲି ଏହିପରି ମୋଟ୍ ୩୭ଟି ସିଲିଣ୍ଡର ଜବତ କରାଯାଇଛି। ଏଠାରେ ଇନ୍ଧନ ଗ୍ୟାସ୍ ଏଜେନ୍ସି ନାଁରେ ରନ୍ଧନ ଗ୍ୟାସ୍ କଳାବଜାର ହେଉଥିବା ଜଣାପଡ଼ିଛି। ଏହି କଳାବଜାରରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଅଟକ ରଖାଯାଇ ଅଧିକ ତଦନ୍ତ ଜାରି ରହିଥିବା ଆଠଗଡ଼ ସହକାରୀ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ପରିଡ଼ା କହିଛନ୍ତି।

### ବୁଣାକାରଙ୍କ ଉପରେ ବାକି କୋଟିଏ ଆଦାୟ ପାଇଁ ହୋହଲ୍ଲା

#### ନୂଆପାଟଣା ନଂ. ୨ ତନ୍ତୁବାୟ ସହଯୋଗ ସମିତିର ସାଧାରଣ ସଭା

**ଟିଗିରିଆ, ୩୧।୩( ଜାଫର ଖାଁ )**

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ସ୍ଥିତ ନୂଆପାଟଣା ନଂ .୨ ତନ୍ତୁବାୟ ସହଯୋଗ ସମିତିର ୨୫-୨୬ ବାର୍ଷିକ ସାଧାରଣ ସଭା ସମିତି ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୁଣାକାର ଓ ବ୍ୟବସାୟୀଙ୍କ ଉପରେ ଚଳିତ ବର୍ଷ ସୁଦ୍ଧା ଏକ କୋଟି ରୁ ଅଧିକ ଟଙ୍କା ବାକି ପଡିଥିବାରୁ ସମିତି ଅବସ୍ଥା ଶୋଚନୀୟ ହୋଇପଡ଼ି ଅଭିଯୋଗ କରି ପ୍ରବଳ ହୋହଲ୍ଲା ହୋଇଥିଲା। ଆଗାମୀ ଦିନରେ ଏକ ପରିଚାଳନା ପରିଷଦ ବୈଠକ ହୋଇ କିପରି ଉକ୍ତ ଟଙ୍କା ଆଦାୟ ହେବ ଏବଂ ବୁଣାକାର ସମିତି ସହ ଯୋଡି ହୋଇ ରହିବେ ସେନେଇ ନୀତି ନିର୍ଦ୍ଧାରଣ କରିବାକୁ ସଭାପତି ପ୍ରସନ୍ନ କୁମାର ଗୁଇଁଙ୍କ ସଭାପତିତ୍ୱରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଶେଷରେ ସମିତି ତରଫରୁ ୧୦ ଜଣ ବୁଣାକାରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସଭାରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ପାଇଁ ମନୋନୀତ ନୂଆପାଟଣାର ବରିଷ୍ଠ ବାନ୍ଧ କାରିଗର ଶରତ କୁମାର ପାତ୍ର ଯୋଗ ବର୍ତ୍ତମାନ ପରିସ୍ଥିତିରେ ବୁଣାକାର ବଜାର ଚାହିଦା ଅନୁଯାୟୀ ବସ୍ତ୍ର ବୁଣିଲେ ଭଲ ରୋଜଗାର ହୋଇପାରିବ ବୋଲି କହିଥିଲେ। ସମ୍ପାଦକ ବିଜୟ କୁମାର ଭଞ୍ଜ ଗତ ବର୍ଷର ବିବରଣୀ ପାଠ କରିବା ସହ ଚଳିତ ବର୍ଷର ଆୟ ବ୍ୟୟର ହିସାବ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଠଗଡ ସମବାୟ ସମୂହର ଉପ ସହକାରୀ ନିବନ୍ଧକ ଅବିନାଶ ସେଠୀ, ବୟନ ବୈଷୟିକ ସହାୟକ ଚକ୍ରଧର କଟୁଆଳ ପ୍ରମୁଖ ଯୋଗ ଦେଇଥିଲେ।

### ନିଖିଳ ଉତ୍କଳ ସେବାୟତ ମହାସଂଘର ବୈଠକ

**ବାଙ୍କୀ,୩୧।୩(ଶୁଭେନ୍ଦୁ ମହାପାତ୍ର):**

ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ବୈଦେଶ୍ୱର ଗ୍ରାମର ପବିତ୍ର ଶୈବପୀଠ ସ୍ଥଳୀ ରାମନାଥ ଦେବଙ୍କ ମନ୍ଦିର ପରିସରରେ ନିଖିଳ ଉତ୍କଳ ସେବାୟତ ମହାସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ମହେଶ୍ୱର ରଣା ଅଧ୍ୟକ୍ଷତା ଓ ଗୁଣନିଧି ମହାପାତ୍ରଙ୍କ ଆବାହକତ୍ୱରେ ବରିଷ୍ଠ ସେବାୟତ କାର୍ତ୍ତିକ ଚନ୍ଦ୍ର ମହାପାତ୍ର ଓ କୈଳାସ ଚନ୍ଦ୍ର ମହାପାତ୍ର ପୂଜାର୍ଚ୍ଚନା ସହ ମନ୍ତ୍ରପାଠ ଉଚ୍ଚାରଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭା ପ୍ରାରମ୍ଭରେ ଦିବଂଗତଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯଇଥିଲା। ଏହି ଅବସରରେ ମହେଶ୍ୱର ମହାପାତ୍ର, କାର୍ତ୍ତିକ ମହାପାତ୍ର, କଂଗ୍ରେସ ମହାପାତ୍ର, ତ୍ରିଲୋଚନ ମହାପାତ୍ର, ସନ୍ତୋଷ ରଣା, ଅଭିରାମ ମହାପାତ୍ର ପ୍ରମୁଖ ସଙ୍ଗଠନକୁ ମଜଭୁତ କରିବା ପାଇଁ ବିଷୟ କୁମାର ମହାପାତ୍ରଙ୍କୁ ରାଜ୍ୟ ସଂଯୋଜକ ଦାୟିତ୍ୱ ନ୍ୟସ୍ତ କରିଥିଲେ। ସଙ୍ଗଠନକୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ପ୍ରତ୍ୟେକ ବ୍ଲକରୁ ୪ ଜଣଙ୍କୁ ନେଇ ଏକ କମିଟି ଗଠନ କରାଯାଇ ମନ୍ଦିରମାନଙ୍କର ସୁପରିଚାଳନା ନିମନ୍ତେ ସେବାୟତ ବୋର୍ ଗଠନ କରିବାକୁ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଶେଷରେ ମହେଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଅଷ୍ଟପ୍ରହର ପାଇଁ ୨୦୦ ମିଟର କେନାଲ ପୋତିଦେଲେ

## ଜନ ଅସନ୍ତୋଷ, କାର୍ଯ୍ୟାନୁଷ୍ଠାନ ଦାବି

**ମାହାଙ୍ଗା,୩୧।୩, ( ଅଜୟ କୁମାର ମହାନ୍ତି )**



ମାଟି ପକାଇ କେନାଲକୁ ପୋତି ଦିଆଯାଇଛି ।

ମାହାଙ୍ଗା ବ୍ଲକ ଅନ୍ତର୍ଗତ ବଗାର କ୍ଷୀତିଜ୍ୟୋତି ଆଶ୍ରମରେ ଅଷ୍ଟପ୍ରହର ପାଇଁ ୨୦୦ ମିଟର କେନାଲକୁ ପୋତି ଦିଆଯାଇଥିବାରୁ ସ୍ଥାନୀୟ ଗ୍ରାମବାସୀ ତଥା ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଆଶ୍ରମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବାକୁ ଯାଉଛି। ଚୈତ୍ର ପୂର୍ଣ୍ଣିମାରେ ଅନୁଷ୍ଠିତ ହେବାକୁ ଥିବା ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ କଟକ ଜିଲା ତଥା ବାହାରୁ ବହୁ ଭକ୍ତଙ୍କ ସମାଗମ ହୋଇଥାଏ। ଏନେଇ ଚଳିତବର୍ଷ ଏହି କେନାଲ ରାସ୍ତାକୁ ଚଉଡ଼ା କରିବାକୁ କେତେଜଣ ଶ୍ରଦ୍ଧାଳୁ ସ୍ଥିର କରିଥିଲେ। ଏଥିପାଇଁ ସେମାନେ ୨୦୦ ମିଟର ପର୍ଯ୍ୟନ୍ତ କେନାଲରେ ମାଟି ଭର୍ତ୍ତି କରି ପୋତି ପକାଇଛନ୍ତି । ଏହି କେନାଲଟି ଗୋଡ଼ିପଡାରୁ ବାହାରି ବଗାର ଆଶ୍ରମ ଦେଇ ସାଇ ପ୍ରଶାନ୍ତିମନ୍ଦିର ପର୍ଯ୍ୟନ୍ତ ଯାଇଛି। ଫଳରେ ସ୍ଥାନୀୟ ଅଞ୍ଚଳ ଲୋକେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସାଇବାବାଙ୍କ ମନ୍ଦିର ପ୍ରତିଷ୍ଠା ଦିବସକୁ ବିଧାୟକ ଶାରଦା ପ୍ରଧାନ ଆସିଥିବାବେଳେ କେତେଜଣ ଚାଷୀ ଏବିଷୟରେ ତାଙ୍କୁ ଅବଗତ କରାଇଥିଲେ। ଏନେଇ ବିଧାୟକ କହିଲେ ଯେ, ସେମାନେ ତାଙ୍କର ଉତ୍ସବ ପାଳନ ପରେ ମାଟି ସବୁ କେନାଲରୁ କାଢ଼ିଦେବେ। ଜଳସମ୍ପଦ ବିଭାଗ ଧର୍ମଗତପୁର ସେକ୍ସନର କନିଷ୍ଠ ଯନ୍ତ୍ରୀ କୁମୁଦ କୁମାର ବେହେରା କେନାଲ ପୋତାଯାଇଥିବା ସମ୍ପର୍କରେ ଅବଗତ ନ ଥିବା କହିବା ସହ ଏପରି ହୋଇଥିଲେ ପୋତିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି।

ଏ ସମ୍ପର୍କରେ କ୍ଷୀତିଜ୍ୟୋତି ଆଶ୍ରମର ସମ୍ପାଦକ ସୁରେଶ ଜେନା କହିଛନ୍ତି, ୪ ଯୁଗର ନାମ ସଙ୍କୀର୍ତ୍ତନ ଯୋଗୁ ପ୍ରବଳ ଜନସମାଗମ ହେଉଥିବାରୁ ରାସ୍ତା ଚଉଡ଼ା କରିବାକୁ ଆମେ କେନାଲ ପୋତି ଦେଇଛୁ। ଉତ୍ସବ ସରିବା ପରେ ପରେ କେନାଲରୁ ମାଟି ସବୁ ୬ ତାରିଖରେ କାଢ଼ିଦିଆଯିବ। ଏପ୍ରସଙ୍ଗରେ ମାହାଙ୍ଗ ବିଧାୟକଙ୍କ ସହ ଆଲୋଚନା କରାଯାଇଛି ବୋଲି ଜେନା କହିଛନ୍ତି। ଜଳସମ୍ପଦ ବିଭାଗ ଅଗୋଚରରେ କେନାଲର ପୋତା ଯାଇଥିବାରୁ ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀମାନେ ଦାବି କରିଛନ୍ତି।

# ବେଆଇନ ଭାବେ ରାସ୍ତା ଅବରୋଧ କରୁଛି ବିଲ୍‌ଡର ସଂସ୍ଥା

## ଥାନାରେ ଅଭିଯୋଗ କଲେ ଜଳସମ୍ପଦ ଯନ୍ତ୍ରୀ

**ତ୍ରିଶୁଳିଆ, ୩୧।୩(ତୁଷାରକାନ୍ତ ବେହେରା):**

ବାରଙ୍ଗ-ପୁରୀ ମୁଖ୍ୟ କେନାଲରୁ ବାହାରିଥିବା ପୁରୀ ଦୟା କେନାଲ ବନ୍ଧ ରାସ୍ତା ଏବେ ବିଲ୍ଡରଙ୍କ ଜବରଦଖଲରେ ରହିଛି। ବିଲ୍ଡର ସଂସ୍ଥା ମାଟି ପକାଇ କେନାଲ ବନ୍ଧ ରାସ୍ତାକୁ ସମ୍ପୂର୍ଣ୍ଣ ଅବରୋଧ କରିଥିବାରୁ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭୁବନେଶ୍ୱର ବ୍ଲକ ଓ ମହାନଗର ନିଗମ ଅଧୀନସ୍ଥ କଳାରାହାଙ୍ଗ, କଳାଝାରୀ, ଓସ୍ତପଡ଼ା, ପଟିଆ ଆଦି ଗ୍ରାମର ଚାଷୀମାନେ ଏହି କେନାଲ ବନ୍ଧ ରାସ୍ତା ଉପରେ ନିର୍ଭର କରିଥାନ୍ତି। ତେବେ କଳାରାହାଙ୍ଗ ଗାଁ ନିକଟ କଳାରାହାଙ୍ଗ- କଳାଝାରୀ ଦୟାକେନାଲ ବନ୍ଧ ରାସ୍ତା ଅବରୋଧ ହେବା ଫଳରେ ଚାଷୀମାନେ ନିଜ କ୍ଷେତକୁ ଯାଇପାରୁନାହାନ୍ତି। ଏହାକୁ ବିରୋଧ କରି କଳାରାହାଙ୍ଗ ଗ୍ରାମର ଆଲୋକ ଚେମୀଙ୍କ ସମେତ ବହୁ ଚାଷୀ ମୁଣ୍ଡଳୀ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ବିଭାଗୀୟ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ବେଆଇନ ମାଟି ପକା କାର୍ଯ୍ୟକୁ ବନ୍ଦ କରିବା ସହ ମାଟି ଉଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସମ୍ପୃକ୍ତ ବିଲଡର ସଂସ୍ଥା ମାଟି ଉଠାଇବାକୁ ମନା କରିଥିଲା। ପରେ ବିଭାଗୀୟ ଯନ୍ତ୍ରୀ ଏ ନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ଯଦି ସମ୍ପୃକ୍ତ ବିଲ୍‌ଡର ପୁଣି ବେଆଇନ କାର୍ଯ୍ୟ କରନ୍ତି, ତେବେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ଯନ୍ତ୍ରୀ କହିଛନ୍ତି। ସୂଚନା ଥାଉକି, ଏହି ବିଲଡର ସଂସ୍ଥା ଗତ ଜାନୁଆରୀରେ ଇଞ୍ଜଣା ଗାଁ ମୁଣ୍ଡ ଇଞ୍ଜଣା ମାଇନର କେନାଲ ଶଯ୍ୟା ଭିତରେ ଗାର୍ଡୱାଲ ନିର୍ମାଣ କରିଥିଲା। ସ୍ଥାନୀୟ ଚାଷୀଙ୍କ ଅଭିଯୋଗ ପରେ ପ୍ରଶାସନ ବେଆଇନ ଗାର୍ଡୱାଲ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ସହ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରି ବେଆଇନ କାର୍ଯ୍ୟକୁ ଭାଙ୍ଗିଥିଲା।

# ଆପତ୍ତି ଦରଖାସ୍ତର ତ୍ୱରିତ ବିଚାରକୁ ଗୁରୁତ୍ୱ



ତୈଳିକ ବୈଶ୍ୟ ସମାଜର ବାର୍ଷିକ ଉତ୍ସବରେ ଅତିଥି ଜଣେ ମହିଳାଙ୍କୁ ସିଲେଇ ମେଶିନ ପ୍ରଦାନ କରୁଛନ୍ତି।

## ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ ଉଦ୍‌ଯାପିତ

**ତାଳବସ୍ତ ୩୧।୩, (ସୁବ୍ରତ କୁମାର ନାୟକ)**

ତାଳବସ୍ତରେ ଦୁଇଦିନ ଧରି ଚାଲିଥିବା ଡମପଡା ରାଜ୍ୟ ତୈଳିକ ବୈଶ୍ୟ ସମାଜର ବାର୍ଷିକ ଉତ୍ସବ ତଥା ୧୦୫ ତମ ସାଧାରଣ ଅଧିବେଶନ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ସମାରୋହରେ ଡାକ୍ତର ଲୋକନାଥ ବୃତ୍ତି ଓ ବିରାଜ ଶିକ୍ଷ୍ୟାବୃତ୍ତି ବଣ୍ଟନ, ଆପତ୍ତି ଦରଖାସ୍ତ ଗ୍ରହଣ କରି ତ୍ୱରିତ ବିଚାର କରିବା, ସାମାଜିକ ସ୍ୱାବଲମ୍ବୀ ଯୋଜନାରେ ମହିଳାଙ୍କୁ ସିଲେଇ ମେଶିନ ପ୍ରଦାନ ସହ ସପ୍ତରାଜ୍ୟ ନୂତନ କର୍ମକର୍ତ୍ତା ନିର୍ବାଚନ ପାଇଁ ଶପଥ ପାଠ କରାଯାଇଥିଲା। ଏଥିରେ ଅତିଥିଭାବେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଡ.ଦେବାଶିଷ ପଟ୍ଟନାୟକ ଏବଂ ଭାଜପାର ବରିଷ୍ଠ ନେତା ତୁଷାର କାନ୍ତ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗଦେଇ ତୈଳିକ ସମାଜର ଏହି ନିଆରା ଓ ଭାଇଚାରା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଡମପଡା ରାଜ୍ୟର ସଭାପତି ଶରତ କୁମାର ସାହୁ, ସଦର ବେହେରା ଗଙ୍ଗାଧର ସାହୁ ଏବଂ ସହ ସମ୍ପାଦକ ନିମାଇଁ ଚରଣ ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ତାଳବସ୍ତ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ଆଲୋକ କୁମାର ସାହୁ, ଦୁଲଣାପୁର ପୂର୍ବତନ ସରପଞ୍ଚ ସୁନୀଲ କୁମାର ସାହୁ, ଦୁଲଣାପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ବେଉରା, ସ୍ଥାନୀୟ ଯୁବ ସମାଜସେବୀ ଲିପୁନ କୁମାର ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

ସୋମବାର ଉଦ୍‌ଘାଟନୀ ଉତ୍ସବରେ ବିଭିନ୍ନ ରାଜ୍ୟରୁ ଆସିଥିବା ନିମନ୍ତ୍ରିତ ଅତିଥି, କର୍ମକର୍ତ୍ତା ଏବଂ ଜାତି ଭାଇମାନଙ୍କୁ ଡମପଡା ରାଜ୍ୟ ତୈଳିକ ବୈଶ୍ୟ ସମାଜ ତରଫରୁ ଏକ ବିରାଟ ଶୋଭାଯାତ୍ରାରେ ସଭାସ୍ଥଳକୁ ଅଣାଯାଇଥିଲା। ଅପରାହ୍ନ ସମୟରେ ରାଜ୍ୟ ସଭାପତିଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇ ବନ୍ଧୁମିଳନର ସଭା କରାଯାଇଥିଲା। ଏଥିସହ ଦିବଂଗତ ସଦସ୍ୟମାନଙ୍କ ପାଇଁ ନୀରବ ପାର୍ଥନା କରାଯାଇଥିଲା । ସମ୍ପାଦକ ପୂର୍ବସଭାର ବିବରଣୀ ସହିତ ଚଳିତବର୍ଷର ସମ୍ପାଦକୀୟ ପାଠ କରିଥିଲେ।

# ଖୋର୍ଦ୍ଧା ପାଇକ ନୃତ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ

## ସାଲେପୁର ଆଞ୍ଚଳିକ ଖବରଦାତା ସଂଘର ବାର୍ଷିକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

**ସାଲେପୁର,୩୧।୩(ଅରବିନ୍ଦ ଭୂୟାଁ):**

ସାଲେପୁର ଆଞ୍ଚଳିକ ଖବରଦାତା ସଂଘ ଓ ପ୍ରେସ୍ କ୍ଲବର ୧୧ତମ ବାର୍ଷିକ ଉତ୍ସବ ଓ ଉତ୍କଳ ଦିବସ ସମାରୋହ ୨୦୨୬ ପାଳନର ଦ୍ୱିତୀୟ ସନ୍ଧ୍ୟା ସାଲେପୁର ହାଇସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ମଧୁବାବୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣି ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଅତିଥିଭାବେ ଟିର୍କିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ମୁଖ୍ୟବକ୍ତାଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଦୋଷ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟି ସଭାପତି ପ୍ରମୋଦ କୁମାର ସାହୁ, ସାଲେପୁର ଭାଜପା ନେତା ତଥା ଚଳଚ୍ଚିତ୍ର ଅଭିନେତା ଅରିନ୍ଦମ ରାୟ, ସମ୍ମାନିତ ବକ୍ତା ଭାବେ ବିଶ୍ୱବାଣୀ ଦୈନିକ ଖବର କାଗଜ ସମ୍ପାଦକ ଅର୍ଜ୍ଜୁନ କୁମାର ମୁଦୁଲି ଯୋଗଦେଇ ସାରା ଓଡ଼ିଶାରେ ସାଲେପୁର ଆଞ୍ଚଳିକ ଖବରଦାତ ସଂଘର ଏଭଳି କାର୍ଯ୍ୟକ୍ରମ ନିଆରା ବୋଲି ମତ ରଖିଥିଲେ। ସଂଘ ଉପଦେଷ୍ଟା ଅଭୟ ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଘର ମହାସଚିବ ମନୋଜ ଆଚାର୍ଯ୍ୟ ସଭା ପରିଚାଳନା କରିଥିଲେ। ସଂଘ ସମ୍ପାଦକ ହୃଷୀକେଶ ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଖୋର୍ଦ୍ଧାର ପାଇକ ଆଖଡା କଳାକାରମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନମୁଗ୍ଧ କରିଥିଲେ। କୁଳଦୀପ ପଟ୍ଟନାୟକ, ଅଭିନେତ୍ରୀ ଏଲିନା ସାମନ୍ତରାୟ ଓ ସାଥୀମାନଙ୍କ ଦ୍ୱାରା ପରିବେଷିତ ମନୋରଞ୍ଜନ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲା। ପ୍ରାରମ୍ଭରେ ସଂଘ ପକ୍ଷରୁ ଅତିଥିମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ, ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାଲେପୁର ଆଞ୍ଚଳିକ ଖବରଦାତା ସଂଘର ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନେ ପରିଚାଳନା କରିଥିଲେ।



ଉତ୍ସବରେ କଳାକାରମାନେ ଖୋର୍ଦ୍ଧାର ପାଇକ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Odisha Coal and Power Limited OCPL
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

**NOTICE INVITING TENDER**

**NIT No : OCPL/MCMP/SER-208/2026** **Date : 01/04/2026**

Bids in prescribed format are invited in www.tendersodisha.gov.in from the Agency for the following work:

| Sl. No. | Name of the work | Cost of Tender Paper | Issue of Tender Document | Last Date of bid Submission | Bid Opening date |
|---|---|---|---|---|---|
| 1 | Construction of Toilet Block in High School at Kanaktora, Laikera and at GP Hemgir, Sundargarh, Odisha | Nil | 01/04/2026 3.00 P.M. | 27/04/2026 5.00 P.M. | 29/04/2026 At 03:30 P.M. |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., www.tendersodisha.gov.in or may refer our website i.e. www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.

**Sd./- Sr. Manager (Contract and Commercial)**

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Odisha Coal and Power Limited OCPL
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

**SHORT TENDER NOTICE**

**NIT No : OCPL/SER-216_1/2026** **Date : 01/04/2026**

Sealed bids in prescribed format are invited from Companies / firms / agencies for the following work:

| Sl. No. | Name of the work | Cost of Tender Paper | Issue of Tender Document | Last date & Time of Submission of bid | Date & Time of Opening of Techno-Commercial of bid |
|---|---|---|---|---|---|
| 1 | Transportation of Coal from Manoharpur Coal Mines to NTPC, Darlipali, Sundargarh by Road | Rs.11,800/- (Rupees Eleven Thousand and Eight Hundred only) including GST. | 01/04/2026 | 05:00 PM on 08/04/2026 | 03:30 PM on 09/04/2026 |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., www.tendersodisha.gov.in or may refer our website i.e. www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.

**Sd./- Chief Operating Officer**

Leadership and beyond
दि न्यू इन्डिया एश्योरन्स कंपनी लिमिटेड
The New India Assurance Co. Ltd
India's Premier Multinational General Insurance Company

ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ (୫୫୦୦୦୦)
ପ୍ରଥମ ମହଲା, ଆଲୋକ ଭାରତୀ ଟାୱାର, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍:୦୬୭୪-୨୫୪୫୪୬୭

**ସଂଶୋଧନ ପତ୍ର:**
**ଇ-ଟେଣ୍ଡର ନିମନ୍ତେ ବିଡ୍ ଦାଖଲର ଅନ୍ତିମ ତାରିଖ ବୃଦ୍ଧି**

ଇ-ଟେଣ୍ଡର (**ବିଜ୍ଞାପନ ନଂ. ଭୁବନେଶ୍ୱର ଆରଓ/ଇଏସ୍‌ଟିବି/ ଭଦ୍ରକ ବିଓ/ ଇଣ୍ଟେରିୟର ସିଭିଲ ଆଣ୍ଡ ଇଲେକ୍ଟ୍ରିକାଲ ୱାର୍କ/୫୫୦୮୦୧**) ଯାହାକି ଏହି ବିଭାଗ ଦ୍ୱାରା ତା୧୬.୦୨.୨୦୨୬ରିଖରେ ଜାରି କରାଯାଇଥିଲା। ତଦନୁଯାୟୀ ସମସ୍ତ ସମ୍ଭାବ୍ୟ ବିଡରମାନଙ୍କୁ ଜଣାଇ ଦିଆଯାଉଛି କି, ବିଭାଗ ତରଫରୁ ନିମ୍ନମତେ ଇ-ଟେଣ୍ଡର ନିମନ୍ତେ ବିଡ୍ ଦାଖଲର ଅନ୍ତିମ ତାରିଖ ବୃଦ୍ଧି କରାଗଲା।

| ବିବରଣୀ | ମୂଳ ତାରିଖ | ସଂଶୋଧିତ ତାରିଖ |
|---|---|---|
| ବିଡ୍ ଦାଖଲର ସମାପ୍ତି ତାରିଖ | ୩୦.୦୩.୨୦୨୬ ଅପରାହ୍ନ ୫ ଘଟିକା | ୦୬.୦୪.୨୦୨୬ ଅପରାହ୍ନ ୫ ଘଟିକା |
| ବିଡ୍ ଖୋଲାଯିବା ତାରିଖ | ୩୧.୦୩.୨୦୨୬ ପୂର୍ବାହ୍ନ ୧୧ ଘଟିକା | ୦୭.୦୪.୨୦୨୬ ପୂର୍ବାହ୍ନ ୧୧ ଘଟିକା |

ବିଡ୍‌ରମାନେ ଟେଣ୍ଡର କାଗଜାତ୍ ଆମର ୱେବ୍‌ସାଇଟ୍: **www.tenderwizard.com/NIAEPROC**ରୁ ଡାଉନଲୋଡ୍ କରିପାରିବେ।

ସ୍ୱା/- ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର

**OFFICE OF THE DEAN & PRINCIPAL,**
**MAHARAJA KRISHNA CHANDRA GAJAPATI MEDICAL COLLEGE**
**BRAHMAPUR-760 004, GANJAM, ORISSA.**

No.3845/MCB-26/Welfare/ Berhampur dated the 26th March, 2026

**TENDER CALL NOTICE**

No. 10001/155/2526:- Sealed Tenders are invited from the Registered, Rate Contract holding firms having valid GST Registration/Number for supply of **"Fire Extinguisher" & filling up of existing Extinguisher for MKCG Medical College & Hospital, Berhampur"** so as to reach in the office of the undersigned within FIFTEEN days from the date of publication of the advertisement following the terms & conditions. The detailed Tender Paper, Terms & Conditions along with list of articles to be supplied can be obtained from the details available in the website, www.mkcgmch.org

**E.O.M** Sd./- Dean & Principal
OIPR-10001/10013/1/25-26/0019 **MKCG Medical College, Berhampur**

**OFFICE OF THE SUPERINTENDING ENGINEER**
**ANGUL IRRIGATION DIVISION, ANGUL**
**Email: eeangulirrigation@gmail.com**
**Quotation Call Notice No. 15 /25-26 Dated.26.03.2026**
**for hiring of private vehicle**

No. 32001/277/2526:- Sealed quotations are invited from interested reputed Travel Agencies/ Tour Operators/ private individuals for providing four no. of AC Diesel driven vehicles of TUV 300/Bolero Neo / Sumo Gold / Ertiga / Innova / Scorpio having sitting capacity not more than ten including driver, which shall conform to the terms and conditions (Appendix -A enclosed in the booklet) for official use in the O/o the **1)** Additional Chief Engineer, Angul Irrigation Circle, Angul, **2)** Superintending Engineer, Angul Irrigation Division, Angul, **3)** Assistant Executive Engineer, Derjang- Aunli Sub Division, Angul & Assistant Executive Engineer, Flood Sub Division, Angul under Angul Irrigation Division, Angul, and 4) Assistant Executive Engineer, Manjore Irrigation Sub Division, Athamallik & Assistant-Executive Engineer, Sapua Badjore Irrigation Sub Division, Satmile under Angul Irrigation Division, Angul on monthly rent basis respectively.

**1)** The application form of quotation containing General Bid Information & Terms and Conditions for hiring of Vehicle etc. will be available with the Cashier of this office & can be obtained from Dtd.31.03.2026 at 10.00 AM to Dtd.06.04.2026 by 3.00PM on the working days during working hours on payment of Rs. 1000/- (Rupees one thousand) only per set. **2)** The completed quotation in all respect should reach the undersigned on or before Dtd.06.04.2026 by 3.00PM and shall be opened on the same day at 4.00 PM in presence of the bidders or their authorized representatives who wish to be present. **3)** The Authority reserves the right to cancel or reject quotation call notice without assigning any reason thereof.

**Sd./- Superintending Engineer**
OIPR-32001/32049/1/25-26/0003 **Angul Irrigation Division, Angul**

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**VACANCY**
Required Mech./Elec. Degree Engg, pass out before year 2015. Send Biodata - inforaipur2022@gmail.com
**Contact : 6261272838**

**VACANCY**
Required ITI/12th pass for a Engineering Servicing Company at Mumbai/ Odisha, email - career.solasmar@gmail.com
**Mob. - 9267968727**

See Career Appointment on every **Wednesday & Saturday**

**WANTED**
**Krishna Teja Construction**
Wanted **Civil Engineer** with 3 to 5 years Experience.
Languages Must : Telugu, Hindi, English
**Call : 9000219239**

**UTKAL UNIVERSITY**
**VANI VIHAR, BHUBANESWAR-751004**

**Walk-In-Interview for Empanelment of Human Resources under RUSA 2.0 Project**

**No.:DRS/RUSA-1041-2016(HR)/3642/2026** **Date: 31.03.2026**

Utkal University Invites applications for the following contractual position **(One-year Contract)** in Vani Vihar and Rural Campus under RUSA 2.0 Project.

The engagement under the advertised positions will be on purely temporary basis for a period of 1 (one) year from the date of engagement, which may be extended, at the sole discretion of the University, depending on Project requirement.

**PR and Media Cell**

| Sl. No. | Position | Remuneration (in/month) | No. of Position | Date of Interview and Time |
|---|---|---|---|---|
| 1 | Public Relation Officer/ Documentation Officer | **Rs. 50,000/-** only (Consolidated) | 1 | Shall be Communicated Later |

Please visit **www.utkaluniversity.ac.in** for detailed Notification, eligibility criteria and terms of reference, job descriptions and conditions along with the application form and other details.

Candidates fulfilling the requirements in the Notification and desirous of appearing for the Walk-in Interview may apply by sending in the completed application form to **rusa.utkal@gmail.com** on or before **09.04.2026.**

Candidates may walk in for the Interview with hard copy of the application, self-attested photocopies of mark-sheets, certificates, and other relevant documents in support of applications on the date of interview, which shall be communicated later.

University reserves the right to cancel/amend the advertisement without assigning any reason. No. TA/DA will be paid for attending the interview.

**Sd/- REGISTRAR**




ଟ୍ରାନ୍ସଜେଣ୍ଡର ସଂଶୋଧନ ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହୋଇଥିବାରୁ ଏହାର ପ୍ରତିବାଦରେ ଏଲ୍‌ଜିବିଟିକ୍ୟୁଆଇଏ+ ସମ୍ପ୍ରଦାୟର ସମର୍ଥକମାନେ ମଙ୍ଗଳବାର ଉତ୍ତରାଖଣ୍ଡର ଡେରାଡୁନ୍‌ଠାରେ ବିକ୍ଷୋଭ କରୁଛନ୍ତି।

# ସମୟସୀମା ଶେଷ ପୂର୍ବରୁ ୩୫ ମାଓବାଦୀଙ୍କ ଆତ୍ମସମର୍ପଣ

**ରାୟପୁର,୩୧।୩**

ଭାରତକୁ ମାଓବାଦୀ ମୁକ୍ତ କରିବା ଲାଗି କେନ୍ଦ୍ର ସରକାର ଧାର୍ଯ୍ୟ କରିଥିବା ସମୟସୀମା ଶେଷ ହେବାର କିଛି ଘଣ୍ଟା ପୂର୍ବରୁ ମଙ୍ଗଳବାର ଛତିଶଗଡ଼ ବସ୍ତର ଅଞ୍ଚଳର ୫ ଜିଲାରୁ ମୋଟ ୩୫ ଜଣ ମାଓବାଦୀ ସୁରକ୍ଷା ବଳ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟିର ୧୨ ମହିଳାଙ୍କ ସମେତ ୨୫ ଜଣ କ୍ୟାଡର ମାଓବାଦୀ ବିଜାପୁର ଜିଲାରେ ଆତ୍ମସମର୍ପଣ କରିଥିବା ବସ୍ତର ରେଞ୍ଜ ପୋଲିସ ଆଇଜି ସୁନ୍ଦରରାଜ ପଟ୍ଟଲିଙ୍ଗମ୍ କହିଛନ୍ତି। ସେମାନଙ୍କୁ ଧରାଇଦେଲେ ୧.୪୭ କୋଟି ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ପୂର୍ବରୁ ଘୋଷଣା ହୋଇଥିଲା। ଉକ୍ତ ଜିଲାରେ ଥିବା ମାଓବାଦୀଙ୍କ ଆଡ୍ଡାସ୍ଥଳୀରୁ ଗତ କିଛିଦିନ ମଧ୍ୟରେ ୯୩ଟି ଅସ୍ତ୍ର, ନଗଦ ୨.୯୦ କୋଟି ଟଙ୍କା ଏବଂ ୧୧.୬୦ କୋଟି ଟଙ୍କା ମୂଲ୍ୟର ୭.୨୦ କେ.ଜି ସୁନା ଜବତ ହୋଇଥିଲା। ଦେଶର ମାଓବାଦୀ ନିରୋଧୀ ଅଭିଯାନ ଇତିହାସରେ ଏହା ସର୍ବାଧିକ ମୂଲ୍ୟର ସାମଗ୍ରୀ ଜବତ ବୋଲି ଜଣେ ବରିଷ୍ଠ ଅଫିସର କହିଛନ୍ତି। ଚଳିତ ମାସ ଆରମ୍ଭରେ ମାଓବାଦୀଙ୍କ କ୍ୟାମ୍ପରୁ ୧.୬୪ କୋଟି ଟଙ୍କା ମୂଲ୍ୟର ୧ କେଜି ସୁନା ଏବଂ ନଗଦ ୩.୭୩ କୋଟି ଟଙ୍କା ଜବତ ହୋଇଥିଲା। ଜବତ ଅସ୍ତ୍ର ମଧ୍ୟରେ ୪ଟି ଏକେ-୪୭ ରାଇଫଲ, ୯ଟି ଏସ୍ଏଲ୍ଆର୍ ରାଇଫଲ, ଗୋଟିଏ ଇନ୍‌ସାସ୍ ଏଲ୍ଏମ୍‌ଜି ଆଦି ରହିଛି।

# ସମୁଦ୍ରରେ ବୋଟ୍ ବୁଡ଼ି ୨୭ ନିଖୋଜ

**ପାଲୁ,୩୧।୩**

ଇଣ୍ଡୋନେସିଆ ଉପକୂଳର ଅଶାନ୍ତ ସମୁଦ୍ରରେ ଏକ ବୋଟ୍ ବୁଡ଼ିଯିବାରୁ ୨୭ ଜଣ ନିଖୋଜ ହୋଇଯାଇଛନ୍ତି। ସେମାନଙ୍କ ଉଦ୍ଧାର ପାଇଁ ରେସ୍କ୍ୟୁ ଟିମ୍‌କୁ ସାମିଲ କରାଯାଇଛି। ରବିବାର ସନ୍ଧ୍ୟାରେ ଯାତ୍ରୀବାହୀ ବୋଟ୍‌ଟି ନର୍ଥ ମାଲୁକୁ ପ୍ରଦେଶର ତାଲିଆବୁ ବନ୍ଦରରୁ ଛାଡ଼ି ଉତ୍ତର ସୁଲାୱେସୀ ପ୍ରଦେଶର କେବା ଅଭିମୁଖେ ଯାଉଥିଲା। ତାଲିଆବୁ ଦ୍ୱୀପ ଉତ୍ତରଭାଗ ସମୁଦ୍ରରେ ବୋଟ୍‌ଟି ବୁଡ଼ିଯାଇଥିବା ରେସ୍କ୍ୟୁ ଅପରେଶନ ମୁଖ୍ୟ ମହମ୍ମଦ ରିଜାଲ କହିଛନ୍ତି। ଖରାପ ପାଗ ଯୋଗୁ ଉତ୍ତାଳ ତରଙ୍ଗରେ ବୋଟ୍‌ର ମଙ୍ଗ ଭାଙ୍ଗିଯିବାରୁ ଏହା ବୁଡ଼ିଗଲା ବୋଲି ଏହାର କ୍ୟାପ୍ଟେନ୍ ଜଣାଇଛନ୍ତି। ଏକ ବଡ଼ ବୋଟ୍ ସହାୟତାରେ ଯାତ୍ରୀମାନଙ୍କୁ ବାହାର କରାଯାଇଥିବା କୁହାଯାଉଥିଲେ ମଧ୍ୟ ସେମାନେ ଏବେ କେଉଁଠି ଜଣାପଡ଼ିନାହିଁ।

# ହର୍ମୁଜ୍‌ରେ ନିଜ ସୁରକ୍ଷା ନିଜେ କର

## ଅନ୍ୟ ରାଷ୍ଟ୍ରଙ୍କ ଅସହଯୋଗକୁ ନେଇ ଟ୍ରମ୍ପ କ୍ଷୁବ୍ଧ



ଡୋନାଲ୍ଡ ଟ୍ରମ୍ପ

**ୱାଶିଂଟନ୍, ୩୧।୩**

ଇରାନ୍ ଉପକୂଳସ୍ଥିତ ହର୍ମୁଜ୍ ଷ୍ଟ୍ରେଟ୍ ଏବେ ବୈଶ୍ୱିକ ସ୍ତରରେ ସବୁଠୁ ବଡ଼ ଚିନ୍ତା ପାଲଟିଛି। ଏନର୍ଜି କରିଡର ଭାବେ ପରିଚିତ ଏହି ସାମୁଦ୍ରିକ ପଥରେ ଇରାନ୍ ପ୍ରତିବନ୍ଧକ ଲଗାଇଥିବାରୁ ଉପସାଗରୀୟ ଦେଶଗୁଡିକରୁ ତୈଳ ଓ ଗ୍ୟାସ୍ ପରିବହନ ବାଧାପ୍ରାପ୍ତ ହୋଇଛି। ଏହା ଯୋଗୁ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବୃଦ୍ଧି ପାଇ ଚାଲିଥିଲାବେଳେ ବୈଶ୍ୱିକ ଅର୍ଥନୀତି ପାଇଁ ସଙ୍କଟ ଆଣିଛି। ସେପଟେ ମାତ୍ର କିଛି ଦିନ ମଧ୍ୟରେ ଇରାନ୍ ଅପରେଶନ ଶେଷ କରିବାକୁ ଚିନ୍ତା କରିଥିବା ଆମେରିକା ଓ ଇସ୍ରାଏଲ ୪ ସପ୍ତାହରୁ ଅଧିକ ସମୟ ଧରି ଯୁଦ୍ଧରେ ଲିପ୍ତ ହୋଇଥିଲେ ମଧ୍ୟ ହର୍ମୁଜ୍ ଷ୍ଟ୍ରେଟ୍ ସ୍ୱାଭାବିକ ହୋଇପାରି ନାହିଁ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍‌କୁ ଦୁଇ ଦୁଇ ଥର ଚେତାବନୀ ଦେଇଥିଲେ ମଧ୍ୟ ଇରାନ୍ ଏହାକୁ ଖାତିର କରିନାହିଁ।

ହର୍ମୁଜ୍‌କୁ ମୁକ୍ତ କରିବା ଲାଗି ଟ୍ରମ୍ପ ଅନ୍ୟ ରାଷ୍ଟ୍ରଙ୍କ ସହଯୋଗ ଲୋଡିଥିଲେ ହେଁ କାହାଠାରୁ ସହଯୋଗ ନ ପାଇବାରୁ କ୍ଷୁବ୍ଧ ହେବା ସହ ମଙ୍ଗଳବାର କଡ଼ା ଟିପ୍ପଣୀ ଦେଇଛନ୍ତି। ବର୍ତ୍ତମାନ ଅନ୍ତର୍ଜାତୀୟ ସ୍ତରରେ ଜେଟ୍ ଫ୍ୟୁଏଲ୍(ବିମାନ ଇନ୍ଧନ)ର ଘୋର ଅଭାବ ଦେଖାଯାଇଥିବାରୁ ଅନ୍ୟ ରାଷ୍ଟ୍ର ଏହାକୁ ଆମେରିକାରୁ କିଣନ୍ତୁ, ନ ହେଲେ ହର୍ମୁଜ୍‌ରେ ନିଜ ସୁରକ୍ଷା ନିଜେ ବୁଝି ଉପସାଗରୀୟ ଦେଶରୁ ତୈଳ ଆଣନ୍ତୁ ବୋଲି ଟ୍ରମ୍ପ କହିଛନ୍ତି। ଏପରିକି ହର୍ମୁଜ୍ ସମସ୍ୟାର ସମାଧାନ ନ ହେଲେ ମଧ୍ୟ ଇରାନ୍ ବିରୋଧରେ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିଦେବାକୁ ଟ୍ରମ୍ପ ଧମକ ଦେଇଛନ୍ତି। ହର୍ମୁଜ୍ ଉପରେ ଗୁରୁତ୍ୱ ନ ଦେଇ ଇରାନ୍‌ର ଆଣବିକ ଓ ସାମରିକ ଭିତ୍ତିଭୂମିକୁ ନଷ୍ଟ କରିବା ଲାଗି ରହିଥିବା ଆମେରିକାର ମୂଳଲକ୍ଷ୍ୟ ସାଧନ ଦିଗରେ କାର୍ଯ୍ୟ କରିବାକୁ ଟ୍ରମ୍ପ ଗୁରୁତ୍ୱ ଦେବେ ବୋଲି ୱାଲ୍ ଷ୍ଟ୍ରିଟ୍ ଜର୍ନାଲରେ ପ୍ରକାଶ ପାଇଥିବା ରିପୋର୍ଟରୁ ଜଣାପଡ଼ିଛି। ଏହି କ୍ରମରେ ବିଶେଷକରି ବ୍ରିଟେନକୁ ଟାର୍ଗେଟ କରି ଟ୍ରମ୍ପ ସୋସିଆଲ ମିଡିଆ ଟ୍ରୁଥ୍‌ରେ ଉଲ୍ଲେଖ କରି କହିଛନ୍ତି, ଯେଉଁ ରାଷ୍ଟ୍ର ହର୍ମୁଜ୍ ସମସ୍ୟା ସମାଧାନ ପାଇଁ ଆମେରିକାକୁ ସହଯୋଗ କରିନାହାନ୍ତି, ସେମାନେ ଉପସାଗରୀୟ ଦେଶରୁ କିଭଳି ତୈଳ ଆଣିବେ ତାହା ନିଜେ ଚିନ୍ତା କରନ୍ତୁ। ନିଜେ ଲଢ଼େଇ କରି ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ତୈଳ ଆଣିବା ଶିଖନ୍ତୁ ।

## କୁଏଟ୍ ଜାହାଜ ଉପରେ ଇରାନ୍‌ର ଆକ୍ରମଣ



ଇରାନ୍ କ୍ଷେପଣାସ୍ତ୍ର ମାଡ଼ରେ କୁଏଟ୍‌ର କ୍ଷତିଗ୍ରସ୍ତ ତୈଳବାହୀ ଜାହାଜ।

**ତେହରାନ୍ , ୩୧।୩**

ହର୍ମୁଜ୍ ଷ୍ଟ୍ରେଟ୍ ନ ଖୋଲିଲେ ଇରାନ୍‌ର ପାୱାର ପ୍ଲାଣ୍ଟଗୁଡିକୁ ଧ୍ୱଂସ କରିଦିଆଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ଧମକ ଦେଇଥିଲେ। ଏହାପରେ ଯୁଦ୍ଧ ବୁଝାମଣା ନ କଲେ

### ପାୱାର ପ୍ଲାଣ୍ଟ ଧ୍ୱଂସ କରିବାକୁ ଧମକ ଦେଇଥିଲେ ଟ୍ରମ୍ପ

ଆଗାମୀ ଦିନରେ ଇରାନ୍ ବିରୋଧରେ ନିର୍ଣ୍ଣାୟକ ଯୁଦ୍ଧ ହେବ ବୋଲି ମଙ୍ଗଳବାର ଆମେରିକା ପ୍ରତିରକ୍ଷା ସଚିବ ପେଟେ ହେଗ୍‌ସେଥ୍ ପୁଣି ଧମକ ଦେବାର କିଛି ଘଣ୍ଟା ପରେ ଇରାନ୍ କୁଏଟ୍‌ରେ ଏକ ତୈଳବାହୀ ଜାହାଜ ଉପରେ ଆକ୍ରମଣ କରିଛି। ଆମେରିକା ଧମକକୁ ଖାତିର ନ କରି ଆଇଆର୍‌ଜିସି ପକ୍ଷରୁ ଦୁବାଇ ଉପକୂଳ ନିକଟରେ ଏହି ଜାହାଜ ଉପରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି।

## ପ୍ରତି ଜାହାଜରୁ ଶୁଳ୍କ ଆଦାୟ କରିବ ଇରାନ୍

**ତେହରାନ୍ , ୩୧।୩**

ଇରାନ୍-ଆମେରିକା ଯୁଦ୍ଧ ପରିପ୍ରେକ୍ଷୀରେ ହର୍ମୁଜ୍ ଷ୍ଟ୍ରେଟ୍ ସବୁଠୁ ଚର୍ଚ୍ଚାରେ ରହିଥିବାବେଳେ ଏବେ ଏହି ପଥ ଦେଇ ଯାଉଥିବା ପ୍ରତ୍ୟେକ ଜାହାଜ ଉପରୁ ଶୁଳ୍କ ଆଦାୟ କରିବାକୁ ଇରାନ୍ ନିଷ୍ପତ୍ତି ନେଇଛି। ଏଥିନେଇ ଇରାନ୍ ସରକାର ଆଣିଥିବା ପ୍ରସ୍ତାବକୁ ମଙ୍ଗଳବାର ସଂସଦୀୟ ସୁରକ୍ଷା କମିଟିଅନୁମୋଦନ ଦେଇଛି। ଏହାବ୍ୟତୀତ ଆମେରିକା ଏବଂ ଇସ୍ରାଏଲର କୌଣସି ଜାହାଜକୁ ଏହି ବାଟ ଦେଇ ଯିବାକୁ ଦିଆଯିବ ନାହିଁ ବୋଲି ଇରାନ୍ ସ୍ପଷ୍ଟ କରିଛି। ସେହିପରି ଯେଉଁସବୁ ଦେଶ ଇରାନ୍ ବିରୋଧରେ ଆର୍ଥିକ କଟକଣା ଲାଗୁ କରିବାରେ ସଂଶ୍ଳିଷ୍ଟ ଥିଲେ ସେସବୁ ଦେଶର ଜାହାଜକୁ ମଧ୍ୟ ଏହି ପଥ ଦେଇ ଯିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଇରାନ୍ କହିଛି।

ଏଦିଗରେ ଆମେରିକା ଆଉ କାହାରିକୁ ସାହାଯ୍ୟ କରିବ ନାହିଁ। ଏହା ନ କରିପାରିଲେ ଆମେରିକାରୁ ତୈଳ କିଣିବାକୁ ପ୍ରସ୍ତୁତ ହୁଅନ୍ତୁ। ଉଲ୍ଲେଖଯୋଗ୍ୟ, ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ବିଶ୍ୱର ୨୦ ପ୍ରତିଶତ ତୈଳ ପରିବହନ ହୋଇଥିଲାବେଳେ ଏବେ କେତେକ ନିର୍ଦ୍ଦିଷ୍ଟ ଦେଶର ଜାହାଜକୁ ବାଦ୍ ଦେଲେ ଅନ୍ୟ ରାଷ୍ଟ୍ର ଏହି ପଥ ଦେଇ ତୈଳ ପରିବହନ କରିପାରୁନାହାନ୍ତି। ବିଶେଷକରି ଆମେରିକା ଓ ଇସ୍ରାଏଲ ସମେତ ଆମେରିକାର ସହଯୋଗୀ ରାଷ୍ଟ୍ରଙ୍କ ପାଇଁ ଇରାନ୍ ଏହି ପଥ ଦେଇ ତୈଳ ପରିବହନ ବନ୍ଦ କରିଦେଇଛି। ଏଣିକି ପ୍ରତି ଜାହାଜ ଉପରେ ଶୁଳ୍କ ଆଦାୟ କରିବାକୁ ମଧ୍ୟ ଇରାନ୍ ଧମକ ଦେଇଛି।

# ଆମେରିକା ପାଇଁ ଏୟାରବେସ୍ ବନ୍ଦକଲା ଇଟାଲୀ

**ରୋମ୍,୩୧।୩**

ସ୍ପେନ୍ ପରେ ଅନ୍ୟତମ ନାଟୋ ସହଯୋଗୀ ରାଷ୍ଟ୍ର ଇଟାଲୀ ଏହାର ଏୟାର ବେସ୍‌କୁ ଆମେରିକା ଯୁଦ୍ଧବିମାନର ବ୍ୟବହାର ପାଇଁ ଅନୁମତି ଦେବାକୁ ମନା କରିଦେଇଛି। ଇରାନ ବିରୋଧୀ ଯୁଦ୍ଧରେ ଇଟାଲୀର ସିସିଲିରେ ଥିବା ଏୟରବେସ୍‌କୁ ଆମେରିକା ବ୍ୟବହାର କରିପାରିବ ନାହିଁ। ଇରାନ ଯୁଦ୍ଧରେ ସାମରିକ ଭାବେ ସାମିଲ ହେବାକୁ ୟୁରୋପୀୟ ସଂଘ ରାଷ୍ଟ୍ରଗୁଡ଼ିକ ଏପର୍ଯ୍ୟନ୍ତ ଆଗ୍ରହ ଦେଖାଇ ନ ଥିବାରୁ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ଚିନ୍ତା ବଢ଼ିଚାଲିଛି।

# ଚଞ୍ଚଲ କୁମାର ସୂଚନା ପ୍ରସାରଣ ସଚିବ

## ବୀର ବିକ୍ରମ ଯାଦବ ହେଲେ ଡିଜିସିଏ ମୁଖ୍ୟ

**ନୂଆଦିଲ୍ଲୀ,୩୧।୩**

ବରିଷ୍ଠ ଆଇଏଏସ୍ ଅଫିସର ଚଞ୍ଚଲ କୁମାରଙ୍କୁ ସୂଚନା ପ୍ରସାରଣ ବିଭାଗ ସଚିବ ନିଯୁକ୍ତ କରାଯାଇଛି। ୧୯୯୨ ବ୍ୟାଚ୍‌ର ବିହାର କ୍ୟାଡର ଅଫିସର କୁମାର ଏବେ ଉତ୍ତରପୂର୍ବାଞ୍ଚଳ ବିକାଶ ମନ୍ତ୍ରଣାଳୟ ସଚିବ ରହିଛନ୍ତି। ଖଣି ମନ୍ତ୍ରଣାଳୟ ଅତିରିକ୍ତ ସଚିବ ଥିବା ସଞ୍ଜୟ ଲୋହିୟାଙ୍କୁ ଅର୍ଥ ମନ୍ତ୍ରଣାଳୟ ଆର୍ଥିକ ସେବା ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ୍ କମିଟି ସେମାନଙ୍କ ନିଯୁକ୍ତି ପ୍ରସ୍ତାବକୁ ଅନୁମୋଦନ କରିଛି।

ସେହିପରି ଓଡ଼ିଶା କ୍ୟାଡରର ୧୯୯୬ ବ୍ୟାଚ୍ ଆଇଏଏସ୍ ଅଫିସର ବୀରବିକ୍ରମ ଯାଦବଙ୍କୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ମୁଖ୍ୟ ଭାବେ ମଙ୍ଗଳବାର ନିଯୁକ୍ତି ପ୍ରଦାନ କରାଯାଇଛି। ଯାଦବ ଏବେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ରହିଛନ୍ତି।

# ଆଜିଠୁ ଆମେରିକୀୟ କମ୍ପାନୀ ଉପରେ ଆକ୍ରମଣ କରିବ ଇରାନ

**ତେହରାନ,୩୧।୩**

ଏପ୍ରିଲ ୧ରୁ ଆମେରିକାର ବୃହତ୍ ପ୍ରଯୁକ୍ତି କମ୍ପାନୀ ଓ ଶିଳ୍ପସଂସ୍ଥାଗୁଡ଼ିକ ଉପରେ ଆକ୍ରମଣ କରିବାକୁ ଇରାନର ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡ୍ସ କର୍ (ଆଇଆର୍‌ଜିସି) ଚେତାବନୀ ଦେଇଛି। ଇରାନୀୟ ଅଞ୍ଚଳ ଉପରେ ଆକ୍ରମଣର ଜବାବରେ ଆମେରିକୀୟ କମ୍ପାନୀଗୁଡ଼ିକୁ ଟାର୍ଗେଟ କରାଯିବ। ଏହି ତାଲିକାରେ ମାଇକ୍ରୋସଫ୍ଟ, ଗୁଗଲ, ଆପଲ, ଇଣ୍ଟେଲ୍, ଆଇବିଏମ୍, ଟେସ୍‌ଲା, ବୋଇଂ ସମେତ ୧୮ଟି କମ୍ପାନୀ ରହିଛି। ଆକ୍ରମଣ ହେଲେ ଉକ୍ତ କମ୍ପାନୀଗୁଡ଼ିକର ଆଞ୍ଚଳିକ କାର୍ଯ୍ୟ ବାଧାପ୍ରାପ୍ତ ହୋଇପାରେ। ବୁଧବାର ତେହରାନ ସମୟ ରାତି ୮ଟାରୁ ଆକ୍ରମଣ ଆରମ୍ଭ ହେବ। ତେଣୁ କମ୍ପାନୀ କର୍ମଚାରୀମାନେ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ତୁରନ୍ତ ଛୁଟିରେ ଚାଲିଯିବାକୁ ଆଇଆର୍‌ଜିସି ସତର୍କ କରିଦେଇଛି।

# ପାଲେଷ୍ଟିନୀୟ ବନ୍ଦୀଙ୍କୁ ଫାଶୀ ଦେବ ଇସ୍ରାଏଲ

**ଜେରୁଜେଲମ୍,୩୧।୩**

ଇସ୍ରାଏଲୀଙ୍କୁ ହତ୍ୟା ମାମଲାରେ ସମ୍ପୃକ୍ତ ଥାଇ ଜେଲରେ ରହିଥିବା ପାଲେଷ୍ଟିନୀୟ ବନ୍ଦୀମାନଙ୍କୁ ଫାଶୀ ଦେବା ପାଇଁ ଇସ୍ରାଏଲ୍ ପାର୍ଲାମେଣ୍ଟରେ ଆଇନ ଗୃହୀତ ହୋଇଛି। ଏହାକୁ ନେଇ ୱେଷ୍ଟ ବ୍ୟାଙ୍କରେ ଆତଙ୍କ ଖେଳିଯାଇଥିବାବେଳେ ପ୍ରତିବାଦରେ ବହୁସଂଖ୍ୟାରେ ପାଲେଷ୍ଟିନୀୟ ମଙ୍ଗଳବାର ରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରିଛନ୍ତି। ଇସ୍ରାଏଲ ଆଣିଥିବା ଆଇନରେ ପାଲେଷ୍ଟିନୀୟ ବନ୍ଦୀଙ୍କ ପାଇଁ ମୃତ୍ୟୁଦଣ୍ଡ ବ୍ୟବସ୍ଥା କରାଯାଇଥିବାବେଳେ ପାଲେଷ୍ଟିନୀୟଙ୍କୁ ହତ୍ୟା ମାମଲାରେ ସମ୍ପୃକ୍ତ ଇସ୍ରାଏଲୀ ବାସିନ୍ଦାଙ୍କ ପାଇଁ ସମାନ ଦଣ୍ଡ ବ୍ୟବସ୍ଥା ରଖାଯାଇ ନାହିଁ।

# ବିଜୟଙ୍କ ବିରୋଧରେ ମାମଲା

**ଚେନ୍ନାଇ,୩୧।୩(ପି.ଟି.)**

ଟିଭିକେ ନେତା ବିଜୟଙ୍କ ଚେନ୍ନାଇ ରାଲି ବେଳେ ନିର୍ବାଚନ ଆଚରଣ ବିଧି ଏବଂ ଟ୍ରାଫିକ୍ ନିୟମ ଉଲ୍ଲଂଘନ ହୋଇଥିବା ଅଭିଯୋଗରେ ତାଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି। ସୋମବାର ବିଜୟ ନାମାଙ୍କନପତ୍ର ଦାଖଲ କରିବା ପରେ ପେରାମ୍ବୁରରୁ ନିର୍ବାଚନ ପ୍ରଚାର ଆରମ୍ଭ କରିଥିଲେ। ରାଲିରେ ବହୁସଂଖ୍ୟାରେ ଜନସମାଗମ ହୋଇଥିଲା। ଷ୍ଟାଟିକ୍ ସର୍ଭିଲାନ୍ସ ଟିମ୍‌ର ଜଣେ ଅଫିସରଙ୍କ ଅଭିଯୋଗ ଆଧାରରେ ବିଜୟଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

# ଇରାକ୍‌ରେ ଆମେରିକୀୟ ଖବରଦାତା ଅପହୃତ

**ବାଗଦାଦ୍,୩୧।୩**

ଇରାକ୍‌ର ବାଗଦାଦରେ ଜଣେ ଆମେରିକୀୟ ଖବାଦାତାଙ୍କୁ ଅପହରଣ କରାଯାଇଛି। ଅପହୃତା ଖବରଦାତା ଶେଲି କିଟଲ୍‌ସନ୍ ବୋଲି ସ୍ଥାନୀୟ ଗଣମାଧ୍ୟମ ଚିହ୍ନଟ କରିଛନ୍ତି। ତେବେ ଆମେରିକୀୟ କିମ୍ବା ଇରାକୀ ଅଧିକାରୀମାନେ ତାଙ୍କ ପରିଚୟକୁ ସ୍ପଷ୍ଟ କରିନାହାନ୍ତି। କେତେଜଣ ଅଜଣା ବ୍ୟକ୍ତି ଜଣେ ବିଦେଶୀ ଖବରଦାତାଙ୍କୁ ନେଇଯାଇଥିବା ଇରାକ ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ସ୍ୱୀକାର କରିଛି। ଅପହରଣ ସମୟର ଭିଡିଓ ପଦାକୁ ଆସିଛି। ଅପହରଣରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ



ଶେଲି କିଟଲ୍‌ସନ

ଗିରଫ କରାଯିବା ସହ ଏଥିରେ ବ୍ୟବହୃତ ଗାଡ଼ିକୁ ଜବତ କରାଯାଇଛି। ଶେଲି ଜଣେ ମୁକ୍ତବୃତ୍ତ ଖବରଦାତା ତଥା ଫଟୋ ଜର୍ନାଲିଷ୍ଟ। ମଧ୍ୟପ୍ରାଚ୍ୟ ଓ ଆଫଗାନିସ୍ତାନ ଖବର ସଂଗ୍ରହରେ ତାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଛି।

# ଏବର୍ଷ ଅଧିକ ଦିନ ଗ୍ରୀଷ୍ମପ୍ରବାହ

**ନୂଆଦିଲ୍ଲୀ,୩୧।୩(ପି.ଟି.)**

ଚଳିତ ବର୍ଷ ଏପ୍ରିଲରୁ ଜୁନ୍ ମଧ୍ୟରେ ଭାରତର ପୂର୍ବ, କେନ୍ଦ୍ରୀୟ ଏବଂ ଉତ୍ତର-ପଶ୍ଚିମାଞ୍ଚଳ ସମେତ ଦକ୍ଷିଣପୂର୍ବ ଭାଗର କେତେକ ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ଦିନ ଗ୍ରୀଷ୍ମପ୍ରବାହ ଅନୁଭୂତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି। ଉପରୋକ୍ତ ମାସଗୁଡ଼ିକରେ ପୂର୍ବ ଏବଂ ଉତ୍ତରପୂର୍ବ ଭାରତର ଅଧିକାଂଶ ଅଞ୍ଚଳ, କେନ୍ଦ୍ରୀୟ ଭାରତର ପୂର୍ବ ଭାଗ ଏବଂ ଉପଦ୍ୱୀପ ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ ବୋଲି ଆଶା କରାଯାଉଛି।

ଏପ୍ରିଲ, ମେ' ଓ ଜୁନ୍‌ରେ ମହାରାଷ୍ଟ୍ର, ତେଲଙ୍ଗାନାର କେତେକ ଅଞ୍ଚଳକୁ ବାଦ୍ ଦେଲେ ଅଧିକାଂଶ ଭାଗରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ ବୋଲି ଆଇଏମ୍‌ଡି କହିଛି। ତେବେ ଏପ୍ରିଲରେ ଦେଶର ଅଧିକାଂଶ ଭାଗରେ ମୁଖ୍ୟତଃ ତାପମାତ୍ରା ସ୍ୱାଭାବିକ ଓ ଏହାଠାରୁ କମ୍ ରହିବ ବୋଲି କୁହାଯାଇଛି।

# ମନ୍ଦିରରେ ଦଳାଚକଟା: ୯ ଶ୍ରଦ୍ଧାଳୁଙ୍କ ମୃତ୍ୟୁ

**ବିହାର ଶରିଫ,୩୧।୩**

ବିହାରର ନାଳନ୍ଦା ଜିଲାରେ ଥିବା ଶୀତଳା ମାତା ମନ୍ଦିରରେ ମଙ୍ଗଳବାର ସକାଳେ ପ୍ରବଳ ଭିଡ଼ରୁ ଦଳାଚକଟା ଘଟି ଅନ୍ୟୂନ ୯ ମହିଳା ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୨ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ପୋଲିସ ଏବଂ ଜିଲା ପ୍ରଶାସନର ଅଧିକାରୀମାନେ ପହଞ୍ଚିଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଶ୍ରଦ୍ଧାଳୁମାନଙ୍କ ମୃତ୍ୟୁକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଏବଂ ଆହତମାନଙ୍କ ପାଇଁ ୫୦,୦୦୦ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଧ୍ୟ ଚଳାଚକଟାରେ ଶ୍ରଦ୍ଧାଳୁମାନଙ୍କ ମୃତ୍ୟୁକୁ ନେଇ ଦୁଃଖପ୍ରକାଶ କରିବା ସହ ସେମାନଙ୍କ ପରିବାର ସଦସ୍ୟଙ୍କ ପାଇଁ ୬ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ଏଥିସହିତ ଆହତମାନଙ୍କୁ



ଶୀତଳାମାତା ମନ୍ଦିରରେ ଦଳାଚକଟା ପରେ ଶୋକାକୁଳ ପରିବେଶ।

ଉତ୍ତମ ଚିକିତ୍ସା ସୁନିଶ୍ଚିତ କରିବା ପାଇଁ ସେ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଚୈତ୍ର ମାସର ଶେଷ ମଙ୍ଗଳବାର ହୋଇଥିବାରୁ ବିହାର ଶରିଫସ୍ଥିତ ଶୀତଳାମାତା ମନ୍ଦିରରେ ଭକ୍ତମାନଙ୍କ ପ୍ରବଳ ଗହଳି ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ମନ୍ଦିର ଭିତରେ ଅରାଜକତାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା। ଶ୍ରଦ୍ଧାଳୁମାନେ ତୁରନ୍ତ ମନ୍ଦିର ପରିସରରୁ ବାହାରିଯିବାକୁ ଉଦ୍ୟମ କଲାବେଳେ ଦଳାଚକଟା ଘଟିଥିଲା। ଦଳାଚକଟାର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଭିଡ଼ ନିୟନ୍ତ୍ରଣରେ ତ୍ରୁଟି ଏବଂ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଅଭାବରୁ ଏଭଳି ଦୁଃଖଦ ଘଟଣା ଘଟିଥିବା କୁହାଯାଉଛି। କର୍ତ୍ତବ୍ୟରେ ଅବହେଳା ପାଇଁ ଦୀପନଗର ଥାନା ଏସ୍ଏଚ୍‌ଓଙ୍କୁ ତୁରନ୍ତ ନିଲମ୍ବନ କରାଯାଇଛି। ଦଳାଚକଟାର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

# ସ୍ୱାମୀଙ୍କ ଆତ୍ମହତ୍ୟା ପରେ ୧୭ ମହଲାରୁ ଡେଇଁ ଜୀବନ ହାରିଲେ ସ୍ତ୍ରୀ

**ଚେନ୍ନାଇ,୩୧।୩(ପି.ଟି.)**

ତେଲଙ୍ଗାନାର ଏକ ଯୁବ ଇଞ୍ଜିନିୟର ଦମ୍ପତି ସେମାନଙ୍କ ବେଙ୍ଗାଲୁରୁ ଘରେ ଆତ୍ମହତ୍ୟା କରିଛନ୍ତି। ତେଲଙ୍ଗାନା ସିଦ୍ଦିପେଟ୍ ଅଞ୍ଚଳର ସଫ୍ଟୱେର ଇଞ୍ଜିନିୟର ଭାନୁ ଚନ୍ଦ୍ର ରେଡ୍ଡୀ ଖୁଣ୍ଟା(୩୨) ସୋମବାର ନିଜ ଆପାର୍ଟମେଣ୍ଟ ପ୍ରକୋଷ୍ଠରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଆଇବିଏମ୍ କମ୍ପାନୀରେ କାମ କରୁଥିବା ତାଙ୍କ ସ୍ତ୍ରୀ ବିବି ଶାଜିୟା ସିରାଜ(୩୧) ଘରେ ପହଞ୍ଚି ଡୋର ଭିତର ପଟୁ ବନ୍ଦ ଥିବା ଦେଖିଥିଲେ। ଘରୁ କୌଣସି ଜବାବ ନ ମିଳିବାରୁ ସେ ସୁରକ୍ଷା କର୍ମୀ ଓ ପଡ଼ୋଶୀଙ୍କୁ ଜଣାଇଥିଲେ। କବାଟ ଖୋଲିବା ପରେ ଭାନୁ ଆତ୍ମହତ୍ୟା କରିଥିବା ଦେଖାଯାଇଥିଲା। ଏହାର କିଛି ମିନିଟ୍ ପରେ ଶାଜିୟା ଉକ୍ତ ଆପାର୍ଟମେଣ୍ଟର ୧୭ତମ ମହଲାରୁ ଡେଇଁ ପ୍ରାଣ ହରାଇଥିଲେ। ପରିବାର ସଦସ୍ୟଙ୍କ ଅଭିଯୋଗକ୍ରମେ ୨ଟି ଅସ୍ୱାଭାବିକ ମୃତ୍ୟୁ ମାମଲା ଦାଏର ହୋଇଛି।

**୨୭ କି.ଗ୍ରା. ୬୦୦ ଗ୍ରାମ୍ ଗଞ୍ଜେଇ ଜବତ : ୩ ଗିରଫ**

**ଏରସମା, ୩୧।୩(ଦୀପ୍ତି ଖଣ୍ଡୁଆଳ):** ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ନିମୋଳ ଗ୍ରାମରୁ ସୋମବାର ୨୭ କିଗ୍ରା ୬୦୦ ଗ୍ରାମ୍ ଚୋରା ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ନିମୋଳ ଗ୍ରାମର ସଞ୍ଜି ରଞ୍ଜନ ପଣ୍ଡା ଓରଫ୍ ପପୁ(୪୯), ତାଙ୍କ ସ୍ତ୍ରୀ ପ୍ରଭାତୀ ପଣ୍ଡା(୪୭) ଓ ଏରସମାର ଅଭିରାମ ଖଟୁଆ(୫୮)। ପପୁଙ୍କ ଘରୁ ଉପରୋକ୍ତ ଗଞ୍ଜେଇ ସହ ୧୪,୬୬୦ ଟଙ୍କା, ୩ ମୋବାଇଲ, ୩ ଓଜନ ମେଶିନ, ୧୨୦ ପଲିଥିନ ପ୍ୟାକେଟ୍ ସହ ଗୋଟିଏ କାର୍, ସ୍କୁଟି ଓ ବାଇକ୍ ଜବତ କରାଯାଇଛି। ଏନେଇ ଥାନାରେ ମାମଲା (ନଂ.୧୧୬/୨୬) ରୁଜୁ କରାଯାଇଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାଟାବାରି ଜଙ୍ଗଲରୁ ମାଓବାଦୀ ସାମଗ୍ରୀ, ବନ୍ଧୁକ ଜବତ

**ଫୁଲବାଣୀ, ୩୧।୩ (ରାକେଶ କୁମାର ରାଉତ)**

କନ୍ଧମାଳ ଜିଲା ଦାରିଙ୍ଗିବାଡି ଥାନା ଅଞ୍ଚଳରେ କୋମ୍ବିଂ ଅପରେଶନ ବେଳେ ଯବାନମାନେ ମଙ୍ଗଳବାର ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜଙ୍ଗଲର ଏକ ଗୁପ୍ତ ସ୍ଥାନରୁ ଜବତ କରିଛନ୍ତି। ସେଠାରୁ ଗୋଟିଏ ଏସ୍‌ଏଲ୍‌ଆର୍ ରାଇଫଲ, ଗୋଟିଏ ୩୦୩ ରାଇଫଲ, ୨ଟି ୧୨ ବୋର ବନ୍ଧୁକ, ଦୁଇଟି ଏସ୍‌ବିଜିଏଲ୍ ରାଇଫଲ୍, ଗୋଟିଏ ଦେଶୀ ବନ୍ଧୁକ, ଜୀବନ୍ତ ଗୁଳି, ୧୦ଟି ଗ୍ରେନେଡ୍, ୩୦ ଡିଟୋନେଟର, ୱାକିଟକି, ସୋଲାର ପ୍ୟାନେଲ, ମେଡିସିନ ଆଦି ଜବତ ହୋଇଥିବା ଏସ୍‌ପି ହରିଶ ବିଶି କହିଛନ୍ତି।

ଜଙ୍ଗଲରେ ମାଓବାଦୀମାନେ ଅସ୍ତ୍ରଶସ୍ତ୍ର ଲୁଚାଇ ରଖିଥିବା ନେଇ ସୂଚନା ମିଳିବା ପରେ ଏସ୍‌ଓଜି, ଡିଭିଏଫ୍ ଯବାନଙ୍କୁ ନେଇ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଥିଲା। ଯବାନମାନେ ଜମାବାରି, ମାଟାବାରି, ଗାବୁରି, ପକାରି, ବାବୁଟି ଗ୍ରାମର ଜଙ୍ଗଲ ଅଞ୍ଚଳରେ ଅପରେଶନ ଚଳାଇଥିଲେ। ମାଟାବାରି ଜଙ୍ଗଲ ନିକଟରୁ ଗୋଟିଏ ଡମ୍ପ (ଗୁପ୍ତ ସ୍ଥାନ) ଯବାନମାନେ ଠାବ କରିଥିଲେ। ସେଠାରୁ ଉପରୋକ୍ତ ପରିମାଣର ବିସ୍ଫୋରକ ଦ୍ରବ୍ୟ ଓ ବନ୍ଧୁକ ମିଳିଛି ବୋଲି ଏସ୍‌ପି ବିଶି କହିଛନ୍ତି। ଯେଉଁ ମାଓବାଦୀମାନେ



ଜବତ ବନ୍ଧୁକ ଓ ଅନ୍ୟାନ୍ୟ ସାମଗ୍ରୀ ।

## ୮ରୁ ୯ ଜଣଙ୍କ ମଧ୍ୟରେ ଅଛନ୍ତି ଜଣେ ଓଡ଼ିଆ ମାଓବାଦୀ

ଆତ୍ମସମର୍ପଣ କରିଛନ୍ତି ସେମାନଙ୍କ ସୂଚନାକୁ ଆଧାରକରି ଆମେ ଆଗାମୀ ଦିନରେ କୋମ୍ବିଂ ଅପରେଶନକୁ ଆହୁରି ଜୋରଦାର କରିବୁ। ଏବେ କନ୍ଧମାଳ ଜିଲାରେ ଆଉ ମାତ୍ର ୮ରୁ ୯ ଜଣ ମାଓବାଦୀ ଅଛନ୍ତି। ସେହି ଟିମ୍‌ରେ ଜଣେ ଓଡ଼ିଆ ରହିଛନ୍ତି। ତାଙ୍କ ନାମ ମଗୁ, ସେ ରାୟଗଡା ଜିଲା କାଶୀପୁର ଅଞ୍ଚଳର ବୋଲି ଜଣାପଡିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଶୀଲା ଏବଂ ବାକି ୭ରୁ ୮ ଜଣ ଛତିଶଗଡ଼ ଅଞ୍ଚଳର ମାଓବାଦୀ ଥିବା ବେଳେ ସେମାନଙ୍କ ମଧ୍ୟରେ ଦୁଇ ଜଣ ପୁରୁଷ, ଅନ୍ୟମାନେ ମହିଳା ମାଓବାଦୀ ରହିଛନ୍ତି। ପୂର୍ବରୁ ଅପରେଶନ ବେଳେ ଦୁଇ ଜଣ ମାଓବାଦୀଙ୍କୁ ଗୁଳି ଲାଗିଛି । ସମୟ ଅଛି ସେମାନେ ଆତ୍ମସମର୍ପଣ କରନ୍ତୁ। ସରକାରଙ୍କ ଥଇଥାନ ନୀତିରେ ସାମିଲହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୁଅନ୍ତୁ। ଅନ୍ୟପକ୍ଷରେ ଲୋକଙ୍କୁ ସଚେତନ ପାଇଁ ଆମେ ଗାଁ ଗାଁରେ ମିଟିଂ କରୁଛୁ। ମାଓବାଦୀଙ୍କ ସମ୍ପର୍କରେ ଜାଣିଲେ ତୁରନ୍ତ ପୋଲିସ ସହ ଯୋଗାଯୋଗ କରିବାକୁ କହୁଛୁ। ସେମାନଙ୍କ ପରିଚୟ ଗୁପ୍ତ ରଖାଯିବ ବୋଲି ମଧ୍ୟ ବୁଝାଉଛୁ ବୋଲି ଏସ୍‌ପି କହିଛନ୍ତି।

# ସାବତ ବାପାଙ୍କୁ ଆଜୀବନ କାରାଦଣ୍ଡ

**ଝାରସୁଗୁଡ଼ା,୩୧।୩ (ଆଶିଷ ରଞ୍ଜନ ଦାଶ)**

**୪ ବର୍ଷୀୟା ଶିଶୁକନ୍ୟା ବଳାତ୍କାର ମାମଲା**

**୨ ବର୍ଷ କାରାଦଣ୍ଡ ଭୋଗିବେ ମା'**

ଝାରସୁଗୁଡ଼ା ଜିଲାରେ ଏକ ଶିଶୁ ବଳାତ୍କାର ମାମଲାର ରାୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ମଙ୍ଗଳବାର ଶୁଣାଇଛନ୍ତି। ୪ ବର୍ଷୀୟା ଶିଶୁକନ୍ୟାକୁ ବଳାତ୍କାର କରିବା ଅଭିଯୋଗରେ ଅଭିଯୁକ୍ତ ସାବତ ବାପାଙ୍କୁ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଦେୟ ନ ହେଲେ ୧ ବର୍ଷ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ସାବତ ବାପା ହେଲେ ପଙ୍କଜ ପୋଢ଼ । ଏହି ଘଟଣା ଜାଣି ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଏତଲା ନ ଦେବା ଅଭିଯୋଗରେ ପୀଡ଼ିତାଙ୍କ ମା' ଅନୁ ବାଗ୍‌ଙ୍କୁ ମଧ୍ୟ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନା ଆଦେଶ ହୋଇଛି।

ପ୍ରକାଶ ଯେ, ୨୦୨୫ ଜୁନ୍ ୨୭ରେ ପୀଡ଼ିତା ଶିଶୁକୁ ତାଙ୍କ ସାବତ ବାପା ରଥଯାତ୍ରା ଦେଖାଇବା ବାହାନାରେ ଘରୁ ନେଇଯାଇ ବଳାତ୍କାର କରିଥିଲେ। ତା'ପରଦିନ ଝିଅଟି ତା'ର ସମ୍ବେଦନଶୀଳ ସ୍ଥାନରେ କଷ୍ଟ ହେଉଥିବା ନେଇ ମା'ଙ୍କୁ କହିବାରୁ ତାକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ଜଣକ ଏହା ଏକ ବଳାତ୍କାର ମାମଲା ବୋଲି ଜାଣିବାକୁ ପାଇଥିଲେ। ପରେ ଏ ନେଇ ବ୍ରଜରାଜନଗର ପୋଲିସକୁ ଖବର ଦିଆଯାଇଥିଲା। ଏ ସମ୍ପର୍କରେ ୩୦ ଜୁନ୍ ୨୦୨୫ରେ ବ୍ରଜରାଜନଗର ଥାନାରେ ଏକ ମାମଲା (ନଂ.୧୪୦/୨୫) ରୁଜୁ କରାଯାଇଥିଲା। ପୋଲିସ ଏହାର ତଦନ୍ତକରି ମୁଖ୍ୟ ଅଭିଯୁକ୍ତ ପଙ୍କଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ମାଜିଷ୍ଟ୍ରେଟ ପୂଜା ଷଡ଼ଙ୍ଗୀ ବିଚାର କରିଥିବା ବେଳେ ସରକାରୀ ଓକିଲ ରାଜକୁମାର ଶ୍ରୀବାସ ପୀଡ଼ିତାଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିଲେ। ଏହାସହିତ ପୀଡ଼ିତା ଶିଶୁକୁ ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ମାଜିଷ୍ଟ୍ରେଟ ଡିଏଲ୍‌ଏସ୍‌ଏକୁ ଆଦେଶ ଦେଇଥିବା ବେଳେ ପୀଡ଼ିତାକୁ ଝାରସୁଗୁଡ଼ା ଶେଲ୍‌ଟର ହାଉସ୍‌ରେ ରଖାଯାଇଛି।

# ଭିଜିଲାନ୍ସ ଜାଲରେ ଓପିଏଚ୍‌ଡବ୍ଲ୍ୟୁସି ଡେପୁଟି ମ୍ୟାନେଜର

**ଭୁବନେଶ୍ୱର,୩୧।୩(ତ୍ରିନାଥ ମହାନ୍ତି)**

- ୫ଲକ୍ଷ ଲାଞ୍ଚ ଟଙ୍କା ନେଇ ଯିବାବେଳେ ଧରିଲା ଭିଜିଲାନ୍ସ
- ରସୁଲଗଡ଼ ଘରୁ ୫ଲକ୍ଷ ଏବଂ ଭଉଣୀଙ୍କ ଘରୁ ୩୪ ଲକ୍ଷ ଟଙ୍କା ଠାବ

ଓଡ଼ିଶା ପୋଲିସ ହାଉସିଂ ଆଣ୍ଡ ୱେଲ୍‌ଫେୟାର କର୍ପୋରେଶନ (ଓପିଏଚ୍‌ଡବ୍ଲ୍ୟୁସି) ସମ୍ବଲପୁର ଡିଭିଜନର ଡେପୁଟି ମ୍ୟାନେଜର ବିଦ୍ୟୁତ୍ ରଞ୍ଜନ ଭୋଳ ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି। ୫.୧୮ଲକ୍ଷ ଲାଞ୍ଚ ଟଙ୍କା ନେଇ ଯିବା ସମୟରେ ଖବରପାଇ ଭିଜିଲାନ୍ସ ଟିମ୍ ତାଙ୍କୁ ପିଛା କରିଥିଲା। ସମ୍ବଲପୁର ରେଳ ଷ୍ଟେସନ ନିକଟରେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରି ଯାଞ୍ଚ କରିବା ପରେ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। ଏହି ଟଙ୍କାର ଉତ୍ସ ସମ୍ପର୍କରେ ଭିଜିଲାନ୍ସ ପଚାରିଥିଲେ ମଧ୍ୟ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଏହାପରେ ଭିଜିଲାନ୍ସ ତାଙ୍କୁ ଉଠାଇ ନେବା ସହ ସମ୍ବଲପୁର, ଭଞ୍ଜନଗର, ଗଞ୍ଜାମ ଏବଂ ଭୁବନେଶ୍ୱରରେ ଥିବା ତାଙ୍କ ବାସଭବନରେ ଏକକାଳୀନ ଚଢାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ତାଙ୍କର ଭୁବନେଶ୍ୱର ରସୁଲଗଡ଼ରେ ଥିବା ଘରୁ ନଗଦ ୫ଲକ୍ଷ ୪୧ ହଜାର ଟଙ୍କା ଜବତ କରାଯାଇଥିବାବେଳେ ଚନ୍ଦ୍ରଶେଖରପୁରସ୍ଥିତ ଭଉଣୀଙ୍କ ଘରୁ ୩୪.୮୧ ଲକ୍ଷ ଟଙ୍କା ଜବତ କରାଯାଇଛି। ଭିଜିଲାନ୍ସ ସମୁଦାୟ ତାଙ୍କଠାରୁ ୪୫ ଲକ୍ଷ ୪୧ ହଜାର ଟଙ୍କା ଜବତ କରିଛି। ଭିଜିଲାନ୍ସ ଟିମ୍ ତାଙ୍କ ବ୍ୟାଙ୍କ୍ ବାଲାନ୍ସ ଏବଂ ଲକର ଯାଞ୍ଚ କରୁଥିବା ବେଳେ କଳାଧନର ପରିମାଣ ବଢିବ ବୋଲି ଭିଜିଲାନ୍ସ କହିଛି। ବଡ଼ କଥା ହେଲା ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ବିଦ୍ୟୁତ୍‌ଙ୍କ ଭଉଣୀଙ୍କ ବାସଭବନରୁ ୭୦ଟି ୫୦୦ ଟଙ୍କିଆ ନୋଟ ଏକ ଟିଣ ବାକ୍ସରୁ ମିଳିଥିଲା।

ଭିଜିଲାନ୍ସ ଘର ଏବଂ ଫ୍ଲାଟ୍ ଆଦି ଖୋଳତାଡ଼ କରୁଛି। ବୁଧବାର ଭିଜିଲାନ୍ସ ତାଙ୍କୁ କୋର୍ଟ ଚାଲାଣ କରିବା ସହ ସମ୍ପୂର୍ଣ୍ଣ କଳାଧନର ହିସାବ ହେବ ବୋଲି ସୂଚନା ମିଳିଛି। ଅଭିଯୁକ୍ତ ବିଦ୍ୟୁତ୍ ରଞ୍ଜନ ଡେପୁଟି ମ୍ୟାନେଜର ଥିବାରୁ ସେ ଠିକାଦାରଙ୍କୁ ସହଯୋଗ କରୁଥିଲେ। କିଛି ହାତ ଗଣତି ଠିକାଦାରଙ୍କୁ ବିନା ଟେଣ୍ଡରରେ ଠିକା କାମ ଦେଉଥିଲେ। ଫଳରେ କଣ୍ଟ୍ରାକ୍ଟରମାନେ ତାଙ୍କୁ ପୁଳା ପୁଳା ଲାଞ୍ଚ ଟଙ୍କା ଦେଉଥିଲେ। ମଙ୍ଗଳବାର ସେ ଠିକାଦାରଙ୍କଠାରୁ ଲାଞ୍ଚ ଟଙ୍କା ନେଇଥିଲେ। ଖବର ପାଇ ଭିଜିଲାନ୍ସ ଟିମ୍ ତାଙ୍କୁ ପିଛା କରି ସମ୍ବଲପୁର ଷ୍ଟେଶନ ନିକଟରେ ଧରିଥିଲେ। ବିଦ୍ୟୁତ୍ ରଞ୍ଜନଙ୍କ ନାଁରେ ପୂର୍ବରୁ ମଧ୍ୟ ଲାଞ୍ଚ ନେବା ସମ୍ପର୍କିତ ଭିଜିଲାନ୍ସ ନିକଟରେ ଅଭିଯୋଗ ରହିଥିଲା।

# ବଡ଼ମ୍ବା ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରଫ

**କଟକ,୩୧।୩(କାର୍ତ୍ତିକ ସାହୁ)**

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

ବଡ଼ମ୍ବା ପଞ୍ଚାୟତ ସମିତିର ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟପ୍ରକାଶ ନାରାୟଣ ଭଞ୍ଜରାୟ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ମଙ୍ଗଳବାର ଗିରଫ ହୋଇଛନ୍ତି। ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ରହିଛି। ସେ ନିଜ ଆୟଠାରୁ ୧୨୮% ସମ୍ପତ୍ତି ରଖିଥିବା ଭିଜିଲାନ୍ସ ଆକଳନ କରିଛି। ନିଜ ପାଖରେ ଥିବା ସମ୍ପତ୍ତି ବାବଦରେ ସେ ଭିଜିଲାନ୍ସ ଅଧିକାରୀଙ୍କୁ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଏନେଇ କଟକ ଭିଜିଲାନ୍ସରେ ମାମଲା (ନଂ. ୧୪/୨୦୨୬) ରୁଜୁ ହୋଇଛି। କଟକ ଭିଜିଲାନ୍ସ ଅଦାଲତର ସର୍ଚ୍ଚ ୱାରେଣ୍ଟ ବଳରେ ଭଞ୍ଜରାୟଙ୍କ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଭିଜିଲାନ୍ସ ଚଢ଼ାଉ ବେଳେ ଭୁବନେଶ୍ୱର ପଟିଆ ଅଞ୍ଚଳରେ ଦୁଇମହଲା କୋଠାଘର ସମେତ ଭୁବନେଶ୍ୱର, ଢେଙ୍କାନାଳ ଓ ଚୌଦ୍ୱାରଠାରେ ୫ଟି ଉଚ୍ଚ ମୂଲ୍ୟଯୁକ୍ତ ପ୍ଲଟ୍ ରହିଥିବା ଜଣାପଡ଼ିଛି। ଏଥିସହ ୧୩୩ ଗ୍ରାମ୍ ସୁନା, ୪୧.୫୬ ଲକ୍ଷ ଟଙ୍କା ଜମାରାଶି, ପ୍ରାୟ ୮ ଲକ୍ଷ ଟଙ୍କାର ଘରକରଣା ସାମଗ୍ରୀ ଓ ୧ଟି ହୁଣ୍ଡାଇ କ୍ରେଟା କାର୍ ଆଦି ଭିଜିଲାନ୍ସ ଠାବ କରିଛି। ତଦନ୍ତ ଚାଲୁ ରହିଥିବା ବେଳେ ତାଙ୍କୁ କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯିବ ବୋଲି ଜଣାପଡ଼ିଛି।


# Classified Everyday
0674-2580101, 9692975378


MATRIMONIAL

## BRIDE WANTED

ବାହାହବା ପାଇଁ ଓକିଲ ଝିଅ ଦରକାର। N6- 44, I.R.C. Santosh Das, 8280582509. D-3794

ବାହାଘର ପାଇଁ ପୋଲିସ ଝିଅ ଦରକାର। N6-44, I.R.C. Mo-7978120820 Kamala Das. D-3768

## GROOM WANTED

60 ବୟସ୍କା Pension Holder Widow ନିଜର Business କରୁଥିବା ଖଣ୍ଡାୟତ ଝିଅଙ୍କୁ ପୁଅ ଦରକାର। Urgent 8249280543. D-3770


REAL ESTATE

## SALE

PRIME LAND FOR SALE AT ANGUL- Boundary wall plots near RIMIT College, just 100m from NH-16, 15ft. road, East/West facing. High growth area- perfect for home. Limited plots- grab fast! Best price. Contact: 8249696877. D-3781

କଟକ ଭୁବନେଶ୍ୱର ମଧ୍ୟଭାଗରେ ଥିବା Sum Hospital-2 ଏବଂ Grand Bazar NH- 16 ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି Sc/ General Plot କିଣନ୍ତୁ, ଗୃହନିର୍ମାଣ କରନ୍ତୁ। 8249422604. D-3800

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25




Newly open spa positively health benefits (Expert therapist). Kalpana - 8984846329. D-76957

All types hair cutting, body massage by smart lady, one hour 700/-. Room services available. Contact: 7788888200. D-76307


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## LOST

ମୁଁ, ଶ୍ରୀ ସନ୍ଦୀପ ରାୟ, ସା- କଲ୍ୟାଣୀ, ୟୁନିଟ୍-୮, ଗଭର୍ଣ୍ଣର ହାଉସ ନିକଟ ଥାନା କ୍ୟାପିଟାଲ ଭୁବନେଶ୍ୱର, ପିନ୍- ୭୫୧୦୦୧, ଧଉଳି ଥାନାରେ ତା।୩୧।୦୩।୨୦୨୬ରିଖରେ କରିଥିବା ଅଭିଯୋଗ ଅନୁଯାୟୀ ଆପଣଙ୍କ ଗୋଚରାର୍ଥେ ଜଣାଉଅଛିକି ଗତ ତା.୨୦।୦୩।୨୦୨୬ରିଖରେ ମୁଁ ମୋର ଖାରବେଳ ନଗର ଘରୁ ଶ୍ରୀମତୀ ନୀଳିମା ରାୟଙ୍କର କବଲା ଏବଂ ପଟ୍ଟା ଅନ୍ୟ ଜିନିଷ କବଲା ନଂ.୪୫୦୯ ଯାହା ୧୯ ଅଗଷ୍ଟ ୧୯୯୭ ମସିହାରେ କୃଷ୍ଣପୁର ମୌଜାର ରାଜ କିଶୋର ରାଉତଙ୍କଠାରୁ କିଣିଥିଲି। ଯାହାର ଖାତା ନଂ. ୧୬୫/୧୫, ପ୍ଲଟ୍- ୨୬୨, ୨୭୫, ୨୬୩, ୩୫୫, ୩୫୬ ପ୍ଲଟ୍ ଥିଲା। ବାଟରେ ଆସିବା ସମୟରେ ଧଉଳି ଛକ ନିକଟରେ କେଉଁଆଡ଼େ ହଜିଯାଇଛି। ଯେଉଁ ସହୃଦୟ ବ୍ୟକ୍ତି ଏହା ପାଇଥିଲେ ନିମ୍ନ ମୋବାଇଲ ନମ୍ବରରେ ଜଣାଇବାକୁ ଅନୁରୋଧ। ମୋ. ୯୪୩୮୭୦୧୬୨୮। ଧ-୩୮୦୧

## AFFIDAVIT

By virtue of an affidavit sworn before the Executive Magistrate, Boudh, No.281, Dtd.- 30.03.26, I, Prafulla Naik, R/o. Village- Nagapali, P.O.- Khamaripada, P.S./Dist.- Boudh, Odisha, PIN- 762014 declare that I have changed the name of my daughter from Sangita Naik to Sanjukta Naik. Henceforth, she shall be known as Sanjukta Naik for all purposes.
Prafulla Naik
D-3799

## LEGAL NOTICE

IN THE COURT OF JUDGE, FAMILY COURT, BHUBANESWAR, C.P. No. 798/2025
Kanakalata Lenka .....Petitioner
Versus
Manojit Lenka .....Respondent
NOTICE U/O-5 RULE 20 OF CPC
To.
Manojit Lenka, aged about 45 years, S/o.- Late Patitapaban Lenka, At- Rananja, P.O.- Ranital, P.S.- Bhadrak (R), Dist.- Bhadrak, Odisha.

Whereas the above named petitioner has preferred this proceeding for divorce U/s- 13 of Hindu Marriage Act against you and despite issuance of summon through the court and registry post, you are keeping yourself out of way to avoid the service of summons.

You are hereby directed to appear before this Hon'ble Court in person or through a pleader duly instructed to answer the claim on 30.04.2026 at 10.30 AM.

Take notice in default of your appearance on the day before maintained the proceeding will be heard and determined in your absence.

Given under my hand and the seal of the Court this 25th day of March, 2026.
Sd./- Judge, Family Court, Bhubaneswar
D-3798

ଆମ୍ଭେ ମନୋରମା ବଟୁ, ସ୍ୱା- ସୁଦର୍ଶନ ବଟୁ, ପି: ସ୍ୱର୍ଗତ ବାସୁଦେବ ଉପାଧ୍ୟାୟ, ଗ୍ରା/ପୋ- ଗୋରୁଆଳ, ଥା- ପୁରୀ ସଦର, ଜିଲ୍ଲା- ପୁରୀ, ହା-ଠିକଣା: ସା- ବଡୁସାହି, ପୋ- ପୁରୁଣା ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ଘୋଷଣା କରୁଛୁକି, ଆମ୍ଭ ପିତାଙ୍କ ମୃତାନ୍ତେ ଆମ୍ଭେ ଓ ଆମ୍ଭର ଭାଇ ତପନ କୁମାର ଉପାଧ୍ୟାୟ ଉତ୍ତରାଧିକାରୀ ହୋଇଥିବାରେ ଆମ୍ଭ ପିତାଙ୍କ ସମସ୍ତ ସମ୍ପତ୍ତିର ଆମ୍ଭେ ୧/୨ ଅଂଶୀଦାର ସ୍ୱତ୍ୱର ମାଲିକ ଅଟୁ। ମାତ୍ର ଆମ୍ଭ ବିନା ମଞ୍ଜୁରୀରେ ଆମ୍ଭର ଭାଇ ଆମ ଯୌଥ ପରିବାରର ସମ୍ପତ୍ତିକୁ ବିକ୍ରୟ ତଥା ଦାୟଗ୍ରସ୍ତ କରୁଥିବାରେ ଆମେ ବରିଷ୍ଠ ଦେୱାନୀ ଜଜ୍ ପୁରୀଙ୍କ ଅଦାଲତରେ ଏକ ବଂଟୁଆରା, ଘୋଷଣା ଓ ଅବୈଧ କିଣାବିକାକୁ ଅକାମୀ କରିବା ନିମନ୍ତେ ସିଏସ୍ ନଂ. ୫୩୭/୨୦୨୨ ନିମ୍ନ ସମ୍ପତ୍ତି ଉପରେ କେସ୍ ଦାୟର କରିଛୁ। ମାତ୍ର ବର୍ତ୍ତମାନ ଆମ୍ଭେ ବିଶେଷ ସୂତ୍ରରୁ ଅବଗତ ହେଉଛୁ ଯେ ଆମ ଭାଇ ଗୋରୁଆଳ ମୌଜ ଗ୍ରାମର ଆମ୍ଭ ପୈତୃକ ଘରଡିହ ସହ ଅନ୍ୟ ସମ୍ପତ୍ତିକୁ ବିକ୍ରୟ କରିବା ପାଇଁ ଗରାଖ ଖୋଜୁଛନ୍ତି।

ଆମ୍ଭେ ଏହି ନୋଟିସ ଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଉଛୁକି ଯଦି କେହି ବ୍ୟକ୍ତିବିଶେଷ ଆମ ବିନା ମଞ୍ଜୁରୀରେ ଆମର କୌଣସି ପୈତୃକ ସମ୍ପତ୍ତି କ୍ରୟ କରିବେ ବା କରାଇବେ ସେଥି ନିମନ୍ତେ ଆମ୍ଭର ଯାହା କ୍ଷତି ହେବ ସେଥିପାଇଁ ଉକ୍ତ ବ୍ୟକ୍ତି ଦାୟୀ ରହିବେ।

ସମ୍ପତ୍ତିର ବିବରଣୀ:
ଜିଲ୍ଲା- ପୁରୀ, ମୌଜା- ଗୋରୁଆଳ, ଖାତା- ୭୬୬, ପ୍ଲଟ୍- ୨୫୯୯, ଏରିଆ- ୦.୧୮ଡି., କିସମ- ଘରବାରି, ଜିଲ୍ଲା- ପୁରୀ, ମୌଜା- ତୋରଣ, ଖାତା- ୧୧୮୫/୯୩୬, ପ୍ଲଟ୍- ୨୩୮୯, ଏରିଆ- ଏ୦.୩୮ଡି., କିସମ- ସାରଦ-୧, ଜିଲ୍ଲା- ପୁରୀ, ମୌଜା- ତୋରଣ, ଖାତା- ୬୩୭/୨୦୭, ପ୍ଲଟ୍ ୧୭୦, ଏରିଆ- ଏ୧.୨୨ଡି., ଜିଲ୍ଲା- ପୁରୀ, ମୌଜା- ତୋରଣ, ଖାତା- ୭୩୭/୩୦୯, ପ୍ଲଟ୍- ୧୧୩୨, ଏରିଆ- ଏ୦.୪୪ଡି.
ସ୍ୱା./- ମନୋରମା ବଟୁ)
ଧ-୭୪୭୩୮

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ପୋଲିସ ବିରୋଧରେ ଅଭିଯୋଗ କଲେ ବିଧାୟିକା

**ଭୁବନେଶ୍ୱର,୩୧।୩(ତ୍ରିନାଥ ମହାନ୍ତି)**

**ନର୍ଲା ବିଧାୟିକାଙ୍କ ଝରକା ଭାଙ୍ଗି ପୋଲିସ ପଶିବା ଘଟଣା**

ନର୍ଲା ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ଘର ଝରକା ଭାଙ୍ଗି ନର୍ଲା ପୋଲିସ ପଶିବା ଘଟଣାରେ ଖାରବେଳନଗର ଥାନାରେ ଅଭିଯୋଗ ହୋଇଛି। ବିଧାୟିକା କେସିଙ୍ଗା ଏସ୍‌ଡିପିଓ ଓ ଅନ୍ୟ ଦୁଇ ପୋଲିସ ଅଫିସରଙ୍କ ନାଁରେ ଅଭିଯୋଗ କରିଛନ୍ତି। ପୋଲିସ ବିଧାୟିକଙ୍କ ଅଭିଯୋଗକୁ ଗ୍ରହଣ କରି ଏକ ଷ୍ଟେଶନ ଡାଏରୀ କରି ତଦନ୍ତ କରୁଛି। ବିଧାୟିକା ଅଭିଯୋଗରେ ଦର୍ଶାଇଛନ୍ତି, ବିନା ଅନୁମତିରେ ପୋଲିସ ତାଙ୍କ ଘରେ ପ୍ରବେଶ କରିଛି। ସେ ଘରେ ନ ଥିବାବେଳେ କବାଟ ଝରକା ଭାଙ୍ଗି ପୋଲିସ ଘରେ ପଶିଥିଲା। ବିଧାନସଭା ଚାଲିଥିବାବେଳେ ବାଚସ୍ପତିଙ୍କ ଅନୁମତି ନ ନେଇ କେମିତି ପୋଲିସ ପଶିଲା ବୋଲି ବିଧାୟିକା ପ୍ରଶ୍ନ କରିଛନ୍ତି। ଝିଅ ଓ ମହିଳା ସହକର୍ମୀ ପୋଷାକ ବଦଳାଉଥିବା ବେଳେ ତାଙ୍କ ପ୍ରତି ଦୁର୍ବ୍ୟବହାର ହୋଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି।

ପ୍ରକାଶ ଯେ, ନର୍ଲା ତହସିଲଦାର ବିଭୁପ୍ରସାଦ ସିଂଙ୍କ ଅଭିଯୋଗ ଆଧାରରେ ନର୍ଲା ଥାନାରେ ଏକ ମାମଲା ହୋଇଥିଲା। ନର୍ଲା ବିଧାୟିକାଙ୍କ ସ୍ୱାମୀ ତଥା ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ବିଭିନ୍ନ ସରକାରୀ କାମରେ ହସ୍ତକ୍ଷେପ କରିବା ସହ ବାଧା ସୃଷ୍ଟି କରି ଆସୁଥିଲେ, ଯାହାକୁ ତହସିଲଦାର ବିରୋଧ କରିବା ପରେ ବ୍ଲକ ଅଧ୍ୟକ୍ଷ ତହସିଲଦାରଙ୍କୁ ଫୋନ୍ କରି ଜୀବନରୁ ମାରିଦେବାକୁ ଧମକ ଦେଉଥିଲେ। ଜଣେ ଲୋକ ପ୍ରତିନିଧିଙ୍କ ସରକାରୀ କର୍ମଚାରୀଙ୍କ ପ୍ରତି ଏଭଳି ଆଚରଣ ସୁରକ୍ଷା ପ୍ରତି ଏବଂ ସମ୍ବିଧାନ ପ୍ରତି ପ୍ରଶ୍ନବାଚୀ ବୋଲି ନର୍ଲା ତହସିଲଦାର ଅଭିଯୋଗରେ ଦର୍ଶାଇଥିଲେ, ଯାହାକୁ ନେଇ ନର୍ଲା ଥାନାରେ କେସ୍ ନଂ-୭୨/୨୬ରେ ମାମଲା ରୁଜୁ କରାଯାଇଥିଲା। ଏହି ମାମଲା ଆଧାରରେ ନର୍ଲା ପୋଲିସ ସିଧା ବିଧାୟିକାଙ୍କ ଘରେ ଗତ ୨୬ ତାରିଖରେ ଚଢଉ କରିଥିଲା। ବିଧାୟିକାଙ୍କ ଘରର କବାଟ କେହି ନ ଖୋଲିବାରୁ ଝରକା ଭାଙ୍ଗି ପୋଲିସ ଘର ଭିତରକୁ ପଶିଥିଲା। ଖବର ପାଇ ଖାରବେଳନଗର ଥାନା ପୋଲିସ ବିଧାୟିକାଙ୍କ ଘରେ ପହଞ୍ଚି ନର୍ଲା ପୋଲିସକୁ ସହଯୋଗ କରିଥିଲେ। ଘର ଭିତରେ ଖୋଜିଥିଲେ ମଧ୍ୟ ବିଧାୟିକାଙ୍କ ସ୍ୱାମୀ ଦୁର୍ଗା ପ୍ରସାଦଙ୍କୁ ପାଇ ନ ଥିଲେ। ତେବେ ଘରୋଇ ସହାୟିକା ଏବଂ ତାଙ୍କ ଝିଅ ପୋଷାକ ବଦଳାଉଥିବା ବେଳେ ପୋଲିସ ପଶି ଦୁର୍ବ୍ୟବହାର କରିଥିବା ବିଧାୟିକା ଅଭିଯୋଗ କରିଛନ୍ତି। ଏନେଇ ଖାରବେଳନଗର ଥାନା ଅଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି, ନର୍ଲା ପୋଲିସ ତାଙ୍କ ଝରକା ଭାଙ୍ଗି ଘରକୁ ପଶିବା ସହ ଝିଅ ଏବଂ ମହିଳା ସହାୟିକାଙ୍କୁ ଦୁର୍ବ୍ୟବହାର କରିଥିବା ବିଧାୟିକା ଅଭିଯୋଗରେ ଲେଖିଛନ୍ତି। ଆମେ ଅଭିଯୋଗ ରଖି ଏକ ଷ୍ଟେଶନ ଡାଏରୀ କରି ତଦନ୍ତ କରୁଛୁ ବୋଲି ସେ କହିଛନ୍ତି।

# ୧୦୯ ବେଆଇନ ଗ୍ୟାସ୍ ସିଲିଣ୍ଡର ଜବତ: ଅଭିଯୁକ୍ତ ଗିରଫ

**କୁଜଙ୍ଗ, ୩୧।୩(ମନୋଜ ପ୍ରଧାନ)**

**ଜିଲା ପରିଷଦ ସଭ୍ୟଙ୍କ ଭୂମିକା ସନ୍ଦେହଘେରରେ**

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ପୋଲିସ ମଙ୍ଗଳବାର ମଧ୍ୟାହ୍ନରେ ସ୍ଥାନୀୟ ବାଲିତୁଠରେ ଚଢ଼ାଉକରି ୧୦୯ ବେଆଇନ ଗ୍ୟାସ୍ ସିଲିଣ୍ଡର ଜବତ କରିଛି। ଏହି କାରବାରରେ ସମ୍ପୃକ୍ତ ଅଭିଯୋଗରେ ବଡ଼ବୁଦା ଗ୍ରାମର ସାରଦା ପ୍ରସନ୍ନ ନାୟକଙ୍କୁ ପୋଲିସ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୯୩/୨୬) ରୁଜୁ କରାଯାଇଛି। ଉକ୍ତ ଚୋରା ସିଲିଣ୍ଡରଗୁଡ଼ିକୁ ଏରସମା ବ୍ଲକ ୪ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ତଥା ଏରସମା ବ୍ଲକ କଂଗ୍ରେସ ସଭାପତି ପିନାକୀ ନାରାୟଣ ଦାସଙ୍କ ଘରୁ ଜବତ କରାଯାଇଛି। ଅଭିଯୁକ୍ତ ସାରଦା ଜିଲା ପରିଷଦ ସଭ୍ୟଙ୍କ ନିକଟ ସମ୍ପର୍କୀୟ ହୋଇଥିବାରୁ ତାଙ୍କ ଭୂମିକା ମଧ୍ୟ ସନ୍ଦେହଘେରରେ ରହିଛି।

ପ୍ରକାଶ ଯେ, ସାରଦା ବେଆଇନ ଭାବେ ବହୁଦିନରୁ ଚୋରା ଗ୍ୟାସ୍ ବେପାର କରିବା ସହ ବେଆଇନ ଭାବେ ଗ୍ୟାସ୍ ଫିଲିଂ କରୁଥିଲେ। କୁଜଙ୍ଗ ପୋଲିସ ବିଶେଷ ସୂତ୍ରରୁ ଖବରପାଇ ମଙ୍ଗଳବାର ସାରଦା ଚଳାଇଥିବା ଦୋକାନ ଓ ଜିଲା ପରିଷଦ ସଭ୍ୟଙ୍କ ଘରେ ଥିବା ଗୋଦାମ ଉପରେ ଚଢ଼ାଉ କରି ଉପରୋକ୍ତ ଗ୍ୟାସ୍ ସିଲିଣ୍ଡର ଜବତ ହୋଇଥିବା ଥାନା ଅଧିକାରୀ ବଂଶୀଧର ପ୍ରଧାନ କହିଛନ୍ତି। ସେଥିମଧ୍ୟରେ କେତେକ ଗ୍ୟାସ୍‌ଭର୍ତ୍ତି ସିଲିଣ୍ଡର ରହିଛି ବୋଲି ସେ ପ୍ରକାଶ କରିଛନ୍ତି।

ଗତ ୨୩ ତାରିଖରେ ୨ଟି ଟ୍ରାକ୍ଟରରେ ମାଟି ଚୋରା ଚାଲାଣ ହେଉଥିବାବେଳେ ଜଣେ ଖବରଦାତା ଉକ୍ତ ଦୃଶ୍ୟ ଉତ୍ତୋଳନ କରିବାରୁ ଟ୍ରାକ୍ଟର ଚାଳକମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଚଢ଼ାଉ ସମୟରେ ଉକ୍ତ ଟ୍ରାକ୍ଟରଦ୍ୱୟକୁ ସମ୍ପୃକ୍ତ ଜିଲା ପରିଷଦ ସଭ୍ୟଙ୍କ ବାଡ଼ିରୁ ପୋଲିସ ଜବତ କରିଛି। ଏନେଇ ଜିଲା ପରିଷଦ ସଭ୍ୟ ପିନାକୀଙ୍କୁ ପଚାରିବାରେ ଅଭିଯୁକ୍ତ ସାରଦା ସମ୍ପର୍କରେ ତାଙ୍କ ମାମୁଁ। ତେଣୁ ବିନା ଏଗ୍ରିମେଣ୍ଟରେ ଘର ଭଡ଼ା ଦେଇଥିଲେ। ସେ ଚୋରା ବେପାର କରନ୍ତି ବୋଲି ପିନାକୀ ଜାଣି ନ ଥିବା ପ୍ରକାଶ କରିଛନ୍ତି। ଟ୍ରାକ୍ଟର ଲୁଚାଇବା ସମ୍ପର୍କରେ ସେ କହିଛନ୍ତି, ତାଙ୍କ ଅଜାଣତରେ ବାଡ଼ିରେ ଟ୍ରାକ୍ଟର ରଖାଯାଇଛି।

# ଛେଳି, ମେଣ୍ଢାଙ୍କୁ ପିପିଆର୍ ଟିକା



ଏଣ୍ଟାରୋଟକ୍ସେମିଆ ଓ ପିପିଆର୍ ରୋଗର ଟିକା ଛେଳି ଓ ମେଣ୍ଢାମାନଙ୍କୁ ପଶୁଡାକ୍ତରଙ୍କୁ ଯୋଗାଯୋଗ କରି ନିଶ୍ଚିତ ଭାବେ ଦିଅନ୍ତୁ । ଛେଳି ଓ ମେଣ୍ଢାମାନଙ୍କୁ ସକାଳ ୬ ଘଟିକା ଠାରୁ ୧୦ ଘଟିକା ଓ ଅପରାହ୍ନ ୪ଘଟିକାଠାରୁ ୬ଘଟିକା ପର୍ଯ୍ୟନ୍ତ ଚରିବାକୁ ବାହାରକୁ ଛାଡ଼ନ୍ତୁ । ଗୁହାଳରେ ଯଥେଷ୍ଟ ପରିମାଣରେ ଥଣ୍ଡାପାଣି ରଖନ୍ତୁ । ଛେଳି ଓ ମେଣ୍ଢାମାନଙ୍କୁ ନିକଟସ୍ଥ ପଶୁଡାକ୍ତରଙ୍କ ପରାମର୍ଶରେ କୃମିନାଶକ ଦିଅନ୍ତୁ । ଏହି ମାସରେ ଛେଳି ଓ ମେଣ୍ଢାମାନେ ଚରିଲେ ମଧ୍ୟ ଯଥେଷ୍ଟ ଘାସ ପାଇ ନ ଥାନ୍ତି । ତେଣୁ ଛେଳି ବା ମେଣ୍ଢା ପିଛା ୧୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ ଏବଂ ଡାଳପତ୍ର କାଟି ଖାଇବାକୁ ଦିଅନ୍ତୁ ।

# ଖରାଟିଆ ମୁଗ ଫସଲରେ ଜଳସେଚନ

**ଖ**ରାଟିଆ ମୁଗ ଫସଲରେ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଙ୍କଟ କାଳରେ ଅର୍ଥାତ୍ ଫୁଲ, ଫଳ ବା ଛୁଇଁ ଧରିବା ଅବସ୍ଥା, ଦାନା ଗଠନ ଓ ଛୁଇଁର ଦାନା ପୂରଣ ଅବସ୍ଥାରେ ଜଳସେଚନ କରନ୍ତୁ। ଡାଲି ଫସଲରେ ପତ୍ରଖିଆ ପୋକ, ଧଳାମାଛି, ଜଉପୋକ, ପତ୍ର ଉଙ୍କୁଣି, ଝାଉଁଳା ରୋଗ, ପତ୍ରଦାଗ ରୋଗ, ସାହେବୀ ରୋଗ ଆଦି ଲାଗିବା ସମ୍ଭାବନା ରହିଛି । ପୋକ ଓ ସାହେବୀ ରୋଗ ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୫୦୦ ମି.ଲି. ପାଇରିପ୍ରୋକ୍ସିଫେନ୍ (୧୦ ଇ.ସି.) ୫୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ । ରୋଗ ନିୟନ୍ତ୍ରଣ କରିବାକୁ ହେକ୍ଟର ପ୍ରତି ୧୨୫୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫୁଲ ଆସିବା ସମୟରେ ହେକ୍ଟର ପ୍ରତି ୨୫୦ ମି.ଲି. ଟ୍ରାଇକୋଣ୍ଟାନାଲ ବା ୧୨୫ ମି.ଲି. ଫାଣ୍ଟାକ୍‌କୁ ୨୫୦ ଲିଟର ପାଣିରେ ମିଶାଇ ସିଞ୍ଚନକଲେ ଅଧିକ ସଂଖ୍ୟାରେ ଫୁଲ ହେବା ସଙ୍ଗେ ସଙ୍ଗେ ଛୁଇଁଗୁଡ଼ିକ ଲମ୍ବା ଓ ହୃଷ୍ଟପୁଷ୍ଟ ହୁଏ ।



## ଏ ମାସର କୃଷି ସୂଚନା

# ନଳିତାଚାଷ ପାଇଁ ପ୍ରସ୍ତୁତି

**ନ**ଳିତା ବୁଣିବା ପାଇଁ ମାଟିକୁ ଭଲଭାବରେ ଗୁଣ୍ଡକରି ହେକ୍ଟର ପ୍ରତି ୧୨ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ଶେଷ ଓଡ଼ ଚାଷରେ ପିତା ନଳିତାରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ଏବଂ ମଧୁର ନଳିତାରେ ୨୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ମୂଳସାର ହିସାବରେ ପ୍ରୟୋଗ କରନ୍ତୁ । ଧାଡ଼ିରେ ବୁଣିଲେ ନିର୍ବାଚିତ କିସମରୁ ହେକ୍ଟର ପ୍ରତି ୭.୫ କି.ଗ୍ରା. ପିତା ନଳିତା ବା ୫ କି.ଗ୍ରା. ମଧୁର ନଳିତା ବୁଣନ୍ତୁ । ଛଟାବୁଣା କରୁଥିଲେ ହେକ୍ଟର ପ୍ରତି ୧୦ କି.ଗ୍ରା. ପିତା ନଳିତା ବା ୭.୫ କି.ଗ୍ରା. ମଧୁର ନଳିତା ବୁଣନ୍ତୁ । ମଧୁର ନଳିତା ୨୫ ସେ.ମି. x ୧୦ ସେ.ମି. ବ୍ୟବଧାନ ଓ ପିତା ନଳିତା ୩୦ ସେ.ମି. x ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ । ବୁଣିବା ପୂର୍ବରୁ ୧ କି.ଗ୍ରା. ମଞ୍ଜି ପ୍ରତି ୩ ଗ୍ରାମ୍ ଥିରାମ୍ କିମ୍ବା ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୨ ଗ୍ରାମ୍ କାର୍ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ ।

**ଡାଲୁଅ ଧାନ**

ଡାଲୁଅ ଧାନରେ ସମୟୋପଯୋଗୀ ଜଳସେଚନ କରନ୍ତୁ । ସାର ପ୍ରୟୋଗର ୧ ଦିନ ପୂର୍ବରୁ କ୍ଷେତରୁ ଜଳ ନିଷ୍କାସନକରି ସାର ପ୍ରୟୋଗର ୪୮ ଘଣ୍ଟା ପରେ ୫ ସେ.ମି. ଜଳ ବାନ୍ଧି ରଖନ୍ତୁ । ଧାନ ଫୁଲ ଉଡ଼ାଇବାର ୨୦ ଦିନ ଆଗରୁ ଓ ୧୦-୧୫ ଦିନ ପର୍ଯ୍ୟନ୍ତ କ୍ଷେତ୍ରରେ ୩-୫ ସେ.ମି. ପାଣି ବାନ୍ଧି ରଖନ୍ତୁ। ଧାନକେଣ୍ଡାର ୮୫% ପାଚିଗଲେ ଅମଳ କରନ୍ତୁ ।

**ଗହମ**

ଗହମ ଗଛ ଶୁଖି ହଳଦିଆ ପଡ଼ିଗଲେ ଓ କେଣ୍ଡାକୁ ବଙ୍କେଇ ଦେଲେ ଯଦି ସହଜରେ ଭାଙ୍ଗିଯାଏ ତେବେ ଗହମ ଫସଲ ଅମଳ ପାଇଁ ଉପଯୁକ୍ତ । ଅମଳ ପରେ ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

**ଚିନାବାଦାମ**

ଚିନାବାଦାମ ଫସଲ ଅମଳକରି ୨-୩ ଦିନ ଖରାରେ ଶୁଖାଇ ବସ୍ତାରେ ସାଇତି ରଖନ୍ତୁ। ଆର୍ଦ୍ରତା କମାଇବା ଏବଂ ପୋକ ନ ଲାଗିବା ପାଇଁ ୩୦ କି.ଗ୍ରା. ବିହନରେ ୨୫୦ ଗ୍ରାମ୍ କ୍ୟାଲ୍‌ସିୟମ୍ କ୍ଲୋରାଇଡ୍ ବସ୍ତା ଭିତରେ ରଖନ୍ତୁ ।

**ପନିପରିବା**

ଖରାଟିଆ ପନିପରିବା ଯଥା କଲରା, କାକୁଡ଼ି, ଜହ୍ନି, ଖଡ଼ା, ଲେଉଟିଆ, ପୋଇ, ଲାଉ, କଖାରୁ, ବାଇଗଣ, ଲଙ୍କା, ଭେଣ୍ଡି, ଛଚିନ୍ଦ୍ରା ଆଦି ଲାଭଜନକ ଭାବେ ଚାଷ କରାଯାଇପାରିବ । ପୋଟଳ ଗଛର ଫୁଲ କଷି ହୋଇ ଫଳ ହେଉଥିଲେ ଗଛ ମୂଳରୁ ଘାସ ବାଛି ଖୁସାଇ ସାର ପ୍ରୟୋଗ କରନ୍ତୁ । କଖାରୁ ଜାତୀୟ ଫସଲରେ ଫଳ ଖସି ପଡୁଥିଲେ ପ୍ଲାନୋଫିକ୍ସ ୧ ମି.ଲି./୪.୫ ଲିଟର ପାଣିରେ ମିଶାଇ ଉପରଓଳି ସ୍ପ୍ରେ କରନ୍ତୁ । ଫଳମାଛି ଲାଗିଲେ ମଧ୍ୟ କଖାରୁ ଜାତୀୟ ଫସଲର ଫଳ ଝଡ଼ିଯାଇଥାଏ ଓ ଏହା ବଙ୍କା ମଧ୍ୟ ହୋଇଯାଇଥାଏ । ମାଟିର ବତର ଦେଖି ପାଣି ଦିଅନ୍ତୁ । ତରଭୁଜ ପାଚିଲା ପରେ ତୋଳନ୍ତୁ । ତରଭୁଜ ସମ୍ପୂର୍ଣ୍ଣ ପାକଳ ହୋଇ ନ ଥିଲେ ତରଭୁଜ ଫାଟିବାକୁ କମ୍ କରିବା ପାଇଁ ବୋରାକ୍ସ ୨ ଗ୍ରାମ୍/୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।



**ଗୋପାଳନ**

ଦୁଧିଆଳୀ ଗାଈ ଓ ବଳଦଙ୍କୁ ଫାଟୁଆ ରୋଗର ପ୍ରତିଷେଧକ ଟିକା ୬ ମାସ ଅନ୍ତରରେ ଥରେ ଦିଅନ୍ତୁ। ଦୁଧିଆଳୀ ଗାଈକୁ ଗ୍ରୀଷ୍ମ ଉତ୍ତାପରୁ ରକ୍ଷା କରିବା ପାଇଁ ଛାଇ ଜାଗାରେ ବାନ୍ଧନ୍ତୁ ଓ ଯଥେଷ୍ଟ ପରିମାଣରେ ଥଣ୍ଡାପାଣି ପିଇବାକୁ ଦିଅନ୍ତୁ । ଅଧିକ ଗରମରୁ ରକ୍ଷା ପାଇଁ ଗାଈମାନଙ୍କୁ ଦିନ ୧୨ଟାରେ ଥରେ ଓ ଦିନ ୪ଟା ବେଳକୁ ଆଉ ଥରେ ଥଣ୍ଡାପାଣିରେ ଗାଧୋଇ ଦିଅନ୍ତୁ ।

**କୁକୁଡ଼ା ଓ ବତକ ପାଳନ**

କୁକୁଡ଼ା ଓ ବତକଙ୍କ କକ୍‌ସିଡିଆ ବା ନାଳରକ୍ତ ଝାଡ଼ାର ପ୍ରତିକାର ପାଇଁ କକ୍‌ସିଡିଆ ନିରୋଧୀ ଔଷଧ ଦାନା ବା ପାଣିରେ ନିୟମିତ ପ୍ରୟୋଗ କରନ୍ତୁ । ପ୍ରବଳ ଖରାତାପରୁ କୁକୁଡ଼ାମାନଙ୍କୁ ରକ୍ଷାକରିବା ପାଇଁ କୁକୁଡ଼ାଘରର ଟିଣଛାତ କିମ୍ବା ଆଜ୍‌ବେଷ୍ଟସ୍ ଛାତ ଉପରେ ନଡ଼ା ଛାଉଣି କରନ୍ତୁ । ମାଟିହାଣ୍ଡିରେ ପାଣି ରଖି ଥଣ୍ଡାପାଣିକୁ କୁକୁଡ଼ାଙ୍କୁ ପିଇବାକୁ ଦିଅନ୍ତୁ । ଅଧିକ ଗରମ ବେଳେ ଦିନ ୧୨ଟାରୁ ୪ଟା ପର୍ଯ୍ୟନ୍ତ କୁକୁଡ଼ାଙ୍କୁ ଦାନା ଖାଇବାକୁ ଦିଅନ୍ତୁ ନାହିଁ । ଦୁଇ ମାସରୁ ଅଧିକ ବୟସର କୁକୁଡ଼ାଙ୍କୁ ଘୁମାରୋଗ ନ ହେବା ପାଇଁ ପଶୁଡାକ୍ତରଙ୍କ ସହାୟତାରେ ଆର୍ ଟୁ ବି ଟିକା ଦିଅନ୍ତୁ।

**ମାଛଚାଷ**

ଏକ ହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ପ୍ରତିଦିନ ସମପରିମାଣର କୃତ୍ରିମ ଖାଦ୍ୟ ମିଶ୍ରଣ (ଚିନାବାଦାମ ପିଡ଼ିଆ ଓ କାଣ୍ଡିଆକୁଣ୍ଡା) ପ୍ରତ୍ୟେକରୁ ୮ କିଲୋ ୭୫୦ ଗ୍ରାମ୍ ଲେଖାଏ ସମୁଦାୟ ୧୭ କିଲୋ ୫୦୦ ଗ୍ରାମ୍ ପ୍ରୟୋଗ କରିବା ଆବଶ୍ୟକ ।

**ମହୁଚାଷ**

ମହୁବାକ୍ସଗୁଡ଼ିକ ଗଛ ତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସଗୁଡ଼ିକ ଉପରେ ନଡ଼ା କିମ୍ବା ଅଖା ଦେଇ ଛାଇର ବ୍ୟବସ୍ଥା କରନ୍ତୁ। ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି । ତେଣୁ ନିୟମିତ ପରିଦର୍ଶନକରି ଆବଶ୍ୟକ ସ୍ଥଳେ ବାକ୍ସଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭-୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଗ୍ରୀଷ୍ମଋତୁ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳକରି ଦିଅନ୍ତୁ। ଦଳ ବିକିବାକୁ ଚାହୁଁଥିଲେ ଦଳ ବିଭାଜନକରି ବିକ୍ରୟ କରନ୍ତୁ।

**ଛତୁଚାଷ**

ପାଳଛତୁ ଚାଷ କରୁଥିଲେ ଖରାଦିନେ ଛତୁ ବେଡ୍‌ର ଉପଯୁକ୍ତ ଯତ୍ନ ନିଅନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର-୩

# ସୂର୍ଯ୍ୟମୁଖୀ ଚାଷରେ ରୋଗପୋକ ଦମନ

**ସୂ**ର୍ଯ୍ୟମୁଖୀ ଚାଷରେ ଧଳାମାଛି ଦମନ କରିବା ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୧୦୦-୧୪୦ ମି.ଲି. ଇମିଡାକ୍ଲୋପ୍ରିଡ୍ (୧୭.୮% ଏସ୍‌ଏଲ୍) ଔଷଧ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଝାଉଁଳା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ। ପତ୍ରଚିତା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୨୦୦୦ ଗ୍ରାମ୍ ମାନ୍‌କୋଜେବ୍ ବା ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫ୍ୟାନେଟ୍ ମିଥାଇଲ ୫୦୦ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପଡ଼ିବ । କଳଙ୍କି ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୫ ମି.ଲି. ଡାଇଫେନୋକୋନାଜୋଲ୍ କିମ୍ବା ଅକ୍ସିକାର୍ବୋକ୍ସିନ୍ ୨ ଗ୍ରାମ୍/ଲିଟର ମିଶାଇ ପତ୍ର ସିଞ୍ଚନ କରନ୍ତୁ । ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।



## ଚାଷୀଙ୍କ ପାଇଁ

- ସୋରିଷ ଚାଷ କରୁଥିଲେ ଆବଶ୍ୟକତା ନେଇ ଜଳସେଚନ କରନ୍ତୁ । ଜଉପୋକ ପ୍ରତିକାର ପାଇଁ ହେକ୍ଟର ପିଛା ଏକ ଲିଟର ରୋଗର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍‌ଏଲ୍ ୧୨୦ ମି.ଲି. ସିଞ୍ଚନ କରନ୍ତୁ । କରଡିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ସୂର୍ଯ୍ୟମୁଖୀ ଚାଷରେ ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ । ମାଟିର ବତର ଦେଖି ଜଳସେଚନ କରନ୍ତୁ ।
- ଲିଚୁ ଓ ସପେଟା ଗଛରେ ଫଳ ଧରି ଆସିବାର ଦେଖିଲେ ଜଳସେଚନ କରନ୍ତୁ ଓ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ସିଞ୍ଚନ କରନ୍ତୁ । ଫୁଲ ବା ବଉଳ ଆସିବା ପୂର୍ବରୁ ଗଛରେ ପାଣି ଦିଅନ୍ତୁ ନାହିଁ ।
- ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଟିଡ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।
- ଚିନାବାଦମ ବୁଣିବାର ୨/୩ ସପ୍ତାହ ବେଳକୁ ଖୁସାଇ ଘାସ ବାଛିଦିଅନ୍ତୁ । ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ୨ପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ଶଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ ।



## ଅନ୍ତରେ...

- ଆଖୁଚାଷରେ ପ୍ରଥମ ସାର ପ୍ରୟୋଗର ୩୦ ଦିନ ପରେ ଅର୍ଥାତ୍ ଆଖୁ ଲଗାଇବାର ୬୦ ଦିନ ପରେ ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ଦ୍ୱିତୀୟ କିସ୍ତିରେ ପ୍ରୟୋଗକରି ହୁଡ଼ା ଟେକନ୍ତୁ ଓ ଜଳସେଚନ କରନ୍ତୁ ।
- ଧାନ ବଦଳରେ ଅଣଧାନ ଫସଲ ଯଥା ମକା, ବରଗୁଡ଼ି, ହରଡ଼, ବିରି, ମାଣ୍ଡିଆ, ଚିନାବାଦାମ, ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ।
- ଅମ୍ଳ ମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ । ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ ।
- ବ୍ୟବସାୟିକ ଭିତ୍ତିରେ ଗେଣ୍ଡୁ, ରଜନୀଗନ୍ଧା, ଜିନିଆ ଆଦି ଫୁଲଚାଷ କରନ୍ତୁ। ବାଡ଼ି ବଗିଚାର ଅଭାବରେ ଟେବୁଲ୍ ଗୋଲାପ, ଲିଲିୟମ୍ ଓ ସୂର୍ଯ୍ୟମୁଖୀ ଇତ୍ୟାଦି ଫୁଲକୁ କୁଣ୍ଡରେ ମଧ୍ୟ ଲଗାଯାଇ ପାରିବ । ବିହନ ମଞ୍ଜି, କୋଲା ଓ ଖଣ୍ଡରୁ ଚାରା ଉତ୍ପନ୍ନ କରାଯାଇ ପାରିବ ।
- ମରୁଡ଼ି ସହି ପାରୁଥିବା ଧାନ କିସମ ଯଥା- ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।



## ଲୋଟଣି ଜାତୀୟ ଚିନାବାଦାମ ଚାଷ

**ଲୋଟଣି** ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଆବଶ୍ୟକ । ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜକଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ । ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ମାଟିରେ ମିଶାଇ ଦିଅନ୍ତୁ। ପ୍ରଥମେ ଜମିକୁ ଗଭୀର ଚାଷକରି ମାଟି ଗୁଣ୍ଡକରନ୍ତୁ । ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ)। ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ।

# ଡାଲୁଅ ଧାନରେ କାଣ୍ଡବିନ୍ଧା ପୋକ ଦମନ



**ଡା**ଲୁଅ ଧାନରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଟିଡ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଡାଲୁଅ ଧାନରେ ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ସମ୍ଭାବନା ଅଛି। ଏହି ପୋକ ଲାଗିଲେ ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧/୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନ୍‌ପ୍ରକ୍ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ।

ଧରିତ୍ରୀ
DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧/୨୦୨୬ Bhubaneswar, Wednesday, April 1/ 2026



ଛତିଶଗଡରେ ଚାଲିଥିବା ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ ୫୭ କେଜି ଫ୍ରିଷ୍ଟାଇଲ କୁସ୍ତିର ସ୍ୱର୍ଣ୍ଣ ପଦକ ଲଢ଼େଇ ଅବସରରେ ଓଡ଼ିଶାର ଅଜିତ ଭୂୟାଁ (ଡାହାଣ)।

# ମହିଳା ୧୦୦ମି. ହର୍ଡଲ୍ସରେ ବାସନ୍ତିଙ୍କୁ ସ୍ୱର୍ଣ୍ଣ



ସ୍ୱର୍ଣ୍ଣ ପଦକ ସହ ବାସନ୍ତି ମାଝି।

**ଭୁବନେଶ୍ୱର, ୩୧।୩(ତପନ ସ୍ୱାଇଁ)**

**ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ**

ଛତିଶଗଡ଼ରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସର ମହିଳା ୧୦୦ ମିଟର ହର୍ଡଲ୍ସରେ ଓଡ଼ିଶାର ବାସନ୍ତି ମାଝି ସ୍ୱର୍ଣ୍ଣ ଓ କବିତା ଡାଡିଙ୍ଗୀ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ଏ ଦୁହେଁ କିଟ୍-କିସ୍‌ର ଛାତ୍ରୀ। ପୁରୁଷ ୪୦୦ ମିଟର ରେସ୍‌ରେ ରୌପ୍ୟ ଜିତିଛନ୍ତି ନୋବାଲ କୁମାର କିଷାନ। ସେ ୪୯.୩୪ ସେକେଣ୍ଡ ସମୟ ନେଇଥିଲେ। ସେହିପରି ଓଡ଼ିଶା ଲଙ୍ଗଜମ୍ପର ଭୀମା ସର୍ଦ୍ଦାର ରୌପ୍ୟ ଓ ଜିଓ୍ୱନମୁକ୍ତି ବିଲୁଙ୍ଗ୍ ବ୍ରୋଞ୍ଜ ପଦକ ପାଇଛନ୍ତି। ପୁରୁଷ ଡିସ୍‌କସ୍ ଥ୍ରୋରେ ବ୍ରୋଞ୍ଜ୍ ପଦକ ଜିତିଛନ୍ତି ଓଡ଼ିଶାର ଚନ୍ଦନେ ମୁନ୍ନା। ସେ ୩୩.୮୭ ମିଟର ଥ୍ରୋ କରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମହିଳା ୪x୧୦୦ ମିଟର ରିଲେରେ କିଟ୍-କିସ୍ ଦଳ ରୌପ୍ୟ ପଦକ ହାସଲ କରିଛି। ଯମୁନା ଟୁଡୁ, ରାମେଶ୍ୱରୀ ଗଣ୍ଡ ଓ ବାସନ୍ତି ମାଝି ପୋଡିୟମ ଫିନିଶ୍‌ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ଆଥଲେଟ୍‌ଙ୍କ ଚମତ୍କାର ପ୍ରଦର୍ଶନ ସହାୟତାରେ ଓଡ଼ିଶା ଦଳ ପଦକ ତାଲିକାର ଦ୍ୱିତୀୟ ସ୍ଥାନରେ ନିଜ ସ୍ଥିତିକୁ ସୁଦୃଢ଼ କରିଛି। ୧୩ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୫ ବ୍ରୋଞ୍ଜ ସହ ଓଡ଼ିଶା ପ୍ରତିନିଧି ଦଳ ମୋଟ ୩୭ ପଦକ ହାସଲ କରିଛି। ପଦକ ବିଜୟୀ ପ୍ରତିଯୋଗୀଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

## ଅଜିତ୍ ସ୍ୱର୍ଣ୍ଣ ବିଜୟୀ

**କଟକ,୩୧।୩(କୁମାରଶ୍ରୀ)**

ଛତିଶଗଡ଼ ଅମ୍ବିକାପୁର ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ ୫୭ କେଜି ଫ୍ରିଷ୍ଟାଇଲ କୁସ୍ତି ଇଭେଣ୍ଟରେ ଓଡ଼ିଶାର ଅଜିତ୍ ଭୂୟାଁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫାଇନାଲ ରାଉଣ୍ଡରେ ମହାରାଷ୍ଟ୍ରର ପାରସ ସୁଭାଷଙ୍କୁ ମାତ୍ର ୫୫ ସେକେଣ୍ଡରେ ୧୦-୦ ପଏଣ୍ଟରେ ଅଜିତ୍ ହରାଇ ଏହି ସଫଳତା ପାଇଛନ୍ତି। ଓଡ଼ିଶା କୁସ୍ତି ସଂଘ ସମ୍ପାଦକ କିଶୋର ବେହେରା ଅଜିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ସଫଳତା ରାଜ୍ୟର ଅନ୍ୟ କୁସ୍ତି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବ ବୋଲି କିଶୋର କହିଛନ୍ତି।

# ପଞ୍ଜାବର ରୋମାଞ୍ଚକ ବିଜୟ

**ଚଣ୍ଡିଗଡ଼,୩୧।୩**

ବୋଲରଙ୍କ ଦମଦାର ପ୍ରଦର୍ଶନ ପରେ କୁପର କନୋଲିଙ୍କ ଅର୍ଦ୍ଧଶତକ ବଳରେ ଗୁଜରାଟ ଟାଇଟନ୍ସ ବିପକ୍ଷରେ ମଙ୍ଗଳବାର ଖେଳାଯାଇଥିବା ଏକ ରୋମାଞ୍ଚକ ଆଇପିଏଲ୍ ମ୍ୟାଚ୍‌କୁ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ୩ ଉଇକେଟରେ ଜିତି ନେଇଛି। ଏଥିସହ ପଞ୍ଜାବ ବିଜୟ ସହିତ ଅଭିଯାନ ଆରମ୍ଭ କରିଛି।

ପଞ୍ଜାବର ପେସରଙ୍କର ମୁଖ୍ୟତଃ ଶର୍ଟ ପିଚ୍ ଓ ବାଉନ୍ସର ରଣନୀତି ଯୋଗୁ ଗୁଜରାଟ ବ୍ୟାଟରମାନେ କଦାପି ହାତଖୋଲି ବ୍ୟାଟିଂ କରିପାରି ନ ଥିଲେ। ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୬୨ ରନ କରିଥିଲା। ଦଳ ପାଇଁ ଶୁବମନ ଗିଲ୍ ୨୭ ବଲରେ ୩୯ (୬ ଚୌକା), ଖରାପ ଫର୍ମ ଦେଇ ଗତି କରୁଥିବା ବଟଲର ୩୩ ବଲରେ ୩୮ (୩ ଚୌକା ଓ ୨ ଛକା), ଗ୍ଲେନ ଫିଲିପ୍ସ ୧୭ ବଲରେ ୨୫ (୧ ଲେଖାଏ ଚୌକା ଓ ଛକା) ରନ କରିଥିଲେ। ୨୦ତମ ଓଭରରେ ଅର୍ଶଦୀପ ସିଂ ୪ ଓ୍ୱାଇଡ୍ ଓ ୧ ନୋ ବଲ୍ ସମେତ ୧୧ ବଲ୍ ପକାଇ ୧୨ ରନ୍ ବ୍ୟୟ କରିଥିଲେ। ପଞ୍ଜାବ ପାଇଁ ବିଜୟକୁମାର ବ୍ୟଶାକ ୩ ଓ ୟୁଜବେନ୍ଦ୍ର ଚହଲ ୨ ଉଇକେଟ ନେଇଥିଲେ। ଜବାବରେ ପଞ୍ଜାବ ଆରମ୍ଭରୁ ପ୍ରିୟାଂଶ ଆର୍ଯ୍ୟ (୭)ଙ୍କ ଉଇକେଟ ହରାଇଥିଲା। ନଂ-୩ରେ କୁପର କନୋଲି ଓ ଅନ୍ୟତମ ଓପନର ପ୍ରଭସିମରନ ସିଂ ଦ୍ୱିତୀୟ ଉଇକେଟରେ ୭୬ ରନ ଯୋଡ଼ିଥିଲେ। ସେଟ୍ ହୋଇସାରିଥିବା ପ୍ରଭସିମରନ ୨୪ ବଲରେ ୩୭ (୧ ଚୌକା ଓ ୪ ଛକା) ରନ କରି ଆଉଟ୍ ହୋଇଥିଲେ। ଅଧିନାୟକ ଶ୍ରେୟସ ଆୟାର (୧୮ ରନ, ୨ ଛକା) ପାଇଥିବା ଭଲ ଆରମ୍ଭକୁ ବଡ଼ ଇନିଂସରେ ପରିଣତ କରିବାରେ ବିଫଳ ହୋଇଥିବା ବେଳେ ନେହାଲ ଓ୍ୱାଧେରା (୩), ଶଶାଙ୍କ ସିଂ (୪), ମାର୍କସ ଷ୍ଟୋଇନିସ (୦) ନିରାଶ କରିଥିଲେ। ଫଳରେ ଏକଦା ୧୧୦ ରନରେ ୨ ଉଇକେଟ ହରାଇ ସୁବିଧାଜନକ ସ୍ଥିତିରେ ଥିବା ପଞ୍ଜାବ ୮ ରନ ମଧ୍ୟରେ ପରବର୍ତ୍ତୀ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏହାପରେ ମାର୍କୋ ଜାନସେନ (୯) ଓ ଜାଭିଅର ବାର୍ଟଲେଟ୍ (୧୧)ଙ୍କ ସହ କନୋଲି ମିଶି ଦଳକୁ ଜିତାଇଥିଲେ। ପଞ୍ଜାବ ୧୯.୧ ଓଭରରେ ୭ ଉଇକେଟ ହରାଇ ୧୬୫ ରନ କରି ନେଇଥିଲା। ପଦାର୍ପଣକାରୀ କନୋଲି ୪୪ ବଲରେ ୫ ଲେଖାଏ ଚୌକା ଓ ଛକା ସହିତ ୭୨ ରନ କରି ଅପରାଜିତ ରହିଥିଲେ। ଗୁଜରାଟ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୩ ଉଇକେଟ ନେଇଥିଲେ।



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ କୁପର କନୋଲି।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

ଲକ୍ଷ୍ନୌ ବନାମ ଦିଲ୍ଲୀ

ସ୍ଥାନ: ଲକ୍ଷ୍ନୌ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ: ୨୦ ଓଭରରେ ୧୬୨/୬ (ଶୁବମନ ଗିଲ-୩୯, ଜୋଶ ବଟଲର-୩୮, ୟୁଜବେନ୍ଦ୍ର ଚହଲ-୨/୨୮, ବିଜୟକୁମାର ବୈଶାକ-୩/୩୪, ମାର୍କୋ ଜାନସେନ-୧/୨୦)। ପଞ୍ଜାବ କିଙ୍ଗ୍ସ: ୧୯.୧ ଓଭରରେ ୧୬୫/୭ (କୁପର କନୋଲି-୭୨*, ପ୍ରଭସିମରନ ସିଂ-୩୭, ପ୍ରସିଦ୍ଧ କ୍ରିଷ୍ଣା-୩/୨୯, ଓ୍ୱାଶିଂଟନ ସୁନ୍ଦର-୧/୨୭)।

## ପିଏସ୍‌ଏଲ୍‌ରେ ବଲ୍ ଟାମ୍ପରିଂ: ଜମାନ ୨ ମ୍ୟାଚ୍‌ରୁ ବାସନ୍ଦ

**କରାଚୀ,୩୧।୩**

ପାକିସ୍ତାନର ଭେଟେରାନ୍ ବ୍ୟାଟର ଫଖର ଜମାନ ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍)ରେ ବଲ୍ ଟାମ୍ପରିଂ ଘଟଣାରେ ଦୋଷୀସାବ୍ୟସ୍ତ ହୋଇଛନ୍ତି। ଏଥିଯୋଗୁ ତାଙ୍କୁ ଦୁଇଟି ମ୍ୟାଚ୍‌ରୁ ବାସନ୍ଦ କରାଯାଇଛି।

ଜମାନ ଗତ ରବିବାର ଲାହୋର କଲନ୍ଦର୍ସ ଓ କରାଚୀ କିଙ୍ଗ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ଲାଗି ଉଦ୍ଦିଷ୍ଟ କୋଡ୍ ଅଫ୍ କଣ୍ଡକ୍ଟର ଧାରା ୨.୧୪ ଉଲ୍ଲଂଘନ କରିଥିଲେ। ଏଥିଯୋଗୁ ତାଙ୍କୁ ପିଏସ୍‌ଏଲ୍‌ର ଦୁଇଟି ମ୍ୟାଚ୍‌ରୁ ବାସନ୍ଦ କରାଯାଉଛି। ମ୍ୟାଚ୍ ରେଫରି ରୋଶନ ମହାନାମା ବଲ୍ ଟାମ୍ପରିଂ ଘଟଣାର ପ୍ରମାଣକୁ ଯାଞ୍ଚ କରିବା ପରେ ଶୃଙ୍ଖଳାଗତ ଶୁଣାଣି କରିଥିଲେ ବୋଲି ପିଏସ୍‌ଏଲ୍ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୧୨୯ ରନ୍ ଟାର୍ଗେଟ୍‌ର ପିଛା କରୁଥିବା କରାଚୀ କିଙ୍ଗ୍ସକୁ ଅନ୍ତିମ ଓଭରରେ ଜିତିବା ପାଇଁ ୧୪ ରନ୍ ଦରକାର ଥିଲା। ଓଭର ଆରମ୍ଭ ହେବା ପୂର୍ବରୁ ଜମାନ ବୋଲର ହାରିସ୍ ରୌଫ ଓ ଅଧିନାୟକ ଶାହିନ ଶାହ ଆଫ୍ରିଦିଙ୍କ ସହ ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା। ଏହାର କିଛି ସମୟ ପରେ ସେମାନଙ୍କଠାରୁ ଅମ୍ପାୟର ଫଇଜଲ ଆଫ୍ରିଦି ବଲ୍ ମାଗିଥିଲେ। ଅନ୍ୟ ଫିଲ୍ଡ ଅମ୍ପାୟରଙ୍କ ସହ ବଲ୍ ଯାଞ୍ଚ କରିବା ପରେ ବଲ୍‌ର କଣ୍ଡିଶନରେ ପରିବର୍ତ୍ତନ କରାଯାଇଥିବା ଜଣାପଡ଼ିଥିଲା। ବଲ୍ କଣ୍ଡିଶନରେ ପରିବର୍ତ୍ତନ କରିବା ଲାଗି ଅମ୍ପାୟରମାନେ କଲନ୍ଦର୍ସ ଦଳକୁ ୫ ରନ୍‌ର ପେନାଲ୍ଟି ଦେଇଥିଲେ ଏବଂ ବଲ ବଦଳାଇଥିଲେ।

## ହଂକଂକୁ ୨-୧ରେ ହରାଇଲା ଭାରତ

**କୋଚି, ୩୧।୩ (ପି.ଟି.)**

ଏସିଆନ୍ କପ୍ କ୍ୱାଲିଫାଇଂ ରାଉଣ୍ଡର ଏକ ଗୁରୁତ୍ୱହୀନ ମ୍ୟାଚ୍‌ରେ ଭାରତ ୨-୧ ଗୋଲ୍‌ରେ ହଂକଂକୁ ପରାସ୍ତ କରିଦେଇଛି। ଭାରତ ପକ୍ଷରୁ ପଦାର୍ପଣରେ ଖେଳର ୪ର୍ଥ ମିନିଟ୍‌ରେ ଅଷ୍ଟ୍ରେଲୀୟ ଜନ୍ମିତ ର୍ୟାନ ୱିଲିୟମ୍ସ ପ୍ରଥମ ଗୋଲ୍ ସ୍କୋର କରିଥିଲେ। ମଙ୍ଗଳବାର ଏଠାରେ ଖେଳାଯାଇଥିବା ଏହି ଗୁରୁତ୍ୱହୀନ କ୍ୱାଲିଫାୟର୍ସର ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ଅନ୍ୟ ଗୋଲ୍‌ଟିକୁ ଖେଳର ୫୦ତମ ମିନିଟ୍‌ରେ ସ୍କୋର କରିଥିଲେ ଆକାଶ ମିଶ୍ର। କୋଚ୍ ଖଲିଦ କମିଲଙ୍କ ତତ୍ତ୍ୱାବଧାନରେ ଭାରତର ଏହା ଥିଲା ପ୍ରଥମ ବିଜୟ। ଗ୍ରୁପ୍ ସି'ରେ ସ୍ଥାନ ପାଇଥିବା ଭାରତ ଗୋଟିଏ ବିଜୟ ଓ ଦୁଇଟି ଡ୍ର' ସହ ୫ ପଏଣ୍ଟ ଅର୍ଜନ କରି ଟେବୁଲର ନିମ୍ନ ସ୍ଥାନରେ ରହିଛି।

## ପ୍ରଥମ ବାଉଟ୍ ଜିତିଲେ ବିବାଦୀୟ ଲିନ୍

**ଉଲାନବାତାର,୩୧।୩(ଏପି)**

**ଏସିଆନ୍ ବକ୍ସିଂ ଚାମ୍ପିୟନଶିପ୍**

ତାଇଓ୍ୱାନ୍‌ର ବିବାଦୀୟ ବକ୍ସର ଲିନ୍ ୟୁ-ଟିଙ୍ଗ୍ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ ପରେ ଏସିଆନ୍ ଚାମ୍ପିୟନଶିପ୍‌ରେ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ବାଉଟ୍ ଜିତିଛନ୍ତି। ଚାମ୍ପିୟନଶିପ୍‌ରେ ଭାଗନେବା ପୂର୍ବରୁ ତାଙ୍କୁ ଲିଙ୍ଗ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିଥିଲା ବୋଲି ଓ୍ୱାର୍ଲ୍ଡ ବକ୍ସିଂ ପ୍ରକାଶ କରିଛି। ତାଇଓ୍ୱାନ୍‌ର ପ୍ରଥମ ବକ୍ସିଂ ଚାମ୍ପିୟନ ୬୦ କେଜି ରାଉଣ୍ଡ ଅଫ୍ ୧୬ରେ ଥାଇଲାଣ୍ଡର ଥାନାନ୍ୟାଙ୍କୁ ୫-୦ରେ ହରାଇ ଦେଇଥିଲେ। ଲିନ୍ ବର୍ତ୍ତମାନ କ୍ୱାର୍ଟର ଫାଇନାଲରେ ଫେଭରିଟ୍ ଜାପାନର ଆୟାକା ତାଗୁଚିଙ୍କୁ ଭେଟିବେ। ୩୦ ବର୍ଷୀୟା ଲିନ୍ ଦୁଇ ସପ୍ତାହ ପୂର୍ବରୁ ଏସୀୟ ଟାଇଟଲରେ ଅଂଶଗ୍ରହଣ ପାଇଁ ଅନୁମତି ପାଇ ନ ଥିଲେ। ଗତବର୍ଷ ବିଶ୍ୱ ବକ୍ସିଂ କ୍ରୀଡ଼ାର ଅଲିମ୍ପିକ୍ସସ୍ତରୀୟ ପରିଚାଳନା ସଂସ୍ଥା ଭାବେ ଦାୟିତ୍ୱ ଗ୍ରହଣ କରିଥିଲା ଏବଂ ଗତ ଅଗଷ୍ଟରେ ଏକ ଲିଙ୍ଗ ଯୋଗ୍ୟତା ନୀତି କାର୍ଯ୍ୟକାରୀ କରିଥିଲା, ଯେଉଁଥିରେ ସମସ୍ତ ବକ୍ସରଙ୍କୁ 'ଓ୍ୱାଇ' କ୍ରୋମୋଜୋମ୍‌ର ଉପସ୍ଥିତି ଚିହ୍ନଟ କରିବା ପାଇଁ ଥରେ ଜେନେଟିକ୍ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ। ସୂଚନାଯୋଗ୍ୟ, ଗତ ଡିସେମ୍ବରରେ ପ୍ୟାରିସ୍ ଅଲିମ୍ପିକ୍ସ ୬୦ କେଜି ଶ୍ରେଣୀରେ ବ୍ରୋଞ୍ଜ୍ ବିଜେତା ତଥା ଦୁଇଥର ବିଶ୍ୱ ଚାମ୍ପିୟନ ଲିନ୍ ନିଜ ଦେଶର ଉ ଶିହ୍-ୟିଙ୍କୁ ପରାସ୍ତ କରି ଏସିଆନ୍ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। କିନ୍ତୁ ଓ୍ୱାର୍ଲ୍ଡ ବକ୍ସିଂ ମାର୍ଚ୍ଚ ୧୯ ପର୍ଯ୍ୟନ୍ତ ଲିନ୍‌ଙ୍କ ଯୋଗ୍ୟତା ନିଶ୍ଚିତ କରି ନ ଥିଲା। ବିବୃତିରେ କେବଳ ବିଶ୍ୱ ବକ୍ସିଂ ପ୍ରତିଯୋଗିତାରେ ଅଂଶଗ୍ରହଣ ବିଷୟରେ ଉଲ୍ଲେଖ କରାଯାଇଥିଲା। ଲିନ୍ ଯଦି ଅଲିମ୍ପିକ୍ସରେ ପୁଣି ଭାଗନେବାକୁ ଚାହାନ୍ତି ତେବେ ତାଙ୍କୁ ଲିଙ୍ଗ ପରୀକ୍ଷଣର ସାମ୍ନା କରିବାକୁ ପଡ଼ିବ କି ନା ତାହା ସ୍ପଷ୍ଟ କରାଯାଇନାହିଁ। ଆଇଓସି ଗତବର୍ଷ ଏହାର ନୂଆ ନିୟମ ଘୋଷଣା କରିଥିଲା। ଏଥିରେ ଟ୍ରାନ୍ସଜେଣ୍ଡରଙ୍କ ଅଂଶଗ୍ରହଣକୁ ବାରଣ କରାଯାଇଥିଲା।



## ନିର୍ଯାତନା ଅଭିଯୋଗ: ପ୍ରତିକ୍ରିୟା ରଖିଲେ ଚୌବେ

**ନୂଆଦିଲ୍ଲୀ,୩୧।୩:** ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍)ର କାର୍ଯ୍ୟକାରୀ ସଦସ୍ୟା ଭାଲଙ୍କା ଆଲେମାଓ ଆଣିଥିବା ନିର୍ଯାତନା ଓ ସ୍ୱର ଚାପିବାକୁ ଉଦ୍ୟମ ଅଭିଯୋଗ ସମ୍ପର୍କରେ ସଭାପତି କଲ୍ୟାଣ ଚୌବେ ମଙ୍ଗଳବାର ପ୍ରତିକ୍ରିୟା ରଖିଛନ୍ତି। କାର୍ଯ୍ୟକାରୀ କମିଟି ସହ ଫିଫା ଓମେନ୍ସ ଡେଭେଲପ୍‌ମେଣ୍ଟ କମିଟିରେ ସଦସ୍ୟ ଥିବା ଆଲେମାଓ ଫିଫା ଏଥିକ୍ସ କମିଟି ଚେୟାରମ୍ୟାନ୍ ମାର୍ଟିନ ଏନ୍‌ଗୋଗା ଓ ଫିଫାର ମହିଳା ଫୁଟ୍‌ବଲ କମିଟି ଚେୟାରମ୍ୟାନ ଲୌରା ଜର୍ଜେସ୍‌ଙ୍କୁ ମେଲ୍ କରି ଘଟଣାର ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ଲାଗି ଅନୁରୋଧ କରିଛନ୍ତି। ଚୌବେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଜଣେ କାହାକୁ 'ହେକେଲ' ଶବ୍ଦର ଅର୍ଥ ପଚାରିବା ଦରକାର। ବୋର୍ଡରୁମ୍‌ରେ ୧୩ କାର୍ଯ୍ୟକାରୀ କମିଟି ସଦସ୍ୟ ଥିଲେ। ଏଣୁ ହେକେଲର ଅର୍ଥ କ'ଣ, ତାହା ମୁଁ ଜାଣିବାକୁ ଚାହେଁ। ବ୍ଲାକ୍‌ମେଲ କରିବା ଉଦ୍ଦେଶ୍ୟରେ ଏହି ଅଭିଯୋଗ କରାଯାଇଛି। ଫେଡେରେଶନରେ ବୋର୍ଡର ସମସ୍ତ ସଦସ୍ୟଙ୍କୁ ସମ୍ମାନ ଦିଆଯାଏ। ବୋର୍ଡ ସଦସ୍ୟଙ୍କ ମଧ୍ୟରେ ମିଜୋରାମ୍‌ର କ୍ରୀଡ଼ାମନ୍ତ୍ରୀ ରହିଛନ୍ତି। ତେବେ କିଏ କାହିଁକି କାହା ସ୍ୱର ଚାପିବାକୁ ଉଦ୍ୟମ କରିବ। ସେ ପ୍ରଥମେ ସଭାପତି, ଉପସଭାପତି, ଉପ ସମ୍ପାଦକ ଓ କମିଟି ସଦସ୍ୟଙ୍କୁ ଚିଠି ଲେଖିଥିଲେ। ଉକ୍ତ ଚିଠିରେ ସେ ଦର୍ଶାଇଥିଲେ ଯେ, ଉପସମ୍ପାଦକ ତାଙ୍କ ସହ ଉଚ୍ଚସ୍ୱରରେ କଥା ହୋଇଥିଲେ। ବୋର୍ଡରେ କିଏ କେତେ ଉଚ୍ଚସ୍ୱରରେ କଥା ହେବ, ତାହାର କିଛି ନିର୍ଦ୍ଦିଷ୍ଟ ନିୟମ ଅଛି କି। ମୋ ବିରୋଧରେ କୌଣସି ଅଭିଯୋଗ ନାହିଁ। ମୋତେ ନିଜକୁ ଡିଫେଣ୍ଡ କରିବାର କିମ୍ବା କିଛି ସ୍ପଷ୍ଟୀକରଣ ଦେବାର ଆବଶ୍ୟକ ନାହିଁ। କେବଳ ଏତିକି ମନେରଖନ୍ତୁ, ବୋର୍ଡ ମିଟିଂରେ କୌଣସି ହେକେଲିଂ, ନିର୍ଯାତନା କିମ୍ବା ଲିଙ୍ଗଗତ ଭେଦଭାବ ହୋଇନାହିଁ।

# ବିନା ପାଣିରେ ରୋଇଂ ଚାମ୍ପିୟନଶିପ୍

**କଟକ, ୩୧।୩(କୁମାରଶ୍ରୀ)**

**ଭାଗନେବେ ଦେଶର ୬୦୦ ପ୍ରତିଯୋଗୀ**

ବିନା ପାଣି ଏବଂ ବିନା ଡଙ୍ଗାରେ ଜାତୀୟ ରୋଇଂ ପ୍ରତିଯୋଗିତା ହେବ। କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆସନ୍ତା ୮ରୁ ଏଭଳି ପ୍ରତିଯୋଗିତା ଆୟୋଜନ କରାଯିବ। ଭାରତୀୟ ରୋଇଂ ଫେଡେରେଶନ ଏବଂ ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ମିଳିତ ସହଯୋଗରେ ହେବାକୁଥିବା ଏହି ଜାତୀୟ ପ୍ରତିଯୋଗିତା ପ୍ରଥମ ସର୍ବଭାରତୀୟ ଇନ୍‌ଡୋର ରୋଇଂ ଚାମ୍ପିୟନଶିପ୍। ଏହା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ଦେଶରୁ ମୋଟ ୬୦୦ ପ୍ରତିଯୋଗୀ ଭାଗନେବେ। ଡଙ୍ଗା ଭଳି ଏକ ମେଶିନ ଜରିଆରେ ପ୍ରତିଯୋଗୀମାନେ ମୁକାବିଲା କରିବେ। କେତେ ସମୟରେ କେତେ ଦୂରତା ଅତିକ୍ରମ କରିହେବ ତାହା ମେଶିନ୍‌ରୁ ଜଣାପଡ଼ିବ। ସେହି ଅନୁସାରେ ପ୍ରତିଯୋଗିତାର ଫଳାଫଳ ନିର୍ଣ୍ଣୟ କରାଯିବ। ପ୍ରଥମଥର ହେବାକୁଥିବା ଏଭଳି ଅଭିନବ ଜଳକ୍ରୀଡ଼ା ରୋମାଞ୍ଚକ ହେବ ବୋଲି ଅନୁମାନ କରାଯାଉଛି। ବୁଧବାର ଚାମ୍ପିୟନଶିପ୍ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯିବ ବୋଲି ଓଡ଼ିଶା ଆସୋସିଏଶନ ଫର୍ ରୋଇଂ ଆଣ୍ଡ ସ୍କଲିଂର ସଭାପତି ବିନୋଦ ଦାସ କହିଛନ୍ତି।

# ବିବିସିଏ, ଆଇଆଇସି କ୍ୱାର୍ଟର ଫାଇନାଲରେ

**ଭୁବନେଶ୍ୱର, ୩୧।୩(ତପନ ସ୍ୱାଇଁ)**

**ରାମକୃଷ୍ଣ ମହାପାତ୍ର ମେମୋରିଆଲ କ୍ରିକେଟ**

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ହାଇଟେକ୍ ମେଡିକାଲ କଲେଜ ଖେଳପଡ଼ିଆରେ ଚାଲିଥିବା ପଣ୍ଡିତ ରାମକୃଷ୍ଣ ମହାପାତ୍ର ମେମୋରିଆଲ(୧୭ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟର ୨ଟି ପ୍ରି-କ୍ୱାର୍ଟର ଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଯଦୁପୁର କ୍ରିକେଟ ଏକାଡେମୀ ବିପକ୍ଷରେ ୪୨ ରନ୍‌ରେ ବିଜୟୀ ହୋଇ ଭରତ ଭୂଷଣ କ୍ରିକେଟ ଏକାଡେମୀ (ବିବିସିଏ) କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ ବିପକ୍ଷରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ରିକେଟ(ଆଇଆଇସି)କୁ ବିଜେତା ଘୋଷଣା କରାଯାଇଛି।

ଯଦୁପୁର କ୍ରିକେଟ ଏକାଡେମୀ ଟସ୍ ଜିତି ଫିଲ୍ଡିଂ ନେଇଥିଲା। ବିବିସିଏ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୨୧ ରନ୍ କରିଥିଲା। ଦଳ ପକ୍ଷରୁ ସ୍ୱରିତ ଦାଶ ସର୍ବାଧିକ ୫୨ ରନ୍ କରିଥିବାବେଳେ ବିପକ୍ଷ ସେକ୍ ଏସ୍ ଉଦ୍ଦିନ ୨୬ ରନ୍ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ଜବାବରେ ଯଦୁପୁର କ୍ରିକେଟ ଏକାଡେମୀ ୧୭ ଓଭରରେ ୭୮ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ବିଜୟୀ ଦଳର ଅମିତେଶ ସାହୁ ୧୨ ରନ୍‌ରେ ୪ଟି ଉଇକେଟ ନେଇଥିଲେ। ଭରତ ଭୂଷଣ ଦାସ ଓ ଜିତୁ ମହାପାତ୍ର ଅତିଥି ଭାବେ ଯୋଗଦେଇ ସ୍ୱରିତ ଦାସଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ପରବର୍ତ୍ତୀ ପ୍ରି-କ୍ୱାର୍ଟର ଫାଇନାଲରେ ଟସ୍ ଜିତି ବ୍ୟାଟିଂ କରିଥିବା ମୁକ୍ତେଶ୍ୱର ୨୦ ଓଭରରେ ୯ ଉଇକେଟ ହରାଇ ୧୦୬ ରନ୍ କରିଥିଲା। କେ. ଦୀପକ ପାତ୍ର ସର୍ବାଧିକ ୩୨ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଉଦିତ ନାରାୟଣ ଜଟା ୪ ଓଭରରେ ମାତ୍ର ୭ ରନ୍‌ଦେଇ ୨ ଉଇକେଟ ନେଇଥିଲେ। ଜବାବରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ରିକେଟ ୧୦.୧ ଓଭରରେ ୪ ଉଇକେଟ ହରାଇ ୨୫ ରନ୍ କରିଥିବା ସମୟରେ ଏକ ଅପ୍ରୀତିକର ଘଟଣା ଘଟିଥିଲା। ବୟସାଧିକ ଖେଳାଳିଙ୍କୁ ସୁଯୋଗ ଦିଆଯାଇଥିବା ଅଭିଯୋଗ କରି ମୁକ୍ତେଶ୍ୱର କ୍ରିକେଟ କ୍ଲବ୍‌ର ଅଧିନାୟକ ଏବଂ ମ୍ୟାନେଜର ଖେଳିବାକୁ ମନା କରିଦେଇଥିଲେ। ଦୁଇ ଅମ୍ପାୟରଙ୍କ ନିଷ୍ପତ୍ତି ଅନୁସାରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ରିକେଟ ଦଳକୁ ମ୍ୟାଚ୍ ବିଜେତା ଘୋଷଣା କରାଯାଇଥିଲା। ଉଦିତ ନାରାୟଣ ଜଟାଙ୍କୁ ଅତିଥି ତଥା କ୍ରିକେଟ ସଂଗଠକ ମନୋଜ କୁମାର ମହାପାତ୍ର ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ କ୍ଲବ୍‌ର ଦୀପ୍ତିରଞ୍ଜନ ପଣ୍ଡା ଓ ବିନୋଦ ବାରିକ୍ ଉପସ୍ଥିତ ଥିଲେ।



ଉଦିତ ନାରାୟଣ ଜଟାଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ଭାଜପାରେ ଯୋଗଦେଲେ ପେସ୍

**ନୂଆଦିଲ୍ଲୀ,୩୧।୩(ପି.ଟି.)**

ଭାରତର ଟେନିସ୍ କିମ୍ବଦନ୍ତୀ ଲିଆଣ୍ଡର ପେସ୍ ମଙ୍ଗଳବାର ଭାରତୀୟ ଜନତା ପାର୍ଟି (ଭାଜପା)ରେ ଯୋଗଦେଇଛନ୍ତି। ପଶ୍ଚିମବଙ୍ଗରେ ହେବାକୁଥିବା ବିଧାନସଭା ନିର୍ବାଚନ ପୂର୍ବରୁ ୫୧ ବର୍ଷୀୟ ପେସ୍ ବିରୋଧୀ ଦଳରେ ଯୋଗଦେଇଛନ୍ତି। କୌତୂହଳର ବିଷୟ ହେଲା, ପେସ୍ ୨୦୨୧ରେ ବର୍ତ୍ତମାନ ସରକାର ଥିବା ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ଯୋଗଦେଇଥିଲେ। ଏପରିକି ୨୦୨୨ରେ ଗୋଆ ନିର୍ବାଚନ ବେଳେ ସେ ଟିଏମ୍‌ସି ଲାଗି ପ୍ରଚାର କରିଥିଲେ।

ପେସ୍ ଦୀର୍ଘ ୩ ଦଶନ୍ଧି ଧରି ଭାରତୀୟ ଟେନିସ୍‌ର ଚେହେରା ହୋଇ ରହିଥିଲେ। ସେ ୧୯୯୬ ଆଟ୍‌ଲାଣ୍ଟା ଅଲିମ୍ପିକ୍ସରେ ପୁରୁଷ ସିଙ୍ଗଲ୍ସ ବର୍ଗରେ ବ୍ରୋଞ୍ଜ୍ ପଦକ ଜିତି ଇତିହାସ ରଚିଥିଲେ। ତାଙ୍କର ଏହି ଉପଲବ୍ଧି ସହ ଅଲିମ୍ପିକ୍‌ର ବ୍ୟକ୍ତିଗତ ଇଭେଣ୍ଟରେ ଭାରତର ପଦକ ଆଶା ଶେଷ ହୋଇଥିଲା। ତାଙ୍କ ନାମରେ ୧୮ ଗ୍ରାଣ୍ଡସ୍ଲାମ ଟାଇଟଲ ରହିଛି। ପୁରୁଷ ଡବଲ୍ସରେ ୮ଟି ଓ ମିକ୍ସଡ୍‌ରେ ୧୦ଟି ଗ୍ରାଣ୍ଡସ୍ଲାମ ଜିତିଥିଲେ। ଏପରିକି ସେ ମିକ୍ସଡ୍ ଡବଲ୍ସରେ କ୍ୟାରିୟର ଗ୍ରାଣ୍ଡସ୍ଲାମ ପୂରା କରିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଭାରତୀୟ ଡେଭିସ୍ କପ୍ ଦଳ ଉଚ୍ଚ ର୍ୟାଙ୍କଧାରୀ ଦଳ ବିପକ୍ଷରେ ଅନେକ ସ୍ମରଣୀୟ ବିଜୟ ହାସଲ କରିଥିଲା। ଟେନିସ୍‌ରୁ ଅବସର ନେବାପରେ ସେ ନିକଟରେ ବେଙ୍ଗଲ ଟେନିସ୍ ଆସୋସିଏଶନ(ବିଟିଏ)ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ନୂଆ ଜାତୀୟ କ୍ରୀଡ଼ା ପ୍ରଶାସନ ଆଇନ ଅନୁଯାୟୀ, ସମ୍ବିଧାନରେ ପରିବର୍ତ୍ତନ ପରେ ଅଲ୍ ଇଣ୍ଡିଆ ଟେନିସ୍ ଆସୋସିଏଶନ (ଏଆଇଟିଏ) ନିର୍ବାଚନରେ ପେସ୍ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି।



ଭାଜପା ନେତୃବୃନ୍ଦଙ୍କ ସହ ଲିଆଣ୍ଡର ପେସ (ମଝି)।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ